



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-316 ◆FRIDAY ◆15 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧୬ ◆ଶୁକ୍ରବାର ◆୧୫ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ସାରା ରାଜ୍ୟରେ ତେଲ ଆତଙ୍କ

## ଅଧା ପେଟ୍ରୋଲ ପମ୍ପରେ 'ନୋ ଷ୍ଟକ୍' ବୋର୍ଡ





- ପମ୍ପ ଆଗରେ ଲାଗିଛି ଗ୍ରାହକଙ୍କ ଲମ୍ବା ଧାଡ଼ି
- ବାଇକକୁ ୧୦୦, କାରକୁ ୫୦୦ ଟଙ୍କାର ତେଲ
- ରାଜ୍ୟରେ ଗଡ଼ିଲା ନାହିଁ ୨୦୦୦ରୁ ଊର୍ଦ୍ଧ୍ୱ ବସ୍
- ସ୍ଥିତି ନ ସୁଧୁରିଲେ ବସ୍ ଚଳାଚଳ ବନ୍ଦ: ସଂଘ

■ ଭୁବନେଶ୍ୱର, ୧୪।୫ (ସମିସ): ରାଜ୍ୟରେ ତୀବ୍ର ହୋଇଛି ତେଲ ସଙ୍କଟ। ଗତ ୪-୫ ଦିନ ହେବ କୋରାପୁଟ, ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ, ଗଞ୍ଜାମ ଏବଂ ଝାରସୁଗୁଡା ଆଦି ଜିଲାଗୁଡିକରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ସାରା ରାଜ୍ୟକୁ ବ୍ୟାପିଛି। ରାଜଧାନୀଠାରୁ ରାଉରକେଲା, ବାଲେଶ୍ୱରରୁ ମାଲକାନଗିରି ଯାଏ ଅଧିକାଂଶ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ। ପେଟ୍ରୋଲ ଓ ଡିଜେଲ ନ ଥିବାରୁ ଅଧିକାଂଶ ପେଟ୍ରୋଲ ପମ୍ପ 'ନୋ ଷ୍ଟକ୍' ବୋର୍ଡ ଲଗାଇଛନ୍ତି। ଯେଉଁଠି ତେଲ ଷ୍ଟକ ଅଛି, ସେଠାରେ ଲାଗିଛି ଗ୍ରାହକଙ୍କ ଲମ୍ବା ଧାଡ଼ି। ରାଜଧାନୀରେ ଏପରି ଚିତ୍ର ଦେଖିବାକୁ ମିଳିଥିବା ବେଳେ ଉପାନ୍ତ ଅଞ୍ଚଳରେ ସ୍ଥିତି ଅତ୍ୟନ୍ତ ସଙ୍ଗୀନ। ଅଧିକାଂଶ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ଡିଜେଲ ଅଭାବରୁ ରାଜ୍ୟରେ ପ୍ରାୟ ୨୦୦୦ ବସ୍ ଚଳାଚଳ ବନ୍ଦ ରହିଛି। ସ୍ଥିତି ନ ସୁଧୁରିଲେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ବସ୍ ମାଲିକ ସଂଘ ଚେତାବନୀ ଦେଇଛି।

ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିକୁ ନଜରରେ ରଖି ପେଟ୍ରୋଲ ଓ ଡିଜେଲ୍ ନିୟନ୍ତ୍ରଣ କରିବାକୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅପିଲ ପରେ ତେଲକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଆଗକୁ କାଲେ ତେଲ ମିଳିବନି, ତେଲ ଦର ବଢ଼ିଯିବ, ସେଇ ଆଶଙ୍କାରେ ଅନେକ ସ୍ଥାନରେ ଲୋକେ ଅଧିକ ମାତ୍ରାରେ ପେଟ୍ରୋଲ ନେଉଥିବାରୁ ଟାଙ୍କି ଗୁଡିକରେ ଷ୍ଟକ୍ ଶେଷ ହୋଇଯାଉଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ରାଉରକେଲା, ବାଲେଶ୍ୱର, ଜୟପୁର, ଅନୁଗୋଳ, ଭଦ୍ରକ, ସମ୍ବଲପୁର, କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଆଦି ସହରଗୁଡିକରେ ସ୍ଥିତି ବହୁତ ଖରାପ। କେତେକ ସ୍ଥାନରେ ମୋଟର ସାଇକେଲ୍ ପିଛା ୧୦୦ ଟଙ୍କାର ଏବଂ କାର ପିଛା ୫୦୦ ଟଙ୍କାର ତେଲ ଦିଆଯାଉଛି। ଭୁବନେଶ୍ୱରର ଖଣ୍ଡଗିରି ସ୍ଥିତ ପେଟ୍ରୋଲ ପମ୍ପରେ ବାଇକ୍, ▶ପୃଷ୍ଠା-୭

# ପାଇକାରୀ ମୁଦ୍ରାସ୍ଫୀତି ୪୨ ମାସରେ ସର୍ବାଧିକ

**ଏପ୍ରିଲରେ ୮.୩%**

**ଆଗକୁ ଅସମ୍ଭାଳ ହେବ ବଜାର ସ୍ଥିତି**

**ପୁଣି ବଢ଼ିବ ଖୁଚୁରା ମୁଦ୍ରାସ୍ଫୀତି**

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏପ୍ରିଲ ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ଦ୍ରୁତ ବୃଦ୍ଧି ଘଟିଛି। ଦେଶରେ ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୮.୩%ରେ ପହଞ୍ଚିଛି, ଯାହା ବର୍ତ୍ତମାନ ସ୍ଥିତିରେ ସର୍ବାଧିକ। ଏହି ବୃଦ୍ଧିର ମୁଖ୍ୟ କାରଣ, ଇନ୍ଧନ ଏବଂ ଅଶୋଧିତ ତୈଳ ମୂଲ୍ୟରେ ହୋଇଥିବା ବୃଦ୍ଧି। ଯାହାର ପ୍ରଭାବ ଅର୍ଥନୀତି ଉପରେ ଦେଖିବାକୁ ମିଳୁଛି। ଏଥିଯୋଗୁଁ ପାଇକାରୀ ମୁଦ୍ରାସ୍ଫୀତି ବର୍ତ୍ତମାନ ୪୨ ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ହାର ମାର୍ଚ୍ଚରେ ୩.୮୮%ରୁ ବଢ଼ି ଏପ୍ରିଲରେ ୮.୩% ହୋଇଛି। ଆହୁରି ମଧ୍ୟ ଏହି ତଥ୍ୟ ଖୁଚୁରା ଏବଂ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟରେ ଥିବା ବଡ଼ ପାର୍ଥକ୍ୟକୁ ଦର୍ଶାଉଛି। ବିଶେଷଜ୍ଞ କହିଛନ୍ତି, ବିଶ୍ୱରେ ସାମଗ୍ରୀ ଏବଂ ଶକ୍ତିର ଉଚ୍ଚ ଦାମ୍ ଘରୋଇ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ ପକାଉଛି। ଫଳରେ ଏବେ ଉତ୍ପାଦନକାରୀଙ୍କ ଖର୍ଚ୍ଚ ଦ୍ରୁତ ଭାବରେ ବଢ଼ୁଛି। ଯାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି। ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୩.୪୮%କୁ ବୃଦ୍ଧି ପାଇଛି। ଯେତେବେଳେକି ମାର୍ଚ୍ଚରେ ଏହା ୩.୪୦% ରହିଥିଲା। ଏଥିରେ ସବୁଠାରୁ ବଡ଼ କଥା ହେଉଛି, ୨୦୨୫ ଅକ୍ଟୋବରରେ ଦେଶରେ ▶ପୃଷ୍ଠା-୭

## ଦିଲ୍ଲୀରେ ଲଜ୍ଜା

# ଚଳନ୍ତା ବସ୍‌ରେ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଦିଲ୍ଲୀର ସରସ୍ୱତୀ ବିହାର ଅଞ୍ଚଳରେ ଏକ ଚଳନ୍ତା ସ୍ଲିପର ବସରେ ଜଣେ ମହିଳାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ୨୦୧୨ର କୁଖ୍ୟାତ ନିର୍ଭୟା ମାମଲାକୁ ପୁଣି ମନେ ପକାଇ ଦେଇଛି। ପୋଲିସ ଏହି ମାମଲାରେ ବିହାରରୁ ପଞ୍ଜୀକୃତ ହୋଇଥିବା ବସକୁ ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଇ ୧୧ ତାରିଖ ରାତିରେ ଜଣେ ମହିଳା କାମ ସାରି ଫେରୁଥିବା ସମୟରେ ବସର ଜଣେ କର୍ମଚାରୀଙ୍କୁ ସମୟ ପଚାରିଥିଲେ। କିନ୍ତୁ ସେହି ବ୍ୟକ୍ତି ଜଣକ ତାଙ୍କୁ ଜବରଦସ୍ତି ବସ୍ ଭିତରକୁ ଟାଣି ନେଇଥିଲେ। ବସଟି ନାଙ୍ଗଲୋଇ ଆଡ଼କୁ ଯାଉଥିବା ବେଳେ ଚଳନ୍ତା ଗାଡ଼ିରେ ଡ୍ରାଇଭର ଓ ହେଲ୍ପର ମହିଳାଙ୍କୁ ଦୁଇ ଘଣ୍ଟା ଧରି ଯୌନ ନିର୍ଯାତନା ଦେଇଥିଲେ। ବସର କାଚ ସିଲ୍ ଥିବାରୁ ଏବଂ ପରଦା ଲାଗିଥିବାରୁ ବାହାର ଲୋକ କିଛି ଜାଣିପାରି ନଥିଲେ। ସିସିଟିଭି ଫୁଟେଜ୍ ଆଧାରରେ ଦିଲ୍ଲୀ ପୋଲିସ ବସଟିକୁ ଚିହ୍ନଟ କରିଛି। ▶ପୃଷ୍ଠା-୭

# ୩୦ରୁ ଓଡ଼ିଶାରେ ଏସ୍‌ଆଇଆର୍

**ଘର ଘର ବୁଲି ତଥ୍ୟ ଯାଞ୍ଚ କରିବେ ୩୮୧୨୩ ବିଏଲ୍‌ଓ**

**ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ବୁଥ୍‌ସ୍ତରୀୟ ଏଜେଣ୍ଟ**

**ଜୁଲାଇ ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା**

■ ଭୁବନେଶ୍ୱର, ୧୪।୫ (ସମିସ): ଭାରତୀୟ ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଓଡ଼ିଶାରେ ଚଳିତ ମାସ ୩୦ ତାରିଖରୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସ୍‌ଆଇଆର୍) ଆରମ୍ଭ ହେବା ନେଇ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି ଏସ୍‌ଆଇଆର୍ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। ରାଜ୍ୟରେ ଏସ୍‌ଆଇଆର୍ ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲଓ) ନିୟୋଜିତ ହୋଇଥିବା ବେଳେ ସେମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ।

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଚଳିତ ମେ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ▶ପୃଷ୍ଠା-୭




## ବାଲେଶ୍ୱରରେ ତେଲ ସଙ୍କଟ ଗମ୍ଭୀର

# ଗାଡ଼ି ପିଛା ନିର୍ଦ୍ଧାରିତ ତେଲ, ଗ୍ରାମାଞ୍ଚଳରେ ବଢ଼ିଲା ଦୁର୍ଦ୍ଦଶା





ବାଲେଶ୍ୱର, ୧୪।୫ (ସମିସ)

ବାଲେଶ୍ୱର ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ଗୁରୁତର ରୂପ ନେଉଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ବାଲେଶ୍ୱର ଜିଲ୍ଲା ସମେତ ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। କାଳେ ପେଟ୍ରୋଲ ସରିଯିବ ବା ଦର ବଢ଼ିଯିବ ସେ ନେଇ ଲୋକେ ଭୟଭୀତ ହୋଇ ପେଟ୍ରୋଲ ଭରୁଥିବା ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପରେ ତେଲର ଅଭାବ ଦେଖାଦେବା ପରେ ଗାଡ଼ି ଚାଳକମାନଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ବଢ଼ିଛି। ସ୍ଥିତି ଏପରି ହୋଇଛି ଯେ କାରକୁ ସର୍ବାଧିକ ୩୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ବାଇକକୁ ୫୦ ରୁ ୧୦୦ ଟଙ୍କାର ପେଟ୍ରୋଲ ଦିଆଯାଉଛି। ପେଟ୍ରୋଲ ପମ୍ପଗୁଡ଼ିକରେ ସକାଳୁ ଠାରୁ ଲମ୍ବା ଲାଇନ୍ ଲାଗି ରହୁଥିବା ବେଳେ ଅନେକ ଲୋକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ମଧ୍ୟ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳିଛି। କେତେକ ପମ୍ପରେ 'ଷ୍ଟକ୍ ନାହିଁ' ବୋର୍ଡ ଲଗାଯାଇଥିବା ବେଳେ କେତେକ ସ୍ଥାନରେ ସୀମିତ ପରିମାଣରେ ପେଟ୍ରୋଲ ବିକ୍ରି କରାଯାଉଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ଗ୍ରାମାଞ୍ଚଳର ଲୋକମାନେ। ଗ୍ରାମରୁ ସହରକୁ ଦୈନନ୍ଦିନ କାମ, ଚିକିତ୍ସା, ବ୍ୟବସାୟ ଓ ଅନ୍ୟାନ୍ୟ ଆବଶ୍ୟକ କାମ ପାଇଁ ଆସୁଥିବା ଲୋକମାନେ ପେଟ୍ରୋଲ ଅଭାବ ଯୋଗୁଁ ଭୟଙ୍କର ସମସ୍ୟାରେ ପଡ଼ିଛନ୍ତି। ଅନେକ ଲୋକ ଗାଡ଼ିରେ ପର୍ଯ୍ୟାପ୍ତ ପେଟ୍ରୋଲ ନ ମିଳିବାରୁ ସହରକୁ ଆସିପାରୁନଥିବା ବେଳେ ଗୃହବନ୍ଦୀ ହୋଇ ରହିବା ପରିସ୍ଥିତି ସୃଷ୍ଟି ହୋଇଛି। ସାଧାରଣ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଯଦି ଶୀଘ୍ର ପେଟ୍ରୋଲ ଯୋଗାଣ ସାମାନ୍ୟ ନ ହୁଏ ତେବେ ପରିସ୍ଥିତି ଆହୁରି ସଙ୍ଗୀନ ହେବ। ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ତତ୍କାଳ ହସ୍ତକ୍ଷେପ କରି ସ୍ଥିତି ସୁଧାରିବାକୁ ସାଧାରଣରେ ଦାବି ହେଉଛି।

### ● ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି

ସୋର : ସାରା ଭାରତବର୍ଷରେ ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସର ଅଭାବ ଦେଖାଯାଇଥିବା ବେଳେ ଏହାର ପ୍ରଭାବ ସୋରରେ ପଡ଼ିଛି। ଗତ କିଛି ଦିନ ହେବ ସୋରରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ଲୋକଙ୍କ ଭିଡ ଜମିରହୁଥିବା ବେଳେ ୨ଶହ ଟଙ୍କାରୁ ଅଧିକ ଟଙ୍କାର ପେଟ୍ରୋଲ ଦିଆ ଯାଉ ନ ଥିଲା। ମାତ୍ର ଗତକାଲି ଠାରୁ ପ୍ରତି ପେଟ୍ରୋଲ ପମ୍ପରେ ଭିଡ ଜମିଥିବା ଦେଖାଯାଇଛି। ଘଣ୍ଟା ଘଣ୍ଟା ଧାଡିରେ ରହି ଲୋକେ ପେଟ୍ରୋଲ ନେଉଥିବା ବେଳେ ପେଟ୍ରୋଲ ସଙ୍କଟ ପାଇଁ ଜଣଙ୍କୁ ୫୦ ଟଙ୍କାର ପେଟ୍ରୋଲ ଦିଆଯାଉଛି। ଅଧିକ ପେଟ୍ରୋଲ ମିଳୁନଥିବାରୁ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। କିଛି ଲୋକ ଗାଡି ଘରେ ରଖି ବସ କିମ୍ବା ଟ୍ରେନରେ ଯାତ୍ରା କରୁଥିବା ବେଳେ ଅନେକ ଲୋକ ସାଇକେଲ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି।

### ● ବାଇକ ପାଇଁ ଶହେ ଟଙ୍କାର ତେଲ ମିଳୁଛି

ନୀଳଗିରି: ମଧ୍ୟ ପ୍ରାଚୀର ଯୁଦ୍ଧ ପରେ ଏବେ ସାରା ଦେଶରେ ତୈଳ ଆମଦାନୀ ହ୍ରାସ ପାଇଥିବା ତୈଳ ସଙ୍କଟ ଦେଖାଦେଇଛି। ନୀଳଗିରିରେ ତୈଳ ସଙ୍କଟ ଦେଖା ଦେଇଛି। ନୀଳଗିରି ସ୍ଥିତ ବାଲିଗୋହିରି ହିନ୍ଦୁସ୍ଥାନ ପେଟ୍ରୋଲିୟମ ତେଲ ଟାଙ୍କିରେ ଗ୍ରାହକଙ୍କୁ ମାତ୍ର ଶହେ ଟଙ୍କାର ତେଲ ଦିଆଯାଉଛି। ଯାହା ଏକ ଲିଟର ରୁ କମ। ଏ ନେଇ ବାଇକ ଆରୋହୀ ନାନାଦି ଅସୁବିଧା ରେ ସମ୍ମୁଖୀନ ହେବାକୁ ପଡ଼ିଛି, ଏପରିକି ପେଟ୍ରୋଲ ଭୟରେ ଅଧା ବାଟରୁ ଘରକୁ ଫେରିବାକୁ ପଡୁଛି। ପେଟ୍ରୋଲ ସଙ୍କଟ ନେଇ ଟାଙ୍କି ମାଲିକ କହିଛନ୍ତି ଯେ ଆବଶ୍ୟକ ପରିମାଣରେ ତେଲ ଆସୁନାହିଁ, ତେଣୁ ଆମେ ନିରୁପାୟ ହୋଇ ପଡ଼ିଛୁ, ଆମ୍ବୁଲାନ୍ସ ଓ ପୋଲିସ ଗାଡ଼ି ପାଇଁ ପ୍ରଥମେ ତେଲ ରଖିବାକୁ ପଡୁଛି। ତାପରେ ଆମେ ପ୍ରତି ବାଇକ କୁ ଶହେ ଟଙ୍କାର ପେଟ୍ରୋଲ ବିତରଣ କରୁଛୁ। ପୋଡ଼ଶୂଳରେ ଥିବା ପେଟ୍ରୋଲ ଟାଙ୍କିର ଅବସ୍ଥା ମଧ୍ୟ ସମାନ।

## ଦୁଇ ବାଇକ ମୁହାଁମୁହିଁ, ଦୁଇ ଗୁରୁତର

ବାଲେଶ୍ୱର, ୧୪।୫(ସମିସ): ଟାଉନଥାନା ଅନ୍ତର୍ଗତ ଭୁଜାଖିଆ ପୀର ରୋଡ ଠାରେ ଗତକାଲି ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଦୁଇ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଏନେଇ ସେମାନଙ୍କୁ ସ୍ଥାନୀୟ ଲୋକେ ପୁଲିସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି। ତେବେ ଗୁରୁତର ଆହତ ହୋଇଥିବା ଦୁଇ ଜଣ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ବୋଲି ଜଣାଯାଇଛି।

## କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା ନିଷ୍ପତ୍ତି

ବାଲେଶ୍ୱର, ୧୪।୫ (ସମିସ): ବାଲେଶ୍ୱରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗତ ୪ ବର୍ଷ ତଳେ ଗଠିତ କ୍ରିୟାନୁଷ୍ଠାନ କମିଟିର ମାସିକ ବୈଠକରେ ଆସନ୍ତା ୨୦ ତାରିଖ ବୁଧବାର ଦିନ ଔପଦା ବ୍ଲକ ସମ୍ମୁଖରେ ସ୍ଥାନୀୟ କୃଷକ ଓ ବିଭିନ୍ନ ଗଣସଂଗଠନ ସହଯୋଗରେ ଏକ ପ୍ରତୀକ ଗଣଧାରଣା ଅନୁଷ୍ଠିତ ହେବ। ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ସମ୍ମୁଖରେ ଗଣଧାରଣା ସହ ସମ୍ପୃକ୍ତ ବ୍ଲକର ବିଡିଓ.ଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି। ଏହି ବୈଠକରେ ନିରଞ୍ଜନ ପରିଡ଼ା, ଭାସ୍କର ଚନ୍ଦ୍ର ପାଢ଼ୀ, ଲକ୍ଷ୍ମଣ ବିଶ୍ୱାଳ, ସୁରେନ୍ଦ୍ର ଦୀକ୍ଷିତ, ରବିନାରାୟଣ ଭୋଳ, ଡା. ତାରାକାନ୍ତ ନନ୍ଦ, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ ଓ ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କର ବାଲେଶ୍ୱର ପ୍ରତି ବୈମାତୃକ ଭାବ କାରଣରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଦଳମତ ନିର୍ବିଶେଷରେ କୃଷି ଓ କୃଷକର ସ୍ୱାର୍ଥ ପାଇଁ ଆସନ୍ତା ୨୦ ତାରିଖ ଗଣଧାରଣାରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ଶେଷରେ ସୀତାରାମ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଲାଞ୍ଚ ନ ଦେବାରୁ ଜୀବିତଙ୍କୁ ମୃତ ଘୋଷଣା ଅଭିଯୋଗ

ନୀଳଗିରି, ୧୪।୫ (ସମିସ): ଜଣେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ମହିଳା ଜୀବିତ ଥିବାବେଳେ ଲାଞ୍ଚ ନ ଦେବାରୁ ମୃତ ଦର୍ଶାଇ ଥିବାର ମହିଳା ଜଣକ ବିଭିନ୍ନ ଅଧିକାରୀଙ୍କୁ ଅଭିଯୋଗ କରିଥିବାର ପ୍ରକାଶ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର ରବୀନ୍ଦ୍ର ପରିଡ଼ାଙ୍କ ସ୍ତ୍ରୀ ଜୟନ୍ତୀ ବିନ୍ଧାଣୀ ନିର୍ମାଣ ଶ୍ରମିକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଝିଅର ବିବାହ ସହାୟତା ରାଶି ସଂକଳ୍ପ ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ବିରଞ୍ଚି ପ୍ରଧାନଙ୍କୁ ଜଣାଇଥିଲେ। ଏଥିପାଇଁ ପନ୍ଦର ହଜାର ଟଙ୍କା ଦେଲେ ଝିଅ ବିବାହ ସହାୟତା ପ୍ରଦାନ କରାଯିବ ବୋଲି କହିବା ପରେ ଜୟନ୍ତୀ ବିନ୍ଧାଣୀ ପ୍ରଥମେ ଦଶ ହଜାର ଟଙ୍କା ଦେଉଥିଲେ। ପରେ ଆଉ ପାଞ୍ଚ ହଜାର ଟଙ୍କା ଦେଇଦେବି ବୋଲି କହିଥିଲେ। ମାତ୍ର ବିରଞ୍ଚି ପ୍ରଧାନ ପାଞ୍ଚ ହଜାର ଟଙ୍କା ପାଇଁ ମହିଳା ଜୟନ୍ତୀ ବିନ୍ଧାଣୀଙ୍କୁ ଜୀବିତ ଥାଇ ମୃତ ଘୋଷଣା କରିଛନ୍ତି ବୋଲି ମହିଳା ଜଣକ ଲିଖିତ ଭାବେ ପଦସ୍ଥ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିପ୍ରତି ଜିଲ୍ଲା ଶ୍ରମ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ୩ ବର୍ଷ ଧରି ଡେପୁଟେସନ୍‌ରେ ଜିଏନ୍ଏମ୍, ବଢୁଛି ଅସନ୍ତୋଷ

ବାଲେଶ୍ୱର ସଦର, ୧୪।୫ (ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏହି ଡାକ୍ତରଖାନାର ବିଭିନ୍ନ ଅବ୍ୟସ୍ଥା ପାଇଁ ଲୋକ ମାନଙ୍କର ଆସ୍ଥା ହରାଇଛି। ଲୋକେ ବସ୍ତା ନହେଲେ ବାଲେଶ୍ୱର ମୁହାଁ ହେବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ଏଠାରେ କାର୍ଯ୍ୟରତ ଥିବା ଜିଏନ୍ଏମ୍ ପୂର୍ଣ୍ଣିମା ଜେନାଙ୍କୁ ୩ବର୍ଷ ଧରି ଡେପୁଟେସନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ କରାଯାଇଛି। ବାରମ୍ବାର ଅଭିଯୋଗ ପରେବି କେହି କିଛି ଶୁଣୁ ନାହାନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। ସ୍ୱାସ୍ଥ୍ୟ ବିଭାଗରେ ଏଭଳି ବିଚିତ୍ର ନୀତି ସରକାରଙ୍କ ପରିବାପଣିଆ ପ୍ରତି ପ୍ରଶ୍ନ ଉଠାଇଛି। ଏହାକୁ ନେଇ ରୂପ୍‌ସା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନାଯେ, ଦୀର୍ଘ ଦିନର ଦାବି ମୁତାବକ ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଉନ୍ନତି ନିମନ୍ତେ ଗତ ୨୦୨୩ ନଭେମ୍ବର ୨୮ ତାରିଖରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଏନ୍ଏମ୍ ପୂର୍ଣ୍ଣିମା ଜେନାଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ତତ୍କାଳୀନ ସିଡିଏମ୍‌ଓ ଏବଂ ସିଡିଏମଙ୍କ କାର୍ଯ୍ୟାଳୟର ଜଣେ କିରାଣୀ ଚଞ୍ଚକତା କରି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଷ୍ଟାଫ ନର୍ସ ଭାବେ ଡେପୁଟେସନରେ ଆଣିଥିଲେ। ଯାହାକି ନିୟମକୁ ସମ୍ପୂର୍ଣ୍ଣ ଉଲଙ୍ଘନ କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସିଡିଏମ୍‌ଓ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ସମସ୍ତଙ୍କୁ ଚକିତ କରିଛି। ଖୁବ୍ ଶୀଘ୍ର ଜିଏନ୍ଏମ୍ ଜେନାଙ୍କୁ ମୂଳ ସ୍ଥାନକୁ ପଠା ନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ରୂପ୍‌ସା ଅଧିବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ଅମୂଲ୍ୟ କୁମାର ଦାସଙ୍କୁ ପଚାରାଯିବାରୁ ସେ ଏ ସମ୍ପର୍କରେ ଜାଣି ନଥିବା କହିଛନ୍ତି। ସେତେବେଳ କୋଉ ପରିସ୍ଥିତିରେ ତାଙ୍କୁ ଡେପୁଟେସନରେ ଅଣାଯାଇଥିବ, ହୁଏତ ଆବଶ୍ୟକତା ଦୃଷ୍ଟିରୁ ଅଣାଯାଇଥିବ। ଏବେ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ● ଭୋଗରାଇର ପର୍ଯ୍ୟଟନ ସମ୍ଭାବନା ନେଇ କେନ୍ଦ୍ରୀୟ ସ୍ଥପତି ବିଶେଷଜ୍ଞ ଦଳର ପରିଦର୍ଶନ

## ଉଦୟପୁର, ତାଳସାରୀ ଓ ବିଚିତ୍ରପୁରରେ ଇକୋ-ଟୁରିଜିମ ବିକାଶ ନେଇ ଆଲୋଚନା

ଚନ୍ଦନେଶ୍ୱର, ୧୪।୫(ସମିସ): ବାଲେଶ୍ୱର ସାଂସଦଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ସ୍ଥପତି ବିଶେଷଜ୍ଞ ଦଳ ଭୋଗରାଇ ଅଞ୍ଚଳର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ପରିଦର୍ଶନ କରି ସେଠାର ପର୍ଯ୍ୟଟନ ସମ୍ଭାବନା ଓ ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ସମୀକ୍ଷା କରିଛନ୍ତି। ବିଶେଷଜ୍ଞ ଦଳ ପ୍ରଥମେ ଉଦୟପୁର ସମୁଦ୍ର ବେଳାଭୂମି ପରିଦର୍ଶନ କରି ସେଠାର ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟକଙ୍କ ଆଗମନ ସମ୍ଭାବନା ଓ ଭୌଗୋଳିକ ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ସମୁଦ୍ର ବେଳାଭୂମିର ଶାନ୍ତ ପରିବେଶ ଓ ପ୍ରାକୃତିକ ଶୋଭା ଦଳକୁ ଆକର୍ଷିତ କରିଥିଲା। ପରେ ସେମାନେ ତାଳସାରୀ ବେଳାଭୂମିରେ ପହଞ୍ଚି ସମୁଦ୍ରତଟ, ଝାଉଁ ଜଙ୍ଗଲ ଓ ଚାରିପାଖର ପରିବେଶକୁ ନିକଟରୁ ବୁଲି ଦେଖିଥିଲେ। ଏହି ଅଞ୍ଚଳରେ ଆଧୁନିକ ପର୍ଯ୍ୟଟନ ସୁବିଧା ସୃଷ୍ଟି କରାଗଲେ ଦେଶ-ବିଦେଶରୁ ଅଧିକ ପର୍ଯ୍ୟଟକ ଆକର୍ଷିତ ହୋଇପାରିବେ ବୋଲି ବିଶେଷଜ୍ଞ ଦଳର ସଦସ୍ୟ ଦଳରେ ବିଶେଷଜ୍ଞ ନୀତିକା ଶ୍ୟାହି, ରାମ ପ୍ରକାଶ ନାରାୟଣ ମତ ପ୍ରକାଶ କରିଥିଲେ। ପରେ ବିଶେଷଜ୍ଞ ଦଳ ବିଚିତ୍ରପୁର ମେଙ୍ଗ୍ରୋଭ ଜଙ୍ଗଲ ଅଞ୍ଚଳରେ ବୋଟିଙ୍ଗ କରି ସେଠାର ନୈସର୍ଗିକ ପରିବେଶ, ଜଳପଥ ଓ ଜୈବ ବିବିଧତାର ନିରୀକ୍ଷଣ କରିଥିଲେ। ବୋଟିଙ୍ଗ ସମୟରେ ସେମାନେ କହିଥିଲେ ଯେ, ସଠିକ ଯୋଜନାମୂଳକ ପଦକ୍ଷେପ ଗ୍ରହଣ କରାଗଲେ ବିଚିତ୍ରପୁର ଅଞ୍ଚଳ ଓଡ଼ିଶାର ଏକ ପ୍ରମୁଖ ଇକୋ-ଟୁରିଜମ କେନ୍ଦ୍ର ଭାବେ ପରିଚିତି ଲାଭ କରିପାରିବ ବୋଲି କହିଥିଲେ। ପ୍ରାକୃତିକ ସମ୍ପଦ ଓ ଜୀବବୈବିଧ୍ୟର ସୁରକ୍ଷା ସହ ପର୍ଯ୍ୟଟନର ବିକାଶ କରାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଏହି ବିଶେଷଜ୍ଞ ଦଳ ସହିତ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ସୀମାନ୍ତ ଗାଁରେ ଗୋରୁ ଲୁଚାଇ ରଖୁଛନ୍ତି ମାଫିଆ

ଜଳେଶ୍ୱର, ୧୪।୫ (ସମିସ): ପଶ୍ଚିମବଙ୍ଗରେ ଭାଜପା ସରକାର ଆସିବା ପରେ ପଶ୍ଚିମବଙ୍ଗକୁ ଗୋ ଚାଲାଣ ବ୍ୟାଘାତ ହୋଇଛି। ଓଡ଼ିଶାରୁ ବିଭିନ୍ନ ଉପାୟରେ ଗଳା ରାସ୍ତା ରେ ଗୋ ଚାଲାଣ ହେଉଥିବା ବେଳେ ନିର୍ବାଚନ ଫଳାଫଳ ଯୋଗୁଁ ପଶ୍ଚିମବଂଗ ଓ ଓଡ଼ିଶା ଗୋମାଫିଆ ଓଡ଼ିଶାର ସୀମାନ୍ତ ଗାଁରେ ଶହଶହ ଗୋରୁ ଲୁଚାଇ ରଖିଛନ୍ତି।



ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଶ୍ୟାମନଗର ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସୀମାନ୍ତବର୍ତୀ ଗ୍ରାମ। ଏଠାରେ ପଶ୍ଚିମବଙ୍ଗ ର ଜାକିର ହୁସେନ ନାମକ ଗୋ ମାଫିଆ ଏହାର ଫାଇଦା ନେଇ ଚନ୍ଦ୍ରପୁର ଗ୍ରାମ ର କ୍ଷିତିଶ ମହାନ୍ତ ଙ୍କ ଘରେ ଶହେ ଉପରେ ଉର୍ଦ୍ଧ୍ୱ ଗୋରୁ ରଖି ସମୟ ଦେଖି ଏହାକୁ ବାଂଲାଦେଶ ଚାଲାଣ କରିଛନ୍ତି। ଘଟଣା ପ୍ରଘଟ ହେବା ପରେ ବହୁ ଲୋଭି ଧମକ ଦେଇ ମୋଟା ଅଙ୍କର ଅର୍ଥ ଆତ୍ମସାତ କରିଥିବା ଖୁବ୍ ଚର୍ଚ୍ଚା ହେଉଛି। ଖବର ପାଇ ରାଇବଣିଆ ଥାନା ଅଧିକାରୀ ଚମ୍ପାବତି ସୋରେନ ପାଇ ମଙ୍ଗଳବାର ଚନ୍ଦ୍ରପୁର ଗ୍ରାମରେ ପହଞ୍ଚି ଥିଲେ। କିନ୍ତୁ ଗ୍ରାମରେ ପହଞ୍ଚି ଖାଲି ହାତରେ ଫେରିବାକୁ ପଡ଼ିଥିଲା ବୋଲି ସୂଚନା ମିଳିଛି।

## ନିଶା ନିବାରଣ କ୍ଷେତ୍ରରେ ତାମିଲନାଡୁ ଆଗରେ; ଓଡ଼ିଶା ପଛରେ

ବାଲେଶ୍ୱର, ୧୪।୫(ସମିସ): ୧୯୫୬ ମସିହାରେ ନିଶା ନିବାରଣ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। କିନ୍ତୁ ସର୍ବଦା ସାଧାରଣ ଜନତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିବାରେ ବିଫଳ ହୋଇଛନ୍ତି। ଏହାକୁ ସବୁଠାରୁ ବଡ଼ ରାଜସ୍ୱର ଉତ୍ସ ବୋଲି ଗ୍ରହଣ କରିଛନ୍ତି। କିନ୍ତୁ ଭିନ୍ନ ଦୃଷ୍ଟିରୁ ଦେଖିଲେ ଏହି ମଦ ଦୋକାନର ରାଜସ୍ୱ ବୃଦ୍ଧି ସାମାଜିକ ସ୍ତରରେ ବହୁତ କ୍ଷତି ଘଟାଇ ଚାଲିଛି। ଯେପରି ଦୁର୍ଘଟଣା, ପାରିବାରିକ ହିଂସା ତଥା ଯୌନ ନିର୍ଯ୍ୟାତନା। ସବୁବେଳେ ମହିଳା ଓ ଶିଶୁଟିଏ ଏହି 'ନିଶା'ର ଶୀକାର ହୋଇଥାଏ। ଏପରିକି ଆଜି ମଧ୍ୟ ଓଡ଼ିଶାର ଏକ ନିଶାସକ୍ତ ପିତା ନିଶାସେବନ ପାଇଁ ନିଜର ପୁତ୍ରସନ୍ତାନକୁ ମାତ୍ର ତିରିଶ ହଜାର ଟଙ୍କାରେ ବିକ୍ରି କରିଦେବା ନଜରକୁ ଆସିଛି। ଆମ ଦେଶରେ ମଦ ଦୋକାନ ବନ୍ଦ କରିବାପାଇଁ ପ୍ରଥମ କରି ତାମିଲନାଡୁର ମୁଖ୍ୟମନ୍ତ୍ରୀଙ୍କର ନିଷ୍ପତି ସ୍ୱାଗତଯୋଗ୍ୟ ପଦକ୍ଷେପ। ସେ ଧର୍ମାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ମାର୍କେଟ, ବସଷ୍ଟାଣ୍ଡର ପାଞ୍ଚଶହ ମିଟର ନିକଟରେ୭୧୭ଟି ମଦଦୋକାନକୁ ବନ୍ଦ କରିବା ସମଗ୍ର ଭାରତବର୍ଷ ପାଇଁ ଉଦାହରଣୀୟ। ଓଡ଼ିଶା ସରକାର ରାଜ୍ୟକୁ ମଦମୁକ୍ତ କରିବାକୁ ଦେଇଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଏଣୁ ଏ ପରିପ୍ରେକ୍ଷୀରେ ତାମିଲନାଡୁଠାରୁ ଓଡ଼ିଶା କିଛି ଶିଖିବାର ଆବଶ୍ୟକତା ଅଛି। ତେଣୁ ଓଡ଼ିଶା ସରକାର ସାମାଜିକ ଶୃଙ୍ଖଳା ଏବଂ ମହିଳା ଓ ଶିଶୁମାନଙ୍କର ସୁରକ୍ଷାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ମିଳିତ ନିଶା ନିବାରଣ ଅଭିଯାନର ସଦସ୍ୟ ସଦସ୍ୟା ସଭାପତି ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଡ କ୍ଷିତୀଶ୍ୱର ଦାଶ, ଲକ୍ଷ୍ମଣ ବିଶ୍ୱାଳ, ବେଣୁଧର ସାହୁ, ସଞ୍ଜୟ ପଣ୍ଡା, ସୁଶ୍ରୀ ଗୀତାଞ୍ଜଳି ସିଂହ, କଲ୍ୟାଣୀ ନନ୍ଦ, ତ୍ରିଦିବ ନାୟକ, ପ୍ରଫୁଲ୍ଲ କୁମାର ଦାସ, ସମରେନ୍ଦ୍ର ଦାସ ପ୍ରମୁଖ ଉଦବେଗ ପ୍ରକାଶ କରି କହିଛନ୍ତି।

## କାନ୍ଥଭଉଁରୀ ଡାକବଙ୍ଗଳାଠାରେ ସାର୍ବଜନୀନ ଶାନ୍ତି ମହାଯଜ୍ଞାନୁଷ୍ଠାନ

ଚନ୍ଦନେଶ୍ୱର, ୧୪।୫ (ସମିସ): ଭୋଗରାଇ ବ୍ଲକ ଅଧୀନ କାନ୍ଥଭଉଁରୀ ପଞ୍ଚାୟତର ସେହି ଗ୍ରାମର ଡାକବଙ୍ଗଳା ନିକଟରେ ମହିମା ଧର୍ମର ଅଲେଖ ବାବାମାନଙ୍କ ଦ୍ୱାରା ତିନିଦିନିଆ ସାର୍ବଜନୀନ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଶାନ୍ତି ମହାଯଜ୍ଞରେ ଅଲେଖ ବକଳଧାରୀ ଓ କପିନଧାରୀ ବାବାମାନଙ୍କ ମଧ୍ୟରୁ ନାରାୟଣ ଚନ୍ଦ୍ର ଦାସ ବାବା, ଶୁକଦେବ ଦାସ ବାବା, ଅଭୟ ଦାସ ବାବା, ମଦନ ଦାସ ବାବା, ଲବ ଦାସ ବାବା, ରାମ ଦାସ ବାବା ଓ ଅଚ୍ୟୁତ ଦାସ ବାବା ପ୍ରମୁଖ ଯୋଗଦେଇଥିଲେ। ସେମାନେ ସନ୍ଥ କବି ଭୀମ ଭୋଇଙ୍କ ରଚିତ ବିଭିନ୍ନ ଅଲେଖ ଭଜନ ପରିବେଷଣ କରିଥିବା ବେଳେ ମାନବ ସେବା, ଭ୍ରାତୃଭାବ, ଶାନ୍ତି ଓ ଧର୍ମର ମହତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ।

## ବାଲେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ୍ ପକ୍ଷରୁ ଶୋକସଭା




ବାଲେଶ୍ୱର, ୧୪।୫ (ସମିସ): ବାଲେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ୍ ସଦସ୍ୟ ରଶ୍ମି ରଞ୍ଜନ ରାଉତଙ୍କ ଅକାଳ ବିୟୋଗରେ ଏକ ଶୋକସଭା ସିଟି ଆଣ୍ଡ ଜିଏସଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଟ୍ୟାକ୍ସ ବାର୍ ଆସୋସିଏସନ୍ ସଭାପତି ଜଗଦୀଶ ପ୍ରସାଦ ଖଣ୍ଡେଲଓ୍ୱାଲଙ୍କ ଆହ୍ୱାନ କ୍ରମେ ସମ୍ପାଦକ ସୂର୍ଯ୍ୟକାନ୍ତ କରଙ୍କ ପରିଚାଳନାରେ ବହୁ ବରିଷ୍ଠ ଓକିଲ ଏବଂ ବାଲେଶ୍ୱର ସିଟି ଆଣ୍ଡ ଜିଏସଟି ରେଞ୍ଜ୍‌ର ଆଡିସନାଲ କମିଶନର, ଜଏଣ୍ଟ କମିଶନର, ସରକାରୀ ଅଧିକାରୀ ଓ ଅଫିସର କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ। ଏହି ସଭାରେ ଆଡିସନାଲ କମିଶନର, ଅଫିସର ଏବଂ ଓକିଲଙ୍କ ମଧ୍ୟରେ ହେଉଥିବା କ୍ରିକେଟ ମ୍ୟାଚ୍‌କୁ ସ୍ୱର୍ଗତ ରଶ୍ମି ରଞ୍ଜନ ରାଉତଙ୍କ ପାଇଁ ରଶ୍ମି ରଞ୍ଜନ ରାଉତ ମୋମୋରିଆଲ ଟ୍ରଫି ନାମରେ ନାମିତ ପାଇଁ ଘୋଷଣା କରାଯାଇଛି। ଶେଷରେ ତୁଷାର ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଶାଳା ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

ନୀଳଗିରି, ୧୪।୫ (ସମିସ): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୪ନଂ.ୱାର୍ଡ ମିରିଗିଣି ସ୍ଥିତ ଖପରାବଣିଆଁଠାରେ ଗୁରୁବାର ପୂର୍ବାହ୍ନ ସମୟରେ ଏକ ଗୋଶାଳା ନିର୍ମାଣ ପାଇଁ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣଙ୍କ ମଧ୍ୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-



ଜିଲ୍ଲାପାଳ ଶୁଭଶ୍ରୀ ରଥ, ଏନ୍.ଏ.ସି. ଭାର ପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏନ୍.ଏ.ସି.କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ: ଶୁଭାଶିଷ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସମସ୍ତ ୱାର୍ଡର କାଉନସିଲର, ଉକ୍ତ ଅଞ୍ଚଳର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏ ଅଞ୍ଚଳରେ ଗୋମାତା ଗୋ ସମ୍ପଦର ସୁରକ୍ଷା ଏବଂ ସଂରକ୍ଷଣ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଗୋଶାଳା ନିର୍ମାଣ କରିବା ପାଇଁ ଏନ୍.ଏ.ସି. ପକ୍ଷରୁ ଜାଗା ଚିହ୍ନଟ ବା ନିରୁପଣ କରାଯାଇଥିଲା। ଏହା ମିରିଗିଣିସ୍ଥିତ ଖପରା ବଣିଆ ଠାରେ ୩ ଏକର ରୁ ଉର୍ଦ୍ଧ୍ୱ ଜମିରେ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଗୋଶାଳାର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଗୋସମ୍ପଦର ରକ୍ଷଣା ବେକ୍ଷଣା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କୁ ତ୍ୱରାନ୍ୱିତ କରାଯିବା ଉପରେ ଉଭୟ ସାଂସଦ ଶ୍ରୀ ଷଡ଼ଙ୍ଗୀ ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ। ଏହି ଗୋଶାଳାର କଳେବରକୁ ସରକାରଙ୍କ ପକ୍ଷରୁ ଅନୁଦାନ ମିଳିଲେ ପର୍ଯ୍ୟାୟ କ୍ରମେ ବଢ଼ା ଯାଇ ପାରେ ବୋଲି ଏନ୍.ଏ.ସି. କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ଙ୍କ ପକ୍ଷରୁ ସୂଚନା ମିଳିଛି।

## ଗଛରୁ ଖସିପଡ଼ି ଯୁବକ ମୃତ

ବାଲେଶ୍ୱର, ୧୪।୫(ସମିସ): ସଦର ଥାନା ଅର୍ନ୍ତଗତ ପରିକ୍ଷୀ ଅଞ୍ଚଳରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗଛ କାଟୁଥିବା ବେଳେ ଜଣେ ଯୁବକ ଗଛରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ଖବର ପାଇ ସଦର ପୁଲିସ ମେଡିକାଲରେ ପହଁଚି ତାଙ୍କ ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ପାଇଁ ପଠାଇଛି। ମୃତ ଯୁବକ ଜଣକ ହେଉଛନ୍ତି ଏସ କେ ତାହିର(୪୦)। ତାହିର ଆଜି ସକାଳେ ତାଙ୍କ ଗାଁର ଜଣଙ୍କ ବାଡିରେ ଗଛ କାଟୁଥିଲେ। ସେ ଗଛରେ ଚଢ଼ି କାଟୁଥିବା ବେଳେ ଅସାବଧାନତା ବଶତଃ ଗଛରୁ ତଳକୁ ଖସିପଡ଼ିଥିଲେ। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଖବର ସଦର ପୁଲିସ ଘଟଣା ସ୍ଥଳରେ ପହଁଚି ଅଧିକ ତଦନ୍ତ ଚଳାଇଛି।

### ବାଲେଶ୍ୱର ସର୍କିଟ ହାଉସରେ ସମୀକ୍ଷା ବୈଠକ

## ଜଳେଶ୍ୱରପୁର ସିଏଚ୍‌ସିକୁ ୬୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରିବା ପ୍ରସ୍ତାବ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୪।୫ (ସମିସ)



ସାଢ଼େ ତିନି ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭୋଗରାଇ ବ୍ଲକ ଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଥିବାରୁ ଏଠାକାର ଲୋକମାନେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଅଞ୍ଚଳରେ ଥିବା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଓ ୯ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ତରର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲେ ମଧ୍ୟ ନୂତନ ସରକାରଙ୍କ ବିଗତ ୨୨ ମାସର କାର୍ଯ୍ୟକାଳ ମଧ୍ୟରେ ସେମିତି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ। ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ସର୍କିଟ ହାଉସରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ବିଧାୟକ ଶ୍ରୀ ଦାସଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ବୈଠକରେ ସିଡିଏମଓ, ଡିପିଏମ୍, ଏନଏଚଏମ୍‌ର ସହକାରୀ ଯନ୍ତ୍ରୀ ସହ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜଳେଶ୍ୱର ବିଧାୟକ ଅଶ୍ୱିନି ପାତ୍ରଙ୍କ ଉପସ୍ଥିତିରେ ଜଳେଶ୍ୱରପୁର ଓ କମର୍ଦ୍ଧା ସିଏଚ୍‌ସିରେ ବିଭିନ୍ନ ଚିକିତ୍ସା ସୁବିଧା ବୃଦ୍ଧି ଓ ଭିତ୍ତିଭୂମି ସୁଧାର ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟତଃ ଜଳେଶ୍ୱରପୁର ସିଏଚ୍‌ସିର ବିଭିନ୍ନ ବିଭାଗକୁ ନୂତନ ଭବନକୁ ସ୍ଥାନାନ୍ତର କରିବା, ରୋଗୀମାନଙ୍କ ପାଇଁ ନୂତନ ଅଲଟ୍ରାସାଉଣ୍ଡ ମେସିନ ବ୍ୟବସ୍ଥା, ଡାଏଲିସିସ୍ ସେଣ୍ଟର ସ୍ଥାପନ, ଆଧୁନିକ ସୁବିଧା ସମ୍ପନ୍ନ ପୋଷ୍ଟମର୍ଟମ ଗୃହ ନିର୍ମାଣ ଓ ହସ୍ପିଟାଲର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସିଏଚ୍‌ସି ଓ ପିଏଚ୍‌ସିଗୁଡ଼ିକର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ଅର୍ଥର ସଠିକ ଓ ସୁବିନିଯୋଗ କରିବା ପାଇଁ ମଧ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାସହ ଜଳେଶ୍ୱରପୁର ସିଏଚ୍‌ସିକୁ ୬୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହା କାର୍ଯ୍ୟକାରୀ ହେଲେ ଭୋଗରାଇ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନେ ଅନେକ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ ଓ ଛୋଟଛୋଟ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ଆବଶ୍ୟକତା କମିଯିବ। ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ, ଭୋଗରାଇ ଭଳି ସୀମାନ୍ତ ଅଞ୍ଚଳର ଲୋକମାନେ ଯେପରି ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସରକାରଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକତା ରହିଛି।

## ବିଜୁ ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ




କୋଟପାଡ଼,୧୪।୫ (ସମିସ): କୋଟପାଡ ନିର୍ବାଚନ ମଣ୍ଡଳୀ ଠାରେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ନେତୃତ୍ୱରେ ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏକ ହଜାରରୁ ଅଧିକ ମହିଳା ଏକ ରାଲିରେ ବିଆରସି ବିଲଡିଂ ନିକଟରୁ ନଗର ପରିକ୍ରମା କରି କୋଟପାଡ ମୁନିସିପାଲିଟି ନିକଟରେ ସାଧାରଣ ସଭାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଝିନ୍ନ ହିକକା, କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଦିକା, ଦୁର୍ଗା ମିଶ୍ର, ଉପସଭାପତି ନାଗରାଜ ଦୋରା, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ବିଧାୟକ କୋଟପାଡ ଚନ୍ଦ୍ରଶେଖର ମାଝୀ, ରଘୁରାମ ପୋଡ଼ାଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରା, କୋଟପଡ ବ୍ଲକ ଅଧ୍ୟକ୍ଷା କମଳା ପୂଜାରୀ, ଜିଲ୍ଲା ପରିଷଦ ସଦସ୍ୟା ଗୀତା ମାଝୀ ଉପସ୍ଥିତ ଥିଲେ। ଜିଲ୍ଲା ମହିଳା ବିଜେଡ଼ି ସଭାନେତ୍ରୀ ପାର୍ବତୀ ମସ୍ତିଙ୍କ ସମେତ ରାଜ୍ୟ ଉପସଭାନେତ୍ରୀ ରୀତା ପାଣିଗ୍ରାହୀ, ଜିଲ୍ଲା ଉପସଭାନେତ୍ରୀ ଲିଲି ବୁରୁଡି ଏବଂ ସମସ୍ତ ଜିଲ୍ଲା ବିଜେଡି କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ।

## ଘର ଉପରେ ଗଛ ଉପୁଡ଼ି ପଡିଲା

କାଲିମେଲା, ୧୪।୫(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ମାଲାଭରମ ପଞ୍ଚାୟତ ଅନ୍ତର୍ଗତ ତିନରାଜପାଲି ଗ୍ରାମରେ ମୁଡା ଖରା ବ୍ୟକ୍ତିଙ୍କ ଘର ଉପରେ ଏକ ତେନ୍ତୁଳିଗଛ ପଡିବାରୁ ଘରର ଆଜବେଷ୍ଟ ଓ କାନ୍ଥର କିଛି ଅଂଶ ଭାଙ୍ଗି ଯାଇଛି। ଘଟଣା ସମୟରେ ପରିବାର ଲୋକ ଘର ଭିତରେ ନଥିବାରୁ ଏହି ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ରାୟଗଡ ବିଜୁ ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ

## ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଜେପି ବିଫଳ

ରାୟଗଡ଼,୧୪।୫(ସମିସ):

ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସମଗ୍ର ରାଜ୍ୟରେ ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ରାୟଗଡ ବିଜୁ ଜନତା ଦଳ (ବିଜେଡି)ର ମହିଳା ଜନତା ଦଳ ସଭାନେତ୍ରୀ ଅନୁସୂୟା ମାଝିଙ୍କ ନେତୃତ୍ୱରେ ଆଜି ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗଜପତି ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାହାରିଥିଲା। ଜିଲ୍ଲା ବିଜେଡି ମହିଳା ଜନତା ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏଥିରେ ପାର୍ଲାମେଣ୍ଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମର ତ୍ୱରିତ କାର୍ଯ୍ୟାନ୍ୱୟନ ଓ ମହିଳାମାନଙ୍କ ପ୍ରତି ବଢ଼ିଚାଲିଥିବା ନୃଶଂସ ନିର୍ଯ୍ୟାତନାକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ଗ୍ରହଣ ସମ୍ବନ୍ଧେ ଉଲ୍ଲେଖ କରାଯାଇଛି। କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ମହିଳା ସଂରକ୍ଷଣ ବିଲକୁ ଲାଗୁ ନ କରି ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ଲୁକ୍କାୟିତ ଭାବରେ ମହିଳା ସଂରକ୍ଷଣ ବିଲା ନାଁରେ ପାରିତ କରିବାର ଅପଚେଷ୍ଟା ଓ ହୀନ ଚକ୍ରାନ୍ତ କରି ଆସୁଛନ୍ତି। ତେଣୁ ବିଜେଡି ୩୩ ପ୍ରତିଶତ ମିହଳା ସଂରକ୍ଷଣ ଉଭୟ ଲୋକସଭା ଓ ବିଧାନସଭାରେ ଲାଗୁ କରିବା ପାଇଁ ଦାବି କରି ଆସୁଛି। ବିଗତ ଦୁଇ ବର୍ଷରେ ସରକାରଙ୍କ ଅପାରଗତା,ବିଫଳତା ତଥା ଅପରାଧ ନିୟନ୍ତ୍ରଣରେ ଚରମ ଉଦାସୀନତା ହେତୁ ୪୮ ହଜାର ମହିଳା ହିଂସା ଓ ଯୌନ ନିର୍ଯ୍ୟାତନା ମାମଲା ଥାନାରେ ରେକର୍ଡ ହୋଇଛି। ଢେଙ୍କାନାଳର ଭାପୁରରେ ମହିଳାଙ୍କୁ ଦୁଷ୍କର୍ମ କରି ମୁହଁକୁ ପଥରରେ ଛେଚି ଦିଆଗଲା, ହିଞ୍ଜିଳିରେ ଜଣେ ଗର୍ଭବତୀ ମହିଳାଙ୍କୁ ତିନି ବର୍ଷର ଶିଶୁ କନ୍ୟା ସାମ୍ନାରେ ହତ୍ୟା କରାଗଲା, ବରଗଡରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଯୌନ ନିର୍ଯାତନା ଦିଆଗଲା, ବାଲିଅନ୍ତାରେ ବୃଦ୍ଧା




ମାଆଙ୍କ ଏକମାତ୍ର ପୁତ୍ରକୁ ପୁଲିସ ସମ୍ମୁଖରେ ପିଟିପିଟି ମାରି ଦିଆଗଲା। ଯାହାକି ଏଭଳି ହିଂସା ଘଟଣାରେ ସରକାରଙ୍କ ଉପରୁ ଓଡିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ଉଠିଯାଉଛି। ଜଣାପଡୁଛି ଓଡିଶାରେ ଆଇନର

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଶାସନ ନାହିଁ। ତେଣୁ ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲକୁ ତୁରନ୍ତ ଲାଗୁ କରାଯାଇ ୩୩ ପ୍ରତିଶତ ଲୋକସଭାରେ ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ କରିବା ଏବଂ ଓଡିଶାରେ ଗତ ଦୁଇ ବର୍ଷ ଭିତରେ କ୍ରମାଗତ ଭାବରେ ବଢ଼ି ଚାଲିଥିବା ନାରୀ ନର୍ଯାତନା ଉପରେ ରୋକ ଲଗାଇବାକୁ ଦୃଢ ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଉଲ୍ଲେଖ ରହିଛି। ଆଜି ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ ଶୋଭାଯାତ୍ରାରେ ଶତାଧିକ ମହିଳାମାନେ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଅନୁସୂୟା ମାଝି, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା,କାର୍ଯ୍ୟକାରୀ ସଭାପତି ପି.ଗୌରୀ ଶଙ୍କର ରାଓ, ରାଜ୍ୟ ଉପସଭାପତି ସୁଧୀର କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ରାଜ୍ୟ ସାଧାରଣ ସଂପାଦକ ଜଗଦୀଶ ପାତ୍ର, ବିଜେଡି ମହିଳା ଜନତା ଦଳ ରାଜ୍ୟ ସାଧାରଣ ସଂପାଦିକା ଶୁଭ୍ରା ପଣ୍ଡା, ରାଜ୍ୟ ଯୁବ ବିଜେଡି ସାଧାରଣ ସଂପାଦକ ବିନାୟକ ପଲେଇ, ଛାତ୍ର ବିଜେଡି ଜିଲ୍ଲା ସଭାପତି ଉଦୟ ହିମିରିକା, ବରିଷ୍ଠ ନେତା ସନ୍ତୋଷ ପାତ୍ର, ରାଓଲା ମାଝି, ଜିଲ୍ଲା ପରିଷଦ ସଭ୍ୟ ଇପିଲି ଧବଳେଶ୍ୱର ନାଇଡୁ, ପି.ମଣି ରତ୍ନମ, କାଉନସିଲର ପ୍ରତିମା ପାଣିଗ୍ରାହୀ, ଅମ୍ବିକା ବିଡିକା, କୁମାରୀ ପାଲକ.ସୁମୀ ହିମିରିକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାକୁ ଅସମର୍ଥ ବୋଲି ନାରା ଦେଇ ବିଜେପି ସରକାର ବିରୋଧରେ ପ୍ରତିବାଦ ସ୍ୱରପ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଅଜଣା ରୋଗରେ ଶିଶୁ ଆକ୍ରାନ୍ତ

### ଚିକିତ୍ସାରେ ଅର୍ଥ ସାଜିଛି ବାଧକ, ଦିଶାରୀ ଭରସା



ବୈପାରୀଗୁଡା, ୧୪।୫(ସମିସ): ଅଜଣା ରୋଗରେ ଆକ୍ରାନ୍ତ ଶିଶୁ। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଶିଶୁଟିର ଦେହସାରା ଶ୍ୱେତବର୍ଣ୍ଣର ମାଛ କାତି ପରି ଲାଲ ଦାଗ ସୃଷ୍ଟି ହେବା ସହ ପାଦ ଆଙ୍ଗୁଠି ନଷ୍ଟ ହେଉଛି। ଅସହ୍ୟ ଯନ୍ତ୍ରଣାରେ ସେ ଛଟପଟ ହେଉଥିବା ବେଳେ ଗରିବ ବାପାଙ୍କ ଆର୍ଥିକ ଅନଟନ ଚିକିତ୍ସାରେ ବାଧା ସୃଷ୍ଟି କରିଛି। ଏଣୁ ନିରୁପାୟ ହୋଇ ଦିଶାରୀ ଗୁଣିଆ ସାହାରା ନେଉଛନ୍ତି ପରିବାର ଲୋକେ। ବୈପାରୀଗୁଡା ବ୍ଲକ ବାଲିଗାଁ ପଞ୍ଚାୟତର ମାଟିଖାଲଗୁଡାର ୮ ବର୍ଷୀୟ ଝିଅ ସୁନିତା କାଣ୍ଡିକିଙ୍କ ଠାରେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଛି। ମାଟିଖାଲଗୁଡାର ପର୍ଶୁରାମ କାଣ୍ଡିକି ଓ ସ୍ତ୍ରୀ ପରି କାଣ୍ଡିକିଙ୍କ ଏକମାତ୍ର ଝିଅ ସୁନିତା କାଣ୍ଡିକି (୮)। ଖେଳିବା ବୁଲିବା ବୟସରେ ବିଛଣାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଛି। ଝିଅଟି ଜନ୍ମରୁ ଅସୁସ୍ଥ। ଆଜିକୁ ଆଠ ବର୍ଷ ବିତିଲା ଏଭଳି ସ୍ୱାସ୍ଥ୍ୟ ସମସ୍ୟାରେ ବୁଡି ରହିଛି କୁନି ଝିଅ। ଏବେ ଶିଶୁଟିର ଦେହସାରା ଶ୍ୱେତବର୍ଣ୍ଣର ମାଛ କାତି ପରି ଲାଲ ଦାଗ ସୃଷ୍ଟି ହେବା ସହ ହାତ ଗୋଡ଼ ଶୁଖି ଗଲାଣି, ସେହିପରି ପାଦ ଆଙ୍ଗୁଠି ନଷ୍ଟ ହେଉଛି। ଝିଅକୁ ସୁସ୍ଥ କରିବା ପାଇଁ ପରିବାର ଲୋକେ କ୍ରୋମାଗତ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଜୟପୁର ଏବଂ କୋରାପୁଟ ମେଡିକାଲ କଲେଜକୁ ଯାଇଛନ୍ତି। ପାଖରେ ଥିବା ସବୁ ସମ୍ବଳ ସାରିଲେଣି। ମେଡିକାଲ ଗଲା ପରେ ମଧ୍ୟ କୌଣସି ଉନ୍ନତି ନ ମିଳିବାରୁ ନିରୁପାୟ ହୋଇ ଏବେ ଦିଶାରୀଗୁଣିଆ ଭରସାରେ ଝିଅକୁ ଚିକିତ୍ସା କରୁଛନ୍ତି ପରିବାର ଲୋକେ। ତଥାପି କୌଣସି ସୁଫଳ ନାହିଁ। ବାଧ ହୋଇ ଭଗବାନଙ୍କୁ ଭରସା କରି ଝିଅକୁ ଘରେ ରଖିଛନ୍ତି। ବାପା ପାଖରେ ସମ୍ବଳ ନଥିବାରୁ ଘରେ ରହି ଯନ୍ତ୍ରଣା ଭୋଗୁଛି କୁନି ଝିଅ। ଦିନକୁ ଦିନ ଅବସ୍ଥା ବିଗିଡି ଯାଉଛି। ତେଣୁ ତାଙ୍କ ଚିକିତ୍ସା ପାଇଁ ସହାୟତା ଲୋଡିଛନ୍ତି ପରିବାର ଲୋକ ଓ ଗ୍ରାମବାସୀ। ଅନ୍ୟପଟେ ପରିବାର ପାଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଥିବା ବେଳେ ସଚେତନତା ଅଭାବରୁ ତାହା କାର୍ଯ୍ୟରେ ଆସିପାରୁନାହିଁ। ଏନେଇ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଲୋଚନା ନାୟକଙ୍କୁ ପଚାରିବାରୁ ସେ ଘଟଣାକୁ ଗୁରୁତ୍ୱ ନଦେଇ କହିଛନ୍ତି ଯେ, ଝିଅର ଚିକିତ୍ସା ପାଇଁ କୋରାପୁଟକୁ ପଠାଇଥିଲୁ କ୍ଷ ଏନେଇ ସ୍ଥାନୀୟ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଉତ୍ତର ମିଳିଲାନାହିଁ। ଏଠାରେ ପ୍ରଶ୍ନ ଉଠୁଛି ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗର ସଠିକ ତଦରକ ନ ହେବା ଯୋଗୁଁ ସୁନିତାଙ୍କ କ୍ଷେତ୍ରରେ ଏଭଳି ପରିସ୍ଥିତି ଉପୁଜିଛି। କୁନି ଝିଅ ଏବେ ଯନ୍ତ୍ରଣାରେ ଛଟପଟ ହେଉଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭଗ ତୁରନ୍ତ ପଦକ୍ଷେପ ନେବା ଅତି ଆବଶ୍ୟକ ରହିଛି।

## ବିଲୁପ୍ତ ଖାଦ୍ୟ, ପାରମ୍ପରିକ ବିହନ ସଂରକ୍ଷଣ ଆଲୋଚନାଚକ୍ର

ବୈପାରିଗୁଡ଼ା,୧୪।୫(ସମିସ): ବୈପାରିଗୁଡ଼ା ସ୍ଥିତ ସିୱାଇଏସ୍‌ଡି ଆଞ୍ଚଳିକ ଜୀବିକା ପ୍ରଶିକ୍ଷଣ କେନ୍ଦ୍ର, ମୁଣ୍ଡାଗୁଡ଼ା ଠାରେ ହଜିଯାଉଥିବା ଖାଦ୍ୟ ଏବଂ ଦେଶୀ ବିହନ ସଂରକ୍ଷଣ ଉପରେ ଏକ ଜିଲ୍ଲାସ୍ତରୀୟ କୃଷକ ପରାମର୍ଶ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସିୱାଇଏସ୍‌ଡି ଏବଂ ବୈପାରିଗୁଡ଼ା ମଲ୍ଟି-ଆକ୍ଟର ଲ୍ୟାଣ୍ଡସ୍କେପ୍ ପ୍ଲାଟଫର୍ମ ଫର୍ ଏଗ୍ରୋଇକୋଲୋଜିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ମୁଖ୍ୟ ଡକ୍ଟର ଦେବବ୍ରତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ କୋରାପୁଟ ଜିଲ୍ଲା ଏବଂ ମାଲକାନଗିରିର ଖଇରପୁଟ ଅଞ୍ଚଳରୁ ପ୍ରାୟ




୧୩୦ ଜଣ ଅଭିଜ୍ଞ ଚାଷୀ, ବିହନ ସଂରକ୍ଷକ ଏବଂ କୃଷକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବୈପାରିଗୁଡ଼ା କୃଷି ଅଧିକାରୀ ଗୁଣନିଧି ମାଝୀ, ରାମକୃଷ୍ଣ ଗାର୍ଲି, ଏଟୁ ଖାଲଖୋ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ବ୍ଲକ ସ୍ତରୀୟ ମହାସଂଘର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି ଅବସରରେ 'ହଜିଯାଉଥିବା ଖାଦ୍ୟ ଓ ଦେଶୀ ବିହନ ସଂରକ୍ଷଣ'ର ମୂଳ ଅଭିପ୍ରାୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋକପାତ କରାଯାଇଥିଲା। ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ସମୟରେ ପାରମ୍ପରିକ ଦେଶୀ ବିହନ କେବଳ ଏକ କୃଷି ସମ୍ପଦ ନୁହେଁ, ବରଂ ଏହା ଆମର ପରିଚୟ ଓ ସୁସ୍ଥ ଜୀବନର ଆଧାର ବୋଲି ମତ ପ୍ରକାଶ ପାଇଥିଲା। ଆମ ବିହନ, ଆମ ପରିଚୟ ବାର୍ତ୍ତାକୁ ପାଥେୟ କରି, ବିଲୁପ୍ତ ହୋଇଯାଉଥିବା ପୁଷ୍ଟିକର ମାଣ୍ଡିଆ, କ୍ଷୁଦ୍ର ଶସ୍ୟ ଏବଂ ଜଙ୍ଗଲଜାତ ଖାଦ୍ୟର ପୁନରୁଦ୍ଧାର ପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ବକ୍ତାମାନେ ମତ ଦେଇଥିଲେ ଯେ, ଆଧୁନିକ ଚାଷ ପ୍ରଣାଳୀ ମଧ୍ୟରେ ଆମର ପୁରୁଷାନୁକ୍ରମିକ ଜ୍ଞାନ ଓ ବିହନକୁ ବଞ୍ଚାଇ ରଖିଲେ ହିଁ ଆଗାମୀ ପିଢ଼ି ପାଇଁ ଖାଦ୍ୟ ନିରାପତ୍ତା ଓ ପୁଷ୍ଟିସାଧନ ସମ୍ଭବ ହୋଇପାରିବ। ସିୱାଇଏସ୍‌ଡିର ଦକ୍ଷିଣ ଓଡ଼ିଶା ଜୋନାଲ ଲିଡ୍ ଇଣ୍ଟିଗ୍ରେଟର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିସ୍ମୟ ମହାନ୍ତି ଓ ସୁଶାନ୍ତ ହରିଜନଙ୍କ ସମେତ ସଂଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ବିଜେପି ମହିଳା ମୋର୍ଚ୍ଚାର ଜନଆକ୍ରୋଶ ସମାବେଶ



ରାୟଗଡ,୧୪।୫(ସମିସ): ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ କରି ଏବଂ ବିଧାନ ମଣ୍ଡଳରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରୁଥିବା ଆଇନ ପକ୍ଷରେ ବିଜେପି ମହିଳା ମୋର୍ଚ୍ଚାର ନେତୃତ୍ୱରେ ଆଜି ରାୟଗଡ ଜିଲ୍ଲାର ସଦର ବ୍ଲକ୍ ଅନ୍ତର୍ଗତ ଜିମିଡିପେଟାରେ ଜନଆକ୍ରୋଶ ମହିଳା ସମାବେଶର ରାଲି ଆୟୋଜିତ ହୋଇଥିଲା। ଶତାଧିକ ମହିଳା ଉତ୍ସାହର ସହିତ ଏହି ରାଲିରେ ଯୋଗଦେଇ ମହିଳା ସଶକ୍ତିକରଣ ପ୍ରତି ନିଜମାନଙ୍କର ଦୃଢ଼ ସମର୍ଥନ ବ୍ୟକ୍ତ କରିଥିଲେ। ମହିଳା ସଂରକ୍ଷଣ ବିଲକୁ ବିରୋଧ କରୁଥିବା ବିରୋଧୀ ଦଳଙ୍କ ମନୋଭାବକୁ କଠୋର ଭାବେ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଶ୍ରୀମତୀ ରାଜିତା କୋରାଡା , ବରିଷ୍ଠ ବିଜେପି ନେତ୍ରୀ ଶ୍ରୀମତୀ ବିଜୟା, ମୁକୁନ୍ଦପୁର ପ୍ରଭାରୀ ଶ୍ରୀମତୀ ଅଶ୍ୱିନୀ କୋଞ୍ଚାଡା, ଏସଡିସି ଉପାଧାକ୍ଷା ଶ୍ରୀମତୀ ମଞ୍ଜୁଳା ମିନିଆକା , ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି ବସନ୍ତ ଉଲ୍ଲାକା, କେରଡା ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ଏବଂ କୃଷକ ଜିଲ୍ଲା ମୋର୍ଚ୍ଚା ସଭାପତି ପ୍ରତାପ ପୁଆଲା ପ୍ରମୁଖ ଉପସ୍ଥିତ ଥିଲେ। ଜିମିଡିପେଟା ଗ୍ରାମରୁ ବହୁ ସଂଖ୍ୟାରେ ମହିଳାମାନେ ଯୋଗ ଦେଇ ଏହି ରାଲିକୁ ସଫଳ କରିଥିଲେ ଏବଂ ମହିଳା ନେତୃତ୍ୱ ଓ ପ୍ରତିନିଧିତ୍ୱ ପ୍ରତି ଦୃଢ଼ ଜନସମର୍ଥନର ପରିଚୟ ଦେଇଥିଲା ବୋଲି ଜିଲ୍ଲା ସଭାପତି ଶ୍ରୀମତୀ କୋରଡ଼ା କହିଛନ୍ତି।

### ନିଖିଲ ହତ୍ୟାକାଣ୍ଡ ଘଟଣା

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ଦାବି କଲେ ପରିବାର





ରାୟଗଡ଼,୧୪।୫(ସମିସ):

ଶନିବାର ରାତିରେ ରାୟଗଡ ସହରର ଆମ୍ବେଦକର ନଗର (ରେଳି ସାହି)ର ୧୮ ବର୍ଷୀୟ ବାଳକ ହାଡପା ନିଖିଲକୁ କିଛି ଦୁର୍ବୃତ୍ତମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳି କରି ଅମାନୁସିକ ଭାବେ ହତ୍ୟା କରିଥିଲେ। ଏହି ଘଟଣାକୁ ୫ଦିନ ବିତିଯାଇଥିଲେ ମଧ ଘଟଣାରେ ସମ୍ପୃକ୍ତ ଜଣେ ବି ଅଭିଯୁକ୍ତକୁ ପୁଲିସ ଗିରଫ କରି ନ ଥିବାରୁ ଆଜି ମୃତ ଯୁବକ ନିଖିଲଙ୍କ ମାଁ ହାଡପା ବାଲମା ଓ ତାଙ୍କ ବିଧବା ପତ୍ନୀଙ୍କ ସମେତ ସାହି ବାସିନ୍ଦାମାନେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଏସପି ସ୍ୱାତୀ ଏସ.କୁମାରଙ୍କୁ ସାକ୍ଷାତ କରି ନ୍ୟାୟ ଦାବି କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରିବା ପରେ ଜିଲ୍ଲାପାଳ ସମସ୍ତଙ୍କ ସହ ଆଲୋଚନା କରି ମାମଲା ବିଷୟରେ ଅବଗତ ଥିବା ଏବଂ ପୁଲିସ ଏହି ଘଟଣାକୁ ଅଧିକ ଗୁରୁତ୍ୱ ଦେଇ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବାରୁ ବିଳମ୍ବ ହେଲେ ମଧ ସଂପୂର୍ଣ୍ଣ ନ୍ୟାୟ ମିଳିବାର ଆଶ୍ୱସ୍ତି ଦେଇଥିଲେ। ଏପରିକି ଆଗାମୀ ସପ୍ତାହ ମଧ୍ୟରେ ନିଶ୍ଚିତ ଭାବେ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେବ ବୋଲି କହିଥିବା ନେଇ

> ➤ ଅଭିଯୁକ୍ତ ଗିରଫ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ
> ➤ ସଂପୂର୍ଣ୍ଣ ନ୍ୟାୟ ମିଳିବାର ଆଶ୍ୱସ୍ତି ଦେଲେ ଅଧିକାରୀ

ମୃତ ଯୁବକ ନିଖିଲଙ୍କ ମାଁ ହାଡପା ବାଲମା ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଆଜକୁ ୫ଦିନ ବିତି ଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିବାରୁ ପୁଅର ହତ୍ୟାକାରୀଙ୍କୁ କେବେ ଦଣ୍ଡ ମିଳିବ ଏବଂ ପୁଅକୁ ନ୍ୟାୟ ମିଳିପାରିବ ବୋଲ ଆଶାବାନ୍ଧି ରଖିଛନ୍ତି ମା' ହାଡପା ବାଲମା। ସେହିପରି ଏସ୍‌ପିଙ୍କ ସହ ମଧ ପରିବାର ଲୋକେ ଏବଂ ସାହିର ଭଦ୍ରବ୍ୟକ୍ତିବୃନ୍ଦ ଆଲୋଚନା କରିଥିଲେ। ଏସ୍‌ପି ମଧ ଏହି ଘଟଣାକୁ ନେଇ ପୁଲିସ କିଭଳି ଦିନରାତି ଏକ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି, ସେ ବିଷୟରେ ଅବଗତ କରାଇ ନିଶ୍ଚିତ ଭାବେ ପରିବାରକୁ ନ୍ୟାୟ ମିଳିବ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ। ଜିଲ୍ଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ ରାୟଗଡ଼ ସହର ଏକ ଶାନ୍ତି ସହର ଭାବେ ଓଡିଶାରେ ପରିଗଣିତ ହୋଇ ଆସୁଥିବା ବେଳେ ଦୁର୍ବୃତ୍ତମାନେ ଏଭଳି ଅମାନୁସିକ ଘଟଣା ଘଟାଇ ଆତଙ୍କ ଚଳାଇ ଆସୁଛନ୍ତି। ପୁଲିସର ଏଭଳି ନିଷ୍କ୍ରିୟତା ଫଳରେ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଦୁର୍ବୃତ୍ତମାନଙ୍କର ଆତଙ୍କ ସ୍ଥଳେ ଦମନ କରିବା ପୁଲିସର କର୍ତ୍ତବ୍ୟ ହୋଇଥିବା ବେଳେ ପୁଲିସର ନିଷ୍କ୍ରିୟତାକୁ ଜନସାଧାରଣ ସହିପାରୁ ନାହାନ୍ତି ବୋଲି ଉଲ୍ଲେଖ ରହିଛି। ସେହିପରି ମୃତ ଯୁବକ ହାଡପା ନିଖିଲର ପରିବାରକୁ ନ୍ୟାୟ ମିଳିବା ଆମର ଦାବି ବୋଲି ସାହି ବାସିନ୍ଦା କହିବା ସହ ସରକାର ତଥା ପ୍ରଶାସନର ହସ୍ତକ୍ଷେପ କରି ଯଦି ନିଖିଲଙ୍କ ପରିବାରକୁ ନ୍ୟାୟ ନ ଦିଅନ୍ତି, ତେବେ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି କହିଛନ୍ତି। ଆଗାମୀ ୧୫ଦିନ ମଧରେ ହାଡପା ନିଖିଲର ମୃତ୍ୟ ପାଇଁ ଦାୟୀ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଗଲେ ଶୋକ ସନ୍ତପ ପରିବାରଙ୍କୁ ନ୍ୟାୟ ମିଳିବ ଏବଂ ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା ହୋଇପାରିବ ବୋଲି ଅନୁରୋଧ କରାଯାଇଛି। ଆଜିର ଏହି ସ୍ମାରକପତ୍ର ପ୍ରଦାନ ବେଳେ ହାଡପା ବାଲମା,ହାଡପା ବର୍ଷା, ୱାଇ.ବାବୁରାଓ, ଦୁର୍ଯ୍ୟୋ ହାଡପା, ଦାଶରଥୀ ରାଜନା, ଆର.ବିଜୟ ବାବୁ, ଡି.ଜାନୁ, ଜି.ବିଷ୍ଣୁ ମହେନ୍ଦ୍ର, ସୁଣ୍ଡି ଯାଦବ, କେ.ପ୍ରଶାନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଚମକିଲା ଗୁଣୁପୁର ବାଇପାସ୍ ରୋଡ୍



ଗୁଣୁପୁର, ୧୪।୫(ସମିସ): ଗୁଣୁପୁର ସହରର ଲାଇଫ୍ ଲାଇନ କୁହାଯାଉଥିବା ବାଇପାସ୍ ରାସ୍ତା ଆଜି ଚମକି ଉଠିଲା। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ବହୁ ଦୁର୍ଘଟଣା ଘଟିବା ସହ ସାଧାରଣ ଲୋକଙ୍କ ଜୀବନ ହାନି ଘଟିଥିଲା। ରାସ୍ତା ନିର୍ମାଣ ସାରିବା ପରେ ଅନ୍ଧକାର ରାସ୍ତା ଦାଉ ସାଜିଥିଲା ଜନସାଧାରଣଙ୍କୁ। ଏ ନେଇ ବାରମ୍ବାର 'ସକାଳ' ଖବରକାଗଜରେ ଖବର ପ୍ରକାଶ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଦ୍ୟୁତ୍ ବିଭାଗ ଓ ପୌର କର୍ତ୍ତୃପକ୍ଷଙ୍କୁ ମଧ ବାରମ୍ବାର ପଚରାଉଚରା କରି ଶୀଘ୍ର ବାଇପାସ୍ ରାସ୍ତାକୁ ଆଲୋକୀକରଣ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଆଜି ଏହି ରାସ୍ତାର ଲାଇଟ୍ ଗୁଡିକ ଜଳିବା ପରେ ପୁରା ବାଇପାସ୍ ରାସ୍ତା ଚମକି ଉଠିଛି। ଫଳରେ ଜନସାଧାରଣ ଖୁସୀ ବ୍ୟକ୍ତ କରିଛନ୍ତି। ଗୁଣୁପୁର ପୌର ପରିଷଦ ପକ୍ଷରୁ ଉପାଧକ୍ଷ ଶିବ ଗୋଡ଼ ମଧ ବାରମ୍ବାର ବିଦ୍ୟୁତ୍ ବିଭାଗ ଏବଂ ଠିକାଦାରଙ୍କୁ ବାଇପାସ୍ ରାସ୍ତାକୁ ଶୀଘ୍ର ଆଲୋକୀକରଣ କରିବା ପାଇଁ ତାଗିଦ୍ କରିଛନ୍ତି। ଆଜି ବାଇପାସ୍ ରାସ୍ତାର ଲାଇଟ୍ ପରୀକ୍ଷା ମୂଳକ ଭାବେ ଆଲୋକୀକରଣ କରାଯାଉଛି ନା ଆଜି ଠାରୁ ସବୁଦିନ ଏହି ସେବା ଜାରିରହିବ କି ବୋଲି ପଚାରିବାରୁ ଏହି ସେବା ଆଜିଠାରୁ ସବୁଦିନ ପାଇଁ ଅବ୍ୟାହତ ରହିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ କାଲି ହିଁ ଆଲୋକୀକରଣ କରିବା ପାଇଁ ଅର୍ଡର ଆସିବା ପରେ ରାତାରାତି ସମସ୍ତ କାମ ସାରି ଆଜି ବାଇପାସ୍ ରାସ୍ତାକୁ ବିଜୁଳି ସେବା ଯୋଗାଇ ଦିଆଯାଇଛି। ଲୋକଙ୍କ ସ୍ୱାର୍ଥ ଓ ସମସ୍ୟାକୁ ଦୃଷ୍ଟିରେ ରଖି ବିନା ଉଦ୍‌ଘାଟନ ଓ ବିନା ଅତିଥିରେ ତତ୍ପରତାର ସହ ପୌରପରିଷଦ ପକ୍ଷରୁ ଆଜି ଆଲୋକୀକରଣ କରାଗଲା ବୋଲି ଉପାଧକ୍ଷ ଶିବ ଗୌଡ କହିଛନ୍ତି।

## ରାଇଘର ଓ ଉମରକୋଟ ବନ ବିଭାଗର ମିଳିତ ଚଢ଼ାଉ ; ଦୁଇ ଟ୍ରକ୍ କାଠ ଜବତ




ରାଇଘର, ୧୪।୫(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ଓ ଉମରକୋଟରେ ମିଳିତ ଚଢ଼ଉ କରାଯାଇ ଦୁଇଟି କାଠ ବୋଝେଇ ଟ୍ରକ ଜବତ କରାଯାଇଛି। ସୂଚନା ଅନୁଯାୟୀ ଗାଡ଼ି ନମ୍ବର ଓଡି ୨୪ଇ ୪୯୯୭ ଏବଂ ଏମ୍ଏଚ ୨୯ ଏଏନ୍ ୨୭୮୬ ଗାଡ଼ି ଚଟାଗୁଡ଼ାରୁ କାଠ ଲୋଡ୍ କରି ଛତିଶଗଡ଼ ରାୟପୁର ଏବଂ ଅନ୍ୟ ଏକ ଟ୍ରକ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ଖବର ପାଇଁ ଘଟଣା ସ୍ଥଳରେ ପହଞ୍ଚି କୁମୁଲୀ ପେଟ୍ରୋଲ ପମ୍ପ ନିକଟରେ ଜବତ କରି ବେହେଡ଼ା ନର୍ସରୀ ମଧ୍ୟରେ ରଖିଥିବା ଜଣାପଡ଼ିଛି। ବନ ବିଭାଗ କହିବା ଅନୁଯାୟୀ ଗାଡ଼ିର କାଗଜ ପତ୍ର ଯାଞ୍ଚ୍ କରିବା ପରେ ପଦକ୍ଷେପ ନିଆଯିବ।

## କପ୍ତିପଦା ବ୍ଲକ୍‌ର ୨୭ଟି ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

# ଭିତ୍ତିଭୂମିର ବିକାଶ ଓ ସ୍ୱତନ୍ତ୍ର ଗୃହ ନିର୍ମାଣ ଦାବି

## ଶରତ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା/ଶରତ, ୧୪।୫(ସମିସ)



ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ତଥା ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କପ୍ତିପଦା ବ୍ଲକରେ ୨୭ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନ ଥିବା ନେଇ ଶରତ ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗ କରାଯିବା ସହିତ ସମ୍ପୃକ୍ତ କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ଅର୍ଥ ଅନୁମୋଦନ ଦାବିରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ ଓ ଯୁଗ୍ମସମ୍ପାଦକ ଜାମାଦାର ବାଲମୁଚୁଙ୍କ ଦ୍ୱାରା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି।

ମଞ୍ଚ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ଦୋମୁହାଣି, ହେସେଲଗୁଟୁ, ବୁଧୁସାହି ଓ ରଜତନଗର-ହୁଡିସାହି, ଶରତ ପଞ୍ଚାୟତର ଜିତୁସାହି, ସେଲାଏପୋଖରୀ, ପୁରୁଣାପାଣି ହୁଡିସାହି, ସରଢିହା ପଞ୍ଚାୟତର ଭଣ୍ଡାର ହାଟସାହି, ପଦ୍ମପୋଖରୀ ପଞ୍ଚାୟତର ଜୁର୍କୀ, ରାମଚନ୍ଦ୍ରପୁର ପଞ୍ଚାୟତର କେନ୍ଦୁଗୋଠ, ଭାଗବନ୍ଦ ଓ ବାସୁସାହି, ନୋଟ ପଞ୍ଚାୟତର ନୋଟ ହୁଡିସାହି, ଲାବଣ୍ୟଦେଇପୁର ପଞ୍ଚାୟତର କାନକୁମୁରା, ଗାଡାସାହି ଓ ମାହାରାସାହି, ଦେୱାନବାହାଳୀ ପଞ୍ଚାୟତର ପାଞ୍ଚସାହି, ବଡଖଲାଡି ପଞ୍ଚାୟତର ଦୁର୍ଗାପୁର, ଜଡିଦା ପଞ୍ଚାୟତର ଘୁଣ୍ଟିବିଲ, କୋଲ୍‌ହସାହି ଓ ରାଇକାଳିଆ, ଜେଏସ ଜାମଡିହା ପଞ୍ଚାୟତର କଣ୍ଟାଗୋଡ଼ି ଓ ହିଲ୍ ବ୍ଲକ-୪, କଳମଗୋଡିଆ ପଞ୍ଚାୟତର କୂପସାହି, ତେଣ୍ଡା ଓ ସୁଡ଼ଙ୍ଗ, କପ୍ତିପଦା ପଞ୍ଚାୟତର ତେନ୍ତୁଳିସାହି ଆଦି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଭିତ୍ତିଭୂମି ଓ ଗୃହ ନାହିଁ। ଉପରଲିଖିତ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଭିତ୍ତିଭୂମି ଓ ଗୃହ ନ ଥିବାରୁ କେତେକ ଅଙ୍ଗନବାଡି କୁଟା ନଡ଼ାଛପର ଘରେ ଚାଲୁଛି ତ, ଆଉ କେଉଁଠି କୁନି କୁନି ପିଲାଙ୍କୁ ଗଛ ମୂଳେ ଅତ୍ୟନ୍ତ ଦୟନୀୟ ଭାବେ ପାଠପଢ଼ା ଯାଉଛି। ଅଙ୍ଗନୱାଡି କେନ୍ଦ୍ର ଗୃହ ନ ଥିବାରୁ କର୍ମୀମାନେ କେନ୍ଦ୍ର ନିମନ୍ତେ ଆସୁଥିବା ଅଣ୍ଡା, ଛତୁଆ ଲଡୁ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ରଖିବାକୁ ଅସୁବିଧା ଭୋଗୁଛନ୍ତି। କୁଟା ନଡ଼ା ଛପର ଘରେ ହିଁ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଉଥିବା ଦୃଶ୍ୟ ମନକୁ ବ୍ୟଥିତ କରୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗଛ ମୂଳେ ପିଲାଙ୍କୁ ପାଠପଢ଼ା ଯାଉଛି। ଯାହା ସେମାନଙ୍କୁ ଅଧିକାରରୁ ବଞ୍ଚିତ କରାଯାଉଛି। ଅଙ୍ଗନବାଡି କେନ୍ଦ୍ରର ବିକାଶ ନିମନ୍ତେ ଅର୍ଥ ଅନୁମୋଦନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଗଲେ କପ୍ତିପଦା ବ୍ଲକ ଓ ଶରତ ଅଞ୍ଚଳରେ ପ୍ରାକ-ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବା ସହିତ ଉତ୍ତମ ଶିକ୍ଷଣୀୟ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଦର୍ଶାଯାଇଛି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ

# ଅନନ୍ୟା ଜିଲ୍ଲା ଓଏଭି ଟପ୍ପର



**ବାରିପଦା, ୧୪।୫(ସମିସ):** ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ପଟ୍ଟନାୟକ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅନନ୍ୟା ୯୨.୪୦ ପ୍ରତିଶତ ନମ୍ବର ରଖିଥିବାବେଳେ ସେ ନିଜ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବାପା ଡ ସନ୍ଦୀପ ପଟ୍ଟନାୟକ, ମାଆ ସଙ୍ଗୀତା, ପରିବାରର ଗୁରୁଜନଙ୍କୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି। ପୂର୍ବରୁ ଦଶମ ଶ୍ରେଣୀରେ ଅନନ୍ୟା ୯୫ ପ୍ରତିଶତ ନମ୍ବର ରଖି ସୁନାମ ଅର୍ଜନ କରିଥିଲେ। ଆଗକୁ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ ବୋଲି ଅନନ୍ୟା କହିଛନ୍ତିନ।



**ରାଇରଙ୍ଗପୁର:** ସିବିଏସ୍‌ଇ ପରିଚାଳିତ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲାର ବହଳଦା ବ୍ଲକ ଅନ୍ତର୍ଗତ ଝାଡଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୮୦ ପ୍ରତିଶତ ସଫଳତା ମିଳିଛି। ବିଦ୍ୟାଳୟରୁ ୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ପରୀକ୍ଷାର୍ଥୀ ଉତ୍ତିର୍ଣ୍ଣ ହୋଇଛନ୍ତି। ଏହି ଦ୍ୱାଦଶ ପରୀକ୍ଷାରେ ସୂରଦା ଗ୍ରାମର ମାନସ କୁମାର ବାରିକ ଓ ରୀନା ବାରିକଙ୍କ ଝିଅ ପ୍ରିୟା ବାରିକ କୃତିତ୍ୱ ଅର୍ଜନ କରିଛନ୍ତି। ୮୭.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇ ଗୌରବ ଆଣିଛନ୍ତି। ଏ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

**କରଞ୍ଜିଆ:** ସିବିଏସଇ ଦ୍ୱାଦଶ ପରୀକ୍ଷାରେ ତାଟୋସ୍ଥ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ଆଦିବାସୀ ବହୁଳ ଅଞ୍ଚଳରେ ଅବସ୍ଥିତ ଏହି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ଚଳିତ ବର୍ଷ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ବିଦ୍ୟାଳୟର ୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୨ ଜଣ କୃତକାର୍ଯ୍ୟ ହୋଇ ୮୯.୬୫ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଅନ୍ୟପଟେ ୬ ଜଣ ଛାତ୍ରଛାତ୍ରୀ କମ୍ପାର୍ଟମେଣ୍ଟାଲ ପାଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଏହି ଫଳାଫଳ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ସୃଷ୍ଟି କରିଛି। ଅସିଭ ଆଲାମ ୯୪୨ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବାବେଳେ ଫୁଲମଣି ମୁର୍ମୁ ୮୯୪ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କାଜଲ ଦାସ ୮୬୪ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଏ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଏମ.ଡି. ଜାଫର ଆଲାମ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପୂର୍ଣ୍ଣ ଶିକ୍ଷାଦାନ ଓ ଅଭିଭାବକଙ୍କ ସହଯୋଗ ଯୋଗୁଁ ଏଭଳି ସଫଳତା ସମ୍ଭବ ହୋଇପାରିଥିବା କହି ସନ୍ତୋଷ ପ୍ରକାଶ କରିଛନ୍ତି।

**ବେତନଟୀ:** ସିବିଏସଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବଣାସ୍ଥ ଦିବ୍ୟଜ୍ୟୋତି କନଭେଣ୍ଟ ହାୟର ସେକେଣ୍ଡରୀ ସ୍କୁଲର ୩ ଜଣ ୮୦ ପ୍ରତିଶତରୁ







ଅଧିକ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଲିନେଟ ବେହେରା ୮୫.୪ ପ୍ରତିଶତ, ଦୀପ୍ତେନ୍ଦୁ ଶେଖର ସାମଲ ୮୨ ପ୍ରତିଶତ ଓ କିଷାନ ବେହେରା ୮୧ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷା ଶିଷ୍ଟର ଶ୍ୟାନି. ଭି. ଯୋସେଫ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



**ମୋରଡା:** ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ମୋରଡାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୭୭.୭ ପ୍ରତିଶତ ଛାତ୍ରୀଛାତ୍ର ପାସ କରିଛନ୍ତି। ବିଦ୍ୟାଳୟର ଛାତ୍ର ବିବେକାନନ୍ଦ ମହାନ୍ତ ସର୍ବାଧିକ ୯୨.୪୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର ସହିତ ମୟୂରଭଞ୍ଜ ଜିଲ୍ଲା ଓଏଭି ସମୂହର ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିପରି ତନୁଶ୍ରୀ ସି ଓ ଅନ୍ୱେଷା ପ୍ରିୟଦର୍ଶିନୀ ସିଂ ଯଥାକ୍ରମେ ୮୭.୪୦ ଓ ୮୦.୪୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ତୃତୀୟରେ ଅଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ

# ଓଡ଼ିଆ ଝିଅ ଝାଡ଼ଖଣ୍ଡରେ ଟପ୍ପର



**ବାରିପଦା, ୧୪।୫(ସମିସ):** ସର୍ବଭାରତୀୟ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଓଡ଼ିଆ ଝିଅ ଝାଡ଼ଖଣ୍ଡ ରାଜ୍ୟରେ ଟପ୍ପର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦା ମୁନସିବନ୍ଧ ନିବାସୀ ଅଜିତ କୁମାର ପାଲବାବୁ ଓ ଲୀଲା ପାଲବାବୁଙ୍କ ଝିଅ ପ୍ରିୟା ପାଲବାବୁ ବାଣିଜ୍ୟରେ ୯୯.୪୦ ପ୍ରତିଶତ ନମ୍ବର ରଖି ଝାଡ଼ଖଣ୍ଡ ରାଜ୍ୟରେ ଟପ୍ପର ହୋଇଛନ୍ତି। ସେ ବୋକାରୋସ୍ଥ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀ। ସେ ଆକାଉଣ୍ଟାନ୍ସି, ବିଜିନେସ ଷ୍ଟଡି ଓ ପେଣ୍ଟିଂ ବିଷୟ ଓ ସମସ୍ତ ପ୍ରାକ୍ଟିକାଲ ପରୀକ୍ଷାରେ ଶତପ୍ରତିଶତ ନମ୍ବର ରଖିଛନ୍ତି। ଭବିଷ୍ୟତରେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବେ ବୋଲି 'ସକାଳ'କୁ କହିଛନ୍ତି।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ପୂଜକ ପଣ୍ଡିତ ଅରୁଣ ମିଶ୍ରଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ସମ୍ମାନ



**ବାରିପଦା, ୧୪।୫(ସମିସ):** ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ଭାରତ ପକ୍ଷରୁ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ଐକ୍ୟ ସମ୍ମିଳନୀ ଓ ସନଦ ପ୍ରଦାନ ସମାରୋହରେ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ମହାପ୍ରଭୁଙ୍କ ପୂଜାପଣ୍ଡା ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ଶ୍ରୀ ମିଶ୍ରଙ୍କୁ ତାଙ୍କର ନିଷ୍ଠାପର ସେବା ଓ ଅବଦାନ ପାଇଁ ସମ୍ମାନଜନକ 'ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଏହି ସମାରୋହରେ ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କ ସମେତ ବିଶିଷ୍ଟ ବ୍ୟକ୍ତିତ୍ୱ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର, ଡାକ୍ତର ଚନ୍ଦ୍ରମଣି ଜେନା ଓ ଇଂ ରଶ୍ମିରଞ୍ଜନ ରାୟଙ୍କୁ ମଧ୍ୟ ବିଭିନ୍ନ ବର୍ଗରେ ସମ୍ମାନିତ କରାଯାଇଥିଲା। ଶ୍ରୀ ମିଶ୍ରଙ୍କୁ ମାନପତ୍ର, ସନଦ, ଶ୍ରୀଜଗନ୍ନାଥଙ୍କ ପ୍ରସାଦୀ ଖଣ୍ଡୁଆ ପାଟବସ୍ତ୍ର ଓ ସ୍ମାରକୀ ପ୍ରଦାନ ପୂର୍ବକ ବରେଣ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ମନୋରଞ୍ଜନ ପାଣିଗ୍ରାହୀ (ଆଇଆରଏସ) ମୁଖ୍ୟଅତିଥି ଓ ଦେବେନ୍ଦ୍ର କୁମାର ପ୍ରଧାନ (ଆଇଏଏସ) ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ସମ୍ମାନିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

# ପୋଖରୀରେ ବୁଡ଼ି ମତ୍ସ୍ୟଜୀବୀ ମୃତ

ବେତନଟୀ, ୧୪।୫(ସମିସ): **ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଅନ୍ତର୍ଗତ** ମାନଗୋବିନ୍ଦପୁର ଗ୍ରାମର ଦାସିଆଣୀ ପୋଖରୀରେ ମାଛ ଧରିବା ସମୟରେ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଉଛନ୍ତି ବୈଶିଙ୍ଗା ଥାନା ଗଡ଼ଦେଉଳିଆ ଗ୍ରାମର ମଙ୍ଗତ ମାଝୀ (୩୬)। ବୁଧବାର ସକାଳେ ଗଡ଼ଦେଉଳିଆ ଗ୍ରାମର କେତେକ ମତ୍ସ୍ୟଜୀବୀ ମାନଗୋବିନ୍ଦପୁର ଗ୍ରାମର ପୋଖରୀରେ ମାଛ ଧରୁଥିଲେ। ଜାଲ ବିଛାଉଥିବା ସମୟରେ ଗଭୀର ପାଣିରେ ମଙ୍ଗତଙ୍କ ଗୋଡ଼ ଜାଲରେ ଛନ୍ଦି ଯାଇଥିଲା। ଦୀର୍ଘ ସମୟ ଧରି ସେ ଉପରକୁ ନ ଉଠିବାରୁ ସହଯୋଗୀ ପାଣିରେ ବୁଡ଼ି ଖୋଜାଖୋଜି କରି ଜାଲରୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଣତ୍ରୀ ଫାଣ୍ଡି ଅଧିକାରୀ ପହଞ୍ଚି ୨୨/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ୧୮ରେ ମିଳିତ ଜନଅଭିଯୋଗ ଶୁଣାଣି

**କରଞ୍ଜିଆ, ୧୪।୫(ସମିସ):** ପାଞ୍ଚପୀଢ଼ ଉପଖଣ୍ଡରେ ଆସନ୍ତା ୧୮ ତାରିଖରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ପାଞ୍ଚପୀଢ ଉପଜିଲ୍ଲାପାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସକାଳ ୭ ଘଟିକା ସମୟରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଶୁଣାଣି ଶିବିରରେ ସାଧାରଣ ଲୋକ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ସିଧାସଳଖ ଭାବେ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରିପାରିବେ। ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି।

# ବାଉଁଶତୋଫା ନର୍ଥ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ

**ରାସଗୋବିନ୍ଦପୁର, ୧୪।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାଉଁଶତୋଫାସ୍ଥ ନର୍ଥ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ କ୍ୟାମ୍ପସ ପ୍ଲେସମେଣ୍ଟ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ଭାରତର ଖ୍ୟାତନାମା କମ୍ପାନୀ ଗୁଜରାଟର 'ମଦର୍ସ' ପକ୍ଷରୁ ଏହି ପ୍ଲେସମେଣ୍ଟ ଡ୍ରାଇଭ୍ ଅନୁଷ୍ଠିତ ହୋଇଥିଲା। କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ କୁରନାଲ ଘାଟେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାକ୍ଷାତକାର ନେଇଥିଲେ। ଏହି କ୍ୟାମ୍ପସ ପ୍ଲେସମେଣ୍ଟରେ ଅନୁଷ୍ଠାନର ବିଭିନ୍ନ ବିଭାଗର ଅନ୍ତିମ ବର୍ଷର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଧ୍ୟକ୍ଷ ଇଂ. ସୁଶୀଲ କୁମାର ଧଳ ଓ ଉପାଧ୍ୟକ୍ଷ ଅସିତ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରକ୍ରିୟାରେ ପ୍ଲେସମେଣ୍ଟ ଇନ୍‌ଚାର୍ଜ ଲକ୍ଷ୍ମୀକାନ୍ତ ପଣ୍ଡା ଓ ସ୍ନେହାଶିଷ ଘୋଷମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ୟାମ୍ପସ ପ୍ରକ୍ରିୟାର ସୁଚାରୁ ପରିଚାଳନା ପାଇଁ କେୟା ଡେସ୍କ ଡାଇରେକ୍ଟର ପରମେଶ୍ୱର ବାରିକ, ଗଣେଶ ନାରାୟଣ ପ୍ରହରାଜ ଓ ପଞ୍ଚାନନ ବେହେରା ସହଯୋଗ କରିଥିଲେ। ମନୋନୀତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ପରିଚାଳନା କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇଛନ୍ତି।




## ୬ ମାସ ହେବ ନାବାଳିକା ନିଖୋଜ

# ଉଦ୍ଧାର କରିବାକୁ ଏସ୍‌ପିଙ୍କୁ ପରିବାରର ନିବେଦନ

**ରାଇରଙ୍ଗପୁର, ୧୪।୫(ସମିସ):** ଦୀର୍ଘ ୬ ମାସ ହେବ ନାବାଳିକାର କୌଣସି ଖୋଜ ଖବର ମିଳୁନି। ଥାନାରେ ଅଭିଯୋଗ ସତ୍ତ୍ୱେ ନାବାଳିକାକୁ ଖୋଜିବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ନାବାଳିକାକୁ ଉଦ୍ଧାର ନିମନ୍ତେ ନିବେଦନ କରିଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଇଚିଣ୍ଡା ଗ୍ରାମର ନାବାଳିକଙ୍କୁ ଅପହରଣ କରାଯାଇଥିଲା। ନାବାଳିକାଙ୍କ ପରିବାର ଖୋଜାଖୋଜି ପରେ ଖବର ନ ପାଇ ୨୬।୧୦।୨୦୨୫ରେ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ପୁଲିସ ହାତ ଖାଲି ରହିଛି। ଗତ ୪ ମାସ ପୂର୍ବେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ତାଙ୍କୁ ପରିବାର ଲୋକେ ଭେଟି ଗୁହାରି କରିଥିଲେ। କିନ୍ତୁ ନାବାଳିକା ଉଦ୍ଧାର ହୋଇ ନ ପାରିବାରୁ ପରିବାର ଲୋକେ ନିରାଶ ହୋଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ ଜଣାଇଛନ୍ତି। ନାବାଳିକାକୁ ଉଦ୍ଧାର ନିମନ୍ତେ ଏସପି ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ୪ ଦିନ ମଧ୍ୟରେ ଉଦ୍ଧାର ନେଇ କୌଣସି ପଦକ୍ଷେପ ଗ୍ରହଣ ନ କଲେ ପରିବାର ଲୋକେ ରାଇରଙ୍ଗପୁର ଟାଉନ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ବେଗୁନାବିନ୍ଧାରେ ଚବିଶ ପ୍ରହର ନାମଯଜ୍ଞ

**ଶୁକୁଳି, ୧୪।୫(ସମିସ):** ଶୁକୁଳି ବ୍ଲକ ଅନ୍ତର୍ଗତ ବେଗୁନାବିନ୍ଧା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ଶୁଭ ଅଧିବାସ କରାଯାଇ ବୁଧବାର ଦିନଠାରୁ ଶୁଭ ଅମୃତ ବେଳାରେ ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞରେ ମୟୂରଭଞ୍ଜ ଜିଲ୍ଲାରୁ କୁମାରଡିହା (ବାରିପଦା), ଦେଉଳା (ଖୁଣ୍ଟା), ଲୁଣିଆ(ଶୁଳିଆପଦା), ଗୁହାଳଡିହି (ବାରିପଦା) ଓ କେନ୍ଦୁଝର ଜିଲ୍ଲାର କଇଣ୍ଡା (ତୁରୁମୁଙ୍ଗା) ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଛନ୍ତି। ଏହି ନାମଯଜ୍ଞ ଆସନ୍ତା ଶନିବାର ଦିନ ଶେଷ ହେବ।

## ରାସଗୋବିନ୍ଦପୁର ରେଞ୍ଜରେ ହାତୀ ଆତଙ୍କ

# ଭାଙ୍ଗିଲା ଦୋକାନ ଘର, ନଷ୍ଟ କଲା ଫସଲ

**ରାସଗୋବିନ୍ଦପୁର, ୧୪।୫(ସମିସ):** ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଭୁକ୍ତ ବନାଞ୍ଚଳରେ ହାତୀ ଉପଦ୍ରବ କମୁନାହିଁ। ବନବିଭାଗର ନିଦ ହଜାଇ ଦେଇଛି ହାତୀ। ଯେତେ ଘଉଡାଇଲେ ସୁଦ୍ଧା ହାତୀ ଅଭୟାରଣ୍ୟକୁ ଯିବାକୁ ଚାହୁଁନାହିଁ। କେତେବେଳେ ଫସଲ ନଷ୍ଟ କରି ଘରଦ୍ୱାର ଭାଙ୍ଗୁଛି ତ କେତେବେଳେ କାହାର ଜୀବନ ଯାଉଛି। ମଣିଷ ହାତୀର ବାଗୁଡ଼ି ଖେଳରେ ଅନେକ ଧନଜୀବନ ହାନି ଘଟୁଛି। ଗତକାଲି ରାତିରେ ଏକ ଦନ୍ତା ହାତୀ ଆଦର୍ସ ବିଦ୍ୟାଳୟ ନିକଟରେ ମହୁଲିଆ ଗ୍ରାମର ରବି ନାଏକଙ୍କ ତେଜରାତୀ ଦୋକାନ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦୋକାନରେ ଥିବା ଜିନିଷ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ପରେ ଆଉ କିଛି ହାତୀ ପଲ ମହୁଲିଆ ଗ୍ରାମର ଚାଷ ଜମିରେ ପଶି ଖରାଟିଆ ଧାନ ଚାଷ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଲୋକେ ଘୋଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ଘୋଉଡାଇ ପାରିନଥିଲେ। ଏ ପଟେ ବନ ବିଭାଗ ହାତୀ ଗତି ବିଧିର ଟେର୍ ପାଉ ନ ଥିବାବେଳେ ହାତୀ ଘଉଡା ଅପରେସନ ଫେଲ୍ ମାରୁଛି। ତେବେ କ୍ଷୟକ୍ଷତିର ତଦନ୍ତ କରି ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।



# ବାରିପଦା ଷ୍ଟେସନ ବଜାର ହାଟ ଉଚ୍ଛେଦ ପାଇଁ ଚେତାବନୀ

## ଆଜି ବ୍ୟବସାୟୀଙ୍କ ପାଇଁ ଅନ୍ତିମ ସୁଯୋଗ

ବାରିପଦା, ୧୪।୫(ସମିସ)



ବାରିପଦା ସହରର ସବୁଠୁ ବ୍ୟସ୍ତବହୁଳ ଷ୍ଟେସନ ବଜାର ହାଟ ନୂଆ ରୂପ ନେବ। ୨୮ କୋଟି ଟଙ୍କା ବ୍ୟୟରେ ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଜାନୁଆରୀ ୨୮ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହାଟର ଉନ୍ନତୀକରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ମନ୍ତ୍ରୀ ଡଃ ମହାପାତ୍ର ନିଜ ପ୍ରତିକ୍ରିୟାରେ ସ୍ଥାନୀୟ ଚାଷୀଙ୍କ ସୁବିଧା ପାଇଁ ମଧ୍ୟ ଏଠାରେ ଏକ କୃଷକ ବଜାର ନିର୍ମାଣ କରାଯିବ ବୋଲି ସେତେବେଳେ ସୂଚନା ଦେଇଥିଲେ। ସେ ପର୍ଯ୍ୟନ୍ତ ହାଟ ଅସ୍ଥାୟୀ ଭାବେ ତକତପୁରଠାରେ ଥିବା ଆରଏମସି ହାଟରେ କାର୍ଯ୍ୟ କରିବ। ପ୍ରଥମେ ଉଚ୍ଛେଦ କାର୍ଯ୍ୟ ଜାନୁଆରୀ ୨୦ ତାରିଖରେ ଧାର୍ଯ୍ୟ କରାଯାଇଥିଲା। ବ୍ୟବସାୟୀ ସମୟ ମାଗିବାରୁ ସ୍ଥଗିତ ରଖାଯାଇଥିଲା। ତେବେ ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ଶୁକ୍ରବାର ସୁଦ୍ଧା ବ୍ୟବସାୟୀଙ୍କୁ ନିଜେ ହଟିଯାଅ, ନ ହେଲେ ହଟାଇ ଦିଆଯିବ ବୋଲି କହିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏବେ ଷ୍ଟେସନ ବଜାରରୁ ଉଚ୍ଛେଦର କଳା ବାଦଲ ଘେରି ରହିଛି। ଶୁକ୍ରବାର ସୁଦ୍ଧା ବ୍ୟବସାୟୀମାନେ ନିଜ ନିଜର ଦୋକାନ ଉଠାଇ ନେବାକୁ ମାଇକ୍ ଯୋଗେ କରାଯାଇଛି କଡ଼ା ଚେତାବନୀ। ପୌରପାଳିକାର ଏହି ଘୋଷଣା ବ୍ୟବସାୟୀଙ୍କ ନିଦ ହଜାଇ ଦେଇଛି। ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଜାଗା ଖାଲି ନ ହୁଏ, ତେବେ ପୌର କର୍ତ୍ତୃପକ୍ଷ ବଳପୂର୍ବକ ଉଚ୍ଛେଦ କରିବେ। ଏହି ସମୟରେ ଯଦି କୌଣସି ସାମଗ୍ରୀ ଭଙ୍ଗାରୁଜା ହୁଏ ବା ନଷ୍ଟ ହୁଏ, ତେବେ ତା'ର ଭରଣା କରାଯିବ ନାହିଁ। ବର୍ଷ ବର୍ଷ ଧରି ଏଠାରେ ବ୍ୟବସାୟ କରି ପରିବାର ପୋଷୁଥିବା ଛୋଟ ଛୋଟ ବ୍ୟବସାୟୀ ଏବେ ଚିନ୍ତାରେ। ଅସ୍ଥାୟୀ ସ୍ଥାନକୁ ଯିବା ପାଇଁ ନିର୍ଦ୍ଦେଶ ତ ମିଳିଛି, କିନ୍ତୁ କିଭଳି ରହିବ ସେଠାକାର ଭିତ୍ତିଭୂମି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରିପଦା ପୌରପାଳିକା ପକ୍ଷରୁ ସ୍ଥାନୀୟ ଷ୍ଟେସନ ବଜାର ହାଟର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ହାଟ ପରିସରରେ ଦୀର୍ଘ ଦିନ ଧରି ବ୍ୟବସାୟ କରି ଆସୁଥିବା ବ୍ୟବସାୟୀମାନଙ୍କୁ ସେଠାରୁ ହଟିଯିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଶେଷ ଚେତାବନୀ ଦିଆଯାଇଛି। ପୌର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଷ୍ଟେସନ ବଜାର ହାଟର ଆଧୁନିକୀକରଣ ଓ ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ହାଟରେ ଥିବା ସମସ୍ତ ଅସ୍ଥାୟୀ ଦୋକାନ ଓ କ୍ୟାବିନଗୁଡ଼ିକୁ ପୂର୍ବ ନିର୍ଦ୍ଧାରିତ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଅତ୍ୟନ୍ତ ଜରୁରୀ ମନେ କରିବାକୁ ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ଦେବି ପ୍ରସାଦ ରାଉତ ସୂଚନା ଦେଇଛନ୍ତି।

## ଜମିବାଡ଼ି ବିବାଦ: ଭାଇ ମାଡ଼ରେ ସାନଭାଇର ମୃତ୍ୟୁ

ମହାକାଳପଡ଼ା, ୧୪।୫(ସମିସ): ଜମିବାଡ଼ି ବିବାଦକୁ ନେଇ ବଡ଼ଭାଇ ମାଡ଼ରେ ସାନଭାଇର ମୃତ୍ୟୁ ଘଟିଛି। ବାରତାଙ୍ଗ ଗ୍ରାମର ଗୋଲେଖ ନାଗରା ଓ ତାଙ୍କ ଭାଇଙ୍କ ମଧ୍ୟରେ ଜମିଜମା ବିବାଦକୁ ନେଇ ବିବାଦ ଥିଲା। ଆଜି ଅପରାହ୍ନରେ ଗୋଲେଖ ତାଙ୍କ ଜମିରେ ମାଟି ପକାଉଥିବା ସମୟରେ ତାଙ୍କ ବଡ଼ଭାଇ ଅଭୟ ନାଗରାଙ୍କ ପରିବାର ସହିତ ଝଗଡ଼ା ହୋଇଥିଲା। ଝଗଡ଼ା କିଛି ସମୟ ପରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଗୋଲେଖଙ୍କୁ ଆକ୍ରମଣ କରାଯାଇଥିଲା। ଗୁରୁତର ଭାବେ ଗୋଲେଖ ଙ୍କୁ ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହାକାଳପଡ଼ା ପୁଲିସ ବଡ଼ଭାଇ ଅଭୟ ନାଗରାଙ୍କ ସମେତ ତାଙ୍କ ପତ୍ନୀ ରେଣୁକା ନାଗରା ଓ ତାଙ୍କ ବୋହୂଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି।

## ଅଷ୍ଟରା ବନ୍ଦେ ମାତରମ ହାଇସ୍କୁଲରୁ ଚୋରି

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ଅଷ୍ଟରା ବନ୍ଦେ ମାତରମ ନୋଡାଲ ହାଇସ୍କୁଲରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ନେଇ ଚଉଦକୁଲାଟ ଫାଣ୍ଡିରେ ଏତଲା ଦିଆଯାଇଛି। ଆଜି ସକାଳେ ହାଇସ୍କୁଲର ପ୍ରଧାନଶିକ୍ଷକ ଅମାର ସେଠୀ ଓ ଅନ୍ୟ ସହକାରୀ ଶିକ୍ଷକ ସ୍କୁଲକୁ ଆସି ଅଷ୍ଟମ ଶ୍ରେଣୀ ଗୃହରେ ଲାଗିଥିବା ସ୍ମାର୍ଟ ବୋର୍ଡ ଓ ଆନୁସଙ୍ଗିକ ସରଞ୍ଜାମ ନ ଥିବା ଓ ଶ୍ରେଣୀ ଗୃହ କବାଟ ତଡ଼ା ଯାଇଥିବା ଦେଖିବାକୁ ପାଇଥିଲେ। ଏହି ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଛନ୍ତି। ସ୍ଥାନୀୟ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ୫ ବର୍ଷ ପରେ ଗାଁକୁ ଫେରିଲେ ନିଖୋଜ ନାବାଳିକା

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଧୋଇଅଞ୍ଚଳର ଜଣେ ନାବାଳିକା ୫ ବର୍ଷ ପୂର୍ବେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ଉକ୍ତ ନାବାଳିକା ଝିଅକୁ ନ ପାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏ ସମ୍ପର୍କରେ ନିଖୋଜ ମାମଲା ରୁଜୁ କରି ନାବାଳିକାଙ୍କୁ ଖୋଜିବା ଆରମ୍ଭ କରିଥିଲା। ଇତିମଧ୍ୟରେ ୫ ବର୍ଷ ପରେ ନିଖୋଜ ନାବାଳିକା ସାବାଳିକା ହୋଇ ଘରକୁ ଫେରିବା ପରେ ତାଙ୍କୁ ପୁଲିସ ପଟ୍ଟାମୁଣ୍ଡାଇ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ପରେ ନିଖୋଜ ମାମଲାର ଅନ୍ତ ଘଟିଛି।

## ପଟ୍ଟାମୁଣ୍ଡାଇରେ ପେଟ୍ରୋଲ ଅଭାବ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପେଟ୍ରୋଲ ସଙ୍କଟ ଦେଖାଦେଇଛି। କେତେକ ପମ୍ପରେ ପେଟ୍ରୋଲ ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଟାଙ୍କିରେ ଆବଶ୍ୟକ ତେଲ ମିଳୁନାହିଁ। ତେଲ ନ ମିଳିବା ଯୋଗୁଁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦୁଇଚକିଆ ଯାନବାହନ ଆରମ୍ଭ କରି ବିଭିନ୍ନ ଯାନବାହନ ଚାଳିବାରେ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଲୋକମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ହଇରାଣ ହେବା ସହିତ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଲ ସଙ୍କଟ ଦେଖା ଦେଇଥିବାରୁ ଆଗାମୀ ଦିନରେ ବସ ସେବା ସହ ଟ୍ରକ ବନ୍ଦ ହେବା ଆଶଙ୍କା କରାଯାଉଥିବାରୁ ପରିସ୍ଥିତି ଅଧିକ ସଙ୍ଗିନ ହେବା ଦେଖାଯାଉଛି। ପରିବହନ ସେବା ଠପ ହେଲେ ଗୁରୁତର ରୋଗୀ ଚିକିତ୍ସା ପାଇଁ ହାସ୍ପାତାଳକୁ ଯିବା କଷ୍ଟକର ହେବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପେଟ୍ରୋଲ ସଙ୍କଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

● ନୀଳକଣ୍ଠପୁର ପଞ୍ଚାୟତ ୧୧ ଓ ୧୨ନଂ ୱାର୍ଡ ଅବହେଳିତ

## ପିଇବା ପାଣି ଓ ଉଜ୍ଜ୍ୱଳ ଆଲୋକରୁ ବଞ୍ଚିତ

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତର ୧୧ନଂ ଓ ୧୨ନଂ ୱାର୍ଡ ଅବହେଳାର ଶିକାର ହୋଇଛି। ଏହି ଦୁଇଟି ୱାର୍ଡରେ କୌଣସି ସରକାରୀ ଯୋଜନା ଓ ସୁବିଧା ପହଞ୍ଚିନାହିଁ। ପିଇବା ପାଣି ସଙ୍କଟ ଉତ୍କଟ ହୋଇଥିବାବେଳେ ଷ୍ଟ୍ରିଟଲାଇଟ ଜଳୁନାହିଁ। ଅତ୍ୟାବଶ୍ୟ ସମସ୍ୟା ନ କହିଲେ ଭଲ। ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟତଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ପଞ୍ଚାୟତ ସ୍ଥିତି ସଙ୍ଗୀନ ହୋଇପଡ଼ିଛି। ନାଏବ ସରପଞ୍ଚ ଦାୟିତ୍ୱରେ ଥିଲେ ମଧ୍ୟ ୧୧ ଓ ୧୨ନଂ ୱାର୍ଡ କଦଳୀବଣ ଗ୍ରାମ ଅବହେଳାର ଶିକାର ହୋଇଛି।

ଏହି ଦୁଇ ୱାର୍ଡରେ ପ୍ରାୟ ୨୦୦ ପରିବାରର ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ୍ୟ କୌଣସି ସରକାରୀ ସୁବିଧା ଯୋଗାଇ ଦିଆଯାଉନାହିଁ। ପିଇବା ପାଣି ମିଳୁନଥିବାବେଳେ ଷ୍ଟ୍ରିଟଲାଇଟ ଜଳୁନାହିଁ। ୨୦୨୫ରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଏହି ଦୁଇଟି ୱାର୍ଡରେ ପାନୀୟଜଳ ଯୋଗାଇବା ପାଇଁ ପାଇପ ପକାଯାଇନାହିଁ। ଏହି ଦୁଇଟି ୱାର୍ଡରେ ଥିବା ଶାହି ନଳକୂଅ ଅଚଳ ହୋଇପଡ଼ିଛି। ସମସ୍ତ ସରକାରୀ ଯୋଜନା ଓ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ୧୧ନଂ ଓ ୧୨ନଂ ୱାର୍ଡ ବାସିନ୍ଦା କଷ୍ଟ ଭୋଗୁଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

## ବ୍ଲକ୍ ଓଷ୍ଟା ପକ୍ଷରୁ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମାର୍ଶାଘାଇ, ୧୪।୫(ସମିସ): ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକ ଓଷ୍ଟା ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ଲାଭ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାର୍ଶାଘାଇ ବ୍ଲକ ଓଷ୍ଟା ସଭାପତି ବିଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ, ବିଶିଷ୍ଟ ଅତିଥି ପୂର୍ବତନ ବ୍ଲକ ଓଷ୍ଟା ସମ୍ପାଦକ ନାରାୟଣ ପ୍ରସାଦ ମଣ୍ଡଳ, ସମ୍ମାନିତ ଅତିଥି ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ଓଷ୍ଟା ଯୁଗ୍ମସମ୍ପାଦକ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ବିଜୟିନ୍ଦ ଦାସ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ଆଗକୁ ସଫଳତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଓଷ୍ଟା ସମ୍ପାଦକ ପ୍ରସନ୍ନ ପରିଡ଼ା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଫଳ ଛାତ୍ରଛାତ୍ରୀଙ୍କ ପତାମାତା ଓ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

**ସଚେତନ ନାଗରିକଙ୍କ ଅଭିଯୋଗ**

# ଦେଢ଼ୀ ମହାଜନୀ ଫାଶରେ ଗ୍ରାମାଞ୍ଚଳର ମହିଳା

● ମହିଳା ଗୋଷ୍ଠୀଙ୍କୁ ଅର୍ଥ ଲଗାଣକାରୀ ସଂସ୍ଥାର ଋଣ ପ୍ରଦାନ

● ଋଣ ଟଙ୍କା ଆଦାୟ ସମୟରେ କରୁଛନ୍ତି ଜୁଲମ୍

ରାଜକନିକା, ୧୪।୫(ସମିସ)

ଗାଁ ଗାଁରେ ଚାଲିଛି ଦେଢ଼ୀ ମହାଜନୀ। ଏହା କୌଣସି ସାହୁକାରର ଋଣ ନୁହେଁ, ବରଂ ଫାଇନାନ୍ସ କମ୍ପାନୀ ନାଁରେ ବହୁ ଋଣ ଲଗାଣକାରୀ ଘରୋଇ ସଂସ୍ଥା ଋଣ ଦେଇ ଦେଢ଼ଗୁଣ ପରିମାଣର ସୁଧ ମୂଳ ଆଦାୟ କରୁଛନ୍ତି। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ ଘର ପାଖରେ କେବଳ ଆଧାର କାର୍ଡରେ ଋଣ ଯୋଗାଇ ପରେ ଚକ୍ରବୃଦ୍ଧି ସୁଧ ଯୋଡ଼ି ଅର୍ଥ ଆଦାୟର ସୁବିଧା ବାଟ ଆପଣାଉଥିବା କେତେକ ସୁଧଖୋର ସଂସ୍ଥାର ଜୁଲମ ବିରୋଧରେ ସଚେତନ ନାଗରିକ କୃତ୍ତିବାସ ଦାସ ସ୍ୱର ଉଠାଇଛନ୍ତି। ଗାଁ ଗହଳିର ମହିଳାଙ୍କୁ ବହୁ ପରିମାଣର ଋଣ ଯୋଗାଇ ଏଭଳି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ନେଇ ଏବେ ଋଣ ସୁଝିବାକୁ ବାହାର ରାଜ୍ୟକୁ ମହିଳାମାନେ ଦାଦନ ଶ୍ରମିକ ଭାବେ ତ କେଉଁଠି ଚିଙ୍ଗୁଡ଼ି ଚୋପା ଛଡାଇବାକୁ ହେଉ ବା ଟେଲରିଂ, ନଡ଼ିଆ ତୋଳା କାମରେ ନିୟୋଜିତ ହେଉଥିବା ଅଭିଯୋଗ କରିଛନ୍ତି କୃତ୍ତିବାସ। ଏ ନେଇ ସେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଏଲ ଆଣ୍ଡ ଟି, ଅନ୍ନପୂର୍ଣ୍ଣା ଫାଇନାନ୍ସ, ବେଲଷ୍ଟାର ମାଇକ୍ରୋଫାଇନାନ୍ସ, ସମସ୍ତା, ମିଟ ଲ୍ୟାଣ୍ଡ ଭଳି ୧୫ରୁ ଅଧିକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ରାଜକନିକା ବ୍ଲକର ସବୁ ପଞ୍ଚାୟତରେ ଘରେ ଘରେ ମହିଳାଙ୍କୁ ଆକୃଷ୍ଟ କରିବା ଭଳି ମୋଟା ଅଙ୍କର ଋଣ ଦେବାରେ ମସଗୁଲ ରହିଛନ୍ତି। ଘର ପାଖରେ କେବଳ ଆଧାର କାର୍ଡ ଦେଖି ଋଣ ଦେଇ ଚାଲିଛନ୍ତି। କେବଳ ମୋଟା ଅଙ୍କର ସୁଧ ଆଦାୟ ଲକ୍ଷ୍ୟରେ ଏସବୁ ପରିମାଣର ଅର୍ଥ ନେଇ ସଠିକ ସମୟରେ ଉପଯୁକ୍ତ ଚୁକ୍ତି ମୁତାବକ କିସ୍ତିରେ ଶୁଝିବା ସମ୍ଭବ ହେଉ ନ ଥିବାରୁ ଋଣ କରୁଥିବା ମହିଳା ବାଧ୍ୟ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଉଚ୍ଚ ସୁଧହାର ଓ ଅଘୋଷିତ ବହୁ ପରିମାଣର ଭିତିରିଆ ଖର୍ଚ୍ଚ ଦାବି, ଜଣେ ମହିଳାଙ୍କୁ ବିଭିନ୍ନ ସଂସ୍ଥାର ଏକ ସମୟରେ ବହୁ ପରିମାଣର ଋଣ ଲଗାଣ, ଋଣ ଶୁଝିବାର କୌଣସି ସମ୍ଭାବ୍ୟ ରୋଜଗାର ନ ଦେଖି ପର୍ଯ୍ୟାପ୍ତ ପରିମାଣର ଋଣ ଲଗାଣ, ଋଣ ଆଦାୟ ପାଇଁ ଏଜେଣ୍ଟଙ୍କ ଜୁଲମ ସହ ଗାଳି ଓ ଧମକ ଦେବା, ଋଣ ଶୁଝିବା ସମ୍ଭବ ନ ହେବାରୁ ମାନସିକ ଅବସାଦରେ ମହିଳା ରହିବା ଓ ପରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାର ପ୍ରବଣତା ବଢ଼ୁଥିବା ସମ୍ପର୍କରେ କୃତ୍ତିବାସ ଅଭିଯୋଗ କରି ଏଭଳି ସାମାଜିକ ସମସ୍ୟା ବନ୍ଦ ପାଇଁ ନିବେଦନ କରିଛନ୍ତି। ଯଦି ଋଣ ଆବଶ୍ୟକ ରହୁଛି, ତେବେ ଉପଯୁକ୍ତ ସଂସ୍ଥାଠାରୁ ଋଣ ଓ ସୁଧ ସମ୍ପର୍କରେ ସଠିକ ତଥ୍ୟ ଦେଇ ଋଣ ପ୍ରଦାନ, ସମସ୍ତ ଅର୍ଥ ଲଗାଣ ସଂସ୍ଥାର ଆର୍ଥିକ କାରବାରର ସଠିକ ଯାଞ୍ଚ, ଋଣ ଆଦାୟରେ ନିଯୁକ୍ତ କର୍ମଚାରୀଙ୍କ ନିଯୁକ୍ତି ବୈଧତା, ଜୁଲମ ବଦଳରେ ଭଦ୍ର ବ୍ୟବହାର କରିବାକୁ ନିୟମ ପ୍ରଣୟନ କରିବା ପାଇଁ କୃତ୍ତିବାସ ନିବେଦନ କରିଛନ୍ତି। ଅଭିଯୋଗ ଅନୁଯାୟୀ ୫ ଶହ କୋଟିରୁ ଅଧିକ ପରିମାଣର ଅର୍ଥ ଲଗାଣ ଦେଇ ଦୈନିକ ସୁଟ ବୁଟ ପିନ୍ଧି ଏହି ସଂସ୍ଥାର ଏଜେଣ୍ଟଙ୍କ ଜୁଲମ ବଢ଼ିବା ଏକ ସାମାଜିକ ଅବସ୍ଥାର ବ୍ୟତିକ୍ରମ ସାଜିବ, ଋଣ ଆଦାୟ ପାଇଁ ଏଜେଣ୍ଟ ଦିନରାତି ମହିଳାଙ୍କ ଘରେ ଡେରା ପକାଇ ରହିବା ଭଳି ଅପମାନଜନକ ସ୍ଥିତି ସମଗ୍ର ଗାଉଁଲି ଜୀବନକୁ ପ୍ରଭାବିତ କରୁଥିବାରୁ ରିଜର୍ଭ ବ୍ୟାଙ୍କର ଗାଇଡଲାଇନ ଅନୁଯାୟୀ ସବୁଦିନିଆ ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**ରାଜକନିକାରେ ପେଟ୍ରୋଲ ସଂକଟ**

## ସବୁ ପମ୍ପରେ ଲମ୍ବା ଲାଇନ




ରାଜକନିକା, ୧୪।୫(ସମିସ): ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତୈଳ ସଙ୍କଟ ଦୂର ପାଇଁ ଯାନବାହନ ଚଳାଚଳକୁ କମ କରିବା, ୱାର୍କ ଫ୍ରମ ହୋମ ସ୍ଥିତି ଭଳି ଘୋଷଣା ପରେ ତୈଳ ଦର ବଢ଼ିବା ଆଶଙ୍କା କରି ଆଜି ରାଜକନିକାର ସମସ୍ତ ପେଟ୍ରୋଲ ପମ୍ପରେ ଅହେତୁକ ଭିଡ଼ ଦେଖିବାକୁ ମିଳିଛି। ରାଜକନିକାର କଣ୍ଟପଡ଼ା, ଓସ୍ତିଆ, ନେତାଜୀ ଛକ, ଅଚ୍ୟୁତପୁର ଜାଗୁଲାଇପଡ଼ା, କଣ୍ଡିଆ ଆଦି ସମସ୍ତ ପେଟ୍ରୋଲ ପମ୍ପରେ ସ୍ୱାଭାବିକ ଭାବେ ତେଲ ନ ଆସିବା, ତେଲ ଦର ବଢ଼ିବା କାରଣକୁ ନେଇ ଲୋକେ ଆଗୁଆ ସତର୍କ ହେବାର ଏଭଳି ଭିଡ଼ ବୋଲି ଆକଳନ କରାଯାଉଛି। ତେବେ ଦିନକୁ ଦିନ ରାଜକନିକାର ସବୁ ପେଟ୍ରୋଲ ପମ୍ପରେ ଅଧିକରୁ ଅଧିକ ଭିଡ଼ ହେଉଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ପୂର୍ବରୁ ବିଭିନ୍ନ ରାଜ୍ୟର ନିର୍ବାଚନ ଥିବାରୁ ଦେଶରେ ଦେଖା ଦେଇଥିବା ତୈଳ ସଙ୍କଟକୁ ଚପାଇ ନିର୍ବାଚନ ଫଳ ପ୍ରକାଶ ପରେ ପ୍ରଧାନମନ୍ତ୍ରୀ ହଠାତ ତୈଳ ସଙ୍କଟର ମୁକାବିଲା ପାଇଁ ବିଭିନ୍ନ ମାର୍ଗଦର୍ଶିକା କଥା କହିବା ସାଧାରଣ ଲୋକଙ୍କୁ ଶୋଷଣର ବାଟ ଖୋଲିଥିବା କାଳୀପ୍ରସାଦ ନାୟକ କହିଛନ୍ତି। ଦେଶରେ ସୃଷ୍ଟି ହୋଇଥିବା ସଙ୍କଟ ଟାଳିବାରେ ସରକାର ବିଫଳ ହୋଇ ଲୋକଙ୍କ ଦ୍ୱାରା ପେଟ୍ରୋଲ, ଡିଜେଲ ଓ ଖାଇବା ତେଲ ବ୍ୟବହାର କମ କରିବାକୁ କହିବା ସରକାରଙ୍କ ଅପାରଗତା ବୋଲି ଯୁବନେତା ଗୟାଧର ଧଳ କହିଛନ୍ତି।

**କୁଦାନଗରୀରେ ଡକାୟତି**

## ମାଆ-ଝିଅଙ୍କୁ ଭୁଜାଲି ଦେଖାଇ ଲୁଟ୍



କେନ୍ଦ୍ରାପଡ଼ା, ୧୪।୫(ସମିସ): କୁଦାନଗରୀ ଥାନା ଅଞ୍ଚଳରେ ପୁଣି ଡକାୟତି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଓଉପଡ଼ା ଗ୍ରାମର ବାସିନ୍ଦା ବସନ୍ତ ରାଉତ (୫୨)ଙ୍କ ଘରେ ବୁଧବାର ରାତି ପ୍ରାୟ ୨ଟା ସମୟରେ ୩ ଜଣ ଦୁର୍ବୃତ୍ତ ଘରର ମୁଖ୍ୟ କବାଟ ତାଡ଼ି ଘରେ ପଶି ମାଆ-ଝିଅଙ୍କୁ ଭୁଜାଲି ଦେଖାଇ ବିଭାଘର ପାଇଁ ରଖାଯାଇଥିବା ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି।

ବସନ୍ତ ରାଉତ ଯାଜପୁରରେ ବେସରକାରୀ ସଂସ୍ଥାରେ କାମ କରୁଥିବାବେଳେ ଘରେ ତାଙ୍କ ପତ୍ନୀ ଓ ଝିଅ ରୁହୁଥିଲେ। ଘଟଣା ରାତିରେ ଦୁର୍ବୃତ୍ତମାନେ ଘରେ ପଶି ମା' ନିରୁପମା ରାଉତ ଓ ଝିଅ କରିନା ରାଉତଙ୍କୁ କାବୁ କରିଥିଲେ। ବେକରେ ଭୁଜାଲି ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଆଲମିରା ଓ ଦୁଇଟି ବାକ୍ସ ଭାଙ୍ଗି ସେଥିରେ ଥିବା ସୁନା ଚେନ, ୨ଟି ସୁନା ମୁଦି, ୪ ହଳ ଶଙ୍ଖା, ୩ ହଳ କାନଫୁଲ, ରୂପା ପାଉଁଜି, ନଗଦ ୭୦ ହଜାର ଟଙ୍କା ସହ ପିତଳ ବାସନକୁସନ ଲୁଟି ନେଇଥିବା ଜଣାପଡ଼ିଛି। ସବୁଠାରୁ ଦୁଃଖଦ କଥା ହେଲା, ଏହି ସମସ୍ତ ସୁନା ଅଳଙ୍କାର ଓ ସାମଗ୍ରୀ ଝିଅର ବିବାହ ପାଇଁ କିଣାଯାଇ ଘରେ ରଖାଯାଇଥିଲା। ଏ ନେଇ ବସନ୍ତ ରାଉତ ଗୁରୁବାର ସକାଳ ପ୍ରାୟ ୯ଟାରେ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଅଭିଯୋଗର ପ୍ରାୟ ୮ ଘଣ୍ଟା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କେବଳ ଫଟୋ ଉଠାଇ ଚାଲିଯାଇଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁସାରେ, କୁଦାନଗରୀ ଅଞ୍ଚଳରେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଅନେକ ଚୋରି ଓ ଡକାୟତି ଘଟଣା ଘଟିଥିଲେ ସୁଦ୍ଧା ପୁଲିସ ଏ ପର୍ଯ୍ୟନ୍ତ କୌଣସି ବଡ଼ ସଫଳତା ପାଇନାହିଁ। ଏହି ଘଟଣା ପରେ କୁଦାନଗରୀ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିବାବେଳେ ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରିବା ସହ ଅଞ୍ଚଳରେ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ଜୈବିକ ସାର ଓ କୀଟନାଶକ ବ୍ୟବହାର ସମ୍ପର୍କରେ ସଚେତନତା




ଡେରାବିଶ, ୧୪।୫(ସମିସ): ଚାନ୍ଦୋଳ ବଜାରସ୍ଥ ଏକ ଘରୋଇ କୃଷି ଫାର୍ମରେ ଫସଲରେ ଜୈବିକ ସାର ଓ କୀଟନାଶକ ବ୍ୟବହାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଅଧୀନ ଆଇସିଏଆର ଓ ସିଆରଆରଆଇ ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ କୃଷି ବୈଜ୍ଞାନିକ ଡକ୍ଟର ଅରୁପ ମୁଖାର୍ଜରୀ, ସମ୍ମାନିତ ଅତିଥି ଭାବେ ଡକ୍ଟର ମାନସ ବାଗ୍ ଓ ଡକ୍ଟର ଏନ୍.ଏନ୍. ଜମ୍ବୁଲକାର ପ୍ରମୁଖ ଯୋଗଦେଇ ଅଧିକ ଅମଳକ୍ଷମ ଧାନ ଉତ୍ପାଦନ ଓ ସେଥିରେ ଜୈବିକ ସାରର ବ୍ୟବହାର ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ବୁଝାଇ କହିଥିଲେ। ଏଥିସହିତ ଚାଷରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାରରେ ଉତ୍ପାଦିତ କୃଷିଜାତ ସାମଗ୍ରୀରେ କିଭଳି ଭାବେ ଖରାପ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଚାଷୀଙ୍କୁ ଅବଗତ କରିବା ସହିତ ଏହାକୁ ଦୂର କରିବା ପାଇଁ ଜୈବିକ ସାର ଓ କୀଟନାଶକ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରାରମ୍ଭରେ କୃଷି ଫାର୍ମର ସଂଯୋଜକ ଅତନୁ ଘୋଷାଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ।

## ଯୁବକଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ଘଟଣା: ଫାର୍ମାସିଷ୍ଟଙ୍କ ବଦଳି

କେନ୍ଦ୍ରାପଡ଼ା, ୧୪।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ କରିଲୋପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲବଶତଃ ଜଣେ ଯୁବକଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ଦିଆଯାଇଥିବା ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପୃକ୍ତ ଫାର୍ମାସିଷ୍ଟ ସୁଧୀର କୁମାର ଦଳେଇଙ୍କୁ କରିଲୋପାଟଣା ପିଏଚସିରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ଗତ ବୁଧବାର କରିଲୋପାଟଣା ଗାଁର ଅନନ୍ତ ଜେନା ନାମକ ଜଣେ ଯୁବକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ନିକଟସ୍ଥ କରିଲୋପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଜଣେ କୁକୁର କାମୁଡ଼ା ରୋଗୀଙ୍କ ପାଇଁ ଅଣାଯାଇଥିବା ଆଣ୍ଟି ରେବିସ୍ ଇଞ୍ଜେକ୍ସନ୍‌କୁ ଫାର୍ମାସିଷ୍ଟ ସୁଧୀର ଦଳେଇ ଭୁଲବଶତଃ ଅନନ୍ତଙ୍କୁ ଦେଇଥିବା ଅଭିଯୋଗ ହୋଇଥିଲା। ଇଞ୍ଜେକସନ ନେବା ପରେ ଅନନ୍ତ ଅସୁସ୍ଥ ଅନୁଭବ କରିଥିବାରୁ ତାଙ୍କୁ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଥିଲା। ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେଇ ତାଙ୍କୁ ବଦଳି କରିଥିବା ଜଣାପଡ଼ିଛି। ଫାର୍ମାସିଷ୍ଟଙ୍କ ଦାୟିତ୍ୱହୀନତା ଯୋଗୁଁ ଏପରି ଘଟଣା ଘଟିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଭବିଷ୍ୟତରେ ଏଭଳି ଅବହେଳା ନ ହେବାକୁ କଡ଼ା ନଜର ରଖିବା ପାଇଁ ଦାବି ହେଉଛି।

## ପଟ୍ଟାମୁଣ୍ଡାଇ ତହସିଲରେ ଜନଶୁଣାଣି ଶିବିର



ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗ ମାମଲାର ଫଇସଲା ଓ ତ୍ୱରିତ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ତହସିଲ ସ୍ତରରେ ଜନଶୁଣାଣି ଶିବିର କରାଯାଉଛି। ଆଜି ପଟ୍ଟାମୁଣ୍ଡାଇ ତହସିଲରେ ରାଜସ୍ୱ ମାମଲା ଫଇସଲା ସହ ରାଜସ୍ୱ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ତହସିଲ ଅଫିସରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ଓ ତହସିଲଦାର ପଞ୍ଚାନନ ନାୟକ ଯୋଗ ଦେଇ ୧୭ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହି ଶିବିରରେ ଅତିରିକ୍ତ ତହସିଲଦାର ପ୍ରଣବ ପଣ୍ଡା ଓ ସରକାରୀ ଓକିଲ ଶିଶିର ମଲିକ ଉପସ୍ଥିତ ଥିଲେ।

## ମିଳୁନି ଡିଜେଲ; ମେଡିକାଲ ଅନ୍ଧାର




ରାଜନଗର, ୧୪।୫(ସମିସ): ରାଜନଗରରେ ଡିଜେଲ ମିଳୁ ନ ଥିବାରୁ ମେଡିକାଲ ଅନ୍ଧାରରେ ରହିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ସାରା ଦେଶରେ ଡିଜେଲ ଓ ପେଟ୍ରୋଲ ଅଭାବ ପରିଲକ୍ଷିତ ହେଉଛି। ଆଜି ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରାଜନଗରରେ ବିଦ୍ୟୁତ କାଟ କରାଯାଇଥିଲା। ମେଡିକାଲ ଡିଜିରେ ଡିଜେଲ ନ ଥିବା କାରଣରୁ ମେଡିକାଲ ଦୀର୍ଘ ତିନିଘଣ୍ଟା ଧରି ଅନ୍ଧାରରେ ଥିଲା। ମେଡିକାଲକୁ ଆସୁଥିବା ରୋଗୀ ଅନ୍ଧାର ଯୋଗୁଁ ଚିକିତ୍ସା ପାଇ ନ ପାରି ଅନ୍ଧାରରେ ଛଟପଟ ହୋଇଥିଲେ। ମଙ୍ଗରାଜପୁର ଗାଁରୁ ଆସିଥିବା ଅଞ୍ଜନ ରାଉତଙ୍କ ଭାଇ ଦୀର୍ଘ ସମୟ ଧରି ଅନ୍ଧାର ଯୋଗୁଁ ଯନ୍ତ୍ରଣା ଭୋଗୁଥିଲେ। ଅନ୍ଧାର କାରଣରୁ ତାଙ୍କ ପରିସ୍ରା ପାଇପ ଲଗାଯାଇପାରି ନ ଥିଲା। ଡାକ୍ତଖାନା ଭଳି ଜରୁରିକାଳୀନ ସ୍ଥାନରେ ଏ ନେଇ ପୂର୍ବରୁ କାହିଁକି ବ୍ୟବସ୍ଥା କରାଯାଇ ନ ଥିଲା, ସେନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଏ ସମ୍ପର୍କରେ ଉପସ୍ଥିତ ଥିବା ଡାକ୍ତର କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଯଦି ସଦର ମହକୁମା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଏଭଳି ଅବସ୍ଥା, ତେବେ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା କ'ଣ ହୋଇଥିବ, ତାହା ସହଜରେ ଅନୁମାନ କରାଯାଉଛି।

**ଜନବସତିରେ କୁକୁଡ଼ା ଫାର୍ମ, ଦୁର୍ଗନ୍ଧରେ ନାକ ଫାଟିପଡୁଛି**

# କାର୍ଯ୍ୟକାରୀ ହେଉନି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପଞ୍ଚୁପାଣ୍ଡବ/ଡେରାବିଶ, ୧୪।୫(ସମିସ)



ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଥିବା କୁକୁଡ଼ା ଫାର୍ମ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜନବସତି ମଧ୍ୟରେ ଥିବା ଏହି କୁକୁଡ଼ା ଉତ୍ପାଦନ କେନ୍ଦ୍ର ଯୋଗୁଁ ପ୍ରବଳ ଦୁର୍ଗନ୍ଧ ହୋଇ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ଗ୍ରାମବାସୀ। ଏହି କୁକୁଡ଼ା ଫାର୍ମ ଜଣକ ଘର ନିକଟରେ ଥିବା ଦେଖିବାକୁ ମିଳୁଛି। ଏପରିକି ଏହି ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କରି ଗ୍ରାମବାସୀ ପ୍ରତିବାଦ ସ୍ୱରୂପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଗୁରୁତର ସହ ଗ୍ରହଣ କରି ଜିଲ୍ଲାପାଳ ରଘୁରାମ ଆର୍.ଆୟାର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଡେରାବିଶ ତହସିଲ, ନିକିରାଇ ଥାନା ଓ କେନ୍ଦ୍ରାପଡ଼ା ସିଡିଭିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ନିର୍ଦ୍ଦେଶକୁ ପ୍ରାୟ ଦେଢ଼ ମାସ ପୂରିବ, କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନିକ ଅଧିକାରୀ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ତିନିବର୍ଷ ପୂର୍ବେ ପ୍ରଶାସନ ନିକଟରୁ ପ୍ରୋତ୍ସାହନ ରାଶି ପାଇ ଗ୍ରାମର ଜଣେ ବ୍ୟକ୍ତି ଏକ କୁକୁଡ଼ା ଫାର୍ମ କରିଥିଲେ। ମାତ୍ର ଜନବସତି ମଧ୍ୟରେ କୁକୁଡ଼ା ଫାର୍ମ ନିର୍ମାଣ ପାଇଁ କିପରି ପଶୁ ସମ୍ପଦ ବିଭାଗ ଅନୁମତି ଦେଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜନବସତି ମଧ୍ୟରେ ଏହି ଫାର୍ମ ଯୋଗୁଁ ଏହାର ପରିଣାମ ସ୍ୱରୂପ ବହୁ ଦୁରାରୋଗ୍ୟ ଭଳି ରୋଗରେ ପୀଡ଼ିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୁକୁଡ଼ା ଫାର୍ମକୁ ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏ ବିଷୟରେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହାର ତଦନ୍ତ ଚାଲିଛି; ସମାଧାନର ବାଟ କରାଯିବ ବୋଲି କହିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ ନ କରେ, ତେବେ ଗ୍ରାମବାସୀ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଫାର୍ମ ଉଚ୍ଛେଦକୁ ପ୍ରଶାସନର ପଛଘୁଞ୍ଚା**

● ଝିଅର ଅନିଚ୍ଛା ସତ୍ତ୍ୱେ ଚାଲିଥିଲା ବିବାହ

## ନାବାଳିକା ବିବାହ ବନ୍ଦ କଲା ପୁଲିସ

ରାଜନଗର, ୧୪।୫(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ବାଲ୍ୟ ବିବାହ ବ୍ୟାଧି ବ୍ୟାପିବାରେ ଲାଗିଛି। ଗତକାଲି ସାମୁଦ୍ରିକ ଥାନା ପକ୍ଷରୁ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବାବେଳେ ସେପଟେ ସେହି ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ତା'ର ଅନିଚ୍ଛା ସତ୍ତ୍ୱେ ବିବାହ କରାଯାଉଥିଲା। ଅଙ୍ଗନବାଡ଼ି କର୍ମୀ ପୁଲିସକୁ ଜଣାଇବା ପରେ ପୁଲିସ ତ୍ୱରିତ ପଦକ୍ଷେପ ନେବାରୁ ବାଲ୍ୟ ବିବାହ ରୋକାଯାଇପାରିଛି। ସବୁଠୁ ବଡ଼ କଥା ହେଲା ନାବାଳିକାଙ୍କ ବୟସ ୧୬ ବର୍ଷ ହୋଇଥିବାବେଳେ ନୋଟାରିରେ ବିବାହ ପାଇଁ କାଗଜପତ୍ର ପ୍ରସ୍ତୁତ ସହିତ ଉଭୟ ପକ୍ଷଙ୍କ ଦସ୍ତଖତ ସରିଯାଇଥିଲା ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

ସୂଚନା ମୁତାବକ, ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଭେକ୍ଟା ଗ୍ରାମର ଗୁରୁପଦ ପାଳଙ୍କ ପୁଅ ଏହି ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ବିବାହ କରିବା ପାଇଁ ନୋଟରିରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିଥିଲେ। ନାବାଳିକା ଜଣକ +୨ ପାସ କରିଛନ୍ତି। ସେ ଅଧିକ ପଢ଼ିବାକୁ ଚାହୁଁଥିବାବେଳେ ପରିବାର ଲୋକେ ବାହା ହେବାକୁ ବାଧ୍ୟ କରିଥିଲେ। ନାବାଳିକା ୩ ଭଉଣୀଙ୍କ ମଧ୍ୟରେ ବଡ ହୋଇଥିବାରୁ ପରିବାର ଲୋକେ ଝିଅକୁ ବୋଝ ଭାବି ବିବାହ କରାଉଥିଲେ। ଅଙ୍ଗନବାଡି କର୍ମୀ ପୁଲିସକୁ ଜଣାଇବା ପରେ ତାଳଚୁଆ ମେରାଇନ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ଏହି ବିବାହ ବନ୍ଦ କରିଥିଲେ। ପୁଅର ବାପା ତାଙ୍କର ଭୁଲ ହୋଇଥିବା ନେଇ ଲିଖିତ ଭାବେ ପୁଲିସକୁ ଦେଇଛନ୍ତି।

# କଟକ ସିଟି



● ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




କଟକ,୧୪।୫(ସମିସ): ନିଟ ପ୍ରଶ୍ନ ପତ୍ର ଲିକ୍ ଘଟଣାକୁ ନେଇ ସାରା ଦେଶରେ ପ୍ରତିବାଦ ଦେଖାଦେଇଥିବା ବେଳେ କଟକ ରେ କଟକ ନଗର(ଜିଲ୍ଲା) ଯୁବ କଂଗ୍ରେସ ପକ୍ଷରୁ ସଭାପତି ଆଇନଜିବୀ ଡ଼ ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଏହି ଘଟଣା କୁ ନିନ୍ଦା କରି କଟକ ଲିଙ୍କରୋଡ ଛକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନୈତିକ ଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେବାସହ ଏଥିରେ ସମ୍ପୃକ୍ତ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛି ଯୁବ କଂଗ୍ରେସ। ନିଟ୍ ଯୁଜି ଭଳି ଅନ୍ୟାନ୍ୟ କେନ୍ଦ୍ରୀୟ ପରୀକ୍ଷା ପରିଚାଳନା କରୁଥିବା ଏନଟିଏ କୁ ସମ୍ପୂର୍ଣ୍ଣ ବାତିଲ କରି ସମସ୍ତ ପରୀକ୍ଷା ସରକାର ନିଜେ ସ୍ୱଚ୍ଛତାର ସହିତ ପରିଚାଳନା କରିବାକୁ ଦାବୀ କରିଛି ଯୁବ କଂଗ୍ରେସ। ଏହି କାର୍ଯ୍ୟକ୍ରମରେ ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, ଜିଲ୍ଲା କଂଗ୍ରେସ ଉପସଭାପତି ରାମଚନ୍ଦ୍ର ଗୋଛାୟତ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଜିଲ୍ଲା କଂଗ୍ରେସ ର ପ୍ରାକ୍ତନ ବରିଷ୍ଠ ଉପସଭାପତି ଶିଶିର ରଥ, କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ର ପ୍ରାକ୍ତନ ସାଧାରଣ ସଂପାଦକ ନିର୍ମଳ ସ୍ୱାଇଁ ଓ ପ୍ରଦୀପ ପ୍ରଧାନ ପ୍ରମୁଖ ପ୍ରତିବାଦରେ ସାମିଲ ହେବାସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।

## ମା' ଶାରଦା ପୀଠରେ ଶ୍ରୀ ଜଗନ୍ନାଥଙ୍କ ମହାସତସଙ୍ଗ



କଟକ,୧୪।୫(ସମିସ): ରାଉତରାପୁର ଗ୍ରାମସ୍ଥିତ ଆଦ୍ୟାଶକ୍ତି ମା' ଶାରଦାଙ୍କ ପୀଠରେ ପବିତ୍ର ଏକାଦଶୀ ତିଥି ଅବସରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏକ ମହାସତସଙ୍ଗ କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ସମାବେଶରେ ଶ୍ରୀଗୁରୁ ପରମହଂସ ସ୍ୱାମୀ ରାଧାମୋହନ ଦେବ ଯୋଗଦେଇ ଭଜନ କୀର୍ତ୍ତନ ଓ ହରିକଥା ମାଧ୍ୟମରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଧ୍ୟାତ୍ମିକ ଭାବଧାରାରେ ପ୍ଲାବିତ କରିଥିଲେ। ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦୋଷ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଶ୍ରୀ ଗୁରୁଦେବ ଓ ଗୁରୁମାତାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପୀଠର ଏହି ପବିତ୍ର ଓ ଆଧ୍ୟାତ୍ମିକ ପରିବେଶକୁ ସେ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଜୟ ବାରିକ, ତପନ ବାବୁ, ସୁପର୍ଣ୍ଣା ନାୟକ, ଅପର୍ଣ୍ଣା ନାୟକ ଓ ଦୀପ୍ତି ଦାସ ପ୍ରମୁଖ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ। ସମ୍ପାଦକ ଅସିତ ରଞ୍ଜନ ପ୍ରଧାନ ସତସଙ୍ଗର ବିବରଣୀ ପାଠ କରିଥିବା ବେଳେ ଦେବାଶିଷ ପରିଡ଼ା ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

● ସମାଜସେବୀ ମମତା ଦାସଙ୍କ ଚତୁର୍ଥ ସ୍ମୃତି ଉତ୍ସବ

## ସେବା ହିଁ ସମାଜକୁ ବିକଶିତ କରେ



କଟକ,୧୪।୫(ସମିସ): ସେବା କ୍ଷେତ୍ରରେ ମହିଳାମାନଙ୍କର ଅବଦାନ ସ୍ମରଣୀୟ ହୋଇରହିଛି। କିଛି ପାଇବାର ଆଶା ନ ରଖି ସେବାଧର୍ମ ନିର୍ବାହ କରିବା ଆଜିର ସମାଜ ପାଇଁ ବଡ଼ ଆବଶ୍ୟକତା ବୋଲି ସମାଜସେବୀ ମମତା ଦାସଙ୍କ ଚତୁର୍ଥ ସ୍ମୃତି ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ଆଜି ସଂଧ୍ୟାରେ ମମତା ଦାସ ସ୍ମୃତି ସଂସଦ ପକ୍ଷରୁ ସମାଜସେବୀ ମମତା ଦାସଙ୍କ ଚତୁର୍ଥ ସ୍ମୃତି ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟଅତିଥି ଓଡ଼ିଶା ସିଲେକ୍‌ସନ କମିଶନର ସଦସ୍ୟ ପ୍ର. ଡକ୍ଟର ଶ୍ରୁତି ଦାସ କହିଲେ, ମହିଳାମାନଙ୍କ ସେବାକୁ ଅଧିକ ସ୍ୱୀକୃତି ମିଳିବାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତା ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ କହିଲେ, ପ୍ରାପ୍ତିର ଆଶା ନ ରଖି ସାତ୍ତ୍ୱିକ ସେବାର ପ୍ରକୃତ ଲକ୍ଷ୍ୟ। ଏ ଦିଗ ଯେତେ ବିକଶିତ ହେବ ସମାଜ ସେତେ ଉର୍ଦ୍ଧ୍ୱମୁଖୀ ହେବ। ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ଡକ୍ଟର ଅନୁପ ମାର୍ଥା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସିକନ କୁମାର ସାହୁଙ୍କୁ 'ମମତା ସମାଜସେବା ସମ୍ମାନ' ଓ ନଗେନ୍ଦ୍ର ନାଥଙ୍କୁ 'ମମତା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ନଗଦ ଦଶ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହଙ୍କ ପ୍ରେରିତ ବାର୍ତ୍ତାରେ ସମାଜସେବୀ ମମତା ଦାସଙ୍କ କର୍ମମୟ ଜୀବନ ସଂପର୍କରେ ଉଲ୍ଲେଖ କରଥିଲେ। ଉତ୍ସବରେ ସ୍ମୃତି ସଂସଦର ପୃଷ୍ଠପୋଷକ ଡାକ୍ତର ରବିନାରାୟଣ ଦାସ ସମାଜସେବାକୁ ସ୍ୱୀକୃତି ପ୍ରଦାନ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସ୍ମୃତି ସଂସଦର ସଂପାଦକ ଡକ୍ଟର କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଯୁବ ଗବେଷକ ଶଙ୍ଖଚୂଳ ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ରଶ୍ମିତା ଦାସ, ସ୍ମିତା ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ସ୍ମୃତି ସଂସଦର ଉପସଭାପତି ଶିବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ।

### କଟକରେ ବଡ଼ ଡକାୟତି ଯୋଜନା ପଣ୍ଡ

# ମଧୁ ସେତୁ ତଳୁ ୪ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

କଟକ,୧୪।୫(ସମିସ):


ପ୍ରତୀକାତ୍ମକ ଚିତ୍ର

ସିଡିଏ ଭଳି ଏକ ହାଇପ୍ରୋଫାଇଲ୍ ଅଞ୍ଚଳରେ ଡକାୟତି ପାଇଁ ବଡ଼ଧରଣର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଏକ ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗକୁ କାବୁ କରିଛି କଟକ ଫେଜ୍-୨ ଥାନା ପୁଲିସ। କଟକର ମଧୁସୂଦନ ସେତୁ ତଳେ ଡକାୟତି ପାଇଁ ବୈଠକ କରୁଥିବା ବେଳେ ପୁଲିସ ଚଢ଼ଉ କରି ୪ ଜଣ ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଟାଉନ ଅଞ୍ଚଳର ପ୍ରତ୍ୟୁଷ ପରିଡ଼ା (୨୦), ଆଶୁତୋଷ ସିଂହ (୨୦), ସନ୍ତୋଷ ସେଠୀ (୨୪) ଓ ଶୁଭଙ୍କର ସାହୁ (୧୮)। ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସମେତ ଅନ୍ୟ ଜଣେ ସଦସ୍ୟ ଅନ୍ଧାରର ସୁଯୋଗ ନେଇ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ଗ୍ୟାଙ୍ଗର ସଦସ୍ୟମାନେ ସିଡିଏ ଅଞ୍ଚଳରେ ଥିବା ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଓ ଧନୀ ଲୋକଙ୍କ ଉପରେ ନଜର ରଖିଥିଲେ। ଏଥିପାଇଁ ସେମାନେ ସେହି ଅଞ୍ଚଳରେ ପୂର୍ବରୁ ରେକି ମଧ୍ୟ କରିଥିଲେ। ମଧୁସୂଦନ ସେତୁ ତଳେ ଏକତ୍ରିତ ହୋଇ ୬ ଜଣିଆ ଗ୍ୟାଙ୍ଗ ଚୂଡ଼ାନ୍ତ ଯୋଜନା କରୁଥିବା ବେଳେ ପୁଲିସ ପଞ୍ଝାରେ ପଡ଼ିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ସନ୍ତୋଷ ବ୍ୟବସାୟ କରୁଥିବା ବେଳେ ଅନ୍ୟ ତିନିଜଣ କଲେଜ ପଢ଼ୁଆ ଛାତ୍ର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଲମ୍ବା କତା, ଟାୟାର ଜଗ୍ ରଡ୍, ୫ଟି ମୋବାଇଲ୍, ନଗଦ ୧୬୫୦ ଟଙ୍କା ଏବଂ ଗୋଟିଏ କାର୍ ଜବତ ହୋଇଛି। ଏହି ଗ୍ୟାଙ୍ଗ ଗତ ୩ ମାସ ହେବ ଢେଙ୍କାନାଳ-ଅନୁଗୁଳ ଜାତୀୟ ରାଜପଥ ସମେତ ଚୌଦ୍ୱାର, ଜଗତପୁର ଓ ମଙ୍ଗୁଳି ଅଞ୍ଚଳରେ ସକ୍ରିୟ ଥିଲେ। ବିଶେଷ କରି ରାତି ୧୧ଟାରୁ ଭୋର୍ ୬ଟା ପର୍ଯ୍ୟନ୍ତ ଏହି ଅପରାଧୀମାନେ ପଥଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟପାଟ୍ କରୁଥିଲେ। ନରାଜ, ନ୍ୟାସନାଲ୍ ଲ' ୟୁନିଭର୍ସିଟି, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା କ୍ୟାମ୍ପସ୍ ଭଳି ନିଛାଟିଆ ଅଞ୍ଚଳରେ ସେମାନେ ବାଇକ୍ ଆରୋହୀଙ୍କୁ ଟାର୍ଗେଟ୍ କରି ମୋବାଇଲ୍ ଓ ଟଙ୍କା ଲୁଟି ନେଉଥିଲେ। ପୂର୍ବରୁ ଏହି ଗ୍ୟାଙ୍ଗକୁ ଧରିବା ପାଇଁ ଢେଙ୍କାନାଳ, ଟାଙ୍ଗୀ ଓ ଚୌଦ୍ୱାର ପୁଲିସ ବିଭିନ୍ନ ସମୟରେ ଉଦ୍ୟମ କରି ବିଫଳ ହୋଇଥିଲେ। ଗୋଡ଼ିସାହି ଫାଣ୍ଡି ପୁଲିସ ମଧ୍ୟ ସେମାନଙ୍କ ପିଛା କରିଥିଲା। ମାତ୍ର ମର୍କତନଗର ଓ ଫେଜ୍-୨ ଥାନା ପୁଲିସର ମିଳିତ ରଣନୀତି ଏହି କୁଖ୍ୟାତ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍ ଓ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଅଧୀନରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

● ଟାର୍ଗେଟରେ ଥିଲା ସିଡିଏ ଅଞ୍ଚଳ
● ମାଷ୍ଟରମାଇଣ୍ଡ ସମେତ ୨ ଫେରାର
● ବିପୁଳ ମାରଣାସ୍ତ୍ର ଜବତ

## ଗଛଡାଳ ପଡ଼ି ସ୍କୁଟି ଓ ମନ୍ଦିର ପାଚେରି ନଷ୍ଟ

କଟକ,୧୪।୫(ସମିସ): କଟକ ସଦର ଥାନା ଅଧୀନ କାଜିପାଟଣା ଗ୍ରାମରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ମୁଖ୍ୟ ରାସ୍ତା ଆରମ୍ଭରେ ଥିବା ଏକ ବିରାଟକାୟ ଅଶ୍ୱତ୍‌ଥ ଗଛର ଡାଳ ହଠାତ୍ ଭାଙ୍ଗି ପଡ଼ିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗ୍ରାମର କାଳନ୍ଦୀ ସ୍ୱାଇଁ ନିଜର ହୋଣ୍ଡା ଆକ୍ଟିଭା ସ୍କୁଟିକୁ ସ୍ଥାନୀୟ ଗଣେଶ ମନ୍ଦିର ନିକଟ ଗଛ ଛାଇରେ ରଖି ଘରକୁ ଯାଇଥିଲେ। କୌଣସି ପବନ କିମ୍ବା ବର୍ଷା ନ ଥାଇ ମଧ୍ୟ ହଠାତ୍ ଗଛର ଏକ ବିରାଟ ଡାଳ ଭାଙ୍ଗି ପଡ଼ିବାରୁ ସ୍କୁଟିଟି ସମ୍ପୂର୍ଣ୍ଣ ଚୂରମାର ହୋଇଯିବା ସହ ମନ୍ଦିରର ଗେଟ୍ ଓ ପାଚେରି ମଧ୍ୟ ଭାଙ୍ଗିଯାଇଛି। ଏହି ଦୁର୍ଘଟଣା ଯୋଗୁଁ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିବାରୁ ଗ୍ରାମରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। କିଛି ସମୟ ପୂର୍ବରୁ ସେହି ରାସ୍ତା ଦେଇ ଗ୍ରାମର ଜଣେ ବୃଦ୍ଧାଙ୍କ ଶବ ଶୋଭାଯାତ୍ରା ଯାଇଥିଲା। ଯଦି ସେହି ସମୟରେ ଡାଳଟି ଭାଙ୍ଗିଥାନ୍ତା, ତେବେ ଅନେକ ଜୀବନହାନି ଘଟିବାର ଆଶଙ୍କା ରହିଥିଲା। ଖବର ପାଇ ଜୋନ୍-୪ ଏସିପି ଅମିତାଭ ମହାପାତ୍ର ତୁରନ୍ତ ବାରଙ୍ଗ ନାରଣପୁର ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛଡାଳ କାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।



## ଟ୍ରିମ୍‌ସ-ଆଇଏମ୍‌ଏମ୍‌ଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



କଟକ,୧୪।୫(ସମିସ): ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱରସ୍ଥିତ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ ମିନେରାଲର୍ସ ଓ ମ୍ୟାଟେରିଆଲର୍ସ ଟେକ୍ନୋଲୋଜି' (ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଫଳରେ ଉଭୟ ଅନୁଷ୍ଠାନ ମଧ୍ୟରେ ପାରସ୍ପରିକ ସହଯୋଗ ଭିତ୍ତିରେ ଗବେଷଣା ଓ ନବସୃଜନ, ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ଏବଂ ଇନ୍‌କ୍ୟୁବେସନ୍ କେନ୍ଦ୍ର ସ୍ଥାପନ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବା ସହ ଏ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢିବାକୁ ପ୍ରୋତ୍ସାହନ ମିଳିବ। ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, 'ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜି'ର 'ଡିନ୍' ପ୍ରଫେସର ଡ. ନୟନ ରଞ୍ଜନ ସାମଲ, ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳ ଏବଂ ଆଇଏମ୍‌ଏମ୍‌ଟି ପକ୍ଷରୁ ମୁଖ୍ୟ ବୈଜ୍ଞାନିକ ତଥା ନିର୍ଦ୍ଦେଶକ ଡ. ଲକ୍ଷ୍ମୀଧର ବେସ୍ରା, ପ୍ରମୁଖ ବୈଜ୍ଞାନିକ ଡ. କେ.ଜେ ଶଙ୍କରନ୍, ଡ. ନବୀନ ଧଳ, ଡ. ସନ୍ତୋଷ ବେହେରା ଉପସ୍ଥିତ ଥିଲେ। ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଡିନ୍' (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି ଏବଂ ଆଇଏମ୍‌ଏମ୍ ପକ୍ଷରୁ ବୈଜ୍ଞାନିକ ଡ. ଟି ପବନ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଉଭୟ ଅନୁଷ୍ଠାନର ବରିଷ୍ଠ ପଦାଧିକାରୀ ବିଭାଗୀୟ ମୁଖ୍ୟ ଯୋଗଦେଇଥିଲେ। ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ଅବସରରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏହା ଦ୍ୱାରା ବୈଷୟିକ ଶିକ୍ଷା ଓ ଗବେଷଣା ଅଧିକ ବ୍ୟାପକ ଓ ସୁଦୃଢ ହେବା ସହିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ମତ ପ୍ରକାଶ କରିଛନ୍ତି।

## ବାଘମଙ୍ଗଳା ମଣ୍ଡଳର ମହିଳା ଜନ ଆକ୍ରୋଶ ପଦଯାତ୍ରା

କଟକ,୧୪।୫(ସମିସ): ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ତରଫରୁ ବାଘମଙ୍ଗଳା ମଣ୍ଡଳର ମହିଳା ଜନ ଆକ୍ରୋଶ ପଦଯାତ୍ରା କଲେଜ ଛକସ୍ଥିତ ସୁଭାଷ ବୋଷ ପ୍ରତିମୂର୍ତ୍ତିରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଚୌଦ୍ୱାର କଟକ ନେତା ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପ୍ରଧାନ, ମମତା ବେହେରା, ସ୍ମିତା ସାହୁ, ହରିପ୍ରିୟା ଧଳ, ସରିତା ଶୁକ୍ଳ, ରଶ୍ମିତା ବାଲି, ତନୁଶ୍ରୀ ମହାନ୍ତି, ସରସ୍ୱତୀ ମହାରଣା, ଚିନ୍ମୟୀ ବେହେରା, ସ୍ୱର୍ଣ୍ଣଲତା ସେଠୀ, ଗୀତା ଦାସ, ସ୍ୱର୍ଣ୍ଣଲତା ବେହେରାଙ୍କ ସହିତ ହଜାର ହଜାର ସଂଖ୍ୟାରେ ମହିଳାଙ୍କ ସହିତ କର୍ପୋରେଟର ଦୀପକ ଦାସ, ଗୋପାଳ ବେହେରା, ମୁନୀନ୍ଦ୍ର ଭୋଳ, ଜିଲ୍ଲା ଉପସଭାପତି ଭାଗିରଥି ଦଳାଇ, ବିଶ୍ୱରଥୀ ସ୍ୱାଇଁ, ଧିର ସେଠୀ, ଚିରଞ୍ଜିବ ଖଣ୍ଡାୟତ ରାୟ, ବ୍ରଜ କିଶୋର ବେହେରା, ସଞ୍ଜୟ ସାହୁ, ଧର୍ମେନ ଗୁପ୍ତା, ଗଙ୍ଗାଧର ସାହୁ, ମଣ୍ଡଳ ସଭାପତି ଅନୀଲ ଦଳାଇ, ସୁରଥ ରାଉତ, ଜିଲ୍ଲା ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ସବୀରଙ୍କ ସହ ବିପୁଳ ସଂଖ୍ୟାରେ ମହିଳା ଶୋଭାଯାତ୍ରାକୁ ମାଛୁଆବଜାର ସହିଦ ପଡିଆରେ ଶେଷ କରିଥିଲେ। ବାଘମଙ୍ଗଳା ମଣ୍ଡଳ ସଭାପତି ତ୍ରିଲୋଚନ ସାହୁ ପଦଯାତ୍ରା ପରିଚାଳନା କରିଥିଲେ।




## ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

କଟକ,୧୪।୫(ସମିସ): ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କର ଗତ ୯ତାରିଖରେ ଦେହାନ୍ତ ହୋଇଯାଇଛି। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଯୋବ୍ରାସ୍ଥିତ ଏସ.ଏନ. ସରକାର ମେମୋରିଆଲ ସଭା କକ୍ଷରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସିପିଆଇଏମ୍ ଓ ସିଆଇଟିୟୁ କଟକ ଜିଲ୍ଲା କମିଟି ତରଫରୁ ଆୟୋଜିତ ଏହି ସଭାରେ ବିଭିନ୍ନ ରାଜନୈତିକ ଦଳ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପ୍ରତିନିଧିମାନେ ଯୋଗଦେଇ ତାଙ୍କର ୫୫ ବର୍ଷର ରାଜନୈତିକ ତ୍ୟାଗପୂତ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖି ତାଙ୍କର ସ୍ମୃତିଚାରଣ କରିଥିଲେ। ବଦ୍ରି ନାରାୟଣ ଦାଶ ଓ ରବି ନାରାୟଣ ମଲ୍ଲିକଙ୍କ ଯୁଗ୍ମ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସିପିଆଇଏମ ରାଜ୍ୟ ସମ୍ପାଦକ ତଥା କେନ୍ଦ୍ର କମିଟି ସଦସ୍ୟ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ଅମରେନ୍ଦୁ ମହାନ୍ତି, ଏସୟୁସିଆଇ (କମ୍ୟୁନିଷ୍ଟ) ର ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ସିଏମସି ମେୟର ସୁଭାଷ ସିଂ, ପୂର୍ବତନ କର୍ପୋରେଟର ଜୟଦେବ ଜେନା, ଏଆଇଟିୟୁସିର ବରିଷ୍ଠ ନେତା କିଶୋର ଜେନା, ଏଆଇସିସିଟିୟୁ ନେତା ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠି ଓ ସୁରେନ୍ଦ୍ର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




### କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟଙ୍କ ସ୍ମୃତି ସନ୍ଧ୍ୟା

## ଚନ୍ଦ୍ରଶେଖର ହୋତା ଓ ତରୁଣ ସାହୁ ପାଇଲେ 'ସଚ୍ଚି ରାଉତରାୟ ସମ୍ମାନ'

କଟକ,୧୪।୫(ସମିସ):

ସ୍ଥାନୀୟ ସାରଳା ଭବନଠାରେ ସାରଳା ସାହିତ୍ୟସଂସଦ ପକ୍ଷରୁ ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକ ଡ. ଚନ୍ଦ୍ରଶେଖର ହୋତା ଏବଂ ଗାଳ୍ପିକ ପ୍ରାଧ୍ୟାପକ ତରୁଣ କୁମାର ସାହୁଙ୍କୁ ମର୍ଯ୍ୟାଦାଜନକ "ସଚ୍ଚି ରାଉତରାୟ ସମ୍ମାନ' ପ୍ରଦାନ କରାଯାଇଛି। ପୁରସ୍କାରସ୍ୱରୂପ ଉଭୟଙ୍କୁ ୨୫,୦୦୦ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ସହଦେବ ସାହୁ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ସାହିତ୍ୟିକ ହରପ୍ରସାଦ ଦାସ ଯୋଗଦେଇ ସଚ୍ଚି ରାଉତରାୟଙ୍କୁ "ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ" ଓ ବିଂଶ ଶତାବ୍ଦୀର ମହାକବି ରୂପେ ଅଭିହିତ କରିଥିଲେ। ସେ କହିଥିଲେ ଯେ ରାଉତରାୟଙ୍କ 'ବାଜିରାଉତ' କାବ୍ୟ ବିଶ୍ୱ ସାହିତ୍ୟର ଏକ ଅନବଦ୍ୟ ସୃଷ୍ଟି। ବରେଣ୍ୟ ଅତିଥି ଭାବେ କବିଙ୍କ ସୁପୁତ୍ର ଶ୍ରୀହର୍ଷ ରାଉତରାୟ ଯୋଗଦେଇ ପିତାଙ୍କ ବ୍ୟକ୍ତିଗତ ଜୀବନ ଓ ସାହିତ୍ୟ ସାଧନା ଉପରେ ଆଲୋକପାତ କରିଥିଲେ। ସଭାପତି ଡ. ସ୍ୱାଇଁ କବିଙ୍କ ରଚିତ "ମାଟିର ତାଜ୍', "ମାଙ୍କଡ଼', "ଚିତ୍ରଗ୍ରୀବ' ଓ "ଛୋଟ ମୋର ଗାଁଟି' ପ୍ରଭୃତି କାଳଜୟୀ ସୃଷ୍ଟିଗୁଡ଼ିକୁ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ଭାବେ ବର୍ଣ୍ଣନା କରିଥିଲେ। ସଂସଦର ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ସମାଜସେବୀ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଉତ୍ସବର ଦ୍ୱିତୀୟାର୍ଦ୍ଧରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରସନ୍ନ ଜେନା ଓ ଡ. ସତ୍ୟନାରାୟଣ ପଣ୍ଡା ପୌରହିତ୍ୟ କରିଥିଲେ। ଏଥିରେ ପ୍ରାୟ ୪୦ ଜଣ କବି ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ସ୍ୱର୍ଗତ ରାଉତରାୟଙ୍କ ପ୍ରତି ସମ୍ମାନ ଜଣାଇଥିଲେ।



## ବିଡ଼ାନାସୀ ପୁଲିସ ପଞ୍ଝାରେ ପେସାଦାର ଚୋର

କଟକ,୧୪।୫(ସମିସ): କଟକ ବିଡ଼ାନାସୀ ଥାନା ପୁଲିସ ଜଣେ ପେସାଦାର ଚୋର ଓ ଚୋରି ସାମଗ୍ରୀ କିଣୁଥିବା ତାଙ୍କ ଜଣେ ସହଯୋଗୀକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଯାଜପୁର କୋଦଣ୍ଡପୁର ଅଞ୍ଚଳର ବାମଦେବ ସାହୁ (୫୩), ଯିଏ କି ବର୍ତ୍ତମାନ ଖାନନଗର ବାରିକ ସାହିରେ ଭଡ଼ାରେ ରହୁଥିଲା। ଚୋରି ଜିନିଷ କିଣିବା ଅଭିଯୋଗରେ ଢେଙ୍କାନାଳ ରାସୋଳ ଅଞ୍ଚଳର ଅଜୟ ପ୍ରଧାନ (୪୫)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ବିଡ଼ାନାସୀସ୍ଥିତ ଇସ୍କନ୍ ମନ୍ଦିରରେ ଧିରେନ କୁମାର ନାୟକ ନାମକ ଜଣେ ବ୍ୟକ୍ତି ଶୋଇଥିବା ବେଳେ ତାଙ୍କର ଫୋନ୍ ଓ ଲାପଟପ୍ ଚୋରି ହୋଇଯାଇଥିଲା। ଏନେଇ ଏତଲା ପାଇବା ପରେ ପୁଲିସ ମନ୍ଦିରର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଭିଡିଓରେ ଅଭିଯୁକ୍ତ ବାମଦେବ ଚୋରି କରୁଥିବା ସ୍ପଷ୍ଟ ଜଣାପଡ଼ିଥିଲା। ଏହି ଆଧାରରେ ପୁଲିସ ତାର ଖାନନଗର ସ୍ଥିତ ବସାରେ ଚଢ଼ଉ କରି ତାକୁ ଓ ତା'ଠାରୁ ଲାପଟପ୍ କିଣିଥିବା ଅଜୟକୁ କାବୁ କରିଥିଲା। ବାମଦେବର ଚୋରି କରିବାର ଶୈଳୀ ପୁଲିସକୁ ମଧ୍ୟ ଚକିତ କରିଛି। ସେ ରାତିରେ ଜଣେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ଦିନରେ ଚୋରି କରେ। ସକାଳ ହେବା ମାତ୍ରେ ସେ ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ପାର୍କ, ମଲ୍ ଓ ମନ୍ଦିର ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲାବୁଲି କରେ। ଯେଉଁଠାରେ ଲୋକଙ୍କୁ ସାମାନ୍ୟ ଅନ୍ୟମନସ୍କ ଦେଖେ, ସେଠାରୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନିଏ। ଏପରିକି ଦଶତୁଠରୁ ଶୁଦ୍ଧିକ୍ରିୟା ପାଇଁ ଯାଇଥିବା ବ୍ୟକ୍ତିଙ୍କ ସାଇକେଲରୁ ଲୁଗାପଟା ମଧ୍ୟ ସେ ଚୋରି କରିବାକୁ ପଛାଇ ନାହିଁ। ଅଭିଯୁକ୍ତ ବାମଦେବ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଛି। ଯାଜପୁର, ସହିଦନଗର, କୋରେଇ, ଯାଜପୁର ରୋଡ୍, ଭଦ୍ରକ ଓ ବିଡ଼ାନାସୀ ଭଳି ବିଭିନ୍ନ ଥାନାରେ ତା' ନାମରେ ୧୫ରୁ ଅଧିକ ଚୋରି ମାମଲା ଥିବା ବିଡ଼ାନାସୀ ଥାନାଧିକାରୀ ଅସିତ ବଳବନ୍ତରାୟ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ୧୦ଟି ଚୋରି ମୋବାଇଲ, ଲାପଟପ୍ ସମେତ ବିପୁଳ ପରିମାଣର ଶାଢ଼ି ଓ ପୋଷାକ ଜବତ କରାଯାଇଛି। ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଜାରି ରଖିଛି।



### ସହଯୋଗୀ ସହ ୨ ଗିରଫ, ୧୦ ମୋବାଇଲ ଓ ଲାପ୍‌ଟପ୍ ଜବତ

# ସାଇଁକୁଳ ପାଇଁ ଗୌରବ ଆଣିଲେ ସମୀକ୍ଷା



ଆନନ୍ଦପୁର, ୧୪।୫ (ସମିସ): ଘସିପୁରା ବ୍ଲକ ସାଇଁକୁଳ ଗ୍ରାମରେ ଦଶମ ପରୀକ୍ଷା ପରେ ପରେ ଦ୍ୱାଦଶ ପରୀକ୍ଷାରେ ମଧ୍ୟ ବାଳକଙ୍କ ଅପେକ୍ଷା ବାଳିକାମାନେ ବାଜିମାତ କରିଛନ୍ତି। ଶାନ୍ତିନିକେତନର ପ୍ରଫେସର ଡ଼ଃ ସନତ ରଥ ଓ ପୂର୍ଣ୍ଣିମା ରଥଙ୍କ ସୁପୁତ୍ରୀ ସମୀକ୍ଷା ରଥ ସିବିଏସଇ ପରୀକ୍ଷା +୨ ବିଜ୍ଞାନରେ ୯୪.୮ ମାର୍କ ରଖି ଗାଁ ପାଇଁ ଗୌରବ ଆଣିଛନ୍ତି। ସେ ପୋଖରୀପୁଟସ୍ଥିତ ପବ୍ଲିକ ସ୍କୁଲର ଛାତ୍ରୀ ଅଟନ୍ତି। ସେ ନିଜର ସଫଳତା ପାଇଁ ତାଙ୍କ ବାପାମା'ଙ୍କ ଶ୍ରେୟ ମନେ କରିବା ସହିତ ନିଜ କର୍ତ୍ତବ୍ୟ ଓ ଅଧ୍ୟବସାୟ ଉପରେ ନିଜର ଗାରିମା ରଖିଛନ୍ତି। ତାଙ୍କର ଏ କୃତିତ୍ୱ ପାଇଁ ଗାଁର ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଚକ୍ର, ଗୋପାଳଚନ୍ଦ୍ର ପରିଡା, ଧରଣୀଧର ମହାପାତ୍ର, ସାଇଁକୁଳ ପଞ୍ଚ ଶିକ୍ଷାସେତୁର ସଭାପତି କାଳନ୍ଦୀ ପଟ୍ଟନାୟକ ଓ ଅବସରପ୍ରାପ୍ତ ସେନା ଅଧିକାରୀ ସୁବେଦାର ସନ୍ତୋଷ ସ୍ୱାଇଁ ଅଶୋକ ଘଡ଼େଇ ଶୁଭେଚ୍ଛା ଆଉ ଶୁଭକାମନା ଦେଇଛନ୍ତି। ଆଗରୁ ମଧ୍ୟ ସମୀକ୍ଷା ରଥ ଦିଲ୍ଲୀ ଆରଡିସି ପ୍ୟାରେଡ ଭାଗ ନେଇ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସମୀକ୍ଷାଙ୍କ ପାଇଁ ବର୍ତ୍ତମାନ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟି ଆସୁଛି।

# ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଯୋଡ଼ା, ୧୪।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ କାଳିଆବେଡ଼ା ଗ୍ରାମ ନିକଟ ସୁନା ନଦୀରୁ ଏକ ମୃତ ଶରୀର ଭାସୁଥିବା ଅବସ୍ଥାରେ ପୁଲିସ ଠାବ କରିଛି। ମୃତକ ଜଣକ ହେଲେ ଲହଣ୍ଡା ଗ୍ରାମର ବୁଧୁରାମ ମୁଣ୍ଡା ବୟସ (୫୬)। ବୁଧବାର ସନ୍ଧ୍ୟାରେ ବୁଧୁରାମ ଗାଧେଇବାକୁ ଯାଇଥିଲେ କିନ୍ତୁ ସେ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରି ନଦୀରେ ତାଙ୍କର ସାବୁନ ତେଲ ପାଇଥିଲେ ମଧ୍ୟ ତାଙ୍କର ଆଉ କୌଣସି ଖୋଜ ଖବର ମିଳି ନଥିଲା। ତେବେ ଗୁରୁବାର ସକାଳୁ ସ୍ଥାନୀୟ ଲୋକ ନଦୀକୁ ଯାଇଥିବା ବେଳେ ବୁଧୁରାମ ମୃତ ଆବସ୍ଥାରେ ପାଣିରେ ଭାସୁଥିବା ଦେଖି ପୁଲିସକୁ ଖବର କରିଥିଲେ। ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଠାବ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ବନ ବିଭାଗ ଓ ବିଦ୍ୟୁତ ବିଭାଗର ସମନ୍ୱୟ ବୈଠକ



ତୁରୁମୁଙ୍ଗା, ୧୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଭିଟିସି ପରିସରରେ ଗୁରୁବାର ବନବିଭାଗ ଏବଂ ବିଦ୍ୟୁତ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବନ୍ୟଜନ୍ତୁ ସୁରକ୍ଷା ସହ ବିଦ୍ୟୁତଜନିତ ଦୁର୍ଘଟଣାକୁ ରୋକିବା, ମିଳିତ ପାଟ୍ରୋଲିଙ୍ଗ ଜୋରଦାର କରିବା ଏବଂ ଦୁଇ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଓ ବୁଝାମଣା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ତୁରୁମୁଙ୍ଗା ବିଦ୍ୟୁତ ବିଭାଗର ଏସଡିଓ ଜନ୍ମେଜୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯନ୍ତ୍ରୀ ଗୁରୁପ୍ରସାଦ ଗିରି, ହିରଣ୍ୟମୟୀ ପଣ୍ଡାଙ୍କ ସହ ସମସ୍ତ ଲାଇନମ୍ୟାନ ଉପସ୍ଥିତ ଥିଲେ। ବନବିଭାଗ ପକ୍ଷରୁ ରେଞ୍ଜର ବନବିହାରୀ ସର୍ଦ୍ଦାର, ପାଟଣା ଫରେଷ୍ଟର ନିରଞ୍ଜନ ସେଠୀ, ସାହାରପଡା ଫରେଷ୍ଟର ସୀମାନ୍ତ ବେହେରା, ଖିରେଇଟାଙ୍ଗିରି ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ସହ ସମସ୍ତ ବନରକ୍ଷୀ ଏବଂ ପାରାଷ୍ଟାଫ୍ ଯୋଗଦେଇଥିଲେ। ବନାଞ୍ଚଳ ଅଞ୍ଚଳରେ ବିଦ୍ୟୁତ ତାର ଯୋଗୁଁ ବନ୍ୟଜନ୍ତୁଙ୍କ ଜୀବନହାନି ରୋକିବା ପାଇଁ ସଚେତନତା ବୃଦ୍ଧି ସହ ଦୁଇ ବିଭାଗ ମଧ୍ୟରେ ସମୟୋପଯୋଗୀ ସୂଚନା ଆଦାନ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହ ଆଗାମୀ ଦିନରେ ମିଳିତ ଭାବେ ପାଟ୍ରୋଲିଙ୍ଗ ଓ ନିରୀକ୍ଷଣ କାର୍ଯ୍ୟକୁ ଆହୁରି ସୁଦୃଢ କରିବାକୁ ଉଭୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ନାଁରେ କୋଟି କୋଟି ଟଙ୍କା ହଡ଼ପ

# ମୁହଁ ଖୋଲିବାରୁ ଚାକିରିରୁ ବହିଷ୍କାର !

ଆନନ୍ଦପୁର, ୧୪।୫ (ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଫକୀରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ନାଁରେ କୋଟି କୋଟି ଟଙ୍କା ହଡ଼ପ ହୋଇଥିବା ସଂଗିନ ଅଭିଯୋଗ ହୋଇଛି। ଦୁର୍ନୀତି ସମ୍ପର୍କରେ ମୁହଁ ଖୋଲିବାରୁ ଭ୍ରମ୍ୟମାଣ ଗାଡ଼ିର ଡ୍ରାଇଭର ରବିନ୍ଦ୍ର ଆପଟଙ୍କୁ ଚାକିରିରୁ ଛଟେଇ କରାଯିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣା ସାମନାକୁ ଆସିଛି। ଏହା ଦୁର୍ନୀତିକୁ ଅଧିକ ଦୃଢ଼ୀଭୂତ କରିଛି। ଡ୍ରାଇଭର ରବୀନ୍ଦ୍ର ଅନ୍ୟାୟ ବିରୋଧରେ ଉଠାଇଥିଲେ ସ୍ୱର। ଯେଉଁମାନେ ଏହି ବାଟମରଣାରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ତଦନ୍ତ କରିବା ବଦଳରେ ଉପରିସ୍ଥ ଅଧିକାରୀ ଡ୍ରାଇଭରଙ୍କୁ ଚାକିରିରୁ ବାହାର କରିଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଅଭିଯୋଗ ଅନୁସାରେ, କେନ୍ଦୁଝର ଜିଲ୍ଲା ଡିଏମଏଫ ଫଣ୍ଡରୁ କୋଟି କୋଟି ଟଙ୍କା ବାଟମାରଣା ହୋଇଆସୁଛି। ଏନେଇ ପୂର୍ବରୁ ବାରମ୍ବାର ଅଭିଯୋଗଗୁଡ଼ିକ ଉପରେ ତଦନ୍ତ କରାଯାଇନାହିଁ। ଅପରପକ୍ଷରେ, ଅଭିଯୋଗ କରିବାରୁ ଚାକିରିରୁ ବହିଷ୍କୃତ କରିଥିବା ନେଇ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଭାମ୍ୟମ୍ରାଣ ଗାଡ଼ିର ଡ୍ରାଇଭର ରବୀନ୍ଦ୍ର ଆପଟ। ମିଳିଥିବା ସୂଚନା ଅନୁଯାୟୀ, ଏହି ଭ୍ରାମ୍ୟମାଣ ଗାଡ଼ି ଗାଁକୁ ଗାଁ ଯାଇ ସ୍ୱାସ୍ଥ୍ୟସେବା ଓ ଔଷଧ ବିତରଣ କରିବାକୁ ନିର୍ଦ୍ଦେଶ ଅଛି। ମିଳୁଥିବା ଉନ୍ନତ ମାନର କମ୍ପାନୀ ଔଷଧକୁ ବାହାରେ ବିକ୍ରି କରାଯାଇ ସରକାରୀ ଔଷଧକୁ ରୋଗୀଙ୍କୁ ଦିଆଯାଉଛି। ଡାକ୍ତରଙ୍କ ବଦଳରେ ଫାର୍ମାସିଷ୍ଟ ରୋଗୀ ଦେଖି ଔଷଧ ଦେଉଥିବା ସହ ଇସିଜି ମେସିନ ଆଜି ପର୍ଯ୍ୟନ୍ତ ବ୍ୟବହାର ହୋଇ ନ ଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କର୍ମୀଙ୍କୁ ହାତବାରିସି କରି ଗାଁ ଲୋକଙ୍କ ନାମ ସଂଗ୍ରହ କରି ସେମାନଙ୍କ ନାଁରେ ବିଲ୍ କରି ଉପରୁ ତଳ କର୍ମଚାରୀ ପର୍ଯ୍ୟନ୍ତ କିପରି ହଡପ କରାଯାଉଛି ସେନେଇ ଗଣମାଧ୍ୟମ ଆଗରେ ଡ୍ରାଇଭର ମୁହଁ ଖୋଲିବାରୁ ତାଙ୍କୁ ଆଜି ତାଙ୍କ ଚାକିରି ହରାଇବାକୁ ପଡ଼ିଛି ବୋଲି ଅଭିଯୋଗ କରିଛନ୍ତି। କେନ୍ଦୁଝର ଡିଏମଏଫ ଫଣ୍ଡରୁ ଟଙ୍କା କିପରି ହରିଲୁଟ ହେଉଛି ତାହାର ଅସଲ କଥା ଏବେ ପଦାରେ ପଡିଛି। ତେବେ କେନ୍ଦୁଝର ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତଦନ୍ତ କରି ମେଡ଼ିକାଲ କର୍ମଚାରୀଙ୍କ ହରିଲୁଟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରୋଗୀଙ୍କୁ କିପରି ସଠିକ ଚିକିତ୍ସା ମିଳିବ ସେ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



## ■ ପୁଲିସ, ଖଣି ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ

# ବେଆଇନି ଗଚ୍ଛିତ ବାଲି ପାଇଁ ନିଲାମ ପ୍ରକ୍ରିୟା



ଆନନ୍ଦପୁର, ୧୪।୫(ସମିସ): ଆଗକୁ ଆସୁଥିବା ବର୍ଷା ଋତୁ ପାଇଁ ବେଆଇନ ଭାବେ ଗଚ୍ଛିତ ହେଉଛି ବାଲି। ଏହାକୁ ସର୍ବସାଧାରଣରେ ପ୍ରଶାସନ ପକ୍ଷରୁ ନିଲାମ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁଲିସ, ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ଆଜିଠାରୁ ମିଳିତ ତଦନ୍ତ ଚାଲିଥିବା ଜଣାଯାଇଛି। ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖଣି ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଧକୋଠା ବୀରଗୋବିନ୍ଦପୁର ଯୁଗଳକିଶୋରପୁର ମାର୍ଶାପାଳ ପ୍ରଭୃତି ଅଞ୍ଚଳରେ ବେଆଇନ ଭାବେ ଗଚ୍ଛିତ ଥିବା ବାଲି ଗଦାକୁ ଠାବ କରିଥିବା ଜଣାଯାଇଛି। ଲଘୁ ଖଣିଜ ସମ୍ପଦ ଲୁଟ୍ ରୋକିବା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ହୋଇଥିଲେ ବି ଚୋରି ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଏହି ସ୍କ୍ୱାଡର ସେପରି କୌଣସି ପ୍ରଭାବ ଆନନ୍ଦପୁର ଉପଖଣ୍ଡ ଉପରେ ପଡୁ ନଥିବାରୁ ଆନନ୍ଦପୁର ଉପଖଣ୍ଡରେ ବାଲି ମାଫିଆଙ୍କ କାର୍ଯ୍ୟକଳାପ ଦିନକୁ ଦିନ ବଢୁଥିବା ନେଇ ଅଭିଯୋଗମାନ ହେଉଛି। ଆନନ୍ଦପୁର ତହସିଲ ଅନ୍ତର୍ଗତ ମାର୍ଶାପାଳ ଛକ ନିକଟ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଚୋରା ବାଲିର ପାହାଡ଼ ଦେଖିବାକୁ ମିଳିଛି। ନିକଟସ୍ଥ ବୀରଗୋବିନ୍ଦପୁର, ତାଳଗାଁ ନିକଟରୁ ବୈତରଣୀ ନଦୀରୁ ବାଲି ଉତ୍ତୋଳନ କରାଯାଇ ଟ୍ରାକ୍ଟର ଯୋଗେ ଅଣାଯାଇ ଏଠାରେ ସରକାରୀ ଜମିରେ ଗଚ୍ଛିତ କରାଯାଇ ପରେ ମେସିନ୍ ଦ୍ୱାରା ହାଇୱାରେ ବାଲି ଲୋଡ୍ କରାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ମାର୍ଶାପାଳ ନିକଟରେ ଶହେ ଟ୍ରିପରୁ ଅଧିକ ବାଲି ଗଚ୍ଛିତ ଥିବା ଜଣାପଡ଼ିଛି। ଆନନ୍ଦପୁର ଉପଖଣ୍ଡର ବୁଢ଼ୀକୁଦ, କୋଡ଼ପଡ଼ା, ଆନନ୍ଦପୁର, ଫକୀରପୁର, ଟୁକୁଣା, ବାତୋ, ତମୋ, ହାତୀଶିଳା, ଦରଡ଼ିପାଳ ନିକଟରୁ ଦିନ ଦ୍ୱିପ୍ରହରରେ ବାଲି ଚାଲାଣରେ ଶହଶହ ଟ୍ରାକ୍ଟର ନିୟୋଜିତ ହେଉଥିବା ବେଳେ ଏଠାରେ କେବେ ଚଢ଼ଉ ହେବ ବୋଲି ପ୍ରଶ୍ନ ଉଠିଛି।



# ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ



କେନ୍ଦୁଝର, ୧୪।୫(ସମିସ): ଗାନ୍ଧୀ ଛକଠାରୁ ବଡ଼ବିଲ ବସଷ୍ଟପ ପର୍ଯ୍ୟନ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ସହ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ଆଜି କେନ୍ଦୁଝରଗଡ଼ ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିଲା। ଅନେକ ସ୍ଥାନରେ ସରକାରୀ ଜମି ଜବରଦଖଲ ଥିବାବେଳେ ସେମାନଙ୍କୁ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ନୋଟିସ ଦିଆଯାଇ ଉଚ୍ଛେଦ କରାଯିବ। ରାସ୍ତା ଗୋଟିଏ ପାଶ୍ୱର୍ରେ ଡ୍ରେନ ଭାଙ୍ଗିରୁଜି ଯାଇଥିବାରୁ ନୂତନ ଡ୍ରେନ ନିର୍ମାଣ କରାଯିବ। ପୂର୍ତ୍ତ ବିଭାଗ ପକ୍ଷରୁ ଗାନ୍ଧୀ ଛକଠାରୁ କାଳୀମନ୍ଦିର ପର୍ଯ୍ୟନ୍ତ ୩୩୦ ମିଟର ଡ୍ରେନ କରାଯିବ ଏବଂ ଅବଶିଷ୍ଟ କାଳୀମନ୍ଦିରଠାରୁ ଧୃପଦା ଓଭରବ୍ରିଜ ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ନୂତନ ଡ୍ରେନ ନିର୍ମାଣ କରାଯିବ। ଏଥିସହ ଲୋକଙ୍କ ପାଦଚଲା ପାଇଁ ଫୁଟ୍‌ପାଥ ନିର୍ମାଣ କରାଯିବ। ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାରୁ ମାଗୁରଗାଡିଆ ଯିବା ରାସ୍ତା ପାଶ୍ୱର୍ ଭି-ମାର୍ଟ ସପିଙ୍ଗ ମଲ ନିକଟରେ ୪୦ଡିସିମିଲ ସରକାରୀ ଜମି ଚିହ୍ନଟ ହୋଇଛି। ଉକ୍ତ ଜମିରେ ଗାଡି ପାର୍କିଂସ୍ଥଳ ନିର୍ମାଣ କରାଯିବ। ପାର୍କିଂ ପାଇଁ ଜାଗା ନଥିବାରୁ ରାସ୍ତା ପାଶ୍ୱର୍ରେ ଗାଡି ଛିଡା ହୋଇ ରହୁଥିବାରୁ ଗାଡି ଜାମ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଉଚ୍ଛେଦ ବେଳେ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ସଦର ଅତିରିକ୍ତ ତହସିଲଦାର ଦୁର୍ଗେଶ କଲ୍ୟାଣ ପ୍ରଧାନଙ୍କ ସମେତ କେନ୍ଦୁଝର ସଦର ତହସିଲ, କେନ୍ଦୁଝରଗଡ ପୌରପାଳିକାର ଓ ପୁଲିସ ବିଭାଗର କର୍ମଚାରୀ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ କରିଥିଲେ। ରାସ୍ତା ପାଶ୍ୱର୍ରେ ମାପଚୁପ ବେଳେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ପାର୍କିଂସ୍ଥଳକୁ ଭଡ଼ା ଦେଇଥିବା ଦେଖିବାକୁ ମିଳିଥିଲା। ପାର୍କିଂସ୍ଥଳ ଭଡ଼ା ଲାଗିଥିବାରୁ ରାସ୍ତା ପାଶ୍ୱର୍ରେ ବେଆଇନ ପାର୍କିଂ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ବିଲ୍ଡିଂ ପ୍ଲାନ ଯାଞ୍ଚ କରାଯାଇ ଘର ମାଲିକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି।

# ପୋଡୁ ଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ




କେନ୍ଦୁଝର, ୧୪।୫(ସମିସ): ପୋଡୁ ଚାଷ ପାଇଁ ଗଛ କାଟି ନିଆଁ ଲଗାଇବା ଘଟଣାରେ ବନ ବିଭାଗ ଜଣଙ୍କୁ ଗିରଫ କରିଛି। ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଶୁଆକାଟୀ ସେକ୍ସନ କଖାରୁଆ ଡିପିଏଫ୍ ଜଙ୍ଗଲରେ ପୋଡୁ ଚାଷ ପାଇଁ ୧୩୪୨ଟି ଶାଳ ଗଛ କାଟି ନିଆଁ ଲଗାଇବା ଘଟଣାରେ କାଞ୍ଜିପାଣି ଥାନା ଅନ୍ତର୍ଗତ ଗୁଣ୍ଡୁଳା ଗ୍ରାମର ଦେବେନ୍ଦ୍ର କୁମାର ବେହେରା(୩୧)କୁ ବନବିଭାଗ ଗିରଫ କରିଛି। କଖାରୁଆ ଡିପିଏଫ୍‌ରେ ଦେବେନ୍ଦ୍ର ଏବଂ ତାଙ୍କ ପରିବାର ଲୋକ ପୋଡୁ ଚାଷ ଉଦ୍ଦେଶ୍ୟରେ ବହୁ ସଂଖ୍ୟାରେ ଶାଳ ଗଛ କାଟି ନିଆଁ ଲଗାଇଥିଲେ। ଏହି ଘଟଣାରେ ବନ ବିଭାଗ ଓଆର କେସ ନଂ ୯ ବିଜେ ଅଫ୍ ୨୦୨୬-୨୭/୧୩/୦୫/୨୦୨୬ରେ ଏକ ମାମଲା ରୁଜୁକରି ଦେବେନ୍ଦ୍ରକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଜେଏମ୍‌ଏଫସି (ସିଟି) କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ୍ ଏଚଠିଙ୍କ ନିର୍ଦ୍ଦେଶକ୍ରମେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ସେକ୍ସନ ଫରେଷ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ, ତରମାକାନ୍ତ ବିଟ୍ ଫରେଷ୍ଟ ଗାର୍ଡ ନିଲମ ମହାନ୍ତ, କୁଶକଳା ବିଟ୍ ଫରେଷ୍ଟ ଗାର୍ଡ ସନାତନ ମହାନ୍ତି, ଅଞ୍ଜାର ବିଟ୍ ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ, ବାଂଶପାଳ ବିଟ୍ ଫରେଷ୍ଟ ଗାର୍ଡ ମିଳିରାଣୀ ଦାସଙ୍କ ସମେତ ୧୦ଜଣ ସ୍କ୍ୱାଡ ପାଟ୍ରୋଲିଂ ବେଳେ ବେଆଇନ ଭାବେ କଖାରୁଆ ଜଙ୍ଗଲରେ ଗଛ କଟା ଯାଇଥିବା ଦେଖିବାକୁ ପାଇ ଦେବେନ୍ଦ୍ର କୁମାର ବେହେରାକୁ କାବୁ କରିଥିଲେ। ପୋଡୁ ଚାଷ ଉଦ୍ଦେଶ୍ୟରେ ଗଛ କାଟିଥିବା ସେ ବନ ବିଭାଗ ନିକଟରେ ସ୍ୱୀକାର କରିଥିଲା। ଜଙ୍ଗଲ ଭିତରେ କଟାଯାଇ ପଡିଥିବା ୧୩୪୨ଟି ଶାଳ ବଲା, ଦିଆସିଲ କାଠି, ୨ଟି ଟାଙ୍ଗିଆ ବନ ବିଭାଗ ଜବତ କରିଛି।

## ଅଙ୍ଗନବାଡ଼ି ଗୃହ ନିର୍ମାଣରେ ବିଳମ୍ବ

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ



ହାଟଡ଼ିହୀ,୧୪।୫(ସମିସ): ହାଟଡ଼ିହୀ ବ୍ଲକ ବଞ୍ଜୋ ପଞ୍ଚାୟତର ସିଙ୍ଗଡୋଭ ଗ୍ରାମରେ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଦୀର୍ଘଦିନ ଧରି ବିଳମ୍ବ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ଦେଖାଦେଇଛି। ଏନେଇ ଗ୍ରାମବାସୀ ଗତ ୨୦ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି ଅଭିଯୋଗ ପୋର୍ଟାଲରେ ମଧ୍ୟ ଅଭିଯୋଗ ପଞ୍ଜିକୃତ କରିଥିଲେ। ହେଲେ ଅଭିଯୋଗକୁ ଦୁଇ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଜନଶୁଣାଣି ପୋର୍ଟାଲରେ ଅଭିଯୋଗର ସ୍ଥିତି ଏପର୍ଯ୍ୟନ୍ତ ବିଡ଼ିଓ ହାଟଡ଼ିହିଙ୍କ ପାଖରେ ପେଣ୍ଡିଂ ଦେଖାଉଥିବାରୁ ଗ୍ରାମବାସୀ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିଡ଼ିଓଙ୍କ ମନ୍ଥର ଗତି ଓ ପ୍ରଶାସନିକ ଅବହେଳା ଯୋଗୁଁ ଛୋଟ ଛୋଟ ଶିଶୁମାନେ ଅସୁବିଧା ଭୋଗୁଥିବା ଦେଖିବାକୁ ମିଳିଛି। ଗ୍ରାମର ୧୨ ନମ୍ବର ୱାର୍ଡରେ ଅଙ୍ଗନବାଡ଼ି ଗୃହ ପାଇଁ ମଞ୍ଜୁରୀ, ଟେଣ୍ଡର ପ୍ରକ୍ରିୟା ଓ ଜମି ଚିହ୍ନଟ ସମେତ ସମସ୍ତ ପ୍ରଶାସନିକ କାର୍ଯ୍ୟ ସରିଥିବା ସତ୍ତ୍ୱେ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ହାଟଡ଼ିହୀ ତହସିଲଦାର ମଧ୍ୟ ଆର୍‌ଆଇଙ୍କୁ ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ କାଗଜପତ୍ର ପ୍ରସ୍ତୁତ ଥିବା ପରେ ବି କାର୍ଯ୍ୟ ଆରମ୍ଭ ନହେବା ପଛରେ କାହାର ଚାପ କାମ କରୁଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ୩୦ରୁ ୪୦ ଜଣ କୋମଳମତି ଶିଶୁ ଏକ କମ୍ୟୁନିଟି ସେଣ୍ଟରରେ ଅସ୍ଥାୟୀ ଭାବେ ଅଙ୍ଗନବାଡ଼ି ଶିକ୍ଷା ସେବା ପାଉଛନ୍ତି। ବାରଣ୍ଡା ତଳେ ଖୋଲା ଆକାଶ ତଳେ ବସି ଭୋଜନ କରୁଛନ୍ତି। ଫଳରେ ପ୍ରାଥମିକ ଶିକ୍ଷା, ପୋଷଣ ଓ ସୁରକ୍ଷା ସେବାରୁ କୋମଳମତି ଶିଶୁମାନେ ବଞ୍ଚିତ ହେଉଥିବା ଅଭିଭାବକମାନେ କହିଛନ୍ତି। ଏନେଇ ଗ୍ରାମର ଶ୍ରୀଧର ଖଟୁଆ, ରମାକାନ୍ତ ଖଟୁଆ, ନିରଞ୍ଜନ ବେହେରା, ବୁଧିଆ ବେହେରାଙ୍କ ସମେତ ଅନେକ ଗ୍ରାମବାସୀ ଆନନ୍ଦପୁର ଉପଜିଲ୍ଲାପାଳ, ହାଟଡ଼ିହୀ ବିଡ଼ିଓ ଓ ଜିଲ୍ଲାପାଳ କେନ୍ଦୁଝରଙ୍କୁ ଭେଟି ଦାବି ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଶିଶୁଙ୍କ ଭାଗ୍ୟ ଭବିଷ୍ୟତକୁ ଲକ୍ଷ୍ୟ କରି ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ଗ୍ରାମବାସୀ ଆନ୍ଦୋଳନକୁ ତୀବ୍ର କରିବେ ଚେତାବନୀ ଦେଇଛନ୍ତି।

# ବସ୍ ଓ ଟ୍ରକ୍ ମାଲିକଙ୍କୁ ଘାରିଲାଣି ଡିଜେଲ ଚିନ୍ତା

- ପରିବହନ ଓ ଗାଡ଼ି ଚଳାଚଳ ନେଇ ବଢୁଛି ଆଶଙ୍କା
- ଟାଙ୍କି ପୂରାଇବାକୁ ଏକାଧିକ ପମ୍ପକୁ ଧାଉଁଛନ୍ତି ଟ୍ରକ୍ ମାଲିକ

ଚମ୍ପୁଆ, ୧୪।୫(ସମିସ)



ବର୍ତ୍ତମାନ ଚାରିଆଡ଼େ ଡିଜେଲର ଅଭାବ। ପେଟ୍ରୋଲ ଅଭାବ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ଏହି କାରଣରୁ ବସ୍ ଓ ଟ୍ରକ୍ ମାଲିକଙ୍କୁ ଘାରିଲାଣି ପରିବହନ ଚିନ୍ତା। ଯାତ୍ରୀ ପରିବହନଠାରୁ ଆରମ୍ଭ କରି ଖଣିଜ ପଦାର୍ଥ ପରିବହନ ବର୍ତ୍ତମାନଠାରୁ ପ୍ରଭାବିତ ହେବାକୁ ଆରମ୍ଭ ହେଲାଣି। ବିଶେଷ ଭାବରେ ଦୂର ଦ୍ରୁତଗାମୀ ବସ୍‌ଗୁଡିକ ଜେନେତେନେ ପ୍ରକାରଣ ଡିଜେଲ ପକାଇ ଯାତ୍ରୀ ପରିବହନକୁ ସମ୍ଭାଳିଥିବା ବେଳେ ସ୍ୱଳ୍ପ ଦୂରଗାମୀ ବସର ଅବସ୍ଥା କହିଲେ ନସରେ। କେତେକ ଗାଡି ମାଲିକ ଯାତ୍ରୀ ପରିବହନ ପାଇଁ ଜିଲ୍ଲା ବାହାରୁ ଡିଜେଲ ସଂଗ୍ରହ କରୁଥିବା ବେଳେ କେତେକ ସ୍ଥାନରେ ଡିଜେଲ ଅଭାବରୁ ଦିନସାରା ଯାତାୟତ କରୁଥିବା ବସଗୁଡିକ ଠିଆ ହୋଇ ରହୁଛି। ସେହିପରି ଚମ୍ପୁଆ ଉପଖଣ୍ଡ ଏକ ଖଣିଜ ଅଞ୍ଚଳ ହୋଇଥିବାରୁ ଦୈନିକ ହଜାର ହଜାର ଟନ୍ ଖଣିଜ ପରିବହନ ଟ୍ରକ୍ ଯୋଗେ ହୋଇଥାଏ। ମାତ୍ର କିଛି ଦିନ ହେବ ତେଲ ଅଭାବରୁ ଅନେକ ଗାଡି ପରିବହନ କ୍ଷେତ୍ରରେ ପ୍ରମୁଖ ଅସୁବିଧାର ସମ୍ମୁଖୀନ ହେବା ସହିତ ଗାଡିଗୁଡ଼ିକୁ ଛିଡ଼ା କରିବାକୁ ମାଲିକମାନେ ବାଧ ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଟ୍ରାନ୍‌ସପୋର୍ଟ ମାଧ୍ୟମରେ ଖଣିଜ ପରିବହନ କରାଯାଉଥିବା ବେଳେ ଟ୍ରାନସପୋର୍ଟ ପକ୍ଷରୁ ଟ୍ରକ ମାଲିକଙ୍କୁ ପରିବହନ ପଥରେ ଥିବା ତେଲ ଟାଙ୍କିଗୁଡିକରେ ତେଲ ପକାଇବା ପାଇଁ ଟୋକନ ପ୍ରଦାନ କରୁଥିବା ବେଳେ ବର୍ତ୍ତମାନ ସିଧାସଳଖ ଏ ବ୍ୟବସ୍ଥାକୁ ଉଠାଇଦେଇ ଯେଉଁଠି ପାରିବ ସେଇଠି ତେଲ ପକାଇବାକୁ ଅର୍ଥ ପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ କେତେକ ତେଲ ଟାଙ୍କି ପକ୍ଷରୁ ଗାଡିଗୁଡିକୁ ଆବଶ୍ୟକ ତୁଳନାରେ ତେଲ ପ୍ରଦାନ କରାନଯାଇ ସୀମିତ ଅର୍ଥରେ ତେଲ ପ୍ରଦାନ କରାଯାଉଥିବା ଜଣାଯାଇଛି। ଫଳରେ ତୈଳ ଅଭାବର ପ୍ରଭାବ ସିଧାସଳଖ ପରିବହନ ବ୍ୟବସ୍ଥା ଉପରେ ପଡିଛି। ଏନେଇ ଚମ୍ପୁଆ ଉପଖଣ୍ଡ ଘରୋଇ ବସ ମାଲିକ ସଂଘ ସମ୍ପାଦକ ଉତ୍ତମ କରଙ୍କୁ ପଚାରିବାରୁ ଏଭଳି ପରିସ୍ଥିତି ଲାଗିରହିଲେ ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଯାତ୍ରୀ ପରିବହନରେ ଜଟିଳ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ଏନେଇ ଆସନ୍ତା ୧୫ ତାରିଖ ବସ ମାଲିକ ସଂଘ ବୈଠକ ଡକାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଯୋଡା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକଙ୍କୁ ପଚାରିବାରୁ କହିଛନ୍ତି ଯେ ଆଗାମୀ ଦିନରେ ଡିଜେଲ ଅଭାବ ପରିସ୍ଥିତିକୁ ସଂକଟମୟ କରିବ। ଆଜିବି ଟ୍ରକ ମାଲିକମାନେ ଡିଜେଲ ନପାଇ ଗାଡି ଛିଡା କରୁଥିବା ବେଳେ କେତେକ ମାଲିକ ୧୦ ହଜାର ଟଙ୍କାର ତେଲ ପକାଇବାକୁ ହେଲେ ଏକାଧିକ ଟାଙ୍କିରେ ଦ୍ୱାରସ୍ଥ ହୋଇ ହଜାରେ ଦୁଇହଜାର ଟଙ୍କାର ତେଲ ପକାଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ତେଲ ସଙ୍କଟ ପାଇଁ ଖୁବ କମ୍ ଦିନରେ ଖଣି ପରିବହନ ସମସ୍ୟା ଦେଖା ହେବାର ସମ୍ଭାବନା ରହିଛି ବୋଲି ମତ ଦେଇଛନ୍ତି।

# ୧ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ଜଣେ ଗିରଫ





ପାରାଦୀପ,୧୪।୫(ସମିସ)

ପାରାଦୀପ ଲକ୍ ଥାନା ପକ୍ଷରୁ ଚଢ଼ଉ କରି ଆଜି ସକାଳେ ଜଣେ ନିଶା ମାଫିଆକୁ ଗିରଫ କରାଯାଇଛି। ଯାଞ୍ଚ ପରେ ତା ନିକଟରୁ ୯.୮୫ ଗ୍ରାମର ବ୍ରାଉନସୁଗର୍ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତର ଘର ଲକ୍ ଥାନା ଅଧୀନ ନୁଣୁକୁଆ ଗ୍ରାମରେ ହୋଇଥିବା ବେଳେ ସେ ନାରାୟଣ ଲେଙ୍କାଙ୍କ ପୁଅ ଜଗବନ୍ଧୁ ଲେଙ୍କା (୨୮) ବୋଲି ଜଣାପଡ଼ିଛି। ତା' ନିକଟରୁ ଏକ ମୋବାଇଲ ଫୋନ ସହିତ ସେ ବ୍ୟବହାର କରୁଥିବା ମୋଟରସାଇକେଲ ଓ ଚିଟ ପେପର ଜବତ କରାଯାଇଛି। ତେବେ ଜଗତସିଂହପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାରାଦୀପ ଆଡିସିନାଲ ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେଙ୍କ ସୁପରଭିଜନରେ ଲକ୍ ଥାନା ଆଇଆଇସି ରଶ୍ମୀରଞ୍ଜନ ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ସ୍ୱିତା ବେକ ଓ ତାଙ୍କ ଟିମ ଆଜି ସକାଳେ ଚଢ଼ଉ କରି ଅଭିଯୁକ୍ତକୁ ଧରିଥିଲେ।

ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ବ୍ରାଉନସୁଗର ବେପାର ଚାଲିଥିବାର ଖବର ପୁଲିସକୁ ମିଳିଥିବା ବେଳେ ଆଜି ଅଭିଯୁକ୍ତ ବ୍ରାଉନସୁଗର ବେପାର କରିବାକୁ ସେ ସ୍ଥାନକୁ ଆସିବାର ଖବର ପୁଲିସକୁ ମିଳିବା ପରେ ପୁଲିସ ଟିମ ସେଠାରେ ସଜାଗ ହୋଇ ରହିଥିଲା। ଉକ୍ତ ନିଶା ବେପାରି ଯୁବକକୁ ଗିରଫ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ଚୋରା ମଦ ବିକ୍ରିବେଳେ ୨ ଗିରଫ





ପାରାଦୀପ,୧୪।୫(ସମିସ) : ଲକ୍ ଥାନା ଅଧୀନ ଅଞ୍ଚଳରେ ଚୋରା ମଦ ବିକ୍ରି କରୁଥିବା ବେଳେ ପୁଲିସ ଦୁଇଟି ସ୍ଥାନରୁ ଦୁଇ ଚୋରା ମଦ ବେପାରୀଙ୍କୁ ଆଜି ସନ୍ଧ୍ୟାରେ ଗିରଫ କରିଛି। ଆସନ୍ତା କାଲି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଦୁଇ ଅଭିଯୁକ୍ତ ହେଲେ ପୀତାମ୍ବରପୁର ଗ୍ରାମର ଈଶ୍ୱର ସ୍ୱାଇଁ (୫୮)ଓ ନିମିଡ଼ି ଗ୍ରାମର ସୁଶାନ୍ତ ରାଉତ (୪୬)ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ୩୦ ଲିଟର ରୁ ଅଧିକ ବିଦେଶୀ ଚୋରା ମଦ ଜବତ କରାଯାଇଛି। ସେମାନେ ପେସାଦାର ଚୋରା ନିଶା ବ୍ୟବସାୟୀ ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି।

## ଉପ ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ପାରାଦୀପ ଗସ୍ତ

ପାରାଦୀପ,୧୪।୫(ସମିସ): ବନ୍ଦର ନଗରୀ ପାରାଦୀପରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ସିଏସ୍‌ଆର୍ ଫଣ୍ଡ କେମିତି ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯିବ ତାକୁ ନେଇ ପାରାଦୀପରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ମୁଖିଆଙ୍କ ସହ ଆଲୋଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଜି ସନ୍ଧ୍ୟାରେ ଇଫ୍‌କୋ ପରିସରରେ ଆୟୋଜିତ ସମୀକ୍ଷା ବୈଠକରେ ଶିଳ୍ପ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା ଏରସମା ବିଧାୟକ ସାରଦା ଜେନା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଉପସ୍ଥିତ ଥିଲେ। ସିଏସ୍‌ଆର୍ ଫଣ୍ଡ ଆଖ ପାଖ ଅଞ୍ଚଳରେ କିଭଳି ଭାବେ ଉନ୍ନତିମୂଳକ କାର୍ଯ୍ୟରେ ଲାଗିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗର ସରକାରଙ୍କ ଦ୍ୱାରା ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ କିଭଳି ଜଗତସିଂହପୁର ଜିଲ୍ଲାରେ ଚାଲୁଛି ତା ଉପରେ ସରକାର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଉ କିଛି ଦିନ ପରେ ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବେ। ତା ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି। ଏହି ସମୀକ୍ଷା ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୂର୍ବତନ ପୌରାଧ୍ୟକ୍ଷ ସମ୍ମାନିତ

ଜଗତସିଂହପୁର,୧୪।୫(ସମିସ): ଜଗତସିଂହପୁରର ପୂର୍ବତନ ସାଂସଦ ତଥା ବର୍ଷିୟାନ୍ କମ୍ୟୁନିଷ୍ଟ ନେତା କମ୍ରେଡ଼ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଜଗତସିଂହପୁରର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କୁ ବିଭିନ୍ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଲୋକନାଥ ଚୌଧୁରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଅଛି।"ଏରସମା ଠାରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ଶଶି ଭୂଷଣ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବାଲିକୁଦା-ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା ପ୍ରମୁଖ ଯୋଗଦେଇ ବିପ୍ଳବ ଚୌଧୁରୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ମାନ ପାଇଁ ବିପ୍ଳବ ଚୌଧୁରୀ "ଲୋକନାଥ ଚୌଧୁରୀ ସ୍ମୃତି କମିଟି' ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ବିପ୍ଳବ ଚୌଧୁରୀ ସମ୍ମାନିତ



ଜଗତସିଂହପୁର,୧୪।୫(ସମିସ): ଜଗତସିଂହପୁରର ପୂର୍ବତନ ସାଂସଦ ତଥା ବର୍ଷିୟାନ୍ କମ୍ୟୁନିଷ୍ଟ ନେତା କମ୍ରେଡ୍ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଜଗତସିଂହପୁରର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଲୋକନାଥ ଚୌଧୁରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏରସମାଠାରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ଶଶୀଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ପ୍ରମୁଖ ଯୋଗଦେଇ ବିପ୍ଳବ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ମାନ ପାଇଁ ବିପ୍ଳବ ଚୌଧୁରୀ "ଲୋକନାଥ ଚୌଧୁରୀ ସ୍ମୃତି କମିଟି" ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



ପଟ୍ଟାମୁଣ୍ଡାଇ,୧୪।୫(ସମିସ): ଅଗ୍ନିବିପନ୍ନ ପରିବାରକୁ ବିଜେପି ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ୧୧ ତାରିଖ ରାତିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନ ବେଲତଳ ଅଧିକାରୀ ସାହିର ରାଜକିଶୋର ଦାଶଙ୍କ କୋଠା ଘରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ତିନି ବଖରା କୋଠାଘର ସମେତ ତିନୋଟି ବାଇକ୍ ଓ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିବିପନ୍ନ ପରିବାର ସରକାରୀ ସାହାଯ୍ୟକୁ ଚାହିଁ ରହିଛନ୍ତି। ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ପୂର୍ବତନ ନଗର ସଭାପତି ଉପେନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୂର୍ବତନ ନଗର ସଭାପତି ସୁଧାଂଶୁ ଜେନା, ଶଶୀକାନ୍ତ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ଚନ୍ଦନ ପାତ୍ର, ସମୀର ପାତ୍ର, ବିମଳ ତ୍ରିପାଠୀ, ଯୋଗେଶ ବେହେରା, ପରେଶ୍ୱର ପାତ୍ର ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

### ଓଲଡି-ହଳଦିଆ ରାସ୍ତା ଅଧାପନ୍ତରିଆ

# ଲୋକେ ହେଉଛନ୍ତି ହନ୍ତସନ୍ତ, ଜିଲ୍ଲାପାଳଙ୍କୁ ଭେଟିବାକୁ ସଜବାଜ

ପଞ୍ଚୁପାଣ୍ଡବ,୧୪।୫(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଓଲଡିରୁ ହଳଦିଆ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାଟି ଡେରାବିଶ ବ୍ଲକର ଏକ ମୁଖ୍ୟ ରାସ୍ତା। ରାସ୍ତା ଶୋଚନୀୟ ହୋଇପଡ଼ିଥିବାବେଳେ ଯାତାୟାତ କରୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ରାସ୍ତା କାମ ଦୀର୍ଘଦିନ ଧରି ଚାଲି ପୁଣି ବନ୍ଦ ଥିବା ଦେଖିବାକୁ ମିଳୁଛି। ଏ ନେଇ ଜିଲ୍ଲାପାଳଙ୍କୁ ଭେଟିବାକୁ ଶତାଧିକ ମହିଳା ସଜବାଜ ହେଉଥିବା ଜଣାପଡ଼ିଛି।



ଓଲଡି-ହଳଦିଆ ରାସ୍ତା କାମ ହେବା ପାଇଁ ରାସ୍ତା କଡ଼ରେ ଥିବା ଶତାଧିକ ଗଛ କଟାଯାଇଥିଲା। ପରେ ରାସ୍ତାକୁ ଓସାର କରିବା ପାଇଁ ଦୁଇ ପାଶ୍ୱର୍ରେ ଖାଲ କରାଯାଇ ଡଷ୍ଟ ପକାଯାଇଛି। ରାସ୍ତା ଉପରେ ଗୋଡି ବିଛାଡ଼ି ହୋଇପଡ଼ିଥିବାବେଳେ କେତେକ ଜାଗାରେ ଶତାଧିକ ଖାଲରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ରାସ୍ତାଟି ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ପ୍ରାୟ ୧୦ଟି ପଞ୍ଚାୟତର ଲୋକେ ବ୍ଲକକୁ ଯିବାଆସିବା କରୁଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଯାଉଛନ୍ତି। ଏହି ରାସ୍ତାକୁ ଆର୍ ଆଣ୍ଡ ବି ବିଭାଗ ପକ୍ଷରୁ କାମ କରୁଥିବାବେଳେ ହଳଦିଆରୁ ତିନିମୁହାଣି ପର୍ଯ୍ୟନ୍ତ କାମ ସରିଥିବାବେଳେ ଓଲଡିରୁ ହଳଦିଆ ରାସ୍ତାକୁ ଅଧୁରା କରି ଠିକାଦାର ଛାଡ଼ି ଦେଇଥିବା ଅଭିଯୋଗ ହେଉଛି। ଯେତେ ଅଭିଯୋଗ କଲେ ମଧ୍ୟ ଠିକାଦାର କି ପ୍ରଶାସନ କେହି କର୍ଣ୍ଣପାତ କରୁନାହାନ୍ତି। ରାତିରେ ଏହି ରାସ୍ତାରେ ଲୋକେ ଯିବାକୁ ଭୟ କରୁଛନ୍ତି। ଫଳରେ ଜାତୀୟ ରାଜପଥରେ ଅଧିକ ବାଟ ଦେଇ ଯାତାୟାତ କରୁଛନ୍ତି। ଆଖପାଖ ପଞ୍ଚାୟତରୁ ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ବିଭାଗୀୟ ଜେଇ ଅଜୟ କୁମାର ଦାସ କହିଛନ୍ତି, ଏହି ରାସ୍ତା ପାଇଁ ମାଟି ସମସ୍ୟା ରହିଛି। ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଛୁ। ରାସ୍ତା କାମ ଶୀଘ୍ର ସାରିବାକୁ ଚେଷ୍ଟା କରୁଛୁ।

## ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧ ଉତ୍ସବ

ବାଲିକୁଦା,୧୪।୫(ସମିସ): ଜଗତସିଂହପୁରର ପୂର୍ବତନ ସାଂସଦ ତଥା ଏର୍‌ସମା ର ଚାରି ଥର ବିଧାୟକ ଥିବା ସ୍ୱର୍ଗତ ଲୋକନାଥ ଚୌଧୁରୀ ଙ୍କ ୨୩ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଏରସମା ଠାରେ ଶଶୀଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବର୍ଷିଆନ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼ାଇ,ସାଂସଦ ବିଭୁ ପ୍ରସାଦ ତରାଇ, ସାମ୍ୟବାଦୀ ନେତା ରାମକୃଷ୍ଣ ପଣ୍ଡା,ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ ଜେନା, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଙ୍କ ସମେତ ଅନ୍ୟ ଅତିଥି ମାନଙ୍କ ଉପସ୍ଥିତ ରେ



ଜଗତସିଂହପୁର ର ଜଣା ଶୁଣା ଆଇନୀଜୀବି ତଥା ସମାଜସେବୀ ବୀର ନାରାୟଣ ପାତ୍ର ଙ୍କୁ ତାଙ୍କର ସମାଜସେବା ପାଇଁ ଲୋକନାଥ ଚୌଧୁରୀ ସ୍ମୃତି ସନମାନ ପ୍ରଦାନ କରାଯାଇଥିଲା। ଶ୍ରୀ ପାତ୍ର ଏହି ସମ୍ମାନ ପାଇବା ପରେ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଲିଙ୍ଗରାଜ ମଲ୍ଲଙ୍କୁ ବିଶିଷ୍ଟ ସମବାୟବିତ ସମ୍ମାନ



ବିରିଡି,୧୪।୫(ସମିସ): ବିରିଡି ବ୍ଲକ ଅଡଙ୍ଗ ଗଡ଼ ଗ୍ରାମର ସମାଜସେବୀ ଲିଙ୍ଗରାଜ ମଲ୍ଲଙ୍କୁ ବିଶିଷ୍ଟ ସମବାୟବିତ ଭାବେ ସମ୍ମାନିତ କରାଯାଇଛି। ଏରସମା ଠାରେ ବିଶିଷ୍ଟ ସାମ୍ୟବାଦୀ ନେତା, ପୂର୍ବତନ ସାଂସଦ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ ଉପସ୍ଥିତ ଥିବା ସାଂସଦ ଡ. ବିଭୂପ୍ରସାଦ ତରାଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡେଇ, ବିଧାୟଜ ସାରଦା ପ୍ରସନ୍ନ ଜେନା, ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ଜରିଆ ବଳଦେବ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୪।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଜରିଆ ବଳଦେବ ହାଇସ୍କୁଲ ୧୯ ୯୧ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ମା' ଛୁଆଳିଆ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଆଳି ଏବିଇଓ ଉଦକର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁ ନାରାୟଣ ମହାନ୍ତି ଓ ଗୁଣାକର ବେହେରାଙ୍କୁ ଛାତ୍ରଛାତ୍ରୀ ଫୁଲ ଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ମଳୟ ଦାସ, ବିବେକାନନ୍ଦ ଦାସ, ନିରଞ୍ଜନ ଗାହାଣ, ନିରୁପମା ଦାସ, ସବିତା ଭୂୟାଁ, ପ୍ରଦୀପ୍ତ ଦାସ, କୃଷ୍ଣଚନ୍ଦ୍ର ବାରିକ, ଶରତ ନାୟକ, ଶରତ ବାରିକ, ଦିଲ୍ଲୀପ ଦାସ, ବିଜୟ ପଲାଇ, ପରୀକ୍ଷିତ ପାତ୍ର, ମଞ୍ଜୁଲତା ରାଉତ, ହରପ୍ରିୟା ରାଉତ, ଜ୍ୟୋସ୍ନାରାଣୀ ରାଉତ ପ୍ରମୁଖ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହିତ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶପଥ ନେଇଥିଲେ। ଏ ଅବସରରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ମଳୟ ଦାସ ଧନ୍ୟବାଦ ଦେଇଥିଲେ।

## କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



ତିର୍ତ୍ତୋଲ,୧୪।୫(ସମିସ): ତିର୍ତ୍ତୋଲ ତାଲୁକ ଆଇନ ସେବା କମିଟି ପକ୍ଷରୁ ମଣିଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ତିର୍ତ୍ତୋଲ ବିଚାରବିଭାଗୀୟ ଅଦାଲତ ର ବିଚାରପତି ସିଓନା ସିଦ୍ଧାର୍ଥ ମହାରଣା ଯୋଗଦେଇ କଠିନ ବର୍ଯ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ତିର୍ତ୍ତୋଲ ଓକିଲ ସଂଘ ସଭାପତି ସରୋଜ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ କ୍ଷ ତିର୍ତ୍ତୋଲ ଓକିଲ ସଂଘ ସମ୍ପାଦକ ଟୁକନ ଚରଣ ସେଠୀ, ମଣିଜଙ୍ଗା ପଞ୍ଚାୟତ ସରପଞ୍ଚ ଶଶଧର ମଲ୍ଲିକ, ପୂର୍ବତନ ସରପଞ୍ଚ ଅନୀଲ ସ୍ୱାଇଁ, ସମାଜସେବୀ ସୁଶାନ୍ତ ଚରଣ ସାହୁ, ଆଇନଜୀବୀ ବିଷ୍ଣୁ ଚରଣ ମାଝୀ, ଏମବିକେ ମମତା ମଞ୍ଜରୀ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅଦାଲତ କର୍ମଚାରୀ ଓ ପୁଲିସ, ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

### ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୧୩ ମାସ ପରେ ବି ଚିତ୍ର ଅସ୍ପଷ୍ଟ

ଜଗତସିଂହପୁର,୧୪।୫(ସମିସ)

ଜଗତସିଂହପୁର ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଘୋଷଣାର ୧୩ ମାସ ବିତି ଯାଇଥିଲେ ମଧ୍ୟ କେବେ ଏବଂ କେଉଁଠି ଏହା ସ୍ଥାପନ ହେବ ତାହା ସ୍ପଷ୍ଟ ହୋଇପାରି ନାହିଁ। ଫଳରେ ଜିଲ୍ଲାବାସୀଙ୍କ ମନରେ ଉକ୍ରଣ୍ଠା ଏବଂ ଅସେ''ାଷ ବଢୁଥିବା ଲକ୍ଷ୍ୟ କରାଯାଇଛି। ଅନିଶ୍ଚିତତା ଲାଗି ରହିବାରୁ ଗତ ମାର୍ଚ୍ଚ ମାସରେ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାର ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। କେବେ ଏହି ବହୁ ପ୍ରତିକ୍ଷିତ ମେଡିକାଲ କଲେଜ କାମ ଆରମ୍ଭ ହେବ ସେ ସଂପର୍କରେ ପ୍ରଶ୍ନ କରିଥିଲେ ବିଧାୟକ ଶ୍ରୀ ଦାସ। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟର ୪ଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କିନ୍ତୁ ଏହା ଭିତରେ ୨ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କେବେ ଏହି ଭୂମିପୂଜନ କରାଯିବ ତାହା ଅସ୍ପଷ୍ଟ ରହିଛି। ଗତ ଏପ୍ରୀଲ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଗସ୍ତ କରି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିବେ ବୋଲି ସରକାରୀ ସ୍ତରରେ ପ୍ରସ୍ତୁତ କରାଯାଇଥିଲା। ହେଲେ ପରେ ଏହା ବାତିଲ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀରେ ବିଭିନ୍ନ ସଂଗଠନ ତରଫରୁ ବର୍ଷ ବର୍ଷ ଧରି ଆନ୍ଦୋଳନ, ଗଣଧାରଣା, ପଦଯାତ୍ରା ଏବଂ ବଜାରବନ୍ଦ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସିଥିବା ବେଳେ ଗତ ୨୦୨୪ ମସିହା ସାଧାରଣ ନିର୍ବାଚନ ସମୟରେ ଏହା ପ୍ରମୁଖ ମୁଦ୍ଦା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥରକ୍ଷା ପାଇଁ ଓଡିଶା ବିଧାନସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉଠାଇଥିଲେ। ସେହିପରି ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲୋକସଭାରେ ପ୍ରସଙ୍ଗ ଉଠାଇଥିଲେ। ଶେଷରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ୮ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ୨୦୨୫ ମାର୍ଚ୍ଚ ମାସରେ ଅନୁମତି ପ୍ରଦାନ କରିଥିଲେ। ଏହାକୁ ଆଧାର କରି ୨୦୨୫ ମାର୍ଚ୍ଚ ମାସ ଶେଷ ଭାଗରେ ଓଡ଼ଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ଲାଭ କରିଥିବା ତାଙ୍କ ବିଧାନସଭା ଅଭିଭାଷଣ ସମୟରେ ସୂଚନା ଦେଇଥିଲେ। ପରେ ସେହିବର୍ଷ ଏପ୍ରୀଲ ୩ ତାରିଖରେ ଜଗତସିଂହପୁର ଜିଲ୍ଲା ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଖୁବ୍‌ଶୀଘ୍ର ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରାଯିବ ବୋଲି ନିଜ ବକ୍ତବ୍ୟକୁ ଦୋହରାଇଥିଲେ। ଏହାକୁ ନେଇ ଜିଲ୍ଲାର ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ସେ ସମୟରେ ଅତ୍ୟ'' ଖୁସିବ୍ୟକ୍ତ କରିଥିଲେ। ତେବେ ଜିଲ୍ଲାର କେଉଁ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ତାହା ସ୍ପଷ୍ଟ ହୋଇ ନପାରିବାରୁ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ବେଶ୍ କିଛିଦିନ ବାଦବିବାଦ ମଧ୍ୟ ଚାଲିଥିଲା। ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣାକୁ ଇତିମଧ୍ୟରେ ୧୩ ମାସ ବିତିଥିବା ବେଳେ ଏଥିପାଇଁ ସରକାର ବା ପ୍ରଶାସନିକ ସ୍ତରରେ ସ୍ଥାନ ଚିହ୍ନଟ ପ୍ରକ୍ରୀୟା ଚୂଡା'' ହୋଇ ପାରିନାହିଁ। ତେବେ ମେଡିକାଲ କଲେଜ ପାଇଁ ୪୦ ରୁ ୫୦ ଏକର ଜମି ଆବଶ୍ୟକ ଥିବାବେଳେ ଜଗତସିଂହପୁର ସଦର ବ୍ଲକ୍ ଅ''ର୍ଗତ ନିପୁର ଠାରେ ଥିବା ୨୩ ଏକର ସରକାରୀ ଜମି ଏବଂ ଆଉ ୨୫ ଏକର ଘରୋଇ ଜମି ଚିହ୍ନଟ ହୋଇଛି। ଏ ସଂପର୍କରେ ଗତ ୨୦୨୫ ମସିହା ଅକ୍ଟୋବର ମାସ ଶେଷ ଭାଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ହେଲେ ଇତିମଧ୍ୟରେ ୬ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି ତାହା ସ୍ପଷ୍ଟ ହୋଇପାରିନାହିଁ। ଯାହାଫଳରେ କେବଳ ଘୋଷଣାରେ ସୀମିତ ରହିଛି ମେଡିକାଲ କଲେଜ ପ୍ରତିଷ୍ଠା। ତେବେ ଜିଲ୍ଲାରେ କେବେ ପ୍ରତିଷ୍ଠା ହେବ ମେଡିକାଲ କଲେଜ ତାହାକୁ ହିଁ ଅପେକ୍ଷା କରିଛନ୍ତି ଜିଲ୍ଲାବାସୀ।

# ୪୫ କେଜି ଗଞ୍ଜେଇ ଜବତ; ୩ ଗିରଫ

ଅମ୍ବାଭୋନା, ୧୪ । ୫(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ପୁଲିସ ୪୫ କେଜି ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି । ଅବୈଧ ଗଞ୍ଜେଇ ଚାଲାଣ ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ପୁଲିସ ଏକ ପିକ୍‌ଅପ୍‌ର ପିଛା କରିଥିଲା । ସାଲେହପାଲି ବୁଲାଣି ରାସ୍ତାରେ ଗାଡିକୁ କାବୁ କରିଥିଲା । ଗାଡ଼ିଟି ତୀବ୍ର ଗତିରେ ଛତିଶଗଡ଼ ଦିଗକୁ ଯାଉଥିବା ବେଳେ ସାଲେହପାଲି ଗ୍ରାମରେ ଏକ ସିମେଣ୍ଟ କାନ୍ଥକୁ ଧକ୍କା ଦେଇଥିଲା । ପରେ ପୁଲିସ ଗାଡ଼ିଟିକୁ ଜବତ କରି ଯାଞ୍ଚ କରିବା ସମୟରେ ୪୫ କିଲୋ ଗଞ୍ଜେଇ ଜବତ କରିଥିଲା । ଜବତ ଗଞ୍ଜେଇ ୪୫ଟି ପ୍ୟାକେଟ୍‌ରେ ଥିଲା । ପ୍ରତିଟି ପ୍ୟାକେଟ୍‌ର ଓଜନ ୧ କିଲୋ ଥିଲା । ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଏମାନେ ହେଲେ ବ୍ରିଜଲାଲ ଖୁଟେ (୩୦), ଦିଲୀପ ଦିବାକର (୨୦) ଓ ସନ୍ତୋଷ ଚନ୍ଦ୍ର (୨୭) । ସେମାନେ ଛତିଶଗଡ଼ର ଶକ୍ତି ଓ ଜାଞ୍ଜଗୀର-ଚାମ୍ପା ଜିଲ୍ଲାର ବାସିନ୍ଦା ବୋଲି ପୁଲିସ କହିଛି । ସନ୍ତୋଷ ଚନ୍ଦ୍ର ପିକଅପର ଡ୍ରାଇଭର ଥିବା ବେଳେ ବୃଜଲାଲ ଖୁଟେ ଗାଡ଼ିର ମାଲିକ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରୁ ପୁଲିସ ପିକଅପ୍ (ସିଜି ୧୨ବିସି ୩୫୫୦) ସହ ଏକ ବଜାଜ ପ୍ଲାଟିନା ମୋଟରସାଇକେଲ (ଓଡି ୩୧ ଏମ ୭ ୯ ୭ ୭) ମଧ୍ୟ ଜବତ କରିଛି ।





## ମହଙ୍ଗା ପଡ଼ିଲା ଗଞ୍ଜେଇ ଡିଲ୍

# ଝାରବନ୍ଧ ଥାନା ଆଇଆଇସି, ଏଏସ୍ଆଇ, କନଷ୍ଟେବଲ ନିଲମ୍ବିତ

ବରଗଡ଼, ୧୪ । ୫(ସମିସ)





ଗଞ୍ଜେଇ ମାଫିଆଙ୍କ ସହ ଡିଲ୍ କରିବା ପୁଲିସ ଅଧିକାରୀ ପାଇଁ ମହଙ୍ଗା ପଡ଼ିଛି । ମୋଟା ଅଙ୍କର ଟଙ୍କା ନେଇ ଗଞ୍ଜେଇ ଗାଡ଼ି ପାର୍ କରିବା ପାଇଁ ଯୋଜନା କରୁଥିବା ଅଭିଯୋଗରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଥିରେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ସହ ଅନ୍ୟ ଦୁଇ ପୁଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବାବେଳେ ଜଣେ ହୋମଗାର୍ଡଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି ।

### ହୋମଗାର୍ଡ ବହିଷ୍କୃତ

ଚାରିକୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ପାର୍ କରିବା ପାଇଁ ଏକ ବଡ଼ ଡିଲ୍ ଚାଲିଥିବାବେଳେ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ଗଞ୍ଜେଇ ସହ ଟ୍ରକ୍‌କୁ ଜବତ କରିଥିଲା । ଘଟଣାର ତଦନ୍ତ ପରେ ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଢ଼ୀଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିଲା । ଏହାପରେ ପୁଲିସ ଡିଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି । ନିଲମ୍ବନ ଅବଧି ମଧ୍ୟରେ ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ତାଙ୍କ ସ୍ଥାନରେ ବରଗଡ଼ ସାଇବର ଥାନା ଆଇଆଇସି ସଞ୍ଜୟ ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି । ଆଇଆଇସି ମାଢ଼ୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯାଉଛି । ସେହିପରି ଏଏସ୍ଆଇ କୌଶିକ ସାହୁ, କନଷ୍ଟେବଲ ଚିତ୍ତରଞ୍ଜନ ପଣ୍ଡାଙ୍କୁ ନଲମ୍ବିତ କରିଥିବା ବେଳେ ହୋମଗାର୍ଡ ଦେବାର୍ଚ୍ଚନ ନିଆଳଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି ।

ଗତ ୫ ତାରିଖ ବରଗଡ଼ ପୁଲିସ ମୁଖ୍ୟାଳୟରେ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ସମସ୍ତ ଥାନା ଅଧିକାରୀଙ୍କୁ ନେଇ କ୍ରାଇମ୍ ମିଟିଂ ଚାଲିଥିଲା । ଜିଲ୍ଲାରେ ଦିନକୁ ଦିନ ବଢ଼ୁଥିବା ଅପରାଧିକ କାର୍ଯ୍ୟକଳାପ କେମିତି ନିୟନ୍ତ୍ରଣ ହେବ ସେ ବିଷୟରେ ଏସ୍‌ପି ଚର୍ଚ୍ଚା କରୁଥିବାବେଳେ ଝାରବନ୍ଧ ଥାନାର କିଛି ତଳିଆ କର୍ମଚାରୀ ଗଞ୍ଜେଇ ମାଫିଆଙ୍କ ସହ ଡିଲ୍ କରୁଥିଲେ ।

# ପୂର୍ବତନ ମନ୍ତ୍ରୀ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ଜୟନ୍ତୀ



ପଦ୍ମପୁର, ୧୪ । ୫(ସମିସ): ପଦ୍ମପୁର ଡାକ୍ତରଖାନା ପରିସରରେ ବୋଡାସମ୍ବର ଜମିଦାର ତଥା ପୂର୍ବତନ ମନ୍ତ୍ରୀ ବୀର ବିକ୍ରମାଦିତ୍ୟ ସିଂ ବରିହାଙ୍କ ୧୦୫ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଜଜ ରାମଚନ୍ଦ୍ର ତ୍ରିପାଠୀ, ଭାସ୍କର ଦାଶ, ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପାଣିଗ୍ରାହୀ, ଗୌନ୍ତିଆ ସାହୁ, ଅଶୋକ ବହିଦାରଙ୍କ ସମେତ ପରିବାରର ପ୍ରତାପ କେଶରୀ ସିଂ ବରିହା, ସୁରେନ୍ଦ୍ର ସିଂ ବରିହା, କୁମାର ବିକ୍ରମ କେଶରୀ, ଶ୍ୱେତପଦ୍ମା, ପ୍ରୀତିପର୍ଣ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ପଣ୍ଡିତ ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀ ମନ୍ତ୍ରପାଠ କରିଥିଲେ ।

# କିରଣ ବେଦୀଙ୍କଠାରୁ ତାଲିମ ନେବେ ଇମ୍ପେରିଆଲ ଛାତ୍ରଛାତ୍ରୀ




ବରଗଡ଼, ୧୪ । ୫(ସମିସ): ଭାରତର ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ କିରଣ ବେଦୀଙ୍କଠାରୁ ଇମ୍ପେରିଆଲ କଲେଜର ଛାତ୍ରଛାତ୍ରୀ ତାଲିମ ନେବେ । ଏଥିଲାଗି ଦିଲ୍ଲୀରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଇମ୍ପେରିଆଲ କଲେଜର ନିର୍ଦ୍ଦେଶକ କହିଛନ୍ତି ଯେ, ସେ କେବେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲେ ଯେ କିରଣ ବେଦୀ ଛାତ୍ରମାନଙ୍କୁ ତାଲିମ ଦେବେ । ଇମ୍ପେରିଆଲ କଲେଜ ପାଇଁ ଏହା ଗର୍ବର ବିଷୟ। କେବଳ ଡିଗ୍ରୀ ଦ୍ୱାରା ନୁହେଁ; ନେତୃତ୍ୱ, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଦୃଷ୍ଟିକୋଣ ଦ୍ୱାରା ଛାତ୍ରଛାତ୍ରୀ ଜାତୀୟସ୍ତରର ପରାମର୍ଶ ସହ ଭଲ ମଣିଷ ହେବାର ପ୍ରେରଣା ପାଇବେ ।

# ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ରାହୁଲଙ୍କ କୃତିତ୍ୱ



ପାଇକମାଲ, ୧୪ । ୫(ସମିସ): ପାଇକମାଲ ନବୋଦୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ରାହୁଲ ରଞ୍ଜନ ପ୍ରଧାନ ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେ ୫୦୦ ମାର୍କରୁ ୪୬୯ (୯୩.୮୦ ପ୍ରତିଶତ) ନମ୍ବର ରଖିଛନ୍ତି । ପୂର୍ବରୁ ମଧ୍ୟ ସେ ମାଟ୍ରିକ ପରୀକ୍ଷାରେ ୯୫% ରଖି କୃତକାର୍ଯ୍ୟ ହୋଇଥିଲେ । ରାହୁଲ ପାଇକମାଲ ବ୍ଲକ ଧାରୋଲ ଗାଁର ରୋହିତ ପ୍ରଧାନଙ୍କ ପୁଅ । ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିବା ପରେ ସେ ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହି ବିଦ୍ୟାଳୟରେ ପାଠ ପଢ଼ିଥିଲେ । ଭବିଷ୍ୟତରେ ସଫ୍ଟୱେର ଇଞ୍ଜିନିୟର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି ।

# ଠିକା ଶ୍ରମିକଙ୍କୁ ଛଟେଇର ପ୍ରତିବାଦ




ବରଗଡ଼, ୧୪ । ୫(ସମିସ): ଟାଟା ପାୱାର ଖର୍ଚ୍ଚ କାଟ୍ ନାମରେ କର୍ମଚାରୀଙ୍କୁ ବେଆଇନ ଭାବେ ଛଟେଇ କରୁଛି । ୧୮ ତାରିଖରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଏଥିଲାଗି ଆନ୍ଦୋଳନ ଡାକରା ଦିଆଯାଇଛି । ଏଥିରେ ସମଗ୍ର ଓଡ଼ିଶାରୁ ଠିକା ଶ୍ରମିକମାନେ ନିଜ ହକ୍ ପାଇଁ ଲଢେଇ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ବରଗଡ଼ ସର୍କଲରୁ ମଧ୍ୟ ହଜାର ହଜାର କର୍ମଚାରୀ ଏହି ଆନ୍ଦୋଳନରେ ନିଜ ହକ୍ ପାଇଁ ଯୋଗ ଦେବେ ବୋଲି ବୈଠକ ସରିଛି । ଏ ସଂକ୍ରାନ୍ତରେ ଆଜି ବରଗଡ଼ ଟିପିଡବ୍ଲ୍ୟୁଓଡିଏଲ ଜୋନ୍ ମୁଖ୍ୟଙ୍କୁ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବରଗଡ଼ ଟିପିଡବ୍ଲ୍ୟୁଓଡିଏଲ ସର୍କଲରୁ କର୍ମଚାରୀ ଆନ୍ଦୋଳନରେ ଅଂଶଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ମହାସଂଘ ପକ୍ଷରୁ ବରଗଡ଼ ସର୍କଲ ସମ୍ପାଦକ ବଦ୍ରିନାରାୟଣ ସେଠ, ସର୍କଲ ସଂଗଠନ ସମ୍ପାଦକ ଭାବେ ପାଣ୍ଡବ ଜଗଦଲ୍ଲା, ଦୁଷ୍ମନ୍ତ ଦୀପ, ଜଗନ୍ନାଥ ଛତର, ମହାସଂଘ ଯୁଗ୍ମ ସମ୍ପାଦକ ଚକ୍ରଧର ପ୍ରଧାନ, ସମ୍ପାଦକ ଅନୁପ ଦାସ ଓ ସଂଗଠନ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ ।

# ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭ୍ରମଣ

ବରଗଡ଼, ୧୪ । ୫(ସମିସ): ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ନୈନିତାଲ ଭ୍ରମଣ କରିଛନ୍ତି । ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ୍ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ ଉପସ୍ଥିତ ଥିଲେ ବରଗଡ଼ରୁ ବିଦାୟ ଜଣାଇଥିଲେ । ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଏହି ଭ୍ରମଣର ନେତୃତ୍ୱ ନେଇଥିଲେ । ଶିକ୍ଷକ ସୁସ୍ମିତ ଖାନ୍ରା, ବିର୍ଜୁ ପ୍ରସାଦ, ଅଭିଜିତ୍ ପ୍ରଧାନ, ଶିକ୍ଷୟିତ୍ରୀ ଏର୍ଥେରିନ୍ କୁଜୁର ଓ ମାମିନା ଖେତି ଛାତ୍ରଛାତ୍ରୀଙ୍କ ସହ ଯାଇଥିଲେ ।




ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୨ ଜଣ ଛାତ୍ରଛାତ୍ରୀ ବରଗଡ଼ରୁ ବାହାରି ରାୟପୁର ଯାଇଥିଲେ । ସେଠାରୁ ଲକ୍ଷ୍ନୌ ଯାଇଥିଲେ । ଲକ୍ଷ୍ନୌରେ ଇମାମବାରା, ଆମ୍ବେଦକର ମ୍ୟୁଜିୟମ୍ ଭ୍ରମଣ କରିଥିଲେ । ଏହା ପରେ ଜିମ୍ କର୍ବେଟ ଜାତୀୟ ଉଦ୍ୟାନ ଯାଇଥିଲେ । ହନୁମାନଧାମରେ ୨ ଦିନ ରହିଥିଲେ । କ୍ୟାମ୍ପରେ ସେମାନେ ଜିପ୍ ଲାଇନ୍, ଜୁମାରିଙ୍ଗ, କମାଣ୍ଡୋ ଚ୍ୟାଲେଞ୍ଜ, ସର୍ଭାଇଭଲ ସ୍କିଲ, ଟିମ୍ ବିଲ୍ଡିଙ୍ଗ, ଟ୍ରାକିଙ୍ଗ ଆଦି ଶିଖିଥିଲେ । ଏହା ପରେ ସେମାନେ ନୈନିତାଲ ଯାଇଥିଲେ । ସେଠାରେ କିନ୍‌ଚିଧାମ, ବୋହରାଖାଲ, ଭୀମତାଲ ଆଦି ସ୍ଥାନ ଭ୍ରମଣ କରିଥିଲେ । ନୈନି ସରୋବରରେ ନୌକା ବିହାର କରିଥିଲେ । ନୈନିତାଲରୁ ବାହାରି ପୁଣି ଦିଲ୍ଲୀ ଆସିଥିଲେ । ଦିଲ୍ଲୀରୁ ରାୟପୁର ଦେଇ ବରଗଡ଼ ପ୍ରତ୍ୟାବର୍ତ୍ତନ କରିଥିଲେ ।

# 'ବିକାଶ'ରେ ସିବିଏସ୍‌ଇ ଦ୍ୱାଦଶ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବରଗଡ଼, ୧୪ । ୫(ସମିସ): ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଫଳାଫଳରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ୯୦%ରୁ ଅଧିକ ମାର୍କ୍ ରଖିଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ସ୍କୁଲ୍ ତରଫରୁ କ୍ରୀଷ୍ଣା ବିକାଶ ପ୍ରେକ୍ଷାଳୟରେ ସମ୍ବର୍ଦ୍ଧିତ କରାଯାଇଛି । ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ତାଙ୍କ ପିତାମାତା ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ କ୍ରୀଷ୍ଣା ବିକାଶ ଅଧ୍ୟକ୍ଷ ଦାଶରୀ ମୁରଲୀ କ୍ରୀଷ୍ଣା ସମସ୍ତ ଅଧ୍ୟକ୍ଷ-ଉପାଧ୍ୟକ୍ଷଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ ହୋଇଥିଲା । ଆଦ୍ୟାଶା ସାହୁ ରାଜ୍ୟ ଟପ୍ପର ହୋଇଥିବା ଶ୍ରୀ ମୁରଲୀ କ୍ରୀଷ୍ଣା ସୂଚନା ଦେଇଥିଲେ । ବିକାଶ ଆବାସିକ ବିଦ୍ୟାଳୟ ସିନିୟର ସେକାଣ୍ଡାରୀର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ସଭା ପରିଚାଳନା କରିଥିଲେ । ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ପିପୁଲ ଆଣ୍ଡ କଲଚ୍‌ର ହେଡ୍ ଅଶ୍ୱିନୀ ନାୟକ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ପେଟରୁ ବାହାରିଲା ୬ କେଜିର ଟ୍ୟୁମର୍

ବରଗଡ଼, ୧୪ । ୫(ସମିସ): ବରଗଡ଼ ସାଇକୃପା ନର୍ସିଂହୋମରେ ଏକ ବିରଳ ତଥା ଜଟିଳ ଅସ୍ତ୍ରୋପଚାର କରାଯାଇଛି । ଜଣେ ୩୮ ବର୍ଷୀୟ ଯୁବକଙ୍କ ପେଟରୁ ପ୍ରାୟ ୬ କେଜି ଓଜନର ଏକ ବିଶାଳ ଟ୍ୟୁମର୍ ବାହାର କରାଯାଇଛି । ଡାକ୍ତରୀ ଦଳ ଜଣେ ରୋଗୀଙ୍କୁ ନୂତନ ଜୀବନଦାନ ଦେଇଛନ୍ତି । ପଦ୍ମପୁର ଅଞ୍ଚଳର ଯୁବକ ଜଣକ ଦୀର୍ଘ ଦିନ ଧରି ପେଟ ଜନିତ ସମସ୍ୟାରେ ପୀଡ଼ିତ ଥିଲେ । ପେଟଟି ଅସ୍ୱାଭାବିକ ଭାବେ ଫୁଲି ରହିବା ସହ ସେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଭଟଲି ଛକସ୍ଥିତ ସାଇକୃପା ନର୍ସିଂହୋମରେ ଭର୍ତ୍ତି କରିଥିଲେ । ପରୀକ୍ଷା ନିରୀକ୍ଷା ପରେ ତାଙ୍କ ପେଟରେ ଏକ ବଡ଼ ଧରଣର ଟ୍ୟୁମର୍ ଥିବା ଜଣାପଡ଼ିଥିଲା । ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିଲା । ଏହି ଦଳରେ ଅଭିଜ୍ଞ ଡାକ୍ତରଙ୍କ ମଧ୍ୟରେ ପ୍ରଫେସର ଅଶୋକ ନାୟକ, ଡାକ୍ତର ରାଜେଶ ତ୍ରିପାଠୀ, ଡାକ୍ତର ସୁବଳ ମିଶ୍ର ସାମିଲ ହୋଇଥିଲେ । ଦୀର୍ଘ ସମୟର ଅସ୍ତ୍ରୋପଚାର ପରେ ସଫଳତାର ସହ ଯୁବକଙ୍କ ପେଟରୁ ୬ କେଜି ଓଜନର ଟ୍ୟୁମର୍‌କୁ ବାହାର କରାଯାଇଥିଲା ।

# ବ୍ୟବସାୟୀ ଜୟଦେବ ବେହେରାଙ୍କ ବିୟୋଗ



ଭେଡେନ, ୧୪ । ୫(ସମିସ): ଭେଡେନ ବ୍ଲକ ଭେଡେନ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଜୟଦେବ ବେହେରା (୯୩) ଙ୍କ ବରଗଡ଼ସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ଏକ ବିଶାଳ ଶୋଭାଯାତ୍ରାରେ ନିକଟସ୍ଥ ଦନ୍ତା ନଦୀ ଶ୍ମ । ।ନ ଘାଟକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି । ବଡ଼ପୁଅ ଆନନ୍ଦ ବେହେରା ମୁଖାଗ୍ନି ଦେଇଥିଲେ ।

# ମାଧୋ ସିଂହଙ୍କ ସମ୍ବନ୍ଧୀୟ ତଥ୍ୟଗତ ତ୍ରୁଟି ସଂଶୋଧନର ପ୍ରକ୍ରିୟା ଆରମ୍ଭ

ବିଜେପୁର/ଘେଁସ, ୧୪ । ୫(ସମିସ): ସପ୍ତମ ଶ୍ରେଣୀର ସାହିତ୍ୟ କୁସୁମ ବହିରେ ପ୍ରଥମ ଥର ପାଇଁ ଓଡ଼ିଶାର ଅନନ୍ୟ ବିପ୍ଳବୀ ଶହୀଦ ମାଧୋ ସିଂହଙ୍କ ସମ୍ବନ୍ଧରେ ସ୍ଥାନିତ ଲେଖାରେ ଥିବା ତଥ୍ୟଗତ ତ୍ରୁଟି ସୁଧାରିବା ପାଇଁ ସରକାରଙ୍କ ତରଫରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଓଡ଼ଶା ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ବରଗଡ଼ ଓ ସମ୍ବଲପୁର ଜିଲ୍ଲାପାଳ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ପ୍ରମୁଖଙ୍କୁ ଏକ ଚିଠି କରି ଶହୀଦ ମାଧୋ ସିଂହଙ୍କ ତଥ୍ୟ ସମ୍ବନ୍ଧରେ ବହିରେ ଥିବା ତ୍ରୁଟିର ସଂଶୋଧନ ନିମନ୍ତେ ଆବଶ୍ୟକ ପ୍ରମାଣ ସଂଗ୍ରହ କରି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଭେଡେନ ମଧପଡ଼ା ପ୍ରିମିୟର ଲିଗ୍

# ହାର୍ଟ ଇଲେଭେନ ଓ ଏସ୍‌ଜି ୱାରିୟର ବିଜୟୀ

ଭେଡେନ, ୧୪ । ୫(ସମିସ)



ଭେଡେନସ୍ଥିତ ବଜାର ପ୍ରାଙ୍ଗଣ ଖେଳ ପଡ଼ିଆରେ ମଧପଡ଼ା କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଚାଲିଛି । ପ୍ରଥମ ମ୍ୟାଚ ପ୍ରମେୟ ଇଲେଭେନ ଓ ହାର୍ଟ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିତି ପ୍ରମେୟ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୦୦ରନ୍ ସଂଗ୍ରହ କରିଥିଲା । ଜବାବରେ ହାର୍ଟ ଇଲେଭେନ ବ୍ୟାଟିଂ କରି ୮.୫ ଓଭରରେ ୪ ଉଇକେଟ ହରାଇ ୧୦୨ ରନ୍ ସଂଗ୍ରହ କରିଥିଲା । ହାର୍ଟ ଇଲେଭେନ ବିଜୟୀ ହୋଇଥିଲା । ଅତିଥି ଭାବେ ମହେନ୍ଦ୍ର ସେଠ ଯୋଗଦେଇ ହାର୍ଟ ଇଲେଭେନ ଇଲେଭେନର ବିକାଶ ଛତ୍ରିଆଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚ ଏସଜି ୱାରିୟର ଓ ଦେଶୀ ବ୍ଲାଷ୍ଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦେଶୀ ବ୍ଲାଷ୍ଟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ରନ୍ ସଂଗ୍ରହ କରିଥିଲା । ଜବାବରେ ଏସଜି ୱାରିୟର ବ୍ୟାଟିଂ କରି ୯.୫ ଓଭରରେ ୫ ଉଇକେଟରେ ୧୧୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଅତିଥି ଭାବେ ମାନସ ରଞ୍ଜନ ରଥ ଯୋଗଦେଇ ଏସଜି ୱାରିୟରର ଅନଙ୍ଗ ନାଏକଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପ୍ରଦାନ କରିଥିଲେ । ଗୋବିନ୍ଦ ମେହେର, ମୁକ୍ତି ରଞ୍ଜନ ବନଛୋର, ମହେନ୍ଦ୍ର ସେଠ ପଚାଳନା କରିଥିଲେ । ସ୍କୋରର ଭାବରେ ରାହୁଲ ଅଦାବର, ଓମ ଲହରିଆ ଓ ରୋହନ ଥପା ଦାୟିତ୍ୱ ନିର୍ବାହ କରିଥିଲେ । ମଧପଡ଼ା କ୍ରିକେଟ କ୍ଲବର ଆରତ ପଟେଲ, ସୁନିଲ ସାହୁ, ରିତିକ ମେହେର, ଆଦର୍ଶ ପଧାନ, ଆଶୁତୋଷ ପଟେଲ, ଟଙ୍କ ନାଏକ, ନିଗମ ନାଏକ, ହାରଧାନ ଭୁକ୍ତା, ଗଣେଶ ମହାଲିଙ୍ଗ, ସଞ୍ଜୟ ଲହରିଆ, ଜିତୁ ବାଗ, ସଚ୍ଚିଦାନନ୍ଦ ସାହୁ, ସୁବଳ ଥପା, ଜିଗର ମହାଲିଙ୍ଗ, ବଜରଙ୍ଗ ନାଏକ, ବିକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ● ଧାନବିକ୍ରି ଓ ଟୋକନ ସମସ୍ୟା ନେଇ ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ବୈଠକ

# ୧୯ରେ ଜିଲ୍ଲାପାଳଙ୍କ ଅଫିସ ଘେରଉ

ବରଗଡ଼, ୧୪ । ୫(ସମିସ): ରବିରତୁ ଧାନବିକ୍ରି ପାଇଁ ଟୋକନ ସମସ୍ୟାକୁ ନେଇ ଆସନ୍ତା ୧୯ ତାରିଖରେ ବରଗଡ଼ ଜିଲ୍ଲାପାଳଙ୍କ ଅଫିସ ଘେରଉ କରାଯିବ । ଏଥି ନିମନ୍ତେ ସହିଦ ମଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ମୁରଲୀଧର ଭୋଇ ଏଥିରେ ସଭାପତିତ୍ୱ କରିଥିଲେ ।



ଚଳିତ ରବି ସିଜନ୍‌ରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ଠିକ୍ ଭାବେ ଟୋକନ୍ ମିଳିପାରିନାହିଁ । ଏହାଦ୍ୱାରା ଅମଳ ହୋଇଥିବା ଧାନ ବିକ୍ରି କରିବା ସମ୍ଭବପର ହେଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ତ୍ରୁଟିପୂର୍ଣ୍ଣ ସାଟଲାଇଟ ସର୍ଭେ କିମ୍ବା ପ୍ରଶାନିକ ଆକଳନରେ ତ୍ରୁଟି ଯୋଗୁଁ ଚାଷ ହୋଇଥିବା ଚାଷଜମିର ପରିମାଣ ଅନୁଯାୟୀ ଚାଷୀ ଟୋକନ ପାଇପାରିନାହାଁନ୍ତି । ଏଣୁ ଟୋକନ ସମସ୍ୟାର ସମାଧାନ କରାଯିବାକୁ ବାରମ୍ବାର ଚାଷୀ ଓ ଚାଷୀ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଟୋକନ ସମସ୍ୟାର ସମାଧାନ ପାଇଁ କୌଣସିପ୍ରକାର ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ । ଏଣୁ ସଂଯୁକ୍ତ କୃଷକ ମୋର୍ଚ୍ଚା ବରଗଡ଼ର ନେତୃତ୍ୱରେ ୧୯ ତାରିଖରେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉରେ ସହିଦ ମାଧୋସିଂ ଆଞ୍ଚଳିକ କୃଷକ ସଙ୍ଗଠନ ସାମିଲ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଲିଙ୍ଗରାଜ ପ୍ରଧାନ, ରୋହିତ ପ୍ରଧାନ, ସହିଦ ମାଧୋସିଂ ଆଞ୍ଚଳିକ କୃଷକ ସଙ୍ଗଠନର ସଂଯୋଜକ ପ୍ରଭାତ ସାହୁ, ପ୍ରେମରାଜ ସାହୁ, କୁଞ୍ଜବିହାରୀ ପ୍ରଧାନ, ମିନିକେତନ ବାରିକ, ଅରକ୍ଷିତ ମହାକୁର, ଲକ୍ଷପତି ସାହୁ, ଅଶୋକ ବାରିକ, କ୍ଷୀରୋଦ୍ର ପଟେଲ, ଅରୁଣ ବାରିକଙ୍କ ସମେତ ଘେଁସ, ପେଟୁପାଲି, ଝର, ତବଡ଼ା, ବେହେରାପାଲି, କଲଙ୍ଗାପାଲି, କୁଟିପାଲି, ଶନିମାଲ, ବିର୍ଜାମ, ସାଲେପାଲି, ବିଜାପାଲି ଇତ୍ୟାଦି ପଞ୍ଚାୟତରୁ ଶତାଧିକ ଚାଷୀ ଆୟୋଜିତ ବୈଠକରେ ଯୋଗ ଦେଇଥିଲେ । ସଭା ଶେଷରେ ଚାଷୀନେତା କୁଞ୍ଜବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରିଜ୍ ତଳକୁ ଓଲଟିଲା କାର୍

# ଝିଅ ମୃତ, ବାପାମାଆ ଗୁରୁତର

**କୁଆଖିଆ, ୧୪।୫(ସମିସ)**



୧୬ନଂ ଜାତୀୟ ରାଜପଥର କୁଆଖିଆ ଥାନା ଅନ୍ତର୍ଗତ ଖଣ୍ଡିତର ବ୍ରିଜ ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ସୂଚନା ମୁତାବକ ଭୁବନେଶ୍ୱର ଅଞ୍ଚଳର ଦିନଦୟାଲ ମୁଖାର୍ଜୀ ନିଜ ପତ୍ନୀ ସମ୍ପା ମୁଖାର୍ଜୀ ଓ ୧୪ବର୍ଷୀୟ ଝିଅ ଶ୍ରେଷ୍ଠା ମୁଖାର୍ଜୀଙ୍କୁ ସାଙ୍ଗରେ ନେଇ ନିଜ କାର ଯୋଗେ ଘସିପୁରା ଯାଉଥିଲେ। ତେବେ କୁଆଖିଆ ଥାନା ଅଧୀନ ଖଣ୍ଡିତର ବ୍ରିଜ ନିକଟରେ ଭାରସାମ୍ୟ ହରାଇ କାରଟି ପ୍ରଥମେ ଡିଭାଇଡରକୁ ଧକ୍କା ଦେଇ ବ୍ରିଜ ତଳକୁ ଓଲଟି ପାଣିରେ ପଡ଼ିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ କୁଆଖିଆ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି କାର ଟିକୁ ପାଣିରୁ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣାରେ ଝିଅର ମୃତ୍ୟୁ ହୋଇଥିବା ବେଳେ ବାପା ମା ଗୁରୁତର ଆହତ ହୋଇ କଟକ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। କୁଆଖିଆ ପୁଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିବା ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## କାର୍ ଦୁର୍ଘଟଣାରେ ୪ ଗୁରୁତର

**ଧର୍ମଶାଳା, ୧୪।୫(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ନେଉଳପୁର ରେଲୱେ ଓଭରବ୍ରିଜ ନିକଟରେ ଏକ କାର ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଆଜି ସକାଳେ କୌଣସି ଏକ କାମରେ ମୟୁରଭଞ୍ଜ ଅଞ୍ଚଳର ୪ ଜଣ ବ୍ୟକ୍ତି ଓଡ଼ି୧୧ ଏବି ୮୧୫୧ ନମ୍ବର ବିଶିଷ୍ଟ ଏକ କାରରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପୂର୍ବରୁ ରାସ୍ତା କଡ଼ରେ ବେଆଇନ ଭାବେ ଛିଡା ହୋଇରହିଥିବା ଏକ ହାଇୱା ଗାଡିକୁ ଖୁବ ଜୋରରେ ଧକ୍କା ଦେଇଥିଲା। ଫଳରେ ଗାଡି ଚାଳକ ସମେତ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ବଡଚଣା ମେଡିକାଲ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ସମସ୍ତ ୪ ଜଣଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟିବା ପରେ ହାଇୱା ଗାଡିଟି ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ଜାତୀୟ ରାଜପଥ କଡରେ କୌଣସି ଗାଡ଼ି ବେଆଇନ ଭାବେ ପର୍କିଙ୍ଗ କରିପାରିବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ଏହାକୁ ବେଖାତିର କରି ଅନେକ ଡ୍ରାଇଭର ରାସ୍ତା କଡରେ ଗାଡି ପାର୍କୀଙ୍ଗ କରୁଛନ୍ତି। ଫଳରେ ଏଭଳି ଦୁର୍ଘଟଣାମାନ ଘଟି ଅନେକ ଜୀବନ ଯାଉଥିବା ବେଳେ ଲୋକେ ଆହତ ହେଉଛନ୍ତି। ସରକାରଙ୍କ ନିୟମକୁ ପରିବହନ ବିଭାଗ ଓ ପୁଲିସ କର୍ମଚାରୀମାନେ ତଦାରଖ କରିବାର ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏମାନେ ଏହାକୁ ସଠିକ ଢଙ୍ଗରେ ପାଳନ କରୁ ନଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ବିଶେଷ କରି ଜାରକା ବଜାରରୁ ଚଣ୍ଡିଖୋଲ ମଧ୍ୟରେ ରାସ୍ତା କଡରେ ଶହ ଶହ ସଂଖ୍ୟାରେ ଗାଡି ବେଆଇନ ଭାବେ ପାର୍କିଙ୍ଗ କରାଯାଉଥିବା ବେଳ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥରେ ବେଆଇନ ପାର୍କିଙ୍ଗ କରୁଥିବା ଗାଡି ଉପରେ ଜୋରିମାନା କରିବା ସହିତ ଡ୍ରାଇଭର ପ୍ରତି ଦୃଷ୍ଟାନ୍ତ ମୁଳକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ତେବେ ନିୟୁଜ ଲେଖା ହେବା ପର୍ଯ୍ୟନ୍ତ ଏହି ଦୁର୍ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି।

## ପୂର୍ବ ଶତ୍ରୁତାକୁ ନେଇ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ବାଲିଚନ୍ଦ୍ରପୁର, ୧୪।୫(ସମିସ):** ପୂର୍ବ ଶତ୍ରୁତାରୁ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଲେଇ ଗ୍ରାମର କ୍ଷୀରୋଦ ପ୍ରଧାନଙ୍କ ପତ୍ନୀ କଳ୍ପନା ପ୍ରଧାନ ତାଙ୍କ ବାସଭବନ ସମ୍ମୁଖରେ ଛିଡା ହୋଇଥିବା ବେଳେ ସେହି ଗ୍ରାମର ଜନାର୍ଦ୍ଦନ ମହାପାତ୍ର ଓ ମନୋରଞ୍ଜନ ପ୍ରଧାନ ହଠାତ ତାଙ୍କ ପାଖକୁ ଆସି ଗାଳି ଗୁଳଜ କରି ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କଳ୍ପନା ପ୍ରଧାନ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ କଳ୍ପନା ପ୍ରଧାନ ଏନେଇ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଅପରପକ୍ଷରେ ଜନାର୍ଦ୍ଦନଙ୍କ ପତ୍ନୀ ସୁପ୍ରଭା ମହାପାତ୍ର ତାଙ୍କ ସ୍ୱାମୀକୁ କଳ୍ପନା ପ୍ରଧାନ ଓ ତାଙ୍କ ସ୍ୱାମୀ କ୍ଷୀରୋଦ ପ୍ରଧାନ ଢେଲା ପଥର ଫିଙ୍ଗିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଥାନା କେସ ନମ୍ବର ୧୭୦/୨୬ ଓ ୧୭୧/୨୬ ରେ ଦୁଇଟି ମାମଲା ରୁଜୁ କରାଯିବା ସହିତ ତଦନ୍ତକାରୀ ଅଧିକାରୀ ଏସ ଆଇ ସମ୍ବିତ ବେହେରା ପାରିପଲେଇ ଗ୍ରାମ ସ୍ଥିତ ଘଟଣା ସ୍ଥଳକୁ ଯାଇ ଘଟଣାର ତଦନ୍ତ କରିଥିବା ନେଇ ଥାନା ସୂତ୍ରରୁ ଜଣାଯାଇଛି। ତେବେ ସିସିଟିଭି ଆଧାରକୁ ଭିତ୍ତି କରି ଏହି ଘଟଣାର ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯିବ ବୋଲି ଏସଆଇ ଶ୍ରୀ ବେହେରା କହିଛନ୍ତି।

## ୱାର୍ଡ କମିଟି ନିମନ୍ତେ ପ୍ରସ୍ତୁତି ବୈଠକ



**ବଡ଼ଚଣା, ୧୪।୫(ସମିସ):** ନଳିପୁର ପଞ୍ଚାୟତ ବାଉଜଙ୍ଗ ଠାରେ ଯୁବ ସଭାପତି କାଲୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ମୁଖ୍ୟ ମୁଖ୍ୟ ଲୋକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନଳୀପୁର ପଞ୍ଚାୟତର ସମସ୍ତ ୱାର୍ଡର ୱାର୍ଡ଼ କମିଟି ଗଠନ ନିମନ୍ତେ ଆଲୋଚନା କରାଯାଇଥିଲା। ସେହିପରି ମାଣ୍ଡୁକା ପଞ୍ଚାୟତ ଭକୁଡ଼ ଠାରେ ମାଣ୍ଡୁକା ପଞ୍ଚାୟତର ସଭାପତି ଅଶୋକ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ୱାର୍ଡ଼ ସ୍ତରରୁ ସଙ୍ଗଠନକୁ ମଜବୁତ କରିବା ପାଇଁ ଏ ପ୍ରୟାସ ଜାରି ରହିବ ବୋଲି କହିଛନ୍ତି।

## ଶ୍ରୀମହାବୀରଙ୍କ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ

**ବ୍ରହ୍ମବରଦା, ୧୪। ୫(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ମହିମା ଛକ ରେ ଅବସ୍ଥିତ ମାରୁତି ପୀଠ ପ୍ରଗଣ ରେ ଶ୍ରୀ ମହାବୀର ହନୁମାନଙ୍କ ଷଡ଼ବିଂଶ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହୋଇଯାଇଛି।ଏହି ମହାଯଜ୍ଞ ୧୩ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇ ୧୬ ତାରିଖ ଶନିବାର ପର୍ଯ୍ୟନ୍ତ ୪ ଦିନ ଧରି ମହା-ଆଡମ୍ବରରେ ପାଳିତ ହେଉ ଅଛି।ଆଜି ସକାଳୁ ମୁଖ୍ୟ କର୍ତ୍ତା ସଞ୍ଜୟ କୁମାର ବେହେରା ଓ ତାଙ୍କ ପତ୍ନୀ ବବିତା ବେହେରା ସମେତ



ପ୍ରଫୁଲ୍ଲ କୁମାର ଗିରୀ, ଲକ୍ଷ୍ମୀ ପ୍ରିୟା ନାୟକ, ବିଷ୍ଣୁ ଚରଣ ଦେଓ, ସୁବାସ ମଣ୍ଡଳ, ବାସୁଦେବ ବେହେରା, ଅରୁଣ କୁମାର ବେହେରା, ଅହିଲ୍ୟା ମଣ୍ଡଳ, ଦେବାଶିଷ ବେହେରା, ଗୀତା ରାଉତ, ଚନ୍ଦନ ବେହେରା ଏବଂ ଅନ୍ୟ ମାନେ ମାନେ ବ୍ରାହ୍ମଣୀ ନଦୀ ଗର୍ଭ ରୁ ପୂଜାର୍ଚ୍ଚନା କରି କଳସ ରେ ଜଳ ଆଣି ଗ୍ରାମ୍ୟ ପରିଭ୍ରମଣ କରି ଯଜ୍ଞ ସ୍ଥଳ ରେ ସ୍ଥାପନ କରିଥିଲେ। ମନ୍ଦିର ର ମୁଖ୍ୟ ପୁରୋହିତ ରବୀନ୍ଦ୍ର ଦାଶ, ବିଷ୍ଣୁ ଚରଣ ତ୍ରିପାଠୀ, ପ୍ରତାପ କୁମାର ପଣ୍ଡା, ଦୋଳ ଗୋବିନ୍ଦ ପଣ୍ଡା, ରାଜ କିଶୋର ଦାଶଙ୍କ ମନ୍ତ୍ରଧ୍ୱନୀ ରେ ଆଧିକ ପରିବେଶ ସୃଷ୍ଟି ହୋଇଥିଲା। ବୁଧବାର ଅଙ୍କୁରରୋପଣ, ଗୁରୁବାର କଳସାଧିବାସ, ସୂର୍ଯ୍ୟ ପୂଜା, ଗୋ-ପୂଜା, ଆଭରଣ ପୂଜା, ଶୁକ୍ରବାର ସହିତ ଶନିବାର ପର୍ଯ୍ୟନ୍ତ ସୂର୍ଯ୍ୟ ପୂଜା, ଗୋ-ପୂଜା, ଗୁରୁ ପୂଜା, , ଉପଚାର ପୂଜା, ଅଗ୍ନି ସଂସ୍କାର, ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୁରା ଆଧିକ କାର୍ଯ୍ୟକ୍ରମ ନାମ ସଂକୀର୍ତ୍ତନ ସହିତ ସନ୍ଧ୍ୟା ସମୟରେ ପ୍ରବଚକ ଶ୍ରୀ ଅର୍ଜୁନ ଚରଣ ମହାନ୍ତି ଙ୍କ ଦ୍?ାରା ରାମାୟଣ ପ୍ରବଚନ କାର୍ଯ୍ୟକ୍ରମ ଉକ୍ତ ମହାଯଜ୍ଞରେ ଦେଖିବାକୁ ମିଳିବ।

## ଯାଜପୁରରେ ତୈଳ ସଂକଟ

# ପେଟ୍ରୋଲ ପମ୍ପ ସମ୍ମୁଖରେ ଲମ୍ବା ଧାଡ଼ି



**ଯାଜପୁର, ୧୪।୫(ସମିସ):** ଯାଜପୁର ଜିଲ୍ଲାରେ ତୈଳ ସଂକଟର ପ୍ରଭାବ ଦେଖିବାକୁ ମିଳିଛି। ଆଜି ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଗ୍ରାହକଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଛି। ସକାଳୁ ଗ୍ରାହକ ମାନେ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ପେଟ୍ରୋଲ ଏବଂ ଡିଜେଲ ପାଇଁ ଧାଡିରେ ଛିଡା ହୋଇଛନ୍ତି। ଏପରିକି ଧାଡିରେ ମହିଳାମାନେ ମଧ୍ୟ ଗାଡ଼ି ଧରି ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି। ଗୋଟିଏ ପଟେ ଗ୍ରାହକ ମାନେ ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହେଉଥିବା ବେଳେ ପ୍ରତ୍ୟେକ ବାଇକ୍ କୁ ୧୦୦/୨୦୦ ଟଙ୍କାର ପେଟ୍ରୋଲ ଏବଂ କାର ଚାଳକଙ୍କୁ ୫୦୦/୧୦୦୦ ଟଙ୍କାର ପେଟ୍ରୋଲ ଦିଆଯାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗ୍ରାହକ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧର ଘନଘଟା ସମୟରେ ପେଟ୍ରୋଲ ଓ ଡିଜେଲ ର ଅଭାବ ଦେଖିବାକୁ ମିଳିନଥିବା ବେଳେ ଏବେ ଯୁଦ୍ଧର ସେଭଳି କୌଣସି ପ୍ରଭାବ ନଥିବା ବେଳେ କାହିଁକି ପେଟ୍ରୋଲ ଓ ଡିଜେଲର ଅଭାବ ଦେଖିବାକୁ ମିଳୁଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। ରାଜ୍ୟ ସରକାର ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଅଭାବ ନଥିବା ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ କ୍ଷେତ୍ରରେ ପରିସ୍ଥିତି ସାଂଘାତିକ ଥିବା ଦେଖିବାକୁ ମିଳିଛି। ଏଭଳି ତୈଳ ସଂକଟ ସମୟରେ ଯାଜପୁର ଜିଲ୍ଲାରେ କଳାବଜାରି ହେବାର ଆଶଙ୍କା ମଧ୍ୟ ରହିଛି। ପେଟ୍ରୋଲ ଓ ଡିଜେଲର କଳାବଜାର କରୁଥିବା ବ୍ୟବସାୟୀମାନେ ଡ୍ରମ ଡ୍ରମ ତୈଳ ଗଛିତ କରି ରଖୁଥିବାରୁ ଏହାର ପ୍ରତିକାର କରିବା ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ଆବଶ୍ୟକ। ଏପରିକି ତୈଳ ଟାଙ୍କି ଗୁଡିକ ଉପରେ ପ୍ରଶାସନ ଯାଞ୍ଚ କରି ସେମାନଙ୍କ ଷ୍ଟକ୍‌କୁ ଯାଞ୍ଚ କରିବା ଆବଶ୍ୟକ। ତୈଳ ସମସ୍ୟାକୁ ଦେଖି ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପଦାର୍ଥର ଦର ମଧ୍ୟ ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

## କୁଆଖିଆରେ ବିଦ୍ୟୁତ୍ କର୍ମଚାରୀ ମହାସଙ୍ଘର ଗର୍ଜନ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର




**କୁଆଖିଆ।୧୪।୫(ସମିସ):** ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘ, କୁଆଖିଆ ଶାଖା ତରଫରୁ ଆଜି ଶ୍ରମିକ ଛଟେଇ ବିରୋଧରେ ତୀବ୍ର ପ୍ରତିବାଦ କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର କୁଆଖିଆ ଇଲେକଟ୍ରିକାଲ ଏକ୍ସକ୍ୟୁଟିଭ ଇଞ୍ଜିନିୟରଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ସଭାରେ ଓ ବି କେ ଏମ ମହାସଙ୍ଘ ଉପସଭାପତି ସୁରେନ୍ଦ୍ର କୁମାର ପାଣି ଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଏକତ୍ରିତ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଅବୈଧ ଶ୍ରମିକ ଛଟେଇ ତୁରନ୍ତ ବନ୍ଦ କରିବା, କଣ୍ଟ୍ରାକ୍ଟ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ବିନା କାରଣରେ ଛଟେଇ ନକରିବା, ସ୍ଥାୟୀ ନିଯୁକ୍ତି: ୫ ବର୍ଷରୁ ଅଧିକ କାମ କରୁଥିବା ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା, ସମାନ କାମକୁ ସମାନ ଦରମା, ସମାନ କାମ କରୁଥିବା ନିୟମିତ ଓ ଠିକା କର୍ମଚାରୀଙ୍କ ଦରମାରେ ବୈଷମ୍ୟ ଦୂର କରିବା, ସୁରକ୍ଷା ଉପକରଣ ଫିଲ୍ଡରେ କାମ କରୁଥିବା ଲାଇନମ୍ୟାନ, ହେଲ୍ପରଙ୍କୁ ମାନକ ସୁରକ୍ଷା କିଟ୍ ଯୋଗାଇ ଦେବା ଇତ୍ୟାଦି। ମହାସଙ୍ଘ ଯାଜପୁରମଣ୍ଡଳ ସମ୍ପାଦକ ବିପ୍ଳବ କେଶରୀ ସାମନ୍ତରାୟ କହିଲେ, ‘ଦିନରାତି ୨୪ ଘଣ୍ଟା ସେବା ଦେଇ ବି ଆମ ଚାକିରିର ସୁରକ୍ଷା ନାହିଁ। ଝଡ଼-ବର୍ଷା-ବାତ୍ୟାରେ ଜୀବନକୁ ବାଜି ଲଗାଇ ଲାଇନ ଠିକ କରୁଛୁ। ହେଲେ କମ୍ପାନୀ ଘରୋଇକରଣ ନାଁରେ ଆମକୁ ଛଟେଇ କରୁଛି। ପେଟ ପୋଷିବୁ କେମିତି?


ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ କିଛି କର୍ମଚାରୀଙ୍କୁ କାମରୁ ବାହାର କରିବାକୁ ନୋଟିସ ଦିଆଗଲାଣି। ଫଳରେ ଗାଁ ଗହଳିରେ ବିଦ୍ୟୁତ ସେବା ପ୍ରଭାବିତ ହେଉଛି। ଗୋଟିଏ ଲାଇନମ୍ୟାନଙ୍କୁ ୩-୪ଟି ପଞ୍ଚାୟତ ଦାୟିତ୍ୱ ଦିଆଯାଉଛି। ଦାବିପତ୍ର ଗ୍ରହଣ କରି କୁଆଖିଆ ଇଲେକଟ୍ରିକାଲ ଏକ୍ସକ୍ୟୁଟିଭ ଇଞ୍ଜିନିୟର ଅଶୋକ କୁମାର ମଲ୍ଲିକ କହିଲେ, ‘କର୍ମଚାରୀଙ୍କ ଦାବି ଉପର ଅଧିକାରୀ ଓ ସରକାରଙ୍କ ପାଖକୁ ପଠାଇଦେବୁ। ଆମେ କେବଳ ନିର୍ଦ୍ଦେଶ ପାଳନ କରୁ। ମହାସଙ୍ଘ ଚେତାବନୀ ଦେଇଛି, ଯଦି ୨୯/୫ ତାରିଖ ଦିନ ମଧ୍ୟରେ ଦାବି ପୂରଣ ନହୁଏ, ତେବେ ସମଗ୍ର ରାଜ୍ୟରେ ଡିଭିଜନ ଓ ସର୍କଲ ଅଫିସ ଆଗରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ସେତେବେଳେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ ହୋଇଯିବା ଆଶଙ୍କା ରହିଛି।ଜୀବନକୁ ବାଜି ଲଗାଇ କାମ କରୁଥିବା ବିଦ୍ୟୁତ କର୍ମଚାରୀଙ୍କ ସମସ୍ୟା ସରକାର କେବେ ଶୁଣିବେ, ତା ଉପରେ ସମସ୍ତଙ୍କ ନଜର।ଏହି କାର୍ଯ୍ୟକ୍ରମରେ ସାରଦା ପ୍ରସନ୍ନ ବାରିକ, ସୁଶାନ୍ତ ବିଶୋଇ, ଶ୍ରୀକାନ୍ତ ବେହୁରିଆ, ହେମନ୍ତ ନାୟକ, ପ୍ରମୋଦ ଜେନା, ପ୍ରଭାକର ମଲ୍ଲିକ, ପ୍ରତାପ ଚନ୍ଦ୍ର ସ୍ୱାଇଁ, ରଞ୍ଜନ ସ୍ୱାଇଁ ଓ ବିଭୁ ପ୍ରସାଦ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ସର୍ପାଘାତରେ ଯୁବକ ମୃତ

**ବଡଚଣା, ୧୪।୫(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ ଗ୍ରାମ ପଞ୍ଚାୟତ ଅଧୀନ କୁଳ ହରିପୁର ଗ୍ରାମର ବୀରବର ସାମଲଙ୍କ ପୁଅ ନଳିନୀକାନ୍ତ ସାମଲ (୪୯) ଙ୍କର ସର୍ପାଘାତରେ ମୃତ୍ୟୁ ଘଟିଛି। ନଳିନୀ ନିଜ ଶୌଚାଳୟରେ ଶୌଚ ହେଉଥିବା ସମୟରେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ଘର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ। ମାତ୍ର ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପ୍ରକାଶ ପାଇଲା ପରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବ ଗ୍ରାମରେ ପହଞ୍ଚିଲା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥଲା। ଖବର ପାଇ ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ସାମ୍ବାଦିକ ସୁରେନ୍ଦ୍ର ନାଥ ସାମଲ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହିତ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୃତ ନଳିନୀ ପରିବାରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ତାଙ୍କର ବିଧବା ପତ୍ନୀ ଏକମାତ୍ର ପୁଅ ଓ ଝିଅ ଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଖାଲରେ ପରିପୂର୍ଣ୍ଣ ବିଞ୍ଝାରପୁର ମୁଖ୍ୟ ରାସ୍ତା

**ପ୍ରୀତିପୁର, ୧୪।୫(ସମିସ) :** ରାସ୍ତା ମରାମତି କାମ ହେବାର ମାତ୍ର ଦୁଇମାସ ମଧ୍ୟରେ ରାସ୍ତାରୁ ପିଚୁ ଓଠିବା ଆରମ୍ଭ କରିଥିବା ବେଳେ ୪ମାସ ପରେ ଆଜି ତାହା ବଡ଼ ବଡ ଖାଲରେ ପରିଣତ ହେଲାଣି। ଯାହା ରାସ୍ତା କାମର ମାନକୁ ଦର୍ଶାଇବା ସହ ପୂର୍ତ୍ତ ବିଭାଗ ପ୍ରତି ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି କରିଛି। ଏହି ରାସ୍ତା ଯାଜପୁର ଜିଲ୍ଲା ବିଞ୍ଝାରପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ରାସ୍ତାଟି ଯାଜପୁରରୁ ସିଂହପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ହୋଇଥିବା ବେଳେ କପାସି ଠାରୁ ଆରମ୍ଭ କରି ଆଲାରପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ବହୁ ଖରାପ ରହିଛି। ଯାହାକି ରାସ୍ତାର ସ୍ଥାନେ ସ୍ଥାନେ ବଡବଡ ଖାଲରେ ପରିଣତ ହୋଇଛି। ରାସ୍ତାର ଏପରି ଅବସ୍ଥା ପାଇଁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବହୁ ସମୟରେ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ରାସ୍ତା ଉପରେ ବିଞ୍ଝାରପୁର ଅଞ୍ଚଳ ସମେତ ପଡୋଶୀ ଜିଲ୍ଲା କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ଅଞ୍ଚଳର ଲୋକମାନେ ନିର୍ଭର କରିଥାନ୍ତି। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ବେଳେ ଜରୁରୀକାଳୀନ ଅବସ୍ଥାରେ ଯିବା ଆସିବା ପାଇଁ ଏହି ରାସ୍ତା ବାଧକ ମଧ୍ୟ ସାଜୁଛି। ତାହା ସହିତ ମଧ୍ୟ ଏହି ରାସ୍ତା ଦେଇ ସ୍କୁଲ



କଲେଜକୁ ଶହ ଶହ ଛାତ୍ର ଛାତ୍ରୀ ଯିବା ଆସିବା କରୁଛନ୍ତି। ସେମାନେ ମଧ୍ୟ ଏହି ରାସ୍ତା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ କଥା ହେଉଛି ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବ୍ଲକ କାର୍ଯ୍ୟାଳୟକୁ ଏବଂ ତହସିଲ କାର୍ଯ୍ୟାଳୟକୁ ସରକାରୀ ପଦାଧିକାରୀମାନେ ଯାଉଛନ୍ତି, ଏପରିକି ମିଳିତ ଜନ ଶୁଣାଣିରେ ଖୋଦ୍ ଜିଲ୍ଲାପାଳ ମଧ୍ୟ ଏହି ରାସ୍ତା ଦେଇ ଯାଉଛନ୍ତି। ହେଲେ ଏ ରାସ୍ତା ପ୍ରତି କାହାରି ଦୃଷ୍ଟି ନାହିଁ। ରାସ୍ତାର ଏପରି ଅବସ୍ଥା ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସତ୍ତ୍ୱେ ରାସ୍ତା ମରାମତି କରାଯାଉ ନାହିଁ। ଚଢ଼େଇ ଆଗରେ ଦାନା ପକାଇ ଚଢ଼େଇ ଧରିବା ଭଳି ଠିକାଦାର ରାସ୍ତା ମରାମତି ନାମରେ ନିମ୍ନମାନର କାମକରି ବିଲ୍ ହଡ଼ପ କରୁଥିବା ଅଭିଯୋଗ କରିଛନ୍ତି ସାଧାରଣ ଲୋକ। ଏପରିକି ବିଭାଗୀୟ ଯନ୍ତ୍ରୀଙ୍କ ମିଳି ଭଗତରେ ଏପରି କାମ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ମୁଖ୍ୟ କଥା ହେଉଛି ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ସମ୍ପର୍କରେ ପଚାରିଲେ, ଏହା କ୍ରମାଗତ ପ୍ରୋସେସ ବୋଲି ଉତ୍ତର ମିଳୁଛି। ଯାହା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍?ବୋଧତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପରପକ୍ଷେ ଉପରିସ୍ଥ ଅଧିକାରୀମାନେ ଆସି ରାସ୍ତା ଯାଞ୍ଚ କରିଛନ୍ତି ଏବଂ ଟେଣ୍ଡର ବାହାରିଲେ ରାସ୍ତା କାମ କରାଯିବା କଥା ମଧ୍ୟ ବିଭାଗ ପକ୍ଷରୁ ଉତ୍ତର ଆସୁଛି। ଏଠି ଦେଖିବାକୁ ବାକି ରହିଲା କେବେ ଟେଣ୍ଡର ବାହାରୁଛି ଏବଂ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେଉଛି।

## ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମବରଦା, ୧୪।୫(ସମିସ):** ବ୍ରହ୍ମବରଦା ଥାନା ମଙ୍ଗଳପୁର ପଞ୍ଚାୟତ କୋଠିଡ଼ିଅ ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ସେହି ଗ୍ରାମର ଅଖିଳ ଚନ୍ଦ୍ର ନାୟକଙ୍କ ପୁଅ ଆୟୁଷକାନ୍ତ (୨୯) ବୋଲି ଜଣାପଡ଼ିଛି। ଗତ କାଲି ବିଳମ୍ବିତ ରାତିରେ ଆୟୁଷକାନ୍ତ ନିଜ ସମ୍ପର୍କୀୟଙ୍କ ବିବାହ ଭୋଜିରୁ ଆସି ରୁମରେ ଶୋଇଥିଲେ। ଆଜି ଦିନ ୧୧ଟା ପର୍ଯ୍ୟନ୍ତ ସେ ନ ଉଠିବାରୁ ପରିବାର ଲୋକେ କବାଟ ଭାଙ୍ଗି ରୁମ ଭିତରକୁ ପଶିବାରୁ ସେ ବେକରେ ଏକ ଶାଢ଼ୀ ଗୁଡାଇ ଫ୍ୟାନରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ଏ ନେଇ ଆୟୁଷକାନ୍ତଙ୍କ ବାପା ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ସୁନା ନେଇ ଟଙ୍କା ନ ଦେବା ଅଭିଯୋଗରେ ଆସିକା ଏସ୍‌ଡିପିଓ ନିଲମ୍ବିତ

ଯାଜପୁର, ୧୪।୫(ସମିସ): ଗତ କିଛି ମାସ ଧରି ରାଜ୍ୟରେ ପୁଲିସର କାର୍ଯ୍ୟକଳାପରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଥିବା ଦେଖିବାକୁ ମିଳିଛି। କେଉଁଠି ପୁଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନ ତ କେଉଁଠି ଅପରାଧୀଙ୍କ ପ୍ରତି କୋହଳ ମନୋଭାବ। ବାଲିଅନ୍ତା ଘଟଣାରେ ପୁଲିସର ନଗ୍ନ ଚେହେରା ସମଗ୍ର ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ବେଳେ ଗଂଜାମ ଜିଲ୍ଲା ଆସିକା ଏସଡିପିଓ ଜନୈକ ସୁନା ଦୋକାନରୁ ସୁନା କିଣି ଟଙ୍କା ନ ଦେବା ଅଭିଯୋଗରେ ନିଲମ୍ବିତ ହେବା ଘଟଣା ସମଗ୍ର ପୋଲିସର ଚରିତ୍ର ଉପରେ ନାନା ପ୍ରଶ୍ନ ଚିହ୍ନ ଠିଆ କରିଛି। ଠିକ୍ ସମାନ ଢଙ୍ଗରେ ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳର ଏକ ଲୁଗା ଦୋକାନରୁ ଜନୈକ ପୁଲିସ ଅଧିକାରୀ ଲୁଗା କିଣି ନେଇ ଆଉ ଟଙ୍କା ଦେଉନଥିବା ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ବୈରୀ ଥାନା ର ଜନୈକ ଅଧିକାରୀ ଉକ୍ତ ଲୁଗା ଦୋକାନରୁ ୨୦ ହଜାର ଟଙ୍କାର ଲୁଗା ନେବା ପରେ ଆଉ ଟଙ୍କା ଦେବା କଥା ନାଁ ଧରୁନାହାଁନ୍ତି। ବାରମ୍ବାର ଦୋକାନୀ ଜଣକ ଟଙ୍କା ପାଇଁ ଯୋଗାଯୋଗ କରୁଥିଲେ ମଧ୍ୟ ପୋଲିସ ବାବୁ ଜଣକ ଜାଣିଶୁଣି ନ ଦେଇ ଓଲଟି ପୋଲିସିଆ ଧମକ ଦେଉଥିବା ଚର୍ଚ୍ଚା ହେଉଛି। ଫଳରେ ଦୋକାନୀ ଜଣକ କୌଣସି ଉପାୟ ନ ପାଇ କାନ ମୁଣ୍ଡ ଆଉଁସି ଆକୁ ତାକୁ କହି କିଭଳି ଟଙ୍କା ଗଣ୍ଡାକ ମିଳିବ ପଚାରି ବୁଝୁଛନ୍ତି। ଏଭଳି ଘଟଣା ସମ୍ପର୍କରେ କେହି କେହି ସାମାଜିକ ଗଣମାଧ୍ୟମରେ ମଧ୍ୟ ଜଣାଇବା ଫଳରେ ଘଟଣା ପ୍ରଘଟ କରିସାରିଲେଣି। କିନ୍ତୁ କିଏ ସେହି ଅଧିକାରୀ ଯିଏ ନିଜର କ୍ଷମତା ବଳରେ ଏଭଳି କାର୍ଯ୍ୟ କରି ପୋଲିସର ଛବିକୁ ମଳିନ କରୁଛନ୍ତି ତାର ତଦନ୍ତ ହେବା ଆବଶ୍ୟକ। ଏଥିପ୍ରତି ଜିଲ୍ଲା ଏସପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।


## ଦାନଗଦି ବ୍ଲକ୍‌ରେ ଅଚଳାବସ୍ଥା

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି କର୍ମଚାରୀ

**ଦାନଗଦି, ୧୪।୫(ସମିସ)**

- ବିଲ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ଠିକାଦାର
- ଜଣେ ଜଣେ ଜେଇଙ୍କୁ ୮ ପଞ୍ଚାୟତ ଦାୟିତ୍ୱ
- ଉନ୍ନୟନ ମୂଳକ କାର୍ଯ୍ୟ ଠପ୍

ରାଜ୍ୟ ନିର୍ବାଚନ ଫଳାଫଳ ପରେ ବିଜେପି ସରକାର କ୍ଷମତାକୁ ଆସିବାର ଦୁଇବର୍ଷ ବିତିଛି ହେଲେ ପଞ୍ଚାୟତରାଜ ବିଭାଗରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି, କେଉଁ ବ୍ଲକ ରେ କନିଷ୍ଠ ଯନ୍ତ୍ରୀ ନାହାଁନ୍ତି ତ କେଉଁଠି କର୍ମଚାରୀ ଅଭାବ ଦେଖାଦେଇଛି, ଦାନଗଦି ବ୍ଲକରେ ଏବେ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଥିବାବେଳେ ୫ ଜଣ କନିଷ୍ଠ ଯନ୍ତ୍ରୀ କାମ କରୁଛନ୍ତି, ସରକାରଙ୍କ ବିଭିନ୍ନ ଯୋଜନାରେ ଏହି ବ୍ଲକକୁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଆସୁଥିବାବେଳେ ଏହାକୁ ସୁଚାରୁରୂପେ ଖର୍ଚ୍ଚ କରିବାପାଇଁ କୌଣସି ଯୋଜନା ନାହିଁ, ଏହି ବ୍ଲକକୁ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ପଞ୍ଚାୟତକୁ ୩୦/୪୦ ଲକ୍ଷ ଟଙ୍କା ଆସୁଛି, ଏମ୍‌ଏଏଲ ଲ୍ୟାଡ଼, ଏମ୍‌ପି ଲ୍ୟାଡ଼ ଏବଂ ଗ୍ରାଣ୍ଟିନେଟଡ଼ ବାବଦକୁ ପ୍ରତ୍ୟେକ ପଞ୍ଚାୟତ କୁ ୧୫/୨୦ ଲକ୍ଷ ଟଙ୍କା ଓ ଏହାବ୍ୟତୀତ ଡ଼ିଏମଏଫ ବାବଦକୁ ପ୍ରତ୍ୟେକ ସ୍କୁଲ ଘର ନିର୍ମାଣ କରିବା ପାଇଁ ୪୭ ଲକ୍ଷ ଓ ୩୭ ଲକ୍ଷ ଟଙ୍କା ବହୁ ଯୋଜନା ରେ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଆସୁଛି, ହେଲେ ଯନ୍ତ୍ରୀ ଙ୍କ ଅଭାବ ଯୋଗୁଁ ଏହି ଅର୍ଥ ଠିକ ଭାବେ କାର୍ଯ୍ୟରେ ଲାଗୁ ନ ଥିବା ଅଭିଯୋଗ ହେଉଛି, ଧୂଳିଗଡ଼ ପଞ୍ଚାୟତ ରେ ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏକ କଲ୍ୟାଣୀ ମଣ୍ଡପ ପାଇଁ ଟେଣ୍ଡର ଡକାଯାଇଛି ହେଲେ ଏଯାଏ ଠିକାଦାର ଚୟନ ହୋଇପାରିନାହିଁ, ୨୩ ଟି ପଞ୍ଚାୟତ କୁ ନେଇ ଏହି ବ୍ଲକଟି ଥିବାବେଳେ ଜଣେ ଜଣେ ଜେଇ କୁ ୪/୫ ଟି ପଞ୍ଚାୟତ ଦିଆଯାଇଛି, କାମ ଶେଷ କରି ଠିକାଦାରମାନେ ବିଲ ପାଇଁ ବ୍ଲକକୁ ଆସିଲେ ଜେଇ କହୁଛନ୍ତି ଫିଲଡ଼ ରେ ଅଛୁ, ଏହା ବ୍ୟତୀତ ସକାଳୁଆ ଅଫିସ ଚାଲିଥିବାବେଳେ କୌଣସି ଜେଇ ଓ ଅଧିକାଂଶ କର୍ମଚାରୀ ଠିକ ସମୟରେ ଅଫିସ କୁ ଆସୁନାହାଁନ୍ତି, ଯାହାକି କାମ ଶେଷ କରି ଠିକାଦାର ମାନେ ବାରମ୍ବାର ବ୍ଲକ ଅଫିସ୍‌କୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ ବିଡ଼ିଓ ପ୍ରଦୀପ କୁମାର ସେଠି ଙ୍କୁ ଏ ସମ୍ପର୍କରେ ପଚାରିବାରୁ କର୍ମଚାରୀ ଅଭାବରୁ ଏଭଳି ଅଚଳାବସ୍ଥା ଦେଖା ଦେଇଛି ବୋଲି ସେ କହିଛନ୍ତି, ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ମରଣଯନ୍ତା ପାଲଟିଛି ଖଜୁରିଯୋଡ଼ା ପୋଲ

## ବିପଦଜ୍ଜନକ ଭାବେ ବାହାରିଛି ଲୁହା ରଡ୍; ନିରବ ପୂର୍ତ୍ତ ବିଭାଗ

କିଶୋରନଗର,୧୪।୫(ସମିସ):

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଅଞ୍ଚଳରେ ଥିବା ଖଜୁରୀଯୋଡ଼ା ପୋଲ ଏବେ ମରଣଯନ୍ତା ପାଲଟିଛି। ପୋଲର କଂକ୍ରିଟ୍ ସ୍ତର ଭୁଶୁଡ଼ି ଯାଇଥିବା ବେଳେ ସେଥିରୁ ପ୍ରାୟ ୨ ଫୁଟ ଉଚ୍ଚର ଲୁହା ରଡ୍ ବିପଦଜ୍ଜନକ ଭାବେ ବାହାରକୁ ବାହାରି ରହିଛି। ଯାହା ଫଳରେ ଯେ କୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ପୋଲ ଉପର ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ସହ ବହୁ ଭାରୀଯାନ ତଥା ଆମ୍ବୁଲାନ୍ସ ଯାତାୟାତ କରୁଛି। ପୋଲ ମଝିରେ ବାହାରି ଥିବା ଲୁହା ରଡ୍ ଯୋଗୁ ଗାଡ଼ିର ଚକ ଫାଟିବା ସହ ଗୁରୁତର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ବିଶେଷ କରି ରାତି ସମୟରେ ଏହି ରଡ୍ ଗୁଡ଼ିକ ଦୃଶ୍ୟମାନ ହେଉ ନଥିବାରୁ ବାଇକ୍ ଆରୋହୀଙ୍କ ଜୀବନ ପ୍ରତି ବିପଦ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ବାବଦରେ ବାରମ୍ବାର ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଇ ନିରବଦ୍ରଷ୍ଟା ସାଜିଛନ୍ତି। ଯଦି ଯୁଦ୍ଧକାଳୀନ ଭିତ୍ତିରେ ଏହି ପୋଲର କ୍ଷତିଗ୍ରସ୍ତ ଅଂଶକୁ ମରାମତି କରା ନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଉଚ୍ଚପଦସ୍ଥ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାସ୍ତା ମଝିରେ ନଳକୂପ; ଯାତାୟାତରେ ଅସୁବିଧା



କିଶୋରନଗର,୧୪।୫(ସମିସ): ଆଠମଲ୍ଲିକ ଉପଖଣ୍ଡ ରାଣିଆକଟାଠାରୁ ଠାକୁରଗଡ଼ ପୂର୍ତ୍ତ ବିଭାଗର ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଳିହା ରାସ୍ତା ମଝିରେ ନଳକୂପଟି ରହିଛି। ରାସ୍ତା ସମ୍ପ୍ରସାରଣ ବେଳେ ନଳକୂପକୁ ହଟାଇ ଅନ୍ୟତ୍ର ଖୋଳି ସ୍ଥାପନ କରାଗଲା ନାହିଁ। ଯାହାକି ଯିବା ଆସିବାରେ ଅସୁବିଧା ହେଉଛି ଏବଂ ମହିଳାମାନେ ପାଣି ନେବା ବେଳେ ଗହଳି ହେଉଥିବାରୁ ଗୋଟିଏ ଗାଡ଼ି ଗଲେ ଆଉ ଗୋଟେ ଯାଇପାରୁନାହିଁ। ନଳକୂପଟି ରାସ୍ତା ମଝିରୁ ହଟାଇବାକୁ ସାଧାରଣରେ ଦାବି ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେଲେ ଏହି ସ୍ଥାନରେ ଅନେକ ଦୁର୍ଘଟଣା ଘଟି ଜୀବନ ହାନୀ ହେବା ଆଶଙ୍କା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

■ ସାବିତ୍ରୀ ଭାର ନେଇ ଯାଉଥିବାବେଳେ ଦୁର୍ଘଟଣା

# ବାପ ମୃତ; ଅଳ୍ପକେ ବର୍ତ୍ତିଗଲେ ଝିଅ

ଅନୁଗୋଳ,୧୪।୫(ସମିସ): ଗୁରୁବାର ଦିନ ୫୫ନଂ. ଜାତୀୟ ରାଜପଥରେ ପୁଣି ଦୁର୍ଘଟଣା ଘଟି ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ



ହେଲେ ଜରପଡ଼ା ଥାନା ଅନ୍ତର୍ଗତ ମୁଣ୍ଡାସାହିର ଅନିଲ ପ୍ରଧାନ।

ପ୍ରକାଶ ଯେ, ଗୁରୁବାର ଦିନ ୧୨ଟାରେ ଜରପଡ଼ା ଥାନା ଅନ୍ତର୍ଗତ ମୁଣ୍ଡାସାହିର ଅନିଲ ପ୍ରଧାନ ନିଜ ଝିଅକୁ ସାଙ୍ଗରେ ଧରି ଏକ ବାଇକ୍‌ରେ ଅନୁଗୋଳ କୁମଣ୍ଡରେ ରହୁଥିବା ଭଉଣୀ ଘରକୁ ସାବିତ୍ରୀ ଭାର ନେଇ ଆସୁଥିଲେ। ୫୫ନଂ. ଜାତୀୟ ରାଜପଥ ଦେଇ ଆସୁଥିବା ବେଳେ ଜରପଡ଼ା ଥାନା ଅନ୍ତର୍ଗତ ସାନ୍ତରାପୁର ଛକଠାରେ ପଛପଟୁ ଦ୍ରୁତ ବେଗରେ ଏକ ବୋଲେରୋ ଆସି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଶ୍ରୀ ପ୍ରଧାନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ଛୋଟ ଝିଅଟି ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲା। ଏହା ଦେଖି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଜରପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ଜରପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଚାଲିଛି।

# ରେଳ ଫାଟକ ଦେଉଛି ଯନ୍ତ୍ରଣା; ବିଭିନ୍ନ ମହଲରେ ଅସନ୍ତୋଷ

ତାଳଚେର,୧୪।୫(ସମିସ): ତାଳଚରେ ବାଇପାସ୍ ଛକଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ



ରେଲୱେ ଫାଟକ ରହିଛି। ପ୍ରାୟ ସମୟରେ ଏହି ଫାଟକ ପଡୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହି ମୁଖ୍ୟରାସ୍ତାରେ କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆର୍‌ଆଇ, ରେଭିନ୍ୟୁ ଅଫିସ୍, ପୋଷ୍ଟ ଅଫିସ୍, ପଶୁ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଏବଂ ଛୋଟବଡ଼ ସରକାରୀ ବେସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଅଫିସ୍ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀ ଓ କୁନିକୁନି ପ୍ରତିଭାମାନେ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି, ଗୁରୁତ୍ୱପୂର୍ଣ୍ଣ ଯାନ ଗୁଡ଼ିକ ଯଥା- ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି, ଜନନୀ ଏକ୍ସପ୍ରେସ୍ ଇତ୍ୟାଦି ବହୁ ସମୟ ଧରି ଅଟକି ରହୁଥିବା ଦେଖିବାକୁ ମିଳୁଛି। ଏପରି ସମସ୍ୟା ଉପୁଜୁଛି ଯେ, ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ଯାନବାହନ ଠିଆ ହେବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ତେବେ ଏଠାରେ ପ୍ରଶ୍ନ ଉଠେ କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟିଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ଟିଏ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ ନା ଏମ୍‌ସିଏଲ ନା ସ୍ଥାନୀୟ ପ୍ରଶାସନ କେହି ହେଲେ ସାମାନ୍ୟତମ ତତ୍ପରତା ଦେଖାଉନଥିବା ଦୁର୍ଭାଗ୍ୟର ବିଷୟ। ତେଣୁ ଏସମସ୍ୟାର ସମାଧାନକୁ ନେଇ ବିଭିନ୍ନ ମହଲରେ ଦାବି ହେଉଛି।

# ସୂଚନା ଅଧିକାର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

ଢେଙ୍କାନାଳ,୧୪।୫(ସମିସ): ସ୍ଥାନୀୟ ମହିଷାପାଟ ନିକଟ ୫୫ ନଂ. ଜାତୀୟ ରାଜପଥ ନିକଟରେ ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଗଡ଼ନାୟକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ନିଜ ସ୍କୁଟର ଯୋଗେ ଯାଉଥିବାବେଳେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଗୁରୁତର ଆହତ ହୋଇ ପ୍ରିୟବ୍ରତ ତଳେ ପଡ଼ିଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡ, ଗାଲ, ହାତ ଓ ଗୋଡ଼ରେ ଗଭୀର କ୍ଷତ ରହିଛି। ଏନେ ଟାଉନ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଣିହାଁ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଅଳିଆ ଗଦା

● ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ

କଣିହାଁ,୧୪।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କାର୍ଯ୍ୟାଳୟ ସାମ୍ନା ପାଲଟିଲାଣି ଡମ୍ପିଂୟାର୍ଡ। ଦିନକୁ ଦିନ ଅଳିଆ ଆବର୍ଜନା ଏଠାରେ ଗଦା ହୋଇ ପଡ଼ି ରହୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଗଦା ଗଦା ଅଳିଆ ଆବର୍ଜନା ସହ ମଦ ବୋତଲ, କୋରେକ୍ସ ବୋତଲ ଓ ବିଭିନ୍ନ ପ୍ଲାଷ୍ଟିକ ବର୍ଜ୍ୟ ପଦାର୍ଥ ପଡ଼ି ରହୁଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅନ୍ୟପଟେ ବ୍ଲକ କାର୍ଯ୍ୟାଳୟକୁ ସରସ ଓ ସୁନ୍ଦର କରିବାକୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ରଙ୍ଗ କାମ ସହ ଦାମୀ କାଚ ଲଗାଇ କାର୍ଯ୍ୟାଳୟକୁ ସଜାଯାଉଥିବା ବେଳେ, ମୁଖ୍ୟ ଫାଟକ ସାମ୍ନାରେ ଅଳିଆ ଆବର୍ଜନାର ଗଦା ପଡ଼ି ରହିବା ସ୍ୱଚ୍ଛତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଏହି କାର୍ଯ୍ୟାଳୟକୁ ଆସୁଥିବା ବେଳେ, ପ୍ରବେଶ ପଥରେ ଏଭଳି ଦୁର୍ଗନ୍ଧମୟ ପରିବେଶ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବ୍ଲକ ପ୍ରଶାସନ କେବଳ ବାହ୍ୟ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଦିଗରେ ଧ୍ୟାନ ଦେଉନାହିଁ।



ବିଶେଷକରି କୋରେକ୍ସ ଓ ମଦ ବୋତଲ ସହ ବ୍ଲକ ସମ୍ମୁଖରେ ଥିବା ପରିବା ଦୋକାନ, ମାଛ ଓ କୁକୁଡ଼ା ଦୋକାନରୁ ବାହାରୁଥିବା ଆବର୍ଜନା ପଡୁଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିବାବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସରକାର "ସ୍ୱଚ୍ଛ ଭାରତ ମିଶନ' ମାଧ୍ୟମରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ସରକାରୀ କାର୍ଯ୍ୟାଳୟ ସାମ୍ନାରେ ଏଭଳି ପରିସ୍ଥିତି ଦେଖି ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଶୀଘ୍ର ଆବର୍ଜନା ସଫା କରିବା ସହ ବ୍ଲକ ପରିସରରେ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ଆମ୍ବୁଲାନ୍ସ ନାଁରେ ପେଟ୍ରୋଲ କଳାବଜାରି ଅଭିଯୋଗ

ବଁଅରପାଳ,୧୪।୫(ସମିସ): ବଁଅରପାଳରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ ମିଳୁନଥିବା ଅଭିଯୋଗ ହେଉଛି। ସକାଳ ୬ ଟାରେ ପେଟ୍ରୋଲ ଦିଆ ଯାଉଥିବା ବେଳେ ଦିନ ୯ ବେଳେ ପେଟ୍ରୋଲ ନଥିବା ଆଳ ଦେଖାଇ ଗାଡି ଗୁଡ଼ିକ ଫେରାଇ ଦିଆଯାଉଛି। ପେଟ୍ରୋଲ ଟାଙ୍କି ମ୍ୟାନେଜରଙ୍କୁ ପଚାରିଲେ, ଡିପୋରୁ ପେଟ୍ରୋଲ ଆସୁନାହିଁ ଗାଡ଼ି ଯାଇଛି ରାତି ସୁଦ୍ଧା ପେଟ୍ରୋଲ ଆସିବ। ଇଣ୍ଡିଆନ ଅଏଲ ଟାଙ୍କିରେ ୧୫୦୦ ଲିଟର ପେଟ୍ରୋଲ ଥିବା ବେଳେ କୌଣସି ଗାଡ଼ିକୁ ତେଲ ଦେଉ ନଥିଲା। ଏହି ଷ୍ଟକ୍ କେବଳ ଆମ୍ବୁଲାନ୍ସ ଗାଡି ପାଇଁ ଅଛି। ସକାଳ ୯ ଟାରୁ ଗାଡ଼ିର ଲମ୍ବା ଲାଇନ୍ ଲାଗିଥିଲେ ସୁଦ୍ଧା କୌଣସି ଗାଡ଼ିକୁ ତେଲ ଦେଉନଥିଲେ। ସନ୍ଧ୍ୟାରେ ତେଲ କଳାବଜାରି ହେବ ବୋଲି କେତେକ ଗ୍ରାହକ ଟାଙ୍କି ପାଖରେ ହୋହଲ୍ଲା କରିଥିଲେ। ପ୍ରକୃତରେ ତେଲ ଆସୁନାହିଁ ନା ଟାଙ୍କିରେ କୃତ୍ରିମ ଅଭାବ ଦେଖାଯାଉଛି ତାହା ଯୋଗାଣ ବିଭାଗ ଅନୁଧ୍ୟାନ କରିବାକୁ ଦାବି ହୋଇଛି।




# ବୃଦ୍ଧା ନିଖୋଜ ନେଇ ଥାନାରେ ଅଭିଯୋଗ

ଅନୁଗୋଳ,୧୪।୫(ସମିସ): ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ଅନ୍ତର୍ଗତ ଗିରାଙ୍ଗ ବାଲିସାହିର ଜନୈକ ବୃଦ୍ଧା ନିଖୋଜ ହୋଇଯାଇଥିବା ନେଇ ବୃଦ୍ଧାଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି। ବଁଅରପାଳ ବ୍ଲକ ଗିରାଙ୍ଗ ବାଲିସାହିର ସୁଷମା ସାମଲ (୫୫) ନିଜ ପଡୋଶୀ ବିଜୟ



ଗଡ଼ନାୟକଙ୍କୁ ଧାର ସୂତ୍ରରେ ୧ଲକ୍ଷ ୧୦ହଜାର ଟଙ୍କା ଦେଇଥିଲେ। ବିଜୟଙ୍କ ଘରକୁ ସୁଷମା ଟଙ୍କା ମାଗିବାକୁ ବାରମ୍ବାର ଯାଆନ୍ତି। ମଙ୍ଗଳବାର ସକାଳେ ମଧ୍ୟ ବିଜୟଙ୍କ ଘରକୁ ସୁଷମା ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁଷମା ଘରକୁ ନ ଫେରିବାରୁ ପୁଅ ରଞ୍ଜନ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ୩ ଦିନ ହେବ ସୁଷମାଙ୍କର କୌଣସି ସନ୍ଧାନ ମିଳୁନାହିଁ।

# ୨୦ରେ ଔଷଧ ଦୋକାନ ବନ୍ଦ

ଅନୁଗୋଳ,୧୪।୫(ସମିସ): ବିଭିନ୍ନ ଦାବି ପୂରଣ ନେଇ ଆହ୍ୱାନ ମୋଡ୍‌କୁ ଓହ୍ଲାଇଛି ଜାତୀୟ ଔଷଧ ବିକ୍ରେତା ସଂଘ। ଏହାକୁ ସମର୍ଥନ କରି ଅନୁଗୋଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ଆସନ୍ତା ୨୦ରେ ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ସଂଘର ଦାବି ଆପତ୍ତି ନେଇ ଅନୁଗୋଳ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ଦେଶରେ ଇ-ଫାର୍ମାସୀର ବ୍ୟାପକ ଅଭିବୃଦ୍ଧି ହେବା ଦ୍ୱାରା ଦେଶର ଲକ୍ଷ ଲକ୍ଷ ଔଷଧ ଦୋକାନୀ ପେଟରେ ଗୋଇଠା ମାଡ଼ ହୋଇଛି ବୋଲି ସଂଘ ଅଭିଯୋଗ କରିଛି। ଏହାଦ୍ୱାରା ଟିକସ ଫାଙ୍କି ସହ ଅବୈଧ ଔଷଧର ବହୁଳ ବିକ୍ରୟ ଦ୍ୱାରା ଔଷଧ ଦୋକାନୀମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ସେହିଭଳି କର୍ପୋରେଟ୍ ହାଉସ ଗୁଡ଼ିକ ଔଷଧ ଗୁଡ଼ିକର ମନଇଚ୍ଛା ଦର ବୃଦ୍ଧି କରିବା ଦ୍ୱାରା ଔଷଧ ଶିଳ୍ପରେ ବହୁ ଅନିୟମିତତା ସୃଷ୍ଟି ହେଉଛି। ସରକାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କର୍ପୋରେଟ ସଂସ୍ଥା ମନଇଚ୍ଛା ଔଷଧରେ ରିହାତି ଦେବା ଦ୍ୱାରା ଅନ୍ୟ ଔଷଧ ଶିଳ୍ପ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛି। ଏହି ସବୁ କାରଣରୁ ଆସନ୍ତା ୨୦ ଦିନ ଔଷଧ ଦୋକାନ ସମ୍ପୂର୍ଣ୍ଣ ବନ୍ଦ୍ କରିବାକୁ




ନିଷ୍ପତ୍ତି ନିଆଯାଇଛି। ଅନୁଗୋଳ ସଂଘର ସଭାପତି ସୁବୋଧ କୁମାର ମିଶ୍ର, ସମ୍ପାଦକ ନିର୍ମଳ ଚନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ଗିରିଜା

**ଦାବି ପୂରଣ ନେଇ ସଂଘ ଦେଲା ସ୍ମାରକପତ୍ର**


ନନ୍ଦଙ୍କ ସମେତ ବିପିନ ମହାପାତ୍ର, ଭୀମସେନ ସାହୁ, ବିଜୟାନନ୍ଦ ଚୌଧୁରୀ ପ୍ରମୁଖ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ସିଡିଏମ୍‌ଓ ଡ଼ା ମଦନ ମୋହନ ପ୍ରଧାନ, ଉପଜିଲ୍ଲାପାଳ ଏବଂ ଔଷଧ ନିରୀକ୍ଷକଙ୍କୁ ଭେଟି ବନ୍ଦ ନେଇ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ପୂର୍ବକୁ ଫେରି ଯିବାକୁ ବାଧ୍ୟ କରୁଛି ପରିସ୍ଥିତି

ତାଳଚେର,୧୪।୫(ସମିସ):

ବର୍ତ୍ତମାନ ସାରା ଦେଶରେ ଯେଉଁ ପରିସ୍ଥିତି ଦେଖାଦେଲାଣି ନିଜ ପରିବାର ଓ ବନ୍ଧୁବାନ୍ଧବଙ୍କୁ ନେଇ ଚଳିବା କଷ୍ଟକର ବ୍ୟାପାର ହୋଇପଡ଼ିଲାଣି। ଦୁନିଆଁ ଯେତିକି ଆଗକୁ ଅଗ୍ରସର ହେଉଛି, ସେହି ଅନୁପାତରେ ଜନସଂଖ୍ୟା, ଜମିବାଡ଼ି ଓ ଖାଦ୍ୟପଦାର୍ଥଠୁ ନେଇ ନିତ୍ୟ ବ୍ୟବହାର ଯୋଗ୍ୟ ଜିନିଷର ଚାହିଦା ବଢ଼ିବା ସହିତ ଚାସବାଷ ମଧ୍ୟ ଦିନକୁ ଦିନ ହ୍ରାସ ହେବାକୁ ଲାଗିଲାଣି ଏବଂ ଆବଶ୍ୟକ ସ୍ଥଳେ ସେତିକି ବ୍ୟବହାର କରିବା ମଧ୍ୟ ସମ୍ଭବପର ହେଉନାହିଁ।

ଆଜକୁ ୭୦ଦଶନ୍ଧି ପଛକୁ ଫେରିଗଲେ ସେତେବେଳେ ଟଙ୍କାର କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଥିଲା, ଅତି ଜରୁରିକାଳୀନ ପରିସ୍ଥିତିରେ କାର୍ଯ୍ୟରେ ଆସୁଥିଲା। ସେତେବେଳେ ଦେଣନେଣର ଭୂମିକା ବହନ କରୁଥିଲା, ଯେପରିକି କିଛି ସାମଗ୍ରୀ ପ୍ରଦାନ କଲେ ପ୍ରତିବ ଦଳରେ ଅନ୍ୟ କିଛି ସାମଗ୍ରୀ ଲୋକ ପାଇ ପାରୁଥିଲେ ଯାହା ଏବେ ତାହା ଆଉ ଦେଖିବାକୁ ମିଳୁନାହିଁ। ସେହି ସମୟରେ ଖାଦ୍ୟର ଅଭାବ ମଧ୍ୟ ରହୁନଥିଲା ଓ ଲୋକେ ସୁସ୍ଥ ଖାଦ୍ୟ, ଭଲ ବାତାବରଣରେ ନିଜକୁ ଅରୋଗ୍ୟ ମନେ କରୁଥିଲେ। ବର୍ତ୍ତମାନ ଯୁଗରେ ଦେଶ ଆଗକୁ ଯାଇଛି ସତ, କିନ୍ତୁ ପ୍ରକୃତି ବାତାବରଣର ସ୍ୱଚ୍ଛତା ନାହିଁ ଏବଂ ପ୍ରକୃତିର ଶସ୍ୟଶ୍ୟାମଳା, ଜଙ୍ଗଲଜାତ ଦ୍ରବ୍ୟ, ଫଳମୂଳ ଓ ଔଷଧୀୟ ବୃକ୍ଷ ନାହିଁ ଯେଉଁଥି ପାଇଁ ବର୍ତ୍ତମାନର ଯୁବପିଢ଼ି ଓ ପୂର୍ବ ପିଢ଼ିଙ୍କ ମଧ୍ୟରେ ଅନେକ ପ୍ରଭେଦ ରହିଛି। ଏକଥା ଅନେକ ସମୟରେ ପରିବେଶବିତ୍‌ମାନେ ଆକଳନ କରିଥାନ୍ତି କି ବର୍ତ୍ତମାନ ପିଢ଼ିଙ୍କ ଆୟୁଷ ଠାରୁ ପୂର୍ବ ପିଢ଼ିଙ୍କ ଆୟୁଷ ଢ଼େର ଅଧିକ ରହୁଥିଲା। ଆମ ତାଳଚେର ମାଟିର ମହକ, ଚାଷ ଉପଯୋଗୀ, ରବି ଫସଲ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ। ଖରା, ବର୍ଷା, ଶୀତ ଦିନ ଗୁଡ଼ିକ ଭଲ ଧାନ ଫସଲ ଅମଳ କରାଯାଉଥିଲା। ଋତୁର ଅବଦାନରେ ପନିପରିବା ଚାଷ ଓ କ୍ରୟ ବିକ୍ରୟ ମଧ୍ୟ ଚାଲୁଥିଲା। ଗ୍ରାମ୍ୟ ଭାଷାରେ ଖାଲି ବାଇଗଣ କିମ୍ବା ପାତଳଘଣ୍ଟା ତା' ସହିତ ବାଡ଼ି ରସୁଣ ଓ ଧନିଆପତ୍ର ଦଳିଚକଟି ଲୋକେ ପଖାଳ କଂସାକୁ ଆଦର କରୁଥିଲେ।



ପୂର୍ବରୁ ଟୁଲ, ମହୁଲ, ସୋରିଷ, ତାଳ ଇତ୍ୟାଦି ଫସଲରୁ ଗ୍ରାମ୍ୟ ଲୋକେ ତେଲ ବାହାର କରି ରୋଷେଇରେ ବ୍ୟବହାର କରୁଥିଲେ ଓ ନିଜେ ନିର୍ଭରଶୀଳ ହୋଇ ପାରୁଥିଲେ। ତାଙ୍କ ପକ୍ଷେ ଏପରି ସମସ୍ୟା ଉପୁଜୁନଥିଲା। କିନ୍ତୁ ଏବେ ସରକାର ଏସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାରେ ବ୍ୟସ୍ତ ରହିଲେଣି, ଖାଦ୍ୟ ପାନୀୟ ଠାରୁ ଯାତାୟତର ବ୍ୟବସ୍ଥା ପର୍ଯ୍ୟନ୍ତ ଏପରିକି, ନିଜର ମନପସନ୍ଦ ମୁତାବକ ଜିନଷପତ୍ର କ୍ରୟ କରିବା ଉପରେ ଧ୍ୟାନ ଦେଇ ଚଳିବାକୁ ଶିଖାଇଲେଣି। ଅଯଥା ଖର୍ଚ୍ଚ ଉପରେ ନିଜେ ଅଙ୍କୁଶ ଲଗାନ୍ତୁ, ଯଦ୍ୱାରା ଆଗକୁ ପରିସ୍ଥିତି ଜଟିଳ ହେଲେ ବି କିଛିକାଂଶରେ ଜନସାଧାରଣ ମୁକ୍ତି ପାଇପାରିବେ। ଅପରପକ୍ଷେ ମଧ୍ୟପ୍ରାଚ୍ୟ ଦେଶ ଗୁଡ଼ିକରେ କନ୍ଦଳ ଓ ଯୁଦ୍ଧ ପରି ସମସ୍ୟା ଉପୁଜୁଥିବାରୁ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ରପ୍ତାନୀ ଓ ଆମଦାନୀରେ ସମସ୍ୟା ସୃଷ୍ଟି ହେଉଛି। ଲୋକଙ୍କ ଗହଣରେ ଜିନିଷପତ୍ର ପହଞ୍ଚି ପାରୁନାହିଁ, ଏହାକୁ ନେଇ ମଧ୍ୟ ସରକାର ଓ ସର୍ବସାଧାରଣ ହଇରାଣ ହରକତ ହେଉଥିବା ମଧ୍ୟ ପରିଲକ୍ଷିତ ହେଉଛି। ଏପରି ସମସ୍ୟାରେ ଲୋକେ ଛନ୍ଦି ହୋଇ ପଡୁଥିଲେ ହେଁ ଜନସଂଖ୍ୟା ଓ ଜମିବାଡ଼ି ଅଭାବ ଜନିତ ଆଉ ଗ୍ରାମୀଣବାସୀ ଚାଷକାର୍ଯ୍ୟକୁ ଫେରି ପାରୁନାହାନ୍ତି। ଯେଉଁଆଡ଼େ ଚାହିଁବ ସିଆଡ଼େ ପକ୍କା ରାସ୍ତା, ଗଛକଟା, କଳକାରଖାନା, ଶିଳ୍ପାନୁଷ୍ଠାନ, ଖଣିଖାଦାନ ଯୋଗୁଁ ଦେଶ ତ ବିକାଶ ଦିଗରେ ଗତି କରୁଛି, ମାତ୍ର ବଂଚିବାର ଉପାୟ ଏବେ ହୋଇଛି ନିରୁପାୟ! ଯାହାକୁ ନେଇ ଆଜି ପରିବେଶବିତ୍ ଓ ବିଭିନ୍ନ ମହଲରେ ଶୁଣିବାକୁ ମିଳୁଛି ସେଇ ଗୋଟିଏ କଥା, ପୂର୍ବକୁ ଫେରି ଯିବାକୁ ବାଧ୍ୟ କରୁଛି ପରିସ୍ଥିତି। ବେଳ ଥାଉ ଥାଉ ବନ୍ଧ ବାନ୍ଧରେ କୁମର ପ୍ରଥାକୁ ଅନୁସରଣ କରି ସରକାର କାର୍ଯ୍ୟ କରିଲେ ଆଗାମୀ ଦିନ ଗୁଡ଼ିକରେ କୌଣସି ସମସ୍ୟାରେ ଲୋକେ ଛନ୍ଦି ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି।



# ‘ତେଲ’ ଯନ୍ତ୍ରଣାରେ କଲବଲ୍

- ଘଣ୍ଟାଏ ଲାଇନ୍ ପରେ ମିଳୁଛି ୧୦୦ ଟଙ୍କାର ପେଟ୍ରୋଲ୍
- ଦୁଇମନ୍ତ୍ରୀଙ୍କ ଭିତରେ ଭିନ୍ନ ଭିନ୍ନ ବୟାନ
- ରାଜ୍ୟରେ ପେଟ୍ରୋଲ୍, ଡିଜେଲ ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ
- ପେଟ୍ରୋଲ-ଡିଜେଲ ଆମ ବାଡ଼ିରେ ହେଉନାହିଁ: ସମବାୟ ମନ୍ତ୍ରୀ






ତେଲ ପାଇଁ

ଭୁବନେଶ୍ୱର, ୧୪।୫ (ସମିସ)

ଓଡ଼ିଶାରେ ପେଟ୍ରୋଲ-ଡିଜେଲକୁ ନେଇ ସୃଷ୍ଟି ହୋଇଛି ବଡ଼ ସମସ୍ୟା। ଗାଁରୁ ଆରମ୍ଭ କରି ସହରାଞ୍ଚଳ ସବୁଠି ତେଲ ସମସ୍ୟା ଦେଖିବାକୁ ମିଳୁଛି। ଏପଟେ ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଓ ଡିଜେଲ୍ ସଙ୍କଟ ଏବେ ଚରମ ସୀମାରେ ପହଞ୍ଚିଛି। ସହରର ଅଧିକାଂଶ ପେଟ୍ରୋଲ ପମ୍ପରେ ଲାଗିଛି ‘ନୋ ଷ୍ଟକ୍’ ବୋର୍ଡ। ଭୁବନେଶ୍ୱରରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ବନ୍ଦ ରହିଥିବା ସୂଚନା ରହିଛି। ଯେଉଁ କେତେକ ପେଟ୍ରୋଲ ପମ୍ପ ଖୋଲା ରହିଛି, ସେଠାରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଲାଗୁଛି। ଏମିତିକି ପେଟ୍ରୋଲ ପମ୍ପଠାରୁ ପ୍ରାୟ ୧କିଲୋମିଟର ଯାଏ ଧାଡ଼ିରେ ଠିଆ ହୋଇଛନ୍ତି ଶହ ଶହ ଲୋକେ। ଗତକାଲି ପେଟ୍ରୋଲ୍ ପମ୍ପଗୁଡ଼ିକରେ ଗ୍ରାହକମାନଙ୍କ ପାଇଁ ସୀମିତ ଯୋଗାଣ ବ୍ୟବସ୍ଥା କରିଥିଲେ। ବାଇକ୍‌ରେ ମାତ୍ର ୨୦୦ଟଙ୍କା କିମ୍ବା ୨ଲିଟର ଓ କାର୍‌ରେ ସର୍ବାଧିକ ୧ହଜାର ଟଙ୍କାର ତେଲ ଦେଉଥିଲେ। ମାତ୍ର ଆଜି ବାଇକ୍ ଚାଳକଙ୍କୁ ମାତ୍ର ଶହେ ଟଙ୍କାର ତେଲ ପକାଇବା ନିୟମ କରିଥିବା ଦେଖିବାକୁ ମିଳିଛି। ତେବେ ଯଦି ଡିଜେଲ୍ ଓ ପେଟ୍ରୋଲ ମହଜୁତ ରହିଛି ତେବେ ଘଣ୍ଟା ଘଣ୍ଟା ଲାଇନ୍‌ରେ ଛିଡ଼ା ହେବା ପରେ ମଧ ମାତ୍ର ୧୦୦ଟଙ୍କାର ତେଲ ପକାଇବାକୁ କାହିଁକି ଦିଆଯାଉଛି ବୋଲି ଗ୍ରାହକମାନେ ପ୍ରଶ୍ନ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିମୟିତ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ କାହାରି ପାଖରେ ସମୟ କିମ୍ବା ଧୌର୍ଯ୍ୟ ନ ଥିବା ଗ୍ରାହକମାନେ କହିଛନ୍ତି। ଅନ୍ୟପକ୍ଷରେ ଖୋଲାଥିବା ପେଟ୍ରୋଲ ପମ୍ପରେ ସାଧାରଣ ପେଟ୍ରୋଲ ଓ ଡ଼ିଜେଲ ପରିବର୍ତ୍ତେ ଏକ୍ସପ୍ରେସ ପେଟ୍ରୋଲ ଓ ସ୍ପିଡ଼ ପରି ଇନ୍ଧନ ଅଧିକ ଦରରେ ବିକ୍ରି କରାଯାଉଛି। ଅନନ୍ୟୋପାୟ ଗ୍ରାହକ ବାଧ ହୋଇ ଉଚ୍ଚ ମୂଲ୍ୟର ପେଟ୍ରୋଲିୟମ ସାମଗ୍ରୀ ଗାଡ଼ିରେ ପକାଉଛନ୍ତି। ପୁଣି ତାହା ସତରେ ଏକ୍ସପ୍ରେସ୍ ତେଲ କି ନୁହେଁ ତାହା ବି ସନ୍ଦେହ କରାଯାଉଛି।

ଅପରପକ୍ଷରେ ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ପେଟ୍ରୋଲ୍ ପମ୍ପ ଡିଲର ସଂଘ ସଭାପତି ରାଜ୍ୟରେ ପର୍ଯ୍ୟାପ୍ତ ଡିଜେଲ୍ ଓ ପେଟ୍ରୋଲ୍ ମହଜୁଦ ଥିବା ଦାବି କରିଛନ୍ତି। ଗ୍ରାହକମାନେ ଆତଙ୍କିତ ନ ହେବାକୁ ପରାମର୍ଶ ଦେବା ସହ ଇନ୍ଧନ ଖର୍ଚ୍ଚରେ ସଂଯମ ଆଚରଣ କରିବାକୁ ମଧ ପରାମର୍ଶ ଦେଇଛନ୍ତି। ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ପେଟ୍ରୋଲ ଆମ ବାଡ଼ିରେ ହେଉନି କି ଭାରତବର୍ଷରେ ମଧ ନାହିଁ। ବାହାର ଦେଶ ଉପରେ ଆମକୁ ନିର୍ଭର କରିବାକୁ ପଡୁଛି। ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଯୁଦ୍ଧ ସମାପ୍ତି ପରେ ସ୍ୱାଭାବିକ ହେବ। ଏଥିପାଇଁ ଆମକୁ ଖର୍ଚ୍ଚ କମାଇବାକୁ ପଡ଼ିବ।





ତେଲ ନାହିଁ

# ପୁଲିସ ପାଟ୍ରୋଲିଂକୁ ଫୁଁ’; ବେଧଡ଼କ ନିଶା କାରବାର

## ୫୦ରୁ ଅଧିକ ସ୍ଥାନରେ ଚାଲିଛି ଖୁଲମ୍‌ଖୁଲା ନିଶା ବେପାର

ଭୁବନେଶ୍ୱର, ୧୪।୫ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ରାଜଧାନୀରେ ପୁଲିସ ପାରିବାର ପଣିଆକୁ ପଦାରେ ପକାଇଦେଲା। କମିସନରେଟ୍ ପୁଲିସ ରାଜ୍ୟ ଠାରୁ ଦେଶ ବିଦେଶ ସର୍ବତ୍ର ବଦନାମ୍ ହେଲା। ସବୁ ଶେଷ ହେବା ପରେ ଏବେ ପୁଲିସ ମୁଣ୍ଡକୁ ଘାରିଛି ଛବି ସୁଧାରିବା ଚିନ୍ତା। ଏଥିପାଇଁ ଏକାଧିକ ରଣକୌସଳ ଆପଣା ଯାଉଛି। ଛବି ସୁଧାରିବାର ଏହି ଏକ୍ସରସାଇଜ୍‌ରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ହେଲେ ଢୋଲ ଭିତରେ ମୂଷା ଭଳି ସବୁ ପ୍ରକାର ପେଟ୍ରୋଲିଂ ଚାଲିଥିଲା ବେଳେ ବି ରାଜଧାନୀରେ ବେଧଡ଼କ ବେଆଇନ୍ ନିଶା କାରବାର ଜାରି ରହିଛି। ଶହ ଶହ ପୁଲିସ କର୍ମଚାରୀ ରାସ୍ତାରେ ଚଲାବୁଲା କରି ବି କଣ ଲାଭ ହେଉଛି, ଏସବୁ ଲୋକ ଦେଖାଣିଆ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।





ଫୁଟ୍ ପାଟ୍ରୋଲିଂ, ବ୍ଲକିଂ, ଚେକିଂ, ନାକା ପାଟ୍ରୋଲିଂ ହେଉଛି। ଶହ ଶହ ପୁଲିସ କର୍ମଚାରୀ ରାସ୍ତାରେ ପାଟ୍ରୋଲିଂ କରୁଥିବାର ଫଟୋକୁ ସୋସିଆଲ ମିଡ଼ିଆରେ ପୁଲିସ ପକ୍ଷରୁ ଅପଲେଡ଼ କରାଯାଉଛି। ପୁଲିସର ପାଟ୍ରୋଲିଂ ବେଆଇନ୍ ନିଶା କାରବାର ଉପରେ କିଛି ବି ଫରକ ପକାଇ ପାରୁନାହିଁ। ନା ଅପରାଧୀ ଏଥିରେ ଭୟଭିତ ହେଉଛନ୍ତି। ନିଶା ବ୍ୟବସାୟୀ ଖୁଲମ୍‌ଖୁଲା ଗଞ୍ଜେଇ, ଚୋରା ମଦ ଏବଂ ବ୍ରାଉନ୍‌ସୁଗର ବ୍ୟବସାୟ କରୁଛନ୍ତି। ମଦୁଆ ଖୋଜି ଖୋଜି ଘଟଣାସ୍ଥଳରେ ପହଞ୍ଚି ଯାଉଛନ୍ତି। ରାଜଧାନୀର ଅଧିକାଂଶ ଲୋକ ଜାଣିଛନ୍ତି ବିଳମ୍ବିତ ରାତିରେ ମଦ କେଉଁଠି ମିଳୁଛି। ଦିନରେ ଗଞ୍ଜେଇ କେଉଁଠି ମିଳୁଛି। ଆଉ ସନ୍ଧ୍ୟାରେ ବ୍ରାଉନ୍ ସୁଗର କାରବାର କେଉଁଠି ହେଉଛି। ନିଜ ନିଜ ସମୟରେ ଜାଗମୁଣ୍ଡରେ ପହଞ୍ଚି ଯାଉଛନ୍ତି। କିନ୍ତୁ ବିଡ଼ମ୍ବନାର କଥା କେବଳ ଏକମାତ୍ର ଅନୁଷ୍ଠାନ ପୁଲିସ ଜାଣି ପାରୁନି ନିଶା କାରବାର କେଉଁଠି ହେଉଛି।

ରାଜଧାନୀରେ ଭରତପୁର ଥାନା ଅଞ୍ଚଳରେ ଆଇଗିଣିଆ, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଷ୍ଟେସନ ବଜାର କଦଳୀ ଗୋଦାମ, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ପାଣ୍ଡରା ଓ ରେଳ ଡବା କାରଖାନା ପାଖରେ, ସାଲିଆସାହି, ଖଣ୍ଡଗିରି, ପଟିଆ, ଚନ୍ଦ୍ରଶେଖରପୁର ଅଞ୍ଚଳରେ ବେଧଡ଼କ ମଦ କାରବାର ହୋଉଛି। ରାଜଧାନୀର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଜଣାଶୁଣା ଭେବେ ରାତିରେ ନିଶା କାରବାର ହେଉଛି। ପୁଲିସ ଏହି ସ୍ଥାନ ଗୁଡ଼ିକରେ ପୂର୍ବରୁ ଅନେକ ଥର ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ନିଶ ଦ୍ରବ୍ୟ ଜବତ କରିଛି। ହେଲେ ଏବେ ଛବି ସୁଧାରିବା ଏକ୍ସରସାଇଜରେ ବି ବେଆଇନ ନିଶା ବେପାରୀଙ୍କ ପ୍ରତି ଅତ୍ୟନ୍ତ କୋହଳ ମନୋଭାବ।

ପିସିଆର୍ ଏହି ରାସ୍ତାରେ ଯାଉଛି। ପାଟ୍ରୋଲିଂ ବି ହେଉଛି। ପୁଲିସ ଆସିବା ପୂର୍ବରୁ ନିଶା ବେପାରୀଙ୍କ ପାଖରେ ବହୁ ପୂର୍ବରୁ ଖବର ପହଞ୍ଚି ଯାଉଛି। ସେମାନେ ପୁଲିସ ଯିବା ପର୍ଯ୍ୟନ୍ତ ଧର୍ମକୁ ଅଖିଠାର ଭଳି ୧୫ ମିନିଟ୍ ପାଇଁ ବନ୍ଦ କରିଦେଉଛନ୍ତି। ପୁଲିସ ଲୋକଙ୍କ ମନରେ ଏକପ୍ରକାର ଭର୍ତ୍ତି କରିବାକୁ ଚାହୁଁଛି ଯେ ପୁଲିସ କାମ କରୁଛି। ଆଉ ଅପରାଧୀ ପୁଲିସକୁ ଡ଼ରୁଛନ୍ତି। ହେଲେ ସତ କଣ କାହାରିକୁ ଅଛପା ନାହିଁ।

# ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ

- ଆଇନ ହାତରୁ ଖସିବାକୁ ନାବାଳିକାର ପରିଚୟପତ୍ର ଜାଲିଆତି
- ନିର୍ଯାତନା ସହି ନ ପାରି ଖସି ଆସିଲେ ପୀଡ଼ିତା



ଭୁବନେଶ୍ୱର, ୧୪।୫ (ସମିସ): ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଇ ଥର ଅପହରଣ କରି ନେଇଥିଲା। ଖାଲି ଅପହରଣ ନୁହେଁ, ଜୋରଜବରଦସ୍ତି ବିବାହ କରିବା ସହ ଦୁଷ୍କର୍ମ କରିଥିଲା। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଳମଙ୍ଗ ଗାଁର ଦୀପକ କୁମାର ଜେନା (୨୫)।

ପୁଲିସ ସୂଚନା ଅନୁଯାୟୀ, ସାଲିଆ ସାହିରେ ରହୁଥିବା ଜଣେ ନାବାଳିକା ନବମ ଶ୍ରେଣୀରେ ପଢ଼ନ୍ତି। ଛାତ୍ରୀ ଜଣକ ଜାଭିୟର ଛକକୁ ଯାଇଥିବା ବେଳେ ଦୀପକ ତାଙ୍କୁ ଅପହରଣ କରି ନେଇଥିଲା। ସେଠାରୁ ତା’ର ଜଣେ ସମ୍ପର୍କୀୟଙ୍କ ଘରକୁ ନେଇ ନେଇ ୧୫ ଦିନ ରଖିଥିଲା। ପରେ ନାବାଳିକାର ଅଭିଭାବକ ତାଙ୍କୁ ଉଦ୍ଧାର କରି ଆଣିଥିଲେ। ଏହାର କିଛିଦିନ ପରେ ଦୀପକ ପୁଣିଥରେ କାର୍ ଯୋଗେ ତାଙ୍କୁ ଅପହରଣ କରି ନିଜ ଘରକୁ ନେଇ ଯାଇଥିଲା। ସେଠାରେ ରଖି ଛାତ୍ରୀଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା। ଦୀପକ ଓ ତା’ର ପରିବାର ଲୋକେ ମିଶି ନାବାଳିକାକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏମିତିକି ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ମଧ ସୁଯୋଗ ଦେଇନଥିଲା।

ଆଇନର ହାତରୁ ଖସିଯିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲା ଦୀପକ। ନାବାଳିକାର ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡରେ ଥିବା ଜନ୍ମ ତାରିଖକୁ ଜାଲିଆତି କରି ନାବାଳିକାକୁ ସାବାଳିକା ବୋଲି ଦର୍ଶାଇଥିଲା। ଏହାରି ଭିତରେ ନାବାଳିକା ଜଣକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏହାପରେ ମଧ ଦୀପକ ଓ ତା’ର ପରିବାର ଲୋକଙ୍କ ଅତ୍ୟାଚାର ବଢ଼ି ଚାଲିଥିବା। ସବୁବେଳେ ସୁଯୋଗ ଖୋଜୁଥିବି ନାବାଳିକା କୌଶଳ କ୍ରମେ ଖସି ଆସି ବାପଘରେ ଆଶ୍ରୟ ନେଇଥିଲେ। ପୁଲିସ ନାବାଳିକାଙ୍କୁ ନେଇ ଡାକ୍ତରୀ ମାଇନା କରିବା ସହ ବୟାନ ରେକର୍ଡ କରିଥିଲା। ଆଜି ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସରକାରୀ ଚାକିରି ଆଳରେ ଠକେଇ; ଠକକୁ ବର୍ଷେ ଜେଲ୍

ଭୁବନେଶ୍ୱର, ୧୪।୫ (ସମିସ): ସରକାରୀ ଚାକିରି ଯୋଗାଇଦେବା ଆଳରେ ୧୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ମାମଲାର ରାୟ ପ୍ରକାଶ ପାଇଛି। ଜଟଣୀସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦେବେନ୍ଦ୍ର ନାଥ ବାଗ୍ ଏହି ଠକେଇ ମାମଲାର ବିଚାର କରି ଆସାମୀ ଦିଲ୍ଲୀପ କୁମାର ସାହୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଦୁର୍ଗା ପ୍ରସାଦ ପଟ୍ଟନାୟକ ତାରାତାରିଣୀ ମନ୍ଦିରକୁ ଯାଇଥିବା ବେଳେ ଦିଲ୍ଲୀପ ସହ ପରିଚିତ ହୋଇଥିଲେ। ଦିଲ୍ଲୀପ ତାଙ୍କ ପୁଅ ଓ ଝିଅଙ୍କୁ ସରକାରୀ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲା। ଦୁର୍ଗାପ୍ରସାଦ ପ୍ରତିଶ୍ରୁତିକୁ ବିଶ୍ୱାସ କରି ଦିଲ୍ଲୀପକୁ ବିଭିନ୍ନ ତାରିଖରେ ଚେକ୍, ନଗଦ ଟଙ୍କା ଓ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ମୋଟ ୧୦ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଦିଲ୍ଲୀପ ଟଙ୍କା ନେବା ପରେ ମଧ ଦୁର୍ଗାଙ୍କ ପୁଅ ଓ ଝିଅଙ୍କୁ କୌଣସି ସରକାରୀ ଚାକିରି ଦେଇନଥିଲେ କି ଟଙ୍କା ଫେରସ୍ତ କରିନଥିଲା। ଦୁର୍ଗାପ୍ରସାଦ ଟଙ୍କା ଫେରାଇବାକୁ ଦାବି କରିବାରୁ ଦିଲ୍ଲୀପ ଏକ ବ୍ୟାଙ୍କ୍ ଚେକ୍ ଦେଇଥିଲେ। କିନ୍ତୁ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ଉକ୍ତ ଚେକଟି ବାଉନ୍ସ ହୋଇଥିଲା। ଦୁର୍ଗାପ୍ରସାଦ ଠକେଇର ଶିକାର ହୋଇଥିବା ଜାଣି ଜଟଣୀ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ଜଟଣୀ ଥାନା ପୁଲିସ କେସ୍ ନଂ- ୧୨୭/୨୫ରେ ଧାରା- ୩୧୮(୪) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ସବ୍ ଇନ୍ସପେକ୍ଟର ଅବିନାଶ ଚାନ୍ଦ ଘଟଣାର ତଦନ୍ତ କରି ଦିଲ୍ଲୀପକୁ ଗିରଫ କରିବା ସହ ତା’ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀ ଓ ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଆସାମୀ ଦିଲ୍ଲୀପକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏକ ବର୍ଷର ସରଳ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମନା ଦେବାକୁ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ଜ୍ୟୋତିସ୍ମିତା ମଲ୍ଲିକ ସରକାର ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# କମ୍ପ୍ୟୁଟର ପ୍ରଶିକ୍ଷଣ ପାଇଁ ଅଣଓଡ଼ିଆ କମ୍ପାନୀକୁ ଅନୁକମ୍ପା

ଭୁବନେଶ୍ୱର, ୧୪।୫ (ସମିସ)

ରାଜ୍ୟରେ ଦଶ ହଜାରରୁ ଅଧିକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଦୀର୍ଘବର୍ଷରୁ କାର୍ଯ୍ୟରତ ଅଛି। କମ୍ପାନୀ ଆକ୍ଟ, ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ, ଟ୍ରଷ୍ଟ ଆକ୍ଟ ଓ ଏମ୍‌ଏସ୍‌ଏମ୍‌ଇ ଉଦ୍ୟମ୍ ପୋର୍ଟାଲରେ ପଞ୍ଜିକୃତ ଏହି ଶିକ୍ଷାନୁଷ୍ଠାନରୁ ଲକ୍ଷଲକ୍ଷ ଛାତ୍ରଛାତ୍ରୀ ପ୍ରଶିକ୍ଷିତ ହୋଇ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାକିରି କରୁଛନ୍ତି। ମାତ୍ର ରାଜ୍ୟ ସରକାର ଓକେସିଏଲ୍ ନାମକ ଏକ ଅଣ ଓଡ଼ିଆ କମ୍ପାନୀକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଅଲ୍ ଓଡ଼ିଶା କମ୍ପୁଟର ଟ୍ରେନିଂ ସେଣ୍ଟର ଆସୋସିଏସନ୍ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନର ସଭାପତି ସୟଦ ସଫିର୍ ଅଲ୍ଲୀ ଅଭିଯୋଗ କରିଛନ୍ତି।

- ସଂଶୟ ଓ ଦ୍ୱନ୍ଦ୍ୱ ମଧ୍ୟରେ ଲକ୍ଷଲକ୍ଷ ଛାତ୍ରଛାତ୍ରୀ
- ଆର୍ଥିକ ଶୋଷଣ କରିବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର
- ଗେଜେଟ୍ ନୋଟିଫିକେସନ ଉଚ୍ଛେଦ ଦାବି

ସଭାପତି ଶ୍ରୀ ଅଲ୍ଲୀ କହିଛନ୍ତି ଯେ, ରାଜ୍ୟ ସରକାର ଅଣ ଓଡ଼ିଆ କମ୍ପାନୀ ଓକେସିଏଲକୁ କମ୍ପୁଟର ପ୍ରଶିକ୍ଷଣ ପାଇଁ ସରକାରୀ ସଂସ୍ଥା ଭାବେ ପ୍ରତିପାଦିତ କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ଗତ ଡିସେମ୍ବର ୧୨ ତାରିଖରେ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିରେ କମ୍ପ୍ୟୁଟର ଦକ୍ଷତା ପରୀକ୍ଷାକୁ ଗୁରୁତ୍ୱ ଦେଇ ଯେକୌଣସି ଅନୁଷ୍ଠାନରୁ କମ୍ପ୍ୟୁଟର ପ୍ରମାଣପତ୍ର ଗ୍ରହଣଯୋଗ୍ୟ ବୋଲି କୁହାଯାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ ଆଇଟି ବିଭାଗ ପକ୍ଷରୁ ଗତ ଜାନୁଆରୀ ମାସରେ ଅହେତୁକ ଏବଂ ଅବୈଧ ଅନୁକମ୍ପା ପ୍ରଦର୍ଶନ କରାଯାଇ କେବଳ ଓକେସିଏଲର ପ୍ରମାଣପତ୍ର ଗ୍ରହଣୀୟ ବୋଲି ସବୁ ବିଭାଗକୁ ଏକ ଚିଠି କରାଯାଇଛି। କମ୍ପ୍ୟୁଟର୍ ପ୍ରଶିକ୍ଷଣ ପାଇଁ କୌଣସି ସରକାରୀ ଶିକ୍ଷାନୁଷ୍ଠାନ ନଥିବା ବେଳେ ଏକ ଘରୋଇ କମ୍ପାନୀକୁ ଏପରି ଅନୁଗ୍ରହ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ବିଜ୍ଞପ୍ତି ପାଇଁ ୨୦୨୧ ମସିହା ଗେଜେଟ୍ ନୋଟିଫିକେସନକୁ ଆଳ କରାଯାଇଛି। ଏହି ଗେଜେଟ୍ ନୋଟିଫିକେସନ ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ସରକାର କିପରି ଏବଂ କାହା ଚାପରେ କେବଳ ଓକେସିଏଲ୍ ପ୍ରମାଣପତ୍ର ଗ୍ରହଣୀୟ ବୋଲି ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ସେନେଇ ସ୍ପଷ୍ଟୀକରଣ ଦାବି କରିଛନ୍ତି। ଓକେସିଏଲ୍ କମ୍ପାନୀ ସହିତ କିଛି ସରକାରୀ ଅଧିକାରୀ ଅନ୍ଧାରୀ ବୁଝାମଣା କରି ଏହି ଯୋଜନାବଦ୍ଧ ଷଡଯନ୍ତ୍ର କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେହିପରି ରାଜ୍ୟର ଲକ୍ଷ ଲକ୍ଷ କମ୍ପୁଟର ପ୍ରଶିକ୍ଷିତ ଯୁବାଙ୍କୁ ସରକାରୀ ଚାକିରି ପାଇଁ ଆବେଦନ କରିବାରୁ ବଞ୍ଚିତ କରିବା ପାଇଁ ସୁଚିନ୍ତିତ ଯୋଜନା କରାଯାଉଥିବା ଆଶଙ୍କା ପ୍ରକାଶ କରିଛନ୍ତି।



ସରକାର ଓକେସିଏଲ୍ କମ୍ପ୍ୟୁଟର୍ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରି ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ଶୋଷଣର ଶିକାର ହେବାପାଇଁ ବାଟ ଉନ୍ମୁକ୍ତ କରି ଦେଉଛନ୍ତି। ଏକଚାଟିଆ ନିଷ୍ପତ୍ତି ଫଳରେ ଏବେ ମାତ୍ର ୫ ହଜାର ଟଙ୍କାରେ କମ୍ପୁଟର ପ୍ରଶିକ୍ଷଣ ପାଇ ପାଉଥିବା ପିଲାମାନେ ଓକେସିଏଲ୍ ସାର୍ଟିଫିକେଟ ପାଇଁ ପ୍ରାୟ ୧୦ ଗୁଣା ଅଧିକ ଟଙ୍କା ଦେବାକୁ ବାଧ ହେବେ। ସେତେବେଳେ ପିଲାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ମଧ ନଥିବ। କମ୍ପାନୀର ସେହି ମୁନାଫାରୁ ଉଚ୍ଚପଦସ୍ଥ ଅଧିକାରୀମାନେ ଭାଗ ନେବାକୁ ଏପରି ଷଡଯନ୍ତ୍ର କରାଯାଉଥିବ ସଂଘ ଅଭିଯୋଗ କରିଛି। ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା ଓ ଆର୍ଥିକ ଶୋଷଣ କରିବାକୁ ହେଉଥିବା ଯୋଜନା ଫଳରେ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ ପଡ଼ିଛନ୍ତି। କଳେବଳେ କୌଶଳେ ନୂତନ ଶିକ୍ଷାବର୍ଷରେ ଘରୋଇ କମ୍ପାନୀ ପ୍ରତି ପିଲାଙ୍କୁ ଟାଣିବା ପାଇଁ ଆଇଟି ବିଭାଗ ଏପରି ଏକ ଚିଠି ଜାରି କରିଛି।

ଗେଜେଟ୍ ନୋଟିଫିକେସନକୁ ଉଚ୍ଛେଦ ସହ କମ୍ପାନୀକୁ ଦିଆଯାଉଥିବା ମାତ୍ରାଧିକ ଅନୁକମ୍ପାକୁ ସରକାର ପ୍ରତ୍ୟାହାର କରନ୍ତୁ ବୋଲି ସଂଘ ଦାବି କରିବା ସହିତ ଦୀର୍ଘ ବର୍ଷରୁ ପ୍ରତିଷ୍ଠିତ ସମସ୍ତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ସୁପରିଚାଳନା ପାଇଁ ଏକ ମନିଟରିଂ ବଡି ଗଠନ କରିବା, ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ, ପ୍ରଶିକ୍ଷଣ ଅବଧି ଓ ଫି’ ନିର୍ଦ୍ଧାରଣ କରିବା, କାର୍ଯ୍ୟରତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ବିରୁଦ୍ଧରେ ଓକେସିଏଲ୍ ପକ୍ଷରୁ ନକାରାତ୍ମକ ପ୍ରଚାର ପ୍ରସାର ବିରୋଧରେ ସରକାର କଡା କାର୍ଯ୍ୟାନୁଷ୍ଠାନ ନେବା, ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ଭିତ୍ତିରେ ଚାକିରି ଦେବାକୁ ଆସୋସିଏସନ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ତାପସ କୁମାର ପତିଙ୍କ ସମେତ ରାଜ୍ୟ ସଂଯୋଜକ ଇଂ ଅବିନାଶ ଦାସ, ପ୍ରଭାତ ଦେହୁରୀ, ସତ୍ୟବ୍ରତ ସାହୁ, ମନୋରଞ୍ଜନ କର, କାଳନ୍ଦୀ ବେହେରା, ବିଭାସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଭୁବନେଶ୍ୱର ସିଟି

ଦିନକ ପରେ ସାବିତ୍ରୀ

# ଫଳ ବଜାରରେ ବି 'ତେଲ' ନିଆଁ



ଭୁବନେଶ୍ୱର, ୧୪।୫(ସମିସ)

ଆଉ ଦିନକ ପରେ ସାବିତ୍ରୀ ବ୍ରତ। ଏଥିପାଇଁ ଫଳ ଦର ଆକାଶ ଛୁଆଁ ହୋଇଛି। ପୂର୍ବାପେକ୍ଷା ପ୍ରତି ଫଳ କିଲୋ ପିଛା ଦର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ତେବେ ପ୍ରତିବର୍ଷ ବିଭିନ୍ନ ପର୍ବପର୍ବାଣୀ ସମୟରେ ଫଳ ଦର ବୃଦ୍ଧି ପାଇଥିବା ବେଳେ ଚଳିତ ବର୍ଷ ଡିଜେଲ ଓ ପେଟ୍ରୋଲ ଦର ବୃଦ୍ଧି ପାଇଁ ସିଧାସଳଖ ଫଳ ଦରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। କାରଣ ବର୍ତ୍ତମାନ ଦେଶବ୍ୟାପୀ ତୈଳ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ଅଧିକାଂଶ ଫଳ ରାଜ୍ୟ ବାହାରୁ ଆମଦାନୀ ହେଉଥିବାରୁ ଟ୍ରାନ୍ସପୋର୍ଟ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଯାହାଦ୍ୱାରା ଅଧିକ ଦରରେ ଫଳ କିଣିବାକୁ ପଡୁଥିବାରୁ ବାଧ ହୋଇ ଦର ବୃଦ୍ଧି କରିଥିବା ବ୍ୟବସାୟୀମାନେ କହିଛନ୍ତି।

ଓଡ଼ିଆ ଘରର ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ କରୁଥିବା ପରମ୍ପରା କାହିଁ କେଉଁ କାଳରୁ ରହି ଆସିଛି। ଆଧୁନିକତାର ଚାକଚକ୍ୟ ଜୀବନଶୈଳୀ ଭିତରେ ବି ପରମ୍ପରାକୁ ବାଦ୍ ଦେଇ ନାହାନ୍ତି ଓଡ଼ିଆ ଘରର ବିବାହିତ ମହିଳା। ସାବିତ୍ରୀ ଏହି ବ୍ରତ କରି ନିଜ ସ୍ୱାମୀଙ୍କୁ ଯମ ନିକଟରୁ ଫେରାଇ ଆଣିଥିବା ବିଶ୍ୱାସରେ ପ୍ରତ୍ୟେକ ବିବାହିତ ନାରୀମାନେ ସ୍ୱାମୀଙ୍କ ଦୀର୍ଘାୟୁକାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏହି ବ୍ରତରେ ନୂଆ ବସ୍ତ୍ର ଅବା ଶାଢ଼ି, ଶଙ୍ଖା, ସିନ୍ଦୂର ସମେତ ଭଳି କି ଭଳି ଫଳ ପୂଜା କରାଯାଇଥାଏ। ତେଣୁ ପ୍ରତିବର୍ଷ ସାବିତ୍ରୀ ବ୍ରତ ପାଇଁ ଚଢ଼ା ଦରରେ ଫଳ ବିକ୍ରି ହେଉଥିବା ଦେଖିବାକୁ ମିଳେ। ତେବେ ଚଳିତ ବର୍ଷ ସାବିତ୍ରୀ ପାଇଁ ଫଳ ଠାରୁ ଆରମ୍ଭ କରି ଶାଢୀ ଦୋକାନ ପର୍ଯ୍ୟନ୍ତ ସବୁଠି ଲାଗି ରହିଛି ଭିଡ଼। ଓଡ଼ିଆ ପରମ୍ପରାର ଏହି ପର୍ବ ପାଇଁ ବଜାରରେ ୧୫ଦିନ ଆଗରୁ ଭିଡ଼ ଆରମ୍ଭ ହୋଇଗଲାଣି। ସାବିତ୍ରୀ ପାଇଁ ରାଜଧାନୀର ଫଳ ବଜାରରେ ଆମ୍ବ କିଲୋ ପିଛା ଶହେରୁ ୧୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଲିଚୁ କେଜି ୨୫୦ଟଙ୍କା, ସପୁରୀ୫୦ରୁ ୬୦ ଟଙ୍କା, ସେଓ ୨୦୦ରୁ ୩୦୦ଟଙ୍କା, ଡାଳିମ୍ବ କେଜି ପ୍ରତି ୩ଶହରୁ ୩୫୦ଟଙ୍କା, ଅଙ୍ଗୁର କେଜି ୨୫୦ ଟଙ୍କା, ନଡ଼ିଆ ୪୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଖଜୁରୀ, ସଫେଟା, ପଣସ, ଆଖୁ ଆଦିର ଦର ମଧ୍ୟ ବୃଦ୍ଧି ପାଇଥିବା ବ୍ୟବସାୟୀମାନେ କହିଛନ୍ତି। ଏହାସହିତ ସାବିତ୍ରୀ ପାଇଁ ବିଭିନ୍ନ ପୂଜା ସାମଗ୍ରୀ ଦୋକାନରେ ବି ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏହାସହ ରାସ୍ତାକଡ଼ରେ ଉଠା ବ୍ୟବସାୟୀମାନେ ମଧ ଶଙ୍ଖା, ସିନ୍ଦୁର, ଗୁଆ ଆଦି ସାବିତ୍ରୀ ପ୍ୟାକେଜ୍ ବିକ୍ରି କରୁଥିବା ଦେଖିବାକୁ ମଳିଛି। ଯାହାର ଦାମ୍ ୩୦-୫୦ଟଙ୍କା ରହିଛି।



## ଏସି କମ୍ପ୍ରେସର ଫାଟି ୨ ଗୁରୁତର

ଭୁବନେଶ୍ୱର, ୧୪।୫(ସମିସ): ମୈତ୍ରୀ ବିହାର ଥାନା କେୟାର ହସ୍ପିଟାଲ ନିକଟରେ ଥିବା ଅଲିଭା ରେସ୍ତୋରାଁ ଏବଂ ଲଜରେ ଗୁରୁବାର ସନ୍ଧ୍ୟାରେ ଏସିରେ ଗ୍ୟାସ ଭର୍ତ୍ତି ବେଳେ କମ୍ପ୍ରେସର୍ ବିସ୍ଫୋରଣ ହୋଇଛି। ଏଥିରେ ଜଣେ ରେସ୍ତୋରାଁ କର୍ମଚାରୀ ଏବଂ ଏସି ମେକାନିକ୍ ଗୁରୁତର ହୋଇଛନ୍ତି। ରେଷ୍ଟୁରାଣ୍ଟ କର୍ମଚାରୀଙ୍କ ନାମ ଶ୍ରୀକାନ୍ତ ନାୟକ ହୋଇଥିଲା ବେଳେ ଏସି ମେକାନିକଙ୍କ ପରିଚୟ ମିଳିପାରି ନାହିଁ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପୁଲିସ ସୂଚନା ମୁତାବକ, ରେସ୍ତୋରାଁର ଏସି ଖରାପ ହୋଇଯାଇଥିଲା। ଏହାକୁ ସଜାଡ଼ିବାରୁ ମେକାନିକ୍‌ଙ୍କୁ ଡାକାଯାଇଥିଲା। ମେକାନିକ୍‌ଙ୍କ ସହ ଶ୍ରୀକାନ୍ତ ଯାଇଥିଲେ। ଗ୍ୟାସ ଭର୍ତ୍ତି ବେଳେ ଅଚାନକ ବିସ୍ଫୋରଣ ହୋଇଥିଲା। ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନାରେ ଗଭିର କ୍ଷତ ସୃଷ୍ଟି ହୋଇଥିବା ସୂଚନା ମିଳିଛି।

## ବ୍ଲୋସମ୍ସ ସ୍କୁଲ୍‌ର ପ୍ରଥମ ଦ୍ୱାଦଶ ବ୍ୟାଚର ଉଲ୍ଲେଖନୀୟ ମାଇଲଖୁଣ୍ଟ



ଭୁବନେଶ୍ୱର, ୧୪।୫(ସମିସ): ଚାରି ଦଶନ୍ଧି ଧରି, ବ୍ଲୋସମ୍ସ ସ୍କୁଲ୍ ତରୁଣ ମନ ପାଇଁ ଭଲପାଇବା, ଯତ୍ନ ଏବଂ ଗୁଣାତ୍ମକ ଶିକ୍ଷାର ଏକ ପରିପୋଷକ ସ୍ଥାନ ହୋଇଆସିଛି। ସିବିଏସ୍‌ଇ ୨୦୨୫–୨୬ ଶିକ୍ଷା ବର୍ଷରେ ବିଦ୍ୟାଳୟ ଗର୍ବର ସହିତ ଏହାର ପ୍ରଥମ ଦ୍ୱାଦଶ ଶ୍ରେଣୀ ବ୍ୟାଚର ସଫଳ ଉପଲବ୍ଧି ସହିତ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହି ସ୍ମରଣୀୟ ସଫଳତା ଆମ ଶିକ୍ଷକମାନଙ୍କ ସାମୁହିକ ଉତ୍ସର୍ଗୀକୃତ ଭାବନା, ପିତାମାତାଙ୍କ ନିରନ୍ତର ସମର୍ଥନ ଏବଂ ଆମର ପ୍ରିୟ ଛାତ୍ରଛାତ୍ରୀଙ୍କ ଆନ୍ତରିକ ପ୍ରୟାସକୁ ପ୍ରତିଫଳିତ କରେ, ଯେଉଁମାନେ ଦୃଢ଼ତା ଏବଂ ଆତ୍ମବିଶ୍ୱାସର ସହିତ ଏହି ଯାତ୍ରାକୁ ଅତିକ୍ରମ କରିଛନ୍ତି। ଆମେ ଆମ ବିଦ୍ୟାଳୟର ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଏବଂ ପ୍ରତ୍ୟେକ ଛାତ୍ରଛାତ୍ରୀ ଯେଉଁମାନଙ୍କର କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ବ୍ଲୋସମ୍ସ ସ୍କୁଲର ଗୌରବ ଆଣିଛି, ସେମାନଙ୍କୁ ଆମର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଏହି ସଫଳତା ଆଗାମୀ ବର୍ଷଗୁଡ଼ିକରେ ଆହୁରି ଅନେକ ମାଇଲଖୁଣ୍ଟର ଆରମ୍ଭ ହେଉ।

## 'ଗୋଟିଏ ଫୁଲ, କୋଟିଏ କଥା'କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୧୪।୫(ସମିସ): ଦିଲୀପ ହାଲିଙ୍କ ପ୍ରଯୋଜିତ କ୍ଷୁଦ୍ର ଚଳଚ୍ଚିତ୍ର 'ଗୋଟିଏ ଫୁଲ, କୋଟିଏ କଥା' ବିଭିନ୍ନ କ୍ଷେତ୍ରରେ ସମ୍ମାନଜନକ ୧୮ଟି ପୁରସ୍କାର ଲାଭ କରିଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିନେମାର ଅଭିନେତା ତଥା ଏଥିରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ୧୦ ମିନିଟ ଅବଧିର ଏହି କ୍ଷୁଦ୍ର ଚଳଚ୍ଚିତ୍ରଟି ପରିବେଶ ସଚେତନତା ବାର୍ତ୍ତା ଦେଉଛି।

## ୪ଜଣଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସମ୍ମାନ




ଭୁବନେଶ୍ୱର, ୧୪।୫(ସମିସ): ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ, ଭାରତ ଆନୁକୂଲ୍ୟରେ ଗୁରୁବାର ଜୟଦେବଭବନ ଠାରେ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ଐକ୍ୟ ସମ୍ମେଳନ ଏବଂ ସନନ୍ଦ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଡ. ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମେଳନରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ମହାପାତ୍ର, ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ପ୍ରାକ୍ତନ ଅଧିକାରୀ ତଥା ସଂସ୍କୃତି ବିଭାଗର ପୂର୍ବତନ ଶାସନସଚିବ ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନସଚିବ ଦେବେନ୍ କୁମାର ପ୍ରଧାନ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡ. ଭାସ୍କର ମିଶ୍ର ଅଦିନରେ ଓ ଅତିଥିରେ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାକୁ ଦେଶ ବିଦେଶରେ ଇସ୍କନ ସଂସ୍ଥା ପକ୍ଷରୁ ପାଳିତ ହେଉଥିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି କହିଥିଲେ। ଏହି ଅବସରରେ ଶ୍ରୀମନ୍ଦିରର ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ରଙ୍କୁ 'ଆନ୍ତର୍ଜାତିକ ଉତ୍କଳ ଐତିହ୍ୟରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରତିଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ ସ୍ୱାଗତଭାଷଣ ଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଗୁରୁକଲ୍ୟାଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ସେବାପୂଜା ସମ୍ବନ୍ଧିତ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା।

## ଦୁର୍ଲ୍ଲଭା ଦେବୀଙ୍କ ପାର୍ଶ୍ୱଦେବୀ ବିଗ୍ରହ ପ୍ରତିଷ୍ଠା



ବାଲିଅନ୍ତା, ୧୪।୫(ସମିସ): ବାଲକାଟି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଦୁର୍ଲ୍ଲଭା ଦେବୀ ମନ୍ଦିର ନୂତନ ପାର୍ଶ୍ୱ ଦେବୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ୧୦ ତାରିଖରେ ଅଙ୍କୁରାରୋପଣ, ୧୧ ତାରିଖରେ ଭାର୍ଗବୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା, ପଞ୍ଚ ଉପଚାର ପୂଜା, ସନ୍ଧ୍ୟା ଆଳତୀ ଏବଂ ବାଲଭୋଗ ନୈବେଦ୍ୟ କରାଯାଇଥିଲା। ୧୨ ତାରିଖରେ ଗୀତାଯଜ୍ଞ ଏବଂ ଅନ୍ୟାନ୍ୟ ପୂଜାନୀତି ସମାହିତ ହୋଇଥିଲା। ୧୩ ତାରିଖରେ ଦୁର୍ଲ୍ଲଭା ଦେବୀ ମନ୍ଦିର ବିଭିନ୍ନ ଦିଗରେ ଥିବା ପୁରୁଣା ପାର୍ଶ୍ୱ ଦେବୀଙ୍କ ବିସର୍ଜନ ପୂଜାବିଧି କରାଯାଇଥିଲା। ନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ପୂଜା ସମାହିତ ହୋଇଥିଲା। ମନ୍ଦିର କାନ୍ଥରେ ପୂର୍ବ ଦିଗରେ ମା' ମାତଙ୍ଗୀ, ପଶ୍ଚିମରେ ଭୈ?ରବୀ, ଉତ୍ତରରେ ଭୁବନେଶ୍ୱରୀଙ୍କୁ ସ୍ଥାପନ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ବାଲଭୋଗ ନୈବେଦ୍ୟ କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ମନ୍ଦିର କମିଟିର ସଭାପତି ସନ୍ତୋଷ କୁମାର ମହାନ୍ତି ଏବଂ କାର୍ଯ୍ୟକାରୀ ସଭାପତି ସୁବ୍ରତ ମହାନ୍ତିଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲ୍ଲା ପରିଷଦ ଅମରେନ୍ଦୁ ପ୍ରସାଦ ପଟ୍ଟନାୟକ, କାହ୍ନୁ ଦାସ, ବେଣୁଧର ଭୋଇ, ସୋମନାଥ ସ୍ୱାଇଁ, ଦୀନବନ୍ଧୁ ଭୋଇ, ରଞ୍ଜନ କୁମାର ମହାପାତ୍ର ଓ ଅରବିନ୍ଦ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

● ବଡ଼ ଡକାୟତି ଯୋଜନା ପଣ୍ଡ

## ୪ ଦୁର୍ଦ୍ଦାନ୍ତ ଗିରଫ; ବିପୁଳ ମାରଣାସ୍ତ୍ର ଜବତ

ଭୁବନେଶ୍ୱର/କଟକ, ୧୪।୫(ସମିସ): ସିଡିଏ ଭଳି ଏକ ହାଇପ୍ରୋଫାଇଲ୍ ଅଞ୍ଚଳରେ ଡକାୟତି ପାଇଁ ବଡ଼ଧରଣର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଏକ ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗକୁ କାବୁ କରିଛି କଟକ ଫେଜ୍-୨ ଥାନା ପୁଲିସ। କଟକର ମଧୁସୂଦନ ସେତୁ ତଳେ ଡକାୟତି ପାଇଁ ବୈଠକ କରୁଥିବା ବେଳେ ପୁଲିସ ଚଢ଼ଉ କରି ୪ ଜଣ ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଟାଉନ ଅଞ୍ଚଳର ପ୍ରତ୍ୟୁଷ ପରିଡ଼ା (୨୦), ଆଶୁତୋଷ ସିଂହ (୨୦), ସନ୍ତୋଷ ସେଠୀ (୨୪) ଓ ଶୁଭଙ୍କର ସାହୁ (୧୮)। ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସମେତ ଅନ୍ୟ ଜଣେ ସଦସ୍ୟ ଅନ୍ଧାରର ସୁଯୋଗ ନେଇ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି।



ପୁଲିସ ସୂଚନା ଅନୁଯାୟୀ, ଗ୍ୟାଙ୍ଗର ସଦସ୍ୟମାନେ ସିଡିଏ ଅଞ୍ଚଳରେ ଥିବା ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଓ ଧନୀ ଲୋକଙ୍କ ଉପରେ ନଜର ରଖିଥିଲେ। ଏଥିପାଇଁ ସେମାନେ ସେହି ଅଞ୍ଚଳରେ ପୂର୍ବରୁ ରେକି ମଧ କରିଥିଲେ। ମଧୁସୂଦନ ସେତୁ ତଳେ ଏକତ୍ରିତ ହୋଇ ୬ ଜଣିଆ ଗ୍ୟାଙ୍ଗ ଚୂଡ଼ାନ୍ତ ଯୋଜନା କରୁଥିବା ବେଳେ ପୁଲିସ ପଞ୍ଝାରେ ପଡ଼ିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ସନ୍ତୋଷ ବ୍ୟବସାୟ କରୁଥିବା ବେଳେ ଅନ୍ୟ ତିନିଜଣ କଲେଜ ପଢୁଆ ଛାତ୍ର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଲମ୍ବା କତା, ଟାୟାର ଜଗ୍ ରଡ୍, ୫ଟି ମୋବାଇଲ୍, ନଗଦ ୧୬୫୦ ଟଙ୍କା ଏବଂ ଗୋଟିଏ କାର୍ ଜବତ ହୋଇଛି। ଏହି ଗ୍ୟାଙ୍ଗ ଗତ ୩ ମାସ ହେବ ଢେଙ୍କାନାଳ-ଅନୁଗୁଳ ଜାତୀୟ ରାଜପଥ ସମେତ ଚୌଦ୍ୱାର, ଜଗତପୁର ଓ ମଙ୍ଗୁଳି ଅଞ୍ଚଳରେ ସକ୍ରିୟ ଥିଲେ। ବିଶେଷ କରି ରାତି ୧୧ଟାରୁ ଭୋର୍ ୬ଟା ପର୍ଯ୍ୟନ୍ତ ଏହି ଅପରାଧୀମାନେ ପଥଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟପାଟ୍ କରୁଥିଲେ। ନରାଜ, ନ୍ୟାସନାଲ୍ ଲ' ୟୁନିଭର୍ସିଟି, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା କ୍ୟାମ୍ପସ୍ ଭଳି ନିଛାଟିଆ ଅଞ୍ଚଳରେ ସେମାନେ ବାଇକ୍ ଆରୋହୀଙ୍କୁ ଟାର୍ଗେଟ୍ କରି ମୋବାଇଲ୍ ଓ ଟଙ୍କା ଲୁଟି ନେଉଥିଲେ। ପୂର୍ବରୁ ଏହି ଗ୍ୟାଙ୍ଗକୁ ଧରିବା ପାଇଁ ଢେଙ୍କାନାଳ, ଟାଙ୍ଗୀ ଓ ଚୌଦ୍ୱାର ପୁଲିସ ବିଭିନ୍ନ ସମୟରେ ଉଦ୍ୟମ କରି ବିଫଳ ହୋଇଥିଲେ। ଗୋଡ଼ିସାହି ଫାଣ୍ଡି ପୁଲିସ ମଧ ସେମାନଙ୍କ ପିଛା କରିଥିଲା। ମାତ୍ର ମର୍କତନଗର ଓ ଫେଜ୍-୨ ଥାନା ପୁଲିସର ମିଳିତ ରଣନୀତି ଏହି କୁଖ୍ୟାତ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍ ଓ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଅଧୀନରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

## ପ୍ରସନ୍ନ ପାଇଲେ ନ୍ୟାସନାଲ ୟୁଥ ଲିଡରସିପ୍ ପୁରସ୍କାର




ବାଲିପାଟଣା, ୧୪।୫(ସମିସ): ଗତ ୧୧ ତାରିଖରେ ଦିଲ୍ଲୀ ସ୍ଥିତ ବିଶ୍ୱ ଯୁବକେନ୍ଦ୍ରରେ ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାର ପ୍ରସନ୍ନ କୁମାର ଭୋଇ ଙ୍କୁ ନ୍ୟାସନାଲ ୟୁଥ ଲିଡରସିପ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନରେ ନ୍ୟାସନାଲ ୟୁଥ ଲିଡରସିପ୍ ପ୍ରୋଗ୍ରାମ-୨୦୨୬ରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସାରା ଭାରତ ବର୍ଷରୁ ୫୦ ଜଣ ସାମାଜିକ କର୍ମୀଙ୍କ ମଧ୍ୟରୁ ପ୍ରସନ୍ନ ଜଣେ। ଶ୍ରୀଲଙ୍କା ହାଇକମିଶନର ମହିସିନୀ କୋଲୋନ, ବିଶ୍ୱ ଯୁବକେନ୍ଦ୍ରର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଉଦୟ କୁମାର ସିଂହ, ଏନ ଏସ ଏସ ନୂଆ ଦିଲ୍ଲୀ ରିଜିଓନାଲ ଡାଇରେକ୍ଟର ରୀତିକା ବର୍ମା ଓ ମାଇଁ ଭାରତ ଜିଲ୍ଲା ଯୁବ ଅଧିକାରୀ ସିମଲାର ବିପିନ କୁମାର ଙ୍କ ଉପସ୍ଥିତି ରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ଯୁବ କାର୍ଯ୍ୟକ୍ରମ ଓ ମହିଳା ସଶକ୍ତୀକରଣ ନିମନ୍ତେ କାର୍ଯ୍ୟ କରୁଥିବା ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେ ପୂର୍ବରୁ ଅନେକ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି।

## ନୃତ୍ୟ ମହୋତ୍ସବ 'ଛନ୍ଦବିଭା' ଉଦ୍‌ଯାପିତ

ଭୁବନେଶ୍ୱର, ୧୪।୫(ସମିସ): ଦୁଇଦିନ ଧରି ଚାଲିଆସିଥିବା ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ୍ ଦ୍ୱାରା ଆୟୋଜିତ ଚତୁର୍ଥ ନୃତ୍ୟ ମହୋତ୍ସବ 'ଛନ୍ଦବିଭା-୨୦୨୬' ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ଆକାଉଣ୍ଟାଣ୍ଟ ଜେନେରାଲ ଆଇଏଏସ୍ ଅତୁଲ ପ୍ରକାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ଓଡ଼ିଶା ଷ୍ଟେଟ ମ୍ୟୁଜିୟମର ସୁପରିନ୍‌ଟେଣ୍ଡେଣ୍ଟ ଡ. ଭାଗ୍ୟଲିପି ମଲ୍ଲ, ମର୍ଦ୍ଦଳବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଖ୍ୟାତିସମ୍ପନ୍ନା ଆର୍ଟିଷ୍ଟ ରାଜମାତା ଡ. ଦୀପ୍ତି ଦେବୀ, ଗଡ଼ମାଧବପୁର ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ।


ଏହି କାର୍ଯ୍ୟକ୍ରମର ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଓଡିଶୀ ନୃତ୍ୟ ଗୁରୁ ଡ. ଦୁର୍ଗା ଚରଣ ରଣବୀର, ମର୍ଦ୍ଦଳ ଗାୟକ ଗୁରୁ ଡ. ଗୌରାଙ୍ଗ ଚରଣ ମହଲ ଏବଂ ସ୍ୱରସଂଯୋଜକ ଗୁରୁ ଡ. ନିମାକାନ୍ତ ରାଉତରାୟଙ୍କୁ 'ଛନ୍ଦବିଭା ସମ୍ମାନ - ୨୦୨୬' ରେ ସମ୍ମାନୀତ କରାଯାଇଥିଲା। ଏହି ସନ୍ଧ୍ୟାରେ ନୃତ୍ୟାୟନ, ଲାସ୍ୟକଳା ଡ୍ୟାନ୍ସ ଭିଜନ୍ ଓ ପଦାମୃତ ଡ୍ୟାନ୍ସ ଏକାଡେମୀ ଅନୁଷ୍ଠାନର ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା। ଏହି ନୃତ୍ୟୋତ୍ସବ ପାଳନ ଅବସରରେ ଜୁନିୟର ଓ ସବ୍-ଜୁନିୟର ପିଲାମାନଙ୍କୁ ନେଇ 'ଛାନ୍ଦାନୁରାଗ' ନାମରେ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ସର୍ବଭାରତୀୟ ମାନବାଧିକାର ନିରାପତ୍ତା ପରିଷଦର ଉତ୍ସବ

ଭୁବନେଶ୍ୱର, ୧୪।୫(ସମିସ): ସର୍ବ ଭାରତୀୟ ମାନବାଧିକାର ନିରାପତ୍ତା ପରିଷଦ ପକ୍ଷରୁ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଡକ୍ଟରେଟ୍ ଉପାଧି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ସମ୍ପନ୍ନ ବ୍ୟକ୍ତି ମାନଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ଚାରୁକଳା ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରଣବ କୁମାର ସାହୁଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଶ୍ରୀ ସାହୁ ବିଭୁତି କାନୁନଗୋ ଚାରୁକଳା ମହାବିଦ୍ୟାଳୟରୁ ଏମ୍‌ଏଫ୍‌ଏ ଡିଗ୍ରୀ ହାସଲ କରିବା ପରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ଚାରୁକଳା ଓ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ଗାଡକଣ ଅଞ୍ଚଳର ଜଣେ ଦକ୍ଷ କଳାକାର ଭାବରେ ଓଡ଼ିଶାରେ ସୁନାମ ଅର୍ଜନ କରିଛନ୍ତି। ଉତ୍ସବରେ ଅନୁଷ୍ଠାନର ବିଖ୍ୟାତ କ୍ରୀଡାବିତ ଦ୍ୱିତୀଚାନ୍ଦ, ସଭାପତି ନାରାୟଣ ପତି, ସମ୍ପାଦକ ଦୁର୍ଗାମାଧବ ରାୟ, ଓଡ଼ିଶା ପାଇକ ଆଖଡା ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ଆକର୍ଷଣ କରୁଛି ଛାତ୍ରଛାତ୍ରୀଙ୍କ ଦ୍ୱାରା ଆବର୍ଜନାରୁ ସର୍ଜନା

ଭୁବନେଶ୍ୱର, ୧୪।୫(ସମିସ): କେଉଁଠି ବିଶାଳକାୟ ଏଣ୍ଡୁଅ ମଡେଲ ତ କେଉଁଠି ଅଜଗର ଓ କୁମ୍ଭୀରର ମଡେଲ ଶୋଭା ପାଉଛି। ଯାହା ସମସ୍ତଙ୍କୁ ବେଶ୍ ଆକର୍ଷିତ କରୁଛି। କେବଳ ସେତିକି ନୁହଁ ବରଂ ସେଲ୍‌ଫି ନେବାକୁ ମଧ ଘଡିଏ ଅଟକି ଯାଉଛନ୍ତି। ଏହା କୌଣସି ସଂଗ୍ରହାଳୟ କିମ୍ବା ଉଦ୍ୟାନ ନୁହଁ ବରଂ ଖଣ୍ଡଗିରିସ୍ଥିତ ବିକେ ଆର୍ଟ କଲେଜ ତଥା ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ କ୍ୟାମ୍ପସ ପରିସରର ଦୃଶ୍ୟ।



ଏହିସବୁ କାରୁକାର୍ଯ୍ୟ ବା ଜୀବଜନ୍ତୁଙ୍କ ମଡେଲ ବିଭିନ୍ନ ଅଦରକାରୀ ଜିନିଷରୁ ପ୍ରସ୍ତୁତ ହୋଇଛି। ଯାହାକୁ ସେଠାକାର ଛାତ୍ରଛାତ୍ରୀ ହିଁ ତିଆରି କରିଛନ୍ତି। ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ପରିଲକ୍ଷିତ ହେଉଛି। ମହାବିଦ୍ୟାଳୟକୁ ପ୍ରବେଶ କଲା ମାତ୍ରେ ଏହିସବୁ କଳାକୃତି ଯେପରିକି, ବିଶାଳକାୟ କଇଁଛ ଦେଖିବାକୁ ମିଳିଥାଏ। ଯାହାର ଶରୀର ଗଠନରୁ ଚାହାଣୀ ପର୍ଯ୍ୟନ୍ତ ସବୁକିଛି ଜୀବନ୍ତ ପରି ଦୃଶ୍ୟମାନ ହେଉଛି। ଏହିସବୁ କଳାକୃତି ମୁଖ୍ୟତଃ ଗାଡିର ଟାୟାର, ଛଡ଼, ବିଭିନ୍ନ ଅଦରକାରୀ ପ୍ଲାଷ୍ଟିକ, ବୋତଲରେ ପ୍ରସ୍ତୁତ କରାଯାଇଛି। ଏହାର ଓଜନ ୪୦ରୁ ୫୦ କିଲୋ ହୋଇଥିବାବେଳେ ଲମ୍ବ ୫ ଫୁଟ୍ ଏବଂ ଓସାର ସାଢେ ୪ ଫୁଟ୍ ରହିଛି। ଏହାସହିତ ୧୨ ଫୁଟ୍ ଲମ୍ବର କୁମ୍ଭୀର, ଟାୟାରରୁ ତିଆରି ହୋଇଥିବା ଏଣ୍ଡୁଅ, ମା ସରସ୍ୱତୀଙ୍କ ମୂର୍ତ୍ତି, ହାତୀ ଉପରେ ଶାଗୁଣା ବସିଥିବା ମଡେଲ ଦେଖିବାକୁ ମିଳୁଛି। ଯାହା ସମ୍ପୂର୍ଣ୍ଣ ଭାବରେ ଅଦରକାରୀ ପଦାର୍ଥରୁ ପ୍ରସ୍ତୁତ ହୋଇଛି। ଏହା ସହିତ ୱେଷ୍ଟ ପେପରରୁ ତିଆରି ହୋଇଥିବା ସାଇକେଲ ଏବଂ ତଡା ଉପରେ ବସିଥିବା ପିଲାଟିଏ ମଡେଲ ବେଶ ଆକର୍ଷିତ କରୁଛି।



ଭାସ୍କର୍ଯ୍ୟ କଳା ବିଭାଗର ଅଧ୍ୟାପକ ଚୌଧୁରୀ ଆଶିଷ ସରଣ କୁହନ୍ତି, ବର୍ତ୍ତମାନ ଅଦରକାରୀରୁ ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରସ୍ତୁତ କରିବାର ଟ୍ରେଣ୍ଡ ଚାଲିଛି। ସେହି ହିସାବରେ ଆମ ବିଭାଗର ପିଲାମାନେ ଏହାକୁ ୧୫ ଦିନ ମଧ୍ୟରେ ତିଆରି କରିଥିବାବେଳେ ବିଭାଗର ୧୧ ଜଣ ଛାତ୍ରଛାତ୍ରୀ ଏହାକୁ ପ୍ରସ୍ତୁତ କରିଥିଲେ। ଏଥିସହିତ ୱେଷ୍ଟ ଟୁ ଆର୍ଟ ର ଏକ ପ୍ରୋଜେକ୍ଟ ମହାବିଦ୍ୟାଳୟକୁ ଆସିଥିଲା, ଯେଉଁଥିରେ ଏହିସବୁ ମଡେଲ ପିଲାମାନେ ପ୍ରସ୍ତୁତ କରିଥିଲେ।



## ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ଆପ୍‌ର ପ୍ରସ୍ତୁତି



ଢେଙ୍କାନାଳ,୧୪।୫(ସମିସ): ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ଆପ୍‌ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରାଜ୍ୟସ୍ତରୀୟ ସାଂଗଠନିକ ବୈଠକ ମଇ ୨୪ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ, ଓଡିଶା ପ୍ରଭାରୀ ତଥା ଦିଲ୍ଲି କ୍ୟାଣ୍ଟ ବିଧାୟକ ବୀରେନ୍ଦ୍ର ସିଂ କାଦିଆନ ଓ ଅନ୍ୟ ୬ ଜଣ ପର୍ଯ୍ୟବେକ୍ଷକ ରହିବେ। ଆଜି ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଓ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସୋସିଆଲ ମିଡ଼ିଆ ପ୍ରଭାରୀ ବିଷ୍ଣୁପ୍ରସାଦ ପଣ୍ଡା, ଲୋକସଭା କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସମ୍ପାଦକ ଅନିଲ ସାମଲ, କୋଷାଧକ୍ଷ ନିରଞ୍ଜନ ପତି, ଓଡାପଡ଼ା ବ୍ଲକ ସଭାପତି ପୀତାମ୍ବର ଦାସ, ଚିତ୍ତରଞ୍ଜନ ପାଣି, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସ, ନିରଦ ଚନ୍ଦ୍ର ବାରିକ, ପ୍ରସନ୍ନ ବରାଳ, ସୁଚିତ୍ରା ସିଂ, ବିନୀତା ଡୋରା, ମଧୁସୂଦନ ମଲିକ, ସନାତନ ନାଏକ, ଜୟନ୍ତ ଦାସ, ନିରାକାର ସାହୁ ପ୍ରମୁଖ ଏକ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ଆସନ୍ତା ୨୪ ତାରିଖ ପାଇଁ ଜିଲ୍ଲାରୁ ପ୍ରତ୍ୟେକ ଜିଲ୍ଲା ପରିଷଦ ଜୋନରୁ ସମ୍ଭାବ୍ୟ ପ୍ରାର୍ଥୀ ଏବଂ ସଭାପତି ଭୁବନେଶ୍ୱର ଯିବାପାଇଁ ଚିଠା ପ୍ରସ୍ତୁତ କରାଯାଇଥିଲା। ଦେଶରେ ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ତଥା ଅନ୍ୟ ନେତାମାନେ ରାଲି ସହ ବିଦେଶ ଭ୍ରମଣ କରୁଥିବାବେଳେ ଲୋକଙ୍କୁ ପେଟ୍ରୋଲ୍ ଓ ଖାଇବା ତେଲ୍ ବ୍ୟବହାର କମାଇବା ଓ ବିଦେଶ ଯାତ୍ରା ନକରିବାକୁ କହୁଥିବାରୁ ସମାଲୋଚନା କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ବୈଠକ

ଢେଙ୍କାନାଳ,୧୪।୫(ସମିସ): ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଅଧିକାର ଉଲଂଘନ ଉପରେ ସଚେତନତା ସକାଶେ ଓଡ଼ାପଡ଼ା ବ୍ଲକର ବଦାଲୁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ପ୍ରକଳ୍ପ 'ଆକ୍ସେସ ଟୁ ଜଷ୍ଟିସ ଫର୍ ଚିଲ୍ଡ୍ରେନ୍ସ' ସହଯୋଗରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତିର ବୈଠକ ସରପଞ୍ଚ କ୍ରିଷ୍ଣା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଆଇନ ପୋକ୍‌ସୋ ଉପରେ ଆଲୋଚନା ହୋଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଅବସରରେ ଦେୟମୁକ୍ତ ନମ୍ବର-୧୦୯୮କୁ ଓ ପ୍ରଧାନମନ୍ତ୍ରୀ କନ୍ୟା ବିବାହ ଯୋଜନା ବିଷୟରେ ଆଲୋଚନା କରାଗଲା। ଏହାସହିତ ପଞ୍ଚାୟତରେ ବାଲ୍ୟ ବିବାହକୁ ଅନୁଧ୍ୟାନ କରିବାକୁ ପାଇଁ ଏକ ବିବାହ ରେଜିଷ୍ଟର କାର୍ଯ୍ୟକାରୀ କରିବାକୁ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧନ ବ୍ୟକ୍ତି ଭାବରେ ପ୍ରକଳ୍ପର କାଉନସିଲର ମନସ୍ମିତା ନାୟକ ଯୋଗଦେଇଥିଲେ।



### ପ୍ରାକୃତିକ ବିପର୍ଯ୍ୟୟ କମିଟି ସମୀକ୍ଷା ବୈଠକ

# ବର୍ଷାଜଳ ନିଷ୍କାସନ ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଢେଙ୍କାନାଳ,୧୪।୫(ସମିସ):

ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା ସମ୍ଭାବ୍ୟ ବନ୍ୟା ମୁକାବିଲା ନିମିତ୍ତ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ପୂର୍ବରୁ ଛୋଟ ଛୋଟ ସମସ୍ୟାର ସମାଧାନ କରିଦେଲେ ଆଗକୁ ବଡ଼ ସମସ୍ୟା ଉପୁଜିବ ନାହିଁ ବୋଲି କହିବା ସହ ଏଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଯତ୍ନବାନ ହେବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ତଦାରଖ କରିବା ସହିତ କୌଣସି ଅସୁବିଧା ଥିଲେ, ଯଥାଶୀଘ୍ର ସମାଧାନ କରିବା ପାଇଁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପରାମର୍ଶ ଦେଇଥିଲେ। ସହରରେ ମଧ୍ୟରେ ଥିବା ନାଳନର୍ଦ୍ଦମାକୁ ଯଥାଶୀଘ୍ର ସଫା କରି ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟା, ବାତ୍ୟାରେ ଫସଲ ଓ ନିର୍ମାଣ ଆଦିର କ୍ଷୟକ୍ଷତି ଘଟିଲେ, ତାହାର ଆକଳନ କରି ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କହିଥିଲେ। କୌଣସି ଅଞ୍ଚଳରେ ଯେପରି ଜଣ୍ଡିସ୍ ଓ ଝାଡ଼ାବାନ୍ତି ନ ବ୍ୟାପିବ, ସେଥିପ୍ରତି ସମ୍ପୂର୍ଣ୍ଣ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା, ଟେଲି ଯୋଗାଯୋଗ ବ୍ୟବସ୍ଥା, ଶୃଙ୍ଖଳା ଖାଦ୍ୟ ମହଜୁଦ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଉଦ୍ଧାର କାର୍ଯ୍ୟ ପାଇଁ ରାପିଡ୍ ରେସ୍ପନସ୍ ଟିମ ମୁତୟନ, ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ଓ ରୋଗୀ ଚିକିତ୍ସା ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ, ଗୃହପାଳିତ ପଶୁ ସମ୍ପଦର ସୁରକ୍ଷା, ଚାଷ କାର୍ଯ୍ୟ ପରିଚାଳନା, ସାର ମହଜୁଦ ଓ ବିକ୍ରିର ତଦାରଖ କରିବା, ବହୁମୁଖୀ ଆଶ୍ରୟସ୍ଥଳୀରେ ଆନୁସାଙ୍ଗିକ ବ୍ୟବସ୍ଥା, ସରଞ୍ଜାମର ତଦାରଖ ଓ ପ୍ରସ୍ତୁତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଂଜୟ ମହାପାତ୍ରଙ୍କ ସମେତ ସମସ୍ତ ଉପ ଜିଲ୍ଲାପାଳ, ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଡ଼ିଓ , ତହସିଲଦାର, ଅଗ୍ନିଶମ ଏବଂ ଓଡ୍ରାଫର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶେଷରେ ଆପାତକାଳୀନ ଅଧିକାରୀ ସୁଦିପ୍ତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



### ସିବିଏସ୍‌ସି ଦ୍ୱାଦଶ ପରୀକ୍ଷା

## ପିଏମ୍‌ଶ୍ରୀ ଜେଏନ୍‌ଭିର ସଫଳତା



ପରଜଙ୍ଗ,୧୪।୫(ସମିସ): ସିବିଏସ୍‌ସି ଦ୍ୱାଦଶ ପରୀକ୍ଷାରେ ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସଫଳତାର ହାର ଉଲ୍ଲେଖନୀୟ ରହିଛି। ଦ୍ୱାଦଶ ବିଜ୍ଞାନ ଶ୍ରେଣୀରେ ପ୍ରଥମ ସ୍ଥାନ ସୌମ୍ୟ ସୌରଭ ସ୍ୱାଇଁ (୯୩%), ଦ୍ୱିତୀୟ ସ୍ଥାନ ରିଦ୍ଧିମାନ ଖୁଣ୍ଟିଆ (୯୦.୪%), ତୃତୀୟ ସ୍ଥାନ ଚନ୍ଦ୍ରଶେଖର ନାୟକ (୮୯.୮%) ରଖିଥିବା ବେଳେ ଦ୍ୱାଦଶ ଏଫଏମରେ ପ୍ରଥମ ସ୍ଥାନ ସାଇନ ସାମସମ୍ ବିଶ୍ୱାଳ (୯୭%), ଶୁଭଙ୍କର ତରାଇ (୯୪%), ବିଶ୍ୱଜିତ ବେହେରା (୯୩.୩%) ରଖି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। ବିକାଶ ସାହୁ କମ୍ପ୍ୟୁଟର ବିଜ୍ଞାନରେ ୧୦୦ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ କେତନ ଶିଖର ପ୍ରଦେଶରେ ପହଞ୍ଚାଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷା ଡକ୍ଟର ପ୍ରତିମା ମିଶ୍ର ତଥା ଉପାଧକ୍ଷ ବିଜୟ କୁମାର ନାଥ ସମସ୍ତ ଛାତ୍ରଛାତ୍ରୀ , ଅଭିଭାବକ ତଥା ଶିକ୍ଷୟିତ୍ରୀ-ଶିକ୍ଷକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆମ୍ବପଡ଼ାରେ ବାଦୀପାଲା ଉଦ୍‌ଯାପିତ



ଗଁଦିଆ,୧୪।୫(ସମିସ): ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ାରେ ଚାଲିଥିବା ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଗାୟକ ଶିଶିର ପାଢ଼ୀ ଓ ସାଥୀ ଗାୟକ ବିଶ୍ୱନାଥ ସ୍ୱାଇଁଙ୍କ ଦ୍ୱାରା ବାଦୀପାଲା ପରିବେଷଣ କରାଯାଇଥିଲା। ବର୍ତ୍ତମାନ ସମାଜରେ ଘଟୁଥିବା ବିଭିନ୍ନ ଅପସଂସ୍କୃତିରୁ ମୁକୁଳିବାକୁ ହେଲେ ମାନବ ସମାଜକୁ ପାଲା ସଂସ୍କୃତି ମାଧ୍ୟମରେ ପିଲାଠୁ ବୟସ୍କମାନେ କିଛି କିଛି ହିତୋପଦେଶ ଗ୍ରହଣ କରି ଦୈନନ୍ଦିନ ଜୀବନରେ କାମରେ ଲଗାଇବାକୁ ଗାୟକମାନେ ପାଲା ପରିବେଷଣ ମାଧ୍ୟମରେ ବୁଝାଇଥିଲେ। ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ପ୍ରଭୁ ସତ୍ୟନାରାୟଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ଗ୍ରାମର ଯୁବକ ସନ୍ତୋଷ ଦାଶ, ପଞ୍ଚାନନ ମହାନ୍ତି, ଜନ୍ମେଜୟ ପାଣିଗ୍ରାହୀ, ଜୟନ୍ତ ଦାଶ, ଲକ୍ଷ୍ମୀଧର ବାରିକ, ସୁବ୍ରତ ନାୟକ, କମଳ କୁମାର ପଣ୍ଡା, ଅରବିନ୍ଦ ପାଣିଗ୍ରାହୀ, ବିଶ୍ୱରଞ୍ଜନ ପଣ୍ଡା, ଶ୍ରୀକୃଷ୍ଣ ପାଣିଗ୍ରାହୀ, ଦୀନବନ୍ଧୁ ପଣ୍ଡା, ସୂର୍ଯ୍ୟକାନ୍ତ ଲେଙ୍କା, ଅଭୟ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ତ୍ତା ହିସାବରେ ସୁଦର୍ଶନ ପଣ୍ଡା ପୁରୋହିତ ହିସାବରେ ପ୍ରଫୁଲ ଶତପଥି ଆସ୍ଥାନ ପୂଜା କରିଥିଲେ। ଆମ୍ବପଡା ଗ୍ରାମ ୧୯୮୪ମସିହାରୁ ଆରମ୍ଭ କରିଥିବା ବୟସ୍କମାନଙ୍କୁ ପୂଜ୍ୟପୂଜାର ବ୍ୟବସ୍ଥା କରି ସମସ୍ତଙ୍କୁ ଉତ୍ତରୀୟ ସହ ଉପଢୌକନ ପ୍ରଦାନ କରାଯାଇଥିଲା।

## ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ




ଢେଙ୍କାନାଳ,୧୪।୫(ସମିସ): ସର୍ବଭାରତୀୟ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲ ଯୋଗୁ ସାରା ଦେଶରେ ପ୍ରାୟ ୨୦ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଇଛନ୍ତି କେନ୍ଦ୍ର ସରକାର। ଏହାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ବିଜୁ ଯୁବ ଜନତା ଦଳ ସଭାପତି ଧର୍ମାନନ୍ଦ ପରିଡା ଓ ଛାତ୍ର ବିଜୁ ଜନତା ଦଳ ସଭାପତି ଆରିୟାନ ଦାସଙ୍କ ନେତୃତ୍ୱରେ ଢେଙ୍କାନାଳ ସହରସ୍ଥ ଗଣେଶ ବଜାରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ ଓଡିଶାର ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

ବିକ୍ଷୋଭରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ସନ୍ଦୀପ ଷଡଙ୍ଗୀ, ମହିଳା ଜିଲ୍ଲା ସଭାପତି ସାଗରିକା ମିଶ୍ର, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ହିମାଂଶୁ ମହାପାତ୍ର, ମହିଳା ବିଜେଡି ନଗର ସଭାପତି ଶ୍ରଦ୍ଧାଞ୍ଜଳୀ ସାହୁ, ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, ମାନସ ମହାରଣା, ଯୁବ ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ବିନୋଦ କୁମାର ସଠୀ, କାମାକ୍ଷାନଗର ଏନ୍‌ଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ, ରଶ୍ମିରଞ୍ଜନ ସାହୁ, ଉପେନ୍ଦ୍ର ରାଉତ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ର, ଛାତ୍ର ବିଜେଡି ଅନିମେଶ ବେହେରା, ସୌମ୍ୟରଞ୍ଜନ ସ୍ୱାଇଁ, ସଙ୍କଳ୍ପ ମହାପାତ୍ର, ସୌମ୍ୟରଞ୍ଜନ ଦାସ, ଧନଞ୍ଜୟ ଦାସ, ଶୁଭଙ୍କର ମହାପାତ୍ର, ସରୋଜ ପ୍ରତାପ ସିଂ, ସାନ୍ତନୁ ବେହେରା ପ୍ରମୁଖଙ୍କ ସମେତ ବହୁ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଯୁବ ସମାଜସେବୀଙ୍କ ବିୟୋଗରେ ଶୋକ

ଗଁଦିଆ,୧୪।୫(ସମିସ): ଗଁଦିଆ ବ୍ଲକ ବିଶ୍ୱନାଥପୁର ଗ୍ରାମର ପ୍ରତାପ ଦେହୁରୀ (୫୫)ଙ୍କର ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ସ୍ଥାନୀୟ ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀଙ୍କ ସମେତ ଉକ୍ତ ପଞ୍ଚାୟତର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ଅଞ୍ଚଳରେ ଜଣେ ବିଶିଷ୍ଟ ସମାଜସେବୀ ଭାବେ ବେଶ୍ ଜଣାଶୁଣା। ତାଙ୍କ ବିୟୋଗରେ ନିଜସ୍ୱ ଗ୍ରାମ ବିଶ୍ୱନାଥପୁରରେ ଶୋକର ଛାୟା ଖେଳିଯାଇଛି।



## ସିନର୍ଜି ଇଞ୍ଜିନିୟରିଂ କଲେଜରେ 'ଅନର୍ଘ୍ୟ' ଉଦ୍‌ଘାଟିତ



ଢେଙ୍କାନାଳ,୧୪।୫(ସମିସ): ସ୍ଥାନୀୟ ସିନର୍ଜି ଇଞ୍ଜିନିୟରିଂ କଲେଜର କମ୍ପ୍ୟୁଟର ସାଇନ୍ସ ଏଣ୍ଡ ଇଞ୍ଜିନିୟରିଂ ବିଭାଗ ଏବଂ ସୋସାଇଟ ଅଫ୍ ସିଏସ୍‌ଇ ଆଣ୍ଡ ଆଇଟି ପକ୍ଷରୁ ଆୟୋଜିତ ପ୍ରଯୁକ୍ତିମୂଳକ ଓ ଶିକ୍ଷା କାର୍ଯ୍ୟକ୍ରମ 'ଅନର୍ଘ୍ୟ' ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ ସହ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଏବଂ ସୋସାଇଟି ଅଫ ସିଏସଇ ଏବଂ ଆଇଟିର ସଭାପତି ଡ. ଏସ୍ ଅବିନାଶ ସ୍ୱାଗତ ଭାଷଣ ପ୍ରଦାନ କରି 'ଅନର୍ଘ୍ୟ' ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ଗବେଷଣା ମନୋଭାବ ଓ ଉଦ୍ୟମିତାର ଚେତନାକୁ ଉତ୍ସାହିତ କରିବାର ଏକ ସଶକ୍ତ ମଞ୍ଚ ବୋଲି କହିଥିଲେ। ସୋସାଇଟ୍ ଅଫ୍ ସିଏସ୍‌ଇ ଏବଂ ଆଇଟିର ସଚିବ ପ୍ରଫେସର ଏସ୍ ଆର୍ ଦାଶ ବାର୍ଷିକ ପ୍ରତିବେଦନ ଉପସ୍ଥାପନ କରି ବର୍ଷ ବ୍ୟାପି ଆୟୋଜିତ ବିଭିନ୍ନ ଶିକ୍ଷାମୂଳକ ଓ ପ୍ରଯୁକ୍ତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ଓ ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡା. ଅଶ୍ୱିନୀ କୁମାର ରଥ ଯୋଗଦେଇ ସିଇଓ, ପ୍ରସିଦ୍ଧ ପ୍ରଯୁକ୍ତିବିତ୍‌ଙ୍କ ସହ ଅନେକ ପୁସ୍ତକର ଲେଖକ ଏବଂ ସଫଳ ଉଦ୍ୟୋଗପତିଙ୍କ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡା. ଅବିନାଶ ସାମଲ ଯୋଗଦେଇ ଟିସିଏସ୍‌ର ବିଭିନ୍ନ ବିଭାଗ ଉପରେ ମତବ୍ୟକ୍ତ କରିଥିଲେ। ସଂସ୍ଥାର ଡାଇରେକ୍ଟର ଡ. ଇତିଶ୍ରୀ ମହାନ୍ତି ଓ ଡ. ପି କେ ନାୟକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଆୟୋଜକମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଗବେଷଣା ଓ ପ୍ରଯୁକ୍ତିମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ 'ଅନର୍ଘ୍ୟ' ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

### କାଳବୈଶାଖୀକୁ ୧୦ ଦିନ ବିତିଲା

# ଜରିପାଲ ପାଇଁ ତହସିଲ ଘେରିଲେ ଭଦଳିଆପଶି ଗ୍ରାମବାସୀ

ଭୁବନ,୧୪।୫(ସମିସ):



କାଳବୈଶାଖୀରେ ଘର ଉଡ଼ିଯାଇଥିବାବେଳେ ସାମାନ୍ୟ ପାଲ ଖଣ୍ଡେ ବି ଦେଉନାହିଁ ତହସିଲ ପ୍ରଶାସନ। ଏହାର ପ୍ରତିବାଦରେ ଗୁରୁବାର ତହସିଲ ଘେରାଉ କରିଛନ୍ତି ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ.୨ ଭଦଳିଆପଶି କୋଲ୍‌ହ ସାହିର ଶତାଧିକ ବାସିନ୍ଦା।

ପ୍ରକାଶ ଯେ, ପ୍ରାୟ ୧୦ ଦିନରୁ ଉର୍ଦ୍ଧ୍ୱ ହେଲାଣି କାଳବୈଶାଖୀ ତାଣ୍ଡବରେ ଭଦଳିଆପଶିର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାରର ଚାଳ ଛପର ଉଡ଼ି ଯାଇଛି। ଜରିପାଲ ଦେବାକୁ ଆର୍‌ଆଇଙ୍କୁ ଗୁହାରି କରିଥିଲେ ସାହିବାସିନ୍ଦା। କିନ୍ତୁ ସହାୟତା ମିଳିବ କ'ଣ ଓଲଟି ଦୁର୍ବ୍ୟବହାର କରିଥିଲେ ଆର୍‌ଆଇ ଓ ଆବେଦନ ଗ୍ରହଣ କରିନଥିଲେ ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ତହସିଲ କାର୍ଯ୍ୟାଳୟକୁ ଯାଅ ବୋଲି କହି ତାଙ୍କ ଆବେଦନକୁ ଗ୍ରହଣ କରିନଥିଲେ। ଅନ୍ୟପଟେ ଆର୍‌ଆଇଙ୍କ ତଦନ୍ତ ରିପୋର୍ଟ ନମିଳିଲେ ଆମେ ପଲିଥିନ୍ ଦେଇ ପାରିବୁ ନାହିଁ ବୋଲି ତହସିଲଦାର କହୁଥିବା ପ୍ରତିକ୍ରିୟା ରଖିଛନ୍ତି ସାହି ବାସିନ୍ଦା। ତେଣୁ ବାଧ୍ୟ ହୋଇ ଆଜି ତହସିଲ କାର୍ଯ୍ୟାଳୟ ପରିସରରେ ସାହିବାସିନ୍ଦା ପହଞ୍ଚି ହୋହଲ୍ଲା କରିଥିଲେ। ଯଥାଶୀଘ୍ର ସହାୟତା ନ ମିଳିଲେ କାର୍ଯ୍ୟାଳୟରେ ତାଲା ପକାଇଦେବାକୁ ଚେତାବନୀ ଦେଇଥିଲେ।

ସୂଚନା ଥାଉକି, ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ କାହିଁ କେଉଁ କାଳରୁ ବସିତି ସ୍ଥାପନ କରି ରହୁଛନ୍ତି ଅନୁସୂଚିତ ଜନଜାତିର ଲୋକେ। ଏହା ସରକାରୀ ଜାଗା, କାହାରି ପଟ୍ଟା ନାହିଁ। ସହର ହୋଇଥିବାରୁ ଗୁଣ୍ଠିକିଆ ପଟ୍ଟା ମଧ୍ୟ ମିଳିବା ସମ୍ଭବ ନୁହେଁ। ପଟ୍ଟା ନଥିବାରୁ ଆବାସ ଯୋଜନାରେ ଘର ମିଳୁନାହିଁ। ଫଳରେ ଏମାନେ ସରକାରଙ୍କ ସମସ୍ତ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିବର୍ଷ କାଳବୈଶାଖୀରେ ଏମାନେ ହନ୍ତସନ୍ତ ହୋଇଥାନ୍ତି। ଶେଷରେ କାଉନ୍‌ସିଲର କୃପାସିନ୍ଧୁ ବେହେରାଙ୍କ ଘର ସାମ୍ନାରେ ଅଡ଼ି ବସିଥିଲେ ବାସିନ୍ଦା। ଆରଇଆଇ ଆସି ହାତଗଣତି କେଇ ଜଣଙ୍କୁ ପାଲ ଦେଇ ପଳାଇଛନ୍ତି। ଲୋକଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି କହିଛନ୍ତି କାଉନ୍‌ସିଲଲର। ଭଦଳିଆପଶି ବାସିନ୍ଦାଙ୍କ ନିମନ୍ତେ ସମସ୍ତେ କାନ୍ଦୁଛନ୍ତି ହେଲେ କାହାରି ଆଖିରେ ଲୁହ ନାହିଁ ବୋଲି କୁହନ୍ତି ବରିଷ୍ଠ ନାଗରିକ ଜଗନ୍ନାଥ ସାହୁ। ଏନେଇ ଭୁବନ ତହସିଲଦାର ଅନ୍ତର୍ଗତ ଭୁବନ ରାଜସ୍ୱ ନିରୀକ୍ଷକ ରାଜେନ୍ଦ୍ର ଭୋଇ କୁହନ୍ତି ସେମିତି କାହାକୁ ମୁଁ ବ୍ୟବହାର ଖରାପ କରିନାହିଁ। ଯେଉଁମାନେ ଯୋଗ୍ୟ ତଦନ୍ତ କରାଯିବ।

## ଟାଟାଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ହିନ୍ଦୋଳ/ଖଜୁରିଆକଟା,୧୪।୫(ସମିସ): ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମି ଓ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ କରିବାକୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ ରାସୋଳଠାରେ ପ୍ରସ୍ତାବିତ ଡିଗ୍ରୀ ମହିଳା କଲେଜ ପାଇଁ ୪ଟି ଶ୍ରେଣୀଗୃହ ବିଶିଷ୍ଟ ବିଲ୍ଡିଂ ଏବଂ ଓଡ଼ାପଡ଼ା ବ୍ଲକର ଶିବପୁର ଗ୍ରାମରେ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ହିନ୍ଦୋଳ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ଶିବପୁର ସରପଞ୍ଚ ମାନସ ନାୟକ, ଟାଟା ଷ୍ଟିଲ ମେରାମୁଣ୍ଡଳୀର କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ ଫାଉଣ୍ଡେସନ ମେରାମୁଣ୍ଡଳୀର ୟୁନିଟ୍ ଲିଡ୍ କୁମାର ସୌରଭଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଓ ମହିଳାମାନେ ଉପସ୍ଥିତ ଥିଲେ। ଭିତ୍ତିଭୂମିର ଉନ୍ନତି ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବ। ଟାଟା ଷ୍ଟିଲ ମେରାମଣ୍ଡଳୀର ପାଶ୍ୱର୍ବର୍ତ୍ତୀ ଗ୍ରାମାଞ୍ଚଳର ଶିକ୍ଷା, ଯୋଗାଯୋଗ ଏବଂ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



# ସାବିତ୍ରୀ ପାଇଁ ଫଳ ବଜାରରେ ମହଙ୍ଗା ମାଡ଼

**ବଣାଇଁ, ୧୪।୫(ସମିସ):** ଦିନକ ପରେ ସାବିତ୍ରୀବ୍ରତ। ବଣାଇଁ ସହର ସମେତ ଆଖପାଖ ବଜାର ଅଞ୍ଚଳରେ ଫଳ କିଣିବାକୁ ସତ୍ୟବାନମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଯାହା ଫଳ ବ୍ୟବସାୟୀମାନଙ୍କ ପାଇଁ ପୁଷ ମାସ ପାଲଟିଛି। ବଣାଇଁ ସହର ସମେତ ଗାଁ ଗୁଡ଼ିକରେ ମଧ ସାବିତ୍ରୀ ପାଇଁ ବଜାର ଚଳଚଞ୍ଚଳ ହୋଇପଡ଼ିଛି। ଲୁଗାପଟା, ଶାଢ଼ି, ମ୍ୟାଚିଙ୍ଗ ସେଣ୍ଟରଠାରୁ ଆରମ୍ଭକରି ଫଳ, ପୂଜା ସାମଗ୍ରୀ ଓ ଷ୍ଟେସନାରୀ ଆଦି ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ଜମିବାରେ ଲାଗିଛି।



ହେଲେ ଗତବର୍ଷଠାରୁ ଚଳିତବର୍ଷ ଫଳ ଦର ସବୁ ଏବେ ଆକାଶଛୁଆଁ ହୋଇପଡ଼ିଛି। ଦେଶୀ କଦଳୀ ଡଜନ ପିଛା ୮୦ରୁ ୧୦୦, ଲିଚୁକୋଳି କିଲୋ ପିଛା ଦେଢ଼ଶହରୁ ୨୦୦, ସେଓ କିଲୋ ୧୫୦ରୁ ୩ଶହ, ଅଙ୍ଗୁରକୋଳି ୧୫୦ରୁ ୨୦୦, ସପୁରି ଗୋଟାକୁ ୫୦ରୁ ୬୦, କମଳା ୧୫୦ରୁ ୧୮୦ ଓ ଅନୁରୂପ ଭାବେ ପଣସ ଓ ତରଭୁଜ ଗୋଟାକୁ ୫୦ରୁ ୧୦୦ ଟଙ୍କା ମଧ୍ୟରେ ଥିବା ଜଣାଯାଇଛି। ତେବେ ଚଳିତବର୍ଷ ଫଳମୂଳ ଦର ବୃଦ୍ଧି ନେଇ ସ୍ଥାନୀୟ ବେପାରୀ କହିଛନ୍ତି, ଏହି ସମୟରେ ଯେତିକି ଫଳ ବାହାରୁ ଆସିବା କଥା ପ୍ରଚଣ୍ଡ ଗରମ ଯୋଗୁଁ ଆବଶ୍ୟକ ଅନୁସାରେ ଆସିପାରୁନି। ତେଣୁ ଚଳିତ ବର୍ଷ ଏଭଳି ଦର ହୋଇଥିବା କହିଛନ୍ତି। ପାରମ୍ପରିକ ଏହି ଓଷା ପାଇଁ ସାଧାରଣତଃ ଦର ଅଧିକ ରହିଥିବା କିଛି ଫଳ ବ୍ୟବସାୟୀ କହିଛନ୍ତି। ସେହିପରି ଚଳିତବର୍ଷ ଲୋକାଲ ଆମ୍ବ ଫସଲ ଭଲ ହୋଇଥିଲେ ମଧ ପିଠା ଚୋର, ଦଲକି, ବନ୍ଧା ଭୂଇଁ, ସିନ୍ଦୂରକଳା ଇତ୍ୟାଦି ବିଭିନ୍ନ ଗାଁରୁ ଆମ୍ବ ଆସି ପାରୁନାହିଁ। ଯାହା ଫଳରେ ସାବିତ୍ରୀ ପାଇଁ ଆମ୍ବ ଓ ପଣସ ଦର ବୃଦ୍ଧି ହୋଇଛି ଆଉ କିଛି ବ୍ୟବସାୟୀ କହିଛନ୍ତି।

**ଦୋକାନରେ ସତ୍ୟବାନଙ୍କ ଭିଡ଼**

## ରାଉରକେଲା ସହରରେ ପେଟ୍ରୋଲ ସଙ୍କଟ

# ୨୦ ଦିନ ହେବ ୨ ପେଟ୍ରୋଲ ପମ୍ପ ସମ୍ପୂର୍ଣ୍ଣ ବନ୍ଦ

**ରାଉରକେଲା, ୧୪।୫(ସମିସ)**

ରାଉରକେଲା ସହରରେ ଏବେ ଦେଖାଦେଇଛି ଗୁରୁତର ପେଟ୍ରୋଲ ସଙ୍କଟ। ସେପଟେ ଆବଶ୍ୟକ ମୁତାବକ ପେଟ୍ରୋଲ ଆସୁନଥିବାରୁ ୨୦ ଦିନ ହେବ ୨ଟି ପେଟ୍ରୋଲ ପମ୍ପ ସମ୍ପୂର୍ଣ୍ଣ ବନ୍ଦ ପଡ଼ିଥିବା ବେଳେ ଅନ୍ୟ କେତେକ ପେଟ୍ରୋଲ ପମ୍ପରେ ଦିନରେ ମିଳିଲେ ରାତିରେ ମିଳୁନାହିଁ ପେଟ୍ରୋଲ। ଯାହା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟରେ ପେଟ୍ରୋଲ ସଙ୍କଟ ଯୋଗୁଁ ଦୀର୍ଘ ୨୦ ଦିନ ହେବ ସହରରେ ଥିବା ୨ଟି ପେଟ୍ରୋଲ ପମ୍ପ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସୂଚନାଯୋଗ୍ୟ, ରାଉରକେଲା ସହରରେ ୪୦ଟିରୁ ଊର୍ଦ୍ଧ୍ୱ ପେଟ୍ରେଲ ପମ୍ପ ରହିଛି। ତନ୍ମଧ୍ୟରୁ ୨୫ଟିରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ବିଶେଷ କରି ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଖାଦେଇଛି। ଦିନ ବେଳେ ପେଟ୍ରୋଲ ଏବଂ ଡିଜେଲ ଆସିଲେ ଅପରାହ୍ନ ୨ଟା ସୁଦ୍ଧା ସରିଯାଉଛି। ସେହି ଦୁଇଟି ପମ୍ପ ହେଲା ପାନପୋଷ ରୋଡରେ ଥିବା ହିନ୍ଦୁସ୍ଥାନ ପେଟ୍ରୋଲିୟମ ଏବଂ ସେକ୍ଟର - ୨୦ରେ ଥିବା ଭାରତ ପେଟ୍ରୋଲିୟମ (ଶ୍ରୀଶ୍ରୀ ଫିଲିଙ୍ଗ ଷ୍ଟେସନ)। ଏହାଛଡା ସହରରେ ଥିବା ୪୦ଟି ପେଟ୍ରୋଲ ପମ୍ପ ମଧ୍ୟରୁ ଅନ୍ୟୁନ ୨୫ଟି ପେଟ୍ରୋଲ ପମ୍ପରେ ପ୍ରାୟତଃ ପେଟ୍ରୋଲ ନଥିବା ଯୋଗୁଁ ସଂଧ୍ୟା ବେଳା ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ସକାଳେ ପେଟ୍ରୋଲ ଏବଂ ଡିଜେଲ ଆସିଲେ ଅପରାହ୍ନ ୨ଟା ସୁଦ୍ଧା ତାହା ସରିଯାଉଥିବାରୁ ପେଟ୍ରୋଲ ପମ୍ପ ବନ୍ଦ ପଡ଼ିଥିବା ଦେଖିବାକୁ ମିଳିଛି। ସେଥିପାଇଁ ସମସ୍ତେ କିପରି ପେଟ୍ରୋଲ ଓ ଡିଜେଲ ପାଇପାରିବେ ପ୍ରାୟ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ନେବାରେ କଟକଣା କରାଯାଇଛି। ଯେମିତିକି ବାଇକ ପାଇଁ ସର୍ବାଧିକ ୨୦୦ରୁ ୩୦୦ ଟଙ୍କାର ପେଟ୍ରୋଲ ଦିଆଯାଉଥିବାବେଳେ ଅଟୋ ରିକ୍ସା ପାଇଁ ୩୦୦ରୁ ୪୦୦ ଟଙ୍କା, କାର ପାଇଁ ୧୦୦୦ ଟଙ୍କାର ପେଟ୍ରୋଲ ଦିଆଯାଉଛି। ସେହିପରି ଡିଜେଲ କ୍ଷେତ୍ରରେ କାର ପାଇଁ ୨୦୦୦ ଟଙ୍କାର ଡିଜେଲ ଦିଆଯାଉଥିବା ବେଳେ ବସ୍ ଓ ଟ୍ରକ୍ ପାଇଁ ୩୦୦୦ରୁ ୪୦୦୦ ଟଙ୍କାର ଡିଜେଲ ଦିଆଯିବାର ବ୍ୟବସ୍ଥା କରାଯାଇଛି। ତେବେ ପ୍ରଶାସନ କିମ୍ବା ତୈଳ ଡିପୋ ପକ୍ଷରୁ ଏ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ସୂଚନାଯୋଗ୍ୟ, ରାଉରକେଲା ପାଇଁ ଦୈନିକ ଦେଢ଼ ଲକ୍ଷରୁ ୨ ଲକ୍ଷ ଲିଟରର ପେଟ୍ରୋଲ ଆବଶ୍ୟକତା ରହିଥିବା ବେଳେ ଡିଜେଲ ପ୍ରାୟ ୪ରୁ ୫ ଲକ୍ଷ ଲିଟରର ଆବଶ୍ୟକତା ରହିଛି ବୋଲି ସୂଚନା ମିଳିଛି।



**୨୫ ପମ୍ପରେ ଦିନରେ ଥିଲେ ରାତିରେ ନାହିଁ**


## ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ବିଜେଡିର ବିକ୍ଷୋଭ

# ବିଜେପି ସରକାରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର

**ରାଉରକେଲା, ୧୪।୫(ସମିସ):** ପ୍ରଶ୍ନପତ୍ର ଲିକ୍ ନେଇ ସୂଚନା ପରେ ସର୍ବଭାରତୀୟ ଡାକ୍ତରୀ ପାଠର ନାମଲେଖା ନିମନ୍ତେ ହେବାକୁ ଥିବା ନିଟ୍ ୨୦୨୬ ପରୀକ୍ଷାକୁ ବାତିଲ୍ କରାଯାଇଛି। ଯାହାକୁ ଦେଶର ଲକ୍ଷାଧିକ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ଦ୍ଦେଶରେ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ବିପିୟୁଟି ମୁଖ୍ୟ ଫାଟକ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଚ୍ଛେ ଦିନ ଓ ଅମୃତ କାଳ ସ୍ଲୋଗାନ ଦେଇଥିବା ବିଜେପି ସରକାର ଦେଶର ସର୍ବବୃହତ୍ତ ପ୍ରବେଶିକ ପରୀକ୍ଷା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ମନୋବଳ ଉପରେ ଘୋର ଆଘାତ ହୋଇଛି। ଯଥାଶୀଘ୍ର କେନ୍ଦ୍ର ସରକାର ଅତି ସ୍ୱଚ୍ଛତାର ସହିତ ଉକ୍ତ ପରୀକ୍ଷାକୁ ପୁନର୍ବାର କରି ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ନଚେତ ସମଗ୍ର ଓଡ଼ିଶାର ଯୁବ ଛାତ୍ର ସମାଜ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ରାସ୍ତା ଉପରେ ଲଢେଇ କରିବେ ବିକ୍ଷୋଭ ସମାବେଶରେ କୁହାଯାଇଛି। ଏହି ଅବସରରେ ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାନ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁବାଶ ସ୍ୱାଇଁ, ଦୁଷ୍ମନ୍ତ ରାଉତରାୟ, ହିମାଂଶୁ ପଣ୍ଡା, ଜିଲ୍ଲା ମହିଳା ସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ଜିଲ୍ଲା ଯୁବ ସଭାପତି ପିଙ୍କୁ ଜୟସ୍ୱାଲ, ଜିଲ୍ଲା ଛାତ୍ର ସଭାପତି ସଞ୍ଜିତ ଛୋଟରାୟ, ବିଭୁତି ପ୍ରଧାନ, ସୁଶାନ୍ତ ରାଉତ, କାବୁଲି ପ୍ରତିହାରୀ, ପ୍ରଶାନ୍ତ ନାୟକ, ସୌମ୍ୟ ଦାଶ, ଶିତୁ ସାମଲ, ଶେଖର ଦାସ, ରାଜା ଜେନା, ଦୀପକ ବାରିକ, ବରିଷ୍ଠ ନେତା ବିରେନ ସେନାପତି, ଗଗନ ପଣ୍ଡା, ଜୟନ୍ତ କୁମାର ମିଶ୍ର, ପ୍ରଶାନ୍ତ ସେଠୀ, ଛବି ମହାନ୍ତି, ବୀଣାପାଣି ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।




# କାଳବୈଶାଖୀରେ ଭାଙ୍ଗିଲା ସୂଚନା ବୋର୍ଡ



**ରାଉରକେଲା, ୧୪।୫ (ସମିସ):** କାଳବୈଶାଖୀରେ ପାନପୋଷ ରୋଡ ସ୍ଥିତ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟରେ ଲାଗିଥିବା ସୂଚନା ବୋର୍ଡ ଭାଙ୍ଗି ତଳେ ପଡ଼ିଯାଇଥିଲା। ତେବେ ଏଥିରେ କାହାରି କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ବୁଧବାର ରାତିରେ ହଠାତ୍ କାଳବୈଶାଖୀ ଝଡ଼ ଏବଂ ପ୍ରବଳ ପବନ ସହିତ ବର୍ଷା ହୋଇଥିଲା। ଫଳରେ ମହାବିଦ୍ୟାଳୟ ନିକଟ ମୁଖ୍ୟ ରାସ୍ତାରେ ଥିବା ଏକ ବଡ଼ ସୂଚନା ବୋର୍ଡ ଭାଙ୍ଗି ପଡ଼ିଥିଲା। ସେ ସମୟରେ ସୌଭାଗ୍ୟବଶତଃ କୌଣସି ଯାନବାହନ ତଥା ଲୋକେ ଯାତାୟାତ କରୁ ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ସୂଚନାଯୋଗ୍ୟ ଭାଙ୍ଗିପଡ଼ିଥିବା ସବୁଜ ରାଉରକେଲା, ସ୍ୱଚ୍ଛ ରାଉରକେଲା ବାର୍ତ୍ତା ବହନ କରୁଥିବା ବୋର୍ଡଟି ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିଲା। ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ବୋର୍ଡ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ବୋର୍ଡର କାର୍ଯ୍ୟକୁ ନେଇ ଲୋକେ ବିଭାଗ ଉପରକୁ ପ୍ରଶ୍ନ କରିଛନ୍ତି। ଏହାଛଡା ସହରର ଅନ୍ୟ ସ୍ଥାନରେ ଲଗାଯାଇଥିବା ବୋର୍ଡ କେତେ ସୁରକ୍ଷିତ ସେନେଇ ଚର୍ଚ୍ଚା ଚାଲିଛି।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ରେଡ୍‌କ୍ରସ୍ ଦିବସ




**ରାଉରକେଲା, ୧୪।୫ (ସମିସ):** ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ମହାବିଦ୍ୟାଳୟର ରେଡ୍‌କ୍ରସ୍ ବିଭାଗର ସଂଯୋଜିକା ଡ.ସ୍ମୃତିସ୍ନିଗ୍ଧା ମିଶ୍ର ଓ ସହ ସଂଯୋଜକ ଡ. ପ୍ରିୟ ରଞ୍ଜନ ବେହେରାଙ୍କ ନେତୃତ୍ୱ ଏବଂ ଅଧ୍ୟକ୍ଷା ଡ. ସସ୍ମିତା ସାମଲଙ୍କ ପୌରୋହିତ୍ୟରେ ଏକ ପ୍ରତିନିଧି ଦଳ ରାଉରକେଲା ସହରର ଏସ୍‌ଓଏସ୍ ଶିଶୁ ଗ୍ରାମ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଶିଶୁ ଗ୍ରାମର ଅନ୍ତେବାସୀମାନଙ୍କୁ ଭେଟି ଚଳିତ ବର୍ଷ ରେଡ୍‌କ୍ରସ୍ ଦିବସର ପ୍ରସଙ୍ଗ- 'ମାନବିକତାରେ ଏକତା, ସଙ୍କଟ ସମୟରେ ଏକାଠି ଠିଆହେବା' ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ମହାବିଦ୍ୟାଳୟର ରେଡ୍‌କ୍ରସ୍ ଶାଖା ପକ୍ଷରୁ ଅନ୍ତେବାସୀମାନଙ୍କୁ ପଠନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟ ଓ ସଦସ୍ୟାମାନଙ୍କୁ ଶିଶୁଗ୍ରାମର ବିଭିନ୍ନ କାର୍ଯ୍ୟ ଏବଂ ଅନ୍ତେବାସୀମାନଙ୍କ ଜୀବନଶୈଳୀ ସମ୍ପର୍କରେ ଶିଶୁଗ୍ରାମର ସ୍ଥାନୀୟ ମୁଖ୍ୟ ତଥା ସହକାରୀ ନିର୍ଦ୍ଦେଶିକା ଅଙ୍ଗୁର ମିଶ୍ର ଏବଂ ଅନ୍ୟତମ ଅଧିକାରୀ ଦିବ୍ୟଶଙ୍କର ନିୟୋଗୀ ସୂଚନା ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ମାୟାଧର ବାରିକ, ଡ. ଶୁଭଜ୍ୟୋତି ମହାପାତ୍ର, ଡ. ବିଶ୍ୱନାଥ ପରିଜା, ଡ. ନିରଞ୍ଜନ ସାହୁ, ଡ. ଦୀପକ କୁମାର ସିଂହ, ବ୍ୟାସଦେବ ପ୍ରଧାନ, ଅଜୟ କୁମାର ବେହେରାଙ୍କ ସମେତ ଅଧ୍ୟାପିକା ବାସନ୍ତୀ କୁଜୁର ଓ ମନିଶା ନାୟକ ପ୍ରମୁଖ ସାମିଲ ହୋଇ ସହଯୋଗ କରିଥିଲେ। ଶେଷରେ ପ୍ରତିନିଧି ଦଳର ସଦସ୍ୟମାନେ ଶିଶୁଗ୍ରାମର ଅନ୍ତେବାସୀ ଓ ସେମାନଙ୍କର ଗୃହକର୍ତ୍ତୀମାନଙ୍କୁ ଭେଟି ମତ ବିନିମୟ କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

**ରାଉରକେଲା, ୧୪।୫(ସମିସ):** ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପଦା ଜାମପଲ୍ଲୀରୁ ଗତ ଦୁଇ ଦିନ ତଳେ ନିଖୋଜ ହୋଇଥିବା ବାବୁଲା ଡୁଙ୍ଗଡୁଙ୍ଗଙ୍କ ମୃତଶରୀର ସନ୍ଦିଗ୍ଧ ଅବସ୍ଥାରେ ମିଳିବା ପରେ ତାଙ୍କ ପତ୍ନୀ ଏହାକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିହିତ କରି ଏନେଇ ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ବାବୁଲା ଡୁଙ୍ଗଡୁଙ୍ଗ ଗତ ଦୁଇଦିନ ତଳୁ ନିଖୋଜ ଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ରାଜଗାଙ୍ଗପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଶବ ମିଳିବା ପରେ ଏହା ଭିନ୍ନ ମୋଡ ନେଇଛି। ସୂଚନାମୁତାବକ, ଗତ ୧୦ ତାରିଖରେ ବାବୁଲା ଡୁଙ୍ଗଡୁଙ୍ଗ ତାର ପତ୍ନୀ ସାରା ଡୁଙ୍ଗ ଡୁଙ୍ଗ ପିଲାଛୁଆ ଧରି ରାଜଗାଙ୍ଗପୁର ରାଣୀବନ୍ଧ ଧୋବୀ ପଡ଼ାକୁ ଏକ ଭୋଜି ଖାଇବା ପାଇଁ ଯାଇଥିଲେ। ଭୋଜିରେ ମଦ୍ୟପାନ ପରେ ବାବୁଲା ନିଶାଗ୍ରସ୍ତ ହୋଇ ବିଳମ୍ବିତ ରାତ୍ରରେ ଫେରୁଥିବା ବେଳେ ଗ୍ରାମର କାହା ଘରେ ପଶି ଯିବାରୁ ଏହାକୁ ନେଇ ଗୃହ ମାଲିକଙ୍କ ସହ ତାର ପାଟିତୁଣ୍ଡ ହୋଇଥିଲା। ପରେ ମାଡପିଟ ହେବା ପରେ ବାବୁଲା ଘଟଣା ସ୍ଥଳରୁ ଦୌଡ଼ ପଳେଇଥିଲା। ହେଲେ ସେ ଘରେ ପହଞ୍ଚି ନ ଥିଲା। ପରିବାର ଲୋକ ତାକୁ ଖୋଜା ଖୋଜି କରି ତାର ସନ୍ଧାନ ପାଇ ନଥିଲେ। ପରଦିନ ଥାନାରେ ବାବୁଲା ନିଖୋଜ ଥିବା ନେଇ ତାଙ୍କ ପତ୍ନୀ ସାରା ଡୁଙ୍ଗଡୁଙ୍ଗ ଅଭିଯୋଗ କରିଥିଲେ। ପୁଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରିବା ପରେ ପୁଲିସ ଅଗ୍ନିଶମ ବାହିନୀଙ୍କ ସହାୟତାରେ ନାଳରୁ ବାବୁଲାର ମୃତ ଶରୀରକୁ ଉଦ୍ଧାର କରାଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲେ। ତେବେ ବାବୁଲାଙ୍କର କିପରି ମୃତ୍ୟୁ ହେଲା ଏହା ଏକ ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟାକାଣ୍ଡ ସେନେଇ ସନ୍ଦେହ କରି ଏହାର ତଦନ୍ତ ପାଇଁ ପତ୍ନୀ ସାରା ଡୁଙ୍ଗଡୁଙ୍ଗ ପୁଲିସକୁ ଅନୁରୋଧ କରିଛନ୍ତି।

# ଆର୍‌ଏସ୍‌ପିର କୋକ୍ ଓଭେନ୍ ବିଭାଗର ସଫଳତା

**ରାଉରକେଲା, ୧୪।୫(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କୋକ୍ ଓଭେନ୍ ବିଭାଗ ସମ୍ପ୍ରତି ବିଗତ ଆର୍ଥିକ ବର୍ଷ ୨୦୨୫ -୨୬ ମଧ୍ୟରେ ସଫଳତାର ବହୁବିଧ ମାଇଲଖୁଣ୍ଟ ଅତିକ୍ରମ କରିଛି। ଭିତ୍ତିଭୂମି ବିକାଶ, ଗୁରୁତ୍ୱପୂର୍ଣ୍ଣ ମରାମତି, ସୁରକ୍ଷା ବୃଦ୍ଧି ଏବଂ ପ୍ରଯୁକ୍ତିବିଦ୍ୟା ଆଧୁନିକୀକରଣ ଉପରେ ବିଭାଗର ଧ୍ୟାନ ଉତ୍ପାଦନ ନିରନ୍ତରତା ଏବଂ କର୍ମକ୍ଷେତ୍ର ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ବିଭାଗର ଏକ ପ୍ରମୁଖ ସଫଳତା ଥିଲା ବେଲ୍ଟ କନଭେୟର ୫୦୧ ସମ୍ପ୍ରସାରଣର ସଫଳ ନିର୍ମାଣ ଏବଂ କମିଶନିଂ, ଯାହା ନୂତନ କୋକ୍ ସ୍କ୍ରିନିଂ ପ୍ଲାଣ୍ଟ ରୁଟ୍ ମାଧ୍ୟମରେ ମିଲିୟନ୍ ଟନ୍ ପାର୍ଶ୍ୱରୁ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ-୫) କୁ କୋକ୍ ପରିବହନ ପାଇଁ ଡିଜାଇନ୍ କରାଯାଇଛି। ଏହି ସ୍ଥାପନ ବିଏଫ -୫ କୋକ୍ ଯୋଗାଣକୁ ଅଧିକ ଉନ୍ନତ କରିଛି ଏବଂ କୋକ୍ ପରିଚାଳନା ଦକ୍ଷତାକୁ ମଧ୍ୟ ଉନ୍ନତ କରିଛି। ସମଗ୍ର ବର୍ଷରେ କାର୍ଯ୍ୟ ନିର୍ଭରଯୋଗ୍ୟତା ବଜାୟ ରଖିବା ପାଇଁ ବିଭାଗରେ ଅନେକ ଜରୁରୀ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ କୋକ୍ ଓଭେନ୍ ବ୍ୟାଟେରୀ ୧ ରେ ସୀମିତ ସେଲର୍ ଅଞ୍ଚଳ ମଧ୍ୟରେ ଏକ ୪୦ ମିଟର ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ୟାସ୍ ପାଇପ ଲାଇନର ସୁରକ୍ଷିତ ପ୍ରତି ବଦଳ କରାଯାଇଥିଲା। ଅସୁରକ୍ଷିତ କାର୍ଯ୍ୟ ପ୍ରଣାଳୀକୁ ଅପସାରିତ କରି ବ୍ୟାଟେରୀ-୪ରେ ଅବିରତ କୋଇଲା ଉଠାଣ ବ୍ୟବସ୍ଥାର ଉନ୍ନତି ଏବଂ ବ୍ୟାଟେରୀକୁ କୋଇଲା ଉଠାଣ ନିରବଚ୍ଛିନ୍ନ କରିବା ପାଇଁ ରିକ୍ଲେମର୍ସ ୧ ଏବଂ ୨ ରେ ବଗି ବଦଳ କାର୍ଯ୍ୟ ମଧ୍ୟ ଗତ ବର୍ଷ ବିଭାଗର ଅନ୍ୟତମ ଉପଲବ୍ଧି ଥିଲା। ଏହା ସହିତ ବ୍ୟାଟେରୀ-୫ ବିରେ ୨୦ ଟି ଓଭେନ୍‌ର ପୂର୍ଣ୍ଣ କାନ୍ଥ ମରାମତି ସହିତ ଏକ ପ୍ରମୁଖ ମରାମତି ଅଭିଯାନ ମଧ୍ୟ ସଫଳତାର ସହ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଏବଂ ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟାଟେରୀ ୧, ୩, ୪, ଏବଂ ୫ର ରାମ୍ କାର ଏବଂ ଗାଇଡ୍ କାର ପାଇଁ ଏକ ରାଡ଼ାର ଆଧାରିତ ପ୍ରୋକ୍ସିମିଟି ଡିଟେକ୍ସନ୍ ସିଷ୍ଟମ୍ ସହିତ ସିସିଟିଭି ଆଧାରିତ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ଅପଗ୍ରେଡେସନ୍ ଅପରେଟରମାନଙ୍କ ପାଇଁ ଦୃଶ୍ୟମାନତାକୁ ଯଥେଷ୍ଟ ଉନ୍ନତ କରିଛି ଏବଂ କୋକ୍ ପୁସିଂ ଏବଂ ଗାଇଡ୍ କାର୍ଯ୍ୟ ସମୟରେ ସୁରକ୍ଷା କୁ ସୁଦୃଢ କରିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ସିଡିସିପିରେ ୧୦ ଟନ୍ ବଏଲର୍ କ୍ରେନର ପୁନରୁଦ୍ଧାର। ଏହା ବ୍ୟତୀତ ହଏଷ୍ଟ ଗୁଡ଼ିକରେ, ଭିଭିଭିଏଫ ଡ୍ରାଇଭ୍ ଗୁଡିକୁ ବଦଳ କରାଯାଇ ଉପଯୁକ୍ତ ଭାବରେ ପ୍ରୋଗ୍ରାମ କରାଯାଇଥିଲା, ଯାହା ଫଳରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଥିଲା। ସେହିପରି ଲିଫ୍ଟର-୧ ଏବଂ ଲିଫ୍ଟର-୪ ରେ ଟ୍ରେଲିଂ କେବୁଲ ସପୋର୍ଟିଂ ଷ୍ଟ୍ରକଚରରେ ପରିବର୍ତ୍ତନ କରାଯିବା ସହ ଲିଫ୍ଟର-୩ ଏବଂ ଲିଫ୍ଟର-୪ ରେ ଅତିରିକ୍ତ ହୋଷ୍ଟ ବ୍ରେକ୍ ପ୍ୟାନେଲ ସ୍ଥାପନ କରାଯାଇଥିଲା। ଏହି ପରିବର୍ତ୍ତନ ଦ୍ୱାରା ହୋଷ୍ଟ ବ୍ରେକ୍ ହଠାତ ବିଫଳ ହେଲେ କିମ୍ବା ଉତ୍ତପ୍ତ ବକେଟ ବାଧାପ୍ରାପ୍ତ ହେଲେ ତୁରନ୍ତ ଏକ ଅତିରିକ୍ତ ବ୍ରେକ୍ ପ୍ୟାନେଲକୁ ସ୍ୱିଚ୍‌ଓଭର କରାଯାଇପାରିବ, ଯାହା ଫଳରେ ବ୍ରେକ ଡାଉନ ସମୟ ଯଥେଷ୍ଟ ହ୍ରାସ ପାଇବ। ଏଥି ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସିଡିସିପି ଚାମ୍ବର ୪ରେ ବୃହତ୍ତ ମରାମତି ସମାପ୍ତ ହେବା ବିଗତ ବର୍ଷ ଏକ ଐତିହାସିକ ସଫଳତା ଥିଲା। ଏହି ମରାମତି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଏହି ପ୍ରକାରର ପ୍ରଥମ ବୃହତ୍ତ ମରାମତି, ଯାହା କାରଖାନା ଇତିହାସରେ ରକ୍ଷଣାବେକ୍ଷଣ ଉତ୍କର୍ଷତା ପାଇଁ ଏକ ନୂତନ ଉଦାହରଣ ସ୍ଥାପନ କରିଥିଲା। ସାମୂହିକ ଭାବରେ ଏହି ପଦକ୍ଷେପଗୁଡ଼ିକ କୋକ୍ ଓଭେନ୍ ବିଭାଗର କାର୍ଯ୍ୟ ସ୍ଥିରତା, ସୁରକ୍ଷା ସଂସ୍କୃତି ଏବଂ ଉତ୍ପାଦନ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଆଗାମୀ ଆର୍ଥିକ ବର୍ଷରେ ଏହି ପ୍ରୟାସ ଗୁଡ଼ିକୁ ବଜାୟ ରଖିବା ଏବଂ ଉତ୍ପାଦନରେ ନିରନ୍ତର ଅଭିବୃଦ୍ଧି ଆଣିବା ପାଇଁ ବିଭାଗ ଏକ ଉତ୍ତମ ସ୍ଥିତିରେ ଅଛି।





# ଜାତୀୟ ସିନିୟର ପାୱାରଲିଫ୍ଟିଂ ଚାମ୍ପିଅନସିପ୍; ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ

**ରାଉରକେଲା, ୧୪।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ସର୍ଭିସେସ୍ ବିଭାଗର ପ୍ରଶିକ୍ଷାର୍ଥୀ ସୁଶ୍ରୀ ଆକାଂକ୍ଷା ପରିଡ଼ା ମାର୍ଚ୍ଚ ୨୪ ରୁ ୨୮ ପର୍ଯ୍ୟନ୍ତ ମାଙ୍ଗାଲୋର ଠାରେ ଅନୁଷ୍ଠିତ ଜାତୀୟ ସିନିୟର ପାୱାରଲିଫ୍ଟିଂ ଚାମ୍ପିଅନସିପ୍‌ରେ ଉଲ୍ଲେଖନୀୟ ସଫଳତା ହାସଲ କରି ଇସ୍ପାତ ସହର ଏବଂ କାରଖାନା ପାଇଁ ଗୌରବ ଆଣିଛନ୍ତି। ୮୪ ରୁ ଊର୍ଦ୍ଧ୍ୱ କିଲୋଗ୍ରାମ ବର୍ଗରେ ଭାଗ ନେଇ ଆକାଂକ୍ଷା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସ୍କ୍ୱାଟ୍‌ରେ ପ୍ରଭାବଶାଳୀ ୨୧୧ କିଲୋଗ୍ରାମ ଓଜନ ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ଜିତିବା ସହ ଉକ୍ତ ଇଭେଣ୍ଟରେ ଏକ ନୂତନ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କର ଶକ୍ତି ଏବଂ ଦୃଢ଼ ନିଷ୍ଠା ପ୍ରଦର୍ଶନରେ ସେ ୯୫ କିଲୋଗ୍ରାମ ଉଠାଇ ବେଞ୍ଚ ପ୍ରେସ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଜାତୀୟସ୍ତରରେ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ତାଙ୍କର ସମର୍ପଣ, ଦୃଢ଼ତା ଏବଂ କ୍ରୀଡ଼ା ଉତ୍କର୍ଷତାକୁ ପ୍ରତିଫଳିତ କରେ। ସୁଶ୍ରୀ ଆକାଂକ୍ଷାଙ୍କ ଏହି ସଫଳତା କେବଳ ଟାଉନ୍ ସର୍ଭିସେସ୍ ବିଭାଗ ପାଇଁ ନୁହେଁ ବରଂ ସମଗ୍ର ରାଉରକେଲା ଇସ୍ପାତ କାରଖାନା ସମୁଦାୟିକଙ୍କ ପାଇଁ ଗର୍ବ ଓ ଗୌରବ ଆଣିଛି।



# ପୁଣି ପାରଦ ଡେଇଁଲା ୪୦ ଡିଗ୍ରୀ

**ସମ୍ବଲପୁର, ୧୪।୫ (ସମିସ)**

କାଳବୈଶାଖୀ କାରଣରୁ କିଛିଦିନ ସମ୍ବଲପୁରର ତାପମାତ୍ରା ହ୍ରାସ ପାଇବା ପରେ ପୁଣି ବୃଦ୍ଧି ପାଇବାରେ ଲାଗିଛି। ଗତ ତିନିଦିନ ହେବ ସମ୍ବଲପୁରରେ ତାପମାତ୍ରା ପୁଣି ୪୦ ଡିଗ୍ରୀ ଡେଇଁଲାଣି। ତତଲା କଡ୍ରେଇରେ ସମ୍ବଲପୁର, ସକାଳ ୮ଟା ବେଳକୁ ତାପମାତ୍ରା ୩୨ ଡିଗ୍ରୀ ଡେଉଁଥିବା ବେଳେ ପୂର୍ବାହ୍ଣ ୧୧ଟା ପରେ ଘରୁ ଗୋଡ଼ କାଢ଼ିବା ଅସମ୍ଭବ ହୋଇପଡୁଛି। ପ୍ରବଳ ଗରମ ଓ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ ଦେଉଛନ୍ତି। ଗତ ଏପ୍ରିଲ ୨୪ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ଏବଂ ୨୮ ତାରିଖରେ ୪୩.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଗତମାସ ଶେଷାର୍ଦ୍ଧରେ ତାପମାତ୍ରା ୪୩ ଡିଗ୍ରୀ ତଳକୁ ଖସି ନ ଥିଲା। ପରେ କାଳବୈଶାଖୀ ଯୋଗୁଁ ତାପମାତ୍ରା କିଛିଟା ହ୍ରାସ ପାଇଥିବା ବେଳେ ଚଳିତମାସ ଆରମ୍ଭରୁ ପୁଣି ପାରଦ ଚଢ଼ିବା ଆରମ୍ଭ କରିଛି। ଗତ ୧୨ ତାରିଖରୁ ତାପମାତ୍ରା ୪୦ ଡିଗ୍ରୀ ଉପରକୁ ଉଠିବା ଆରମ୍ଭ କଲାଣି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଗାମୀ ଦିନରେ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଚଳିତ ମାସ ୩୧ ତାରିଖ ବା ଜୁନ୍



୧ ତାରିଖରେ ମୌସୁମୀ କେରଳ ଛୁଇଁବ ବୋଲି ଆକଳନ କରାଯାଇଛି।

ସମ୍ପ୍ରତି ତାପମାତ୍ରାରେ ବୃଦ୍ଧି ହୋଇଥିବାରୁ ଦିନବେଳା ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଅନ୍ୟପକ୍ଷରେ ଓଭରଲୋଡିଂ ଯୋଗୁଁ କୁଲର୍ ଓ ପଙ୍ଖା ଧିରେ ଧିରେ ଚାଲୁଥିବା ଦେଖାଯାଉଛି। ଉଷ୍ମ ରାତି ପ୍ରଭାବ ଯୋଗୁଁ ଗତମାସରେ ସର୍ବନିମ୍ନ ତାପମାତ୍ରା ୨୯ ଡିଗ୍ରୀ ଛୁଇଁଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାଘାଟ ଏବଂ ଘରଗୁଡ଼ିକରେ କଂକ୍ରିଟ୍‌ରୁ ଗରମ ବାମ୍ଫ ବାହାରୁଛି। ଲୋକେ ରାତିବେଳା ମଧ୍ୟ ଘର ଭିତରେ ଶୋଇ ପାରୁନାହାନ୍ତି। ସମ୍ବଲପୁର ସହରାଞ୍ଚଳରେ ରାସ୍ତା ସମ୍ପ୍ରସାରଣ ଓ ବିକାଶ ନାମରେ ୫୦ ରୁ ୬୦ ବର୍ଷ ପୁରୁଣା ଗଛ ଗୁଡ଼ିକ କାଟିଦିଆଯାଉଛି। ସମ୍ବଲପୁର ସହର ଏବେ କଂକ୍ରିଟ୍ ଜଙ୍ଗଲ ପାଲଟିଗଲାଣି। ସମ୍ବଲପୁର ସହରର ଚାରିପଟେ ଲକ୍ଷ୍ମୀଡୁଙ୍ଗୁରୀ, ଲମ୍ବଡୁଙ୍ଗୁରୀ, ମୋତିଝରା, ବୁଢ଼ାରଜା ଆଦି ଜଙ୍ଗଲ ରହିଥିଲେ ମଧ୍ୟ ସେଗୁଡ଼ିକରେ ଘନତ୍ୱ କମିବାରେ ଲାଗିଛି। ଅନ୍ୟପକ୍ଷରେ ଜାତୀୟ ରାଜପଥ ସହିତ ସହର ମଧ୍ୟସ୍ଥ ମୁଖ୍ୟରାସ୍ତା ଗୁଡ଼ିକରେ ପୁରୁଣା ଗଛ ଗୁଡ଼ିକ କାଟି ଦିଆଯାଉଛି କିନ୍ତୁ କୌଣସି ରାସ୍ତା ସମ୍ପ୍ରସାରଣରେ ତାହା ବ୍ୟବହାର କରାଯାଉନାହିଁ। ଏହାଦ୍ୱାରା ପ୍ରତିବର୍ଷ ଏକ-ଦୁଇ ଡିଗ୍ରୀ ସମ୍ବଲପୁରର ତାପମାତ୍ରା ବୃଦ୍ଧି ପାଉଛି। ସରକାରଙ୍କ ବନ ବିଭାଗର 'ସହର ବନ' ବା 'ଅର୍ବାନ୍ ଜଙ୍ଗଲ' କେବଳ କାଗଜ କଲମରେ ସୀମିତ ରହିଥିବା ସଚେତନ ମହଲରେ ମତପ୍ରକାଶ ପାଉଛି।

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ମେ ୧ | ୩୪.୮ | ୨୩.୨ |
| ମେ ୨ | ୩୯.୨ | ୨୪.୮ |
| ମେ ୩ | ୩୮.୨ | ୨୩.୨ |
| ମେ ୪ | ୩୮.୬ | ୨୭.୦ |
| ମେ ୫ | ୩୬.୪ | ୨୫.୫ |
| ମେ ୬ | ୩୩.୬ | ୨୨.୮ |
| ମେ ୭ | ୩୯.୪ | ୨୪.୪ |
| ମେ ୮ | ୩୮.୮ | ୨୬.୦ |
| ମେ ୯ | ୩୭.୮ | ୨୫.୮ |
| ମେ ୧୦ | ୩୮.୦ | ୨୪.୪ |
| ମେ ୧୧ | ୩୯.୨ | ୨୫.୫ |
| ମେ ୧୨ | ୩୯.୯ | ୨୬.୭ |
| ମେ ୧୩ | ୪୦.୧ | ୨୭.୬ |
| ମେ ୧୪ | ୪୦.୨ | ୨୫.୩ |

# 'ୱାନ୍ ଫିଟନେସ୍'ର ଲୋଗୋ ଉନ୍ମୋଚିତ

**ସମ୍ବଲପୁର, ୧୪।୫ (ସମିସ) :** 'ୱାନ୍ ଫିଟ୍‌ନେସ୍' ସମ୍ବଲପୁରରେ ଏହାର ପ୍ରିମିୟମ୍ ଟ୍ରାନ୍ସଫର୍ମେସନ୍ ଏବଂ ସେଲ୍‌ଫନେସ୍ ଇକୋସିଷ୍ଟମ୍‌ର ଉନ୍ମୋଚନ ସହିତ ପଶ୍ଚିମ ଓଡ଼ିଶାର ଫିଟନେସ୍ ଏବଂ ୱେଲ୍‌ନେସ୍‌କୁ ପୁନଃପରିଭାଷିତ କରିବାକୁ ପ୍ରସ୍ତୁତ। ଆଜି ଫାର୍ମରୋଡସ୍ଥିତ ଏକ ଘରୋଇ ହୋଟେଲରେ ୱାନ୍ ଫିଟ୍‌ନେସ୍‌ର ଲୋଗୋ ଉନ୍ମୋଚିତ ହୋଇଯାଇଛି। ୱାନ୍ ଫିଟ୍‌ନେସ୍ ପଶ୍ଚିମ ଓଡ଼ିଶାରେ ପ୍ରିମିୟମ୍ ୱେଲ୍‌ନେସ୍‌ର ଥିମ୍ ରହିଛି 'ୱାନ୍ କଲ୍‌ଚର୍, ୱାନ୍ ଟ୍ରାଇବ୍, ୱାନ୍ ଭାଇବ୍'। କୃଷ୍ଣା ଅଗ୍ରୱାଲ ଏବଂ ଅନୁରାଗ ଡାଲମିଆଙ୍କ ଦ୍ୱାରା ପ୍ରତିଷ୍ଠିତ, ୱାନ୍ ଫିଟନେସ୍‌କୁ ଏକ ଅସ୍ଥାୟୀ ଲକ୍ଷ୍ୟ ବଦଳରେ ଏକ ସ୍ଥାୟୀ ଜୀବନଶୈଳୀ କରିବାର ଦୃଷ୍ଟିକୋଣ ସହିତ ସୃଷ୍ଟି କରାଯାଇଛି। ଏହି ବ୍ରାଣ୍ଡଟି ସୁସ୍ଥତା, ପରିବର୍ତ୍ତନ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ପ୍ରତି ଏକ ସାମଗ୍ରିକ ଦୃଷ୍ଟିକୋଣ ମାଧ୍ୟମରେ ଏକ ସୁସ୍ଥ, ସଶକ୍ତ ଏବଂ ଅଧିକ ଶକ୍ତିଶାଳୀ ସମାଜ ଗଠନ କରିବାର ଲକ୍ଷ୍ୟ ରଖିଛି। ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ସହ-ପ୍ରତିଷ୍ଠାତା ସୌରୀଶ ଦେଙ୍କର ଫିଟ୍‌ନେସ୍ ଶିଳ୍ପରେ ୧୮ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ସେ ଜଣେ ପ୍ରସିଦ୍ଧ ଟ୍ରାନ୍ସଫର୍ମସନ୍ ପ୍ରଶିକ୍ଷକ। ୱାନ୍ ଫିଟନେସ୍ 'କେବଳ ଆଉ ଏକ ଜିମ୍' ଭାବରେ ନୁହେଁ, ବରଂ ସକାରାତ୍ମକତା, ଶୃଙ୍ଖଳା, ସମ୍ପ୍ରଦାୟ ଏବଂ ଦୀର୍ଘକାଳୀନ ଜୀବନଶୈଳୀ ପରିବର୍ତ୍ତନ ଉପରେ କେନ୍ଦ୍ରିତ ଏକ ସଂସ୍କୃତି-ଚାଳିତ ୱେଲ୍‌ନେସ୍ ଆନ୍ଦୋଳନ ଭାବରେ ଆରମ୍ଭ



କରାଯାଉଥିବା କୁହାଯାଇଛି। ଏହି ସୁବିଧାରେ ପ୍ରିମିୟମ ମାଟ୍ରିକ୍ସ ଉପକରଣ, ଆନ୍ତର୍ଜାତୀୟ ସ୍ତରରେ ପ୍ରମାଣିତ ପ୍ରଶିକ୍ଷକ, ବୈଜ୍ଞାନିକ ଫିଟନେସ ମୂଲ୍ୟାଙ୍କନ ଏବଂ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ରୂପାନ୍ତରଣ କାର୍ଯ୍ୟକ୍ରମ ରହିବ। ୱାନ୍ ଫିଟନେସ୍‌ର ଆନୁଷ୍ଠାନିକ ଭାବେ ଅଗଷ୍ଟ ୧୫ ତାରିଖରେ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି।

# ନିଟ୍ ପରୀକ୍ଷା ବାତିଲ ପ୍ରତିବାଦରେ ବିଜେଡିର ବିକ୍ଷୋଭ

**ସମ୍ବଲପୁର, ୧୪।୫ (ସମିସ) :** ସମ୍ବଲପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ, ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀଙ୍କ ତତ୍ତ୍ୱାବଧାନ ଏବଂ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଗୋଲବଜାର ଛକ ଠାରେ ପ୍ରତିବାଦ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତିବାଦ ସଭାରେ ଉପସ୍ଥିତ ନେତୃମଣ୍ଡଳୀ ଏବଂ କର୍ମୀମାନେ ବାରମ୍ବାର ନିଟ୍ ପରୀକ୍ଷା ପତ୍ର ବାତିଲ ହେଉଥିବାରୁ ଗଭୀର କ୍ଷୋଭ ପ୍ରକଟ କରିବା ସହ ବର୍ତ୍ତମାନର ବିଜେପି ସରକାରଙ୍କ ଚରମ ଅବହେଳା ଯୋଗୁଁ ଆଜି ୨୨ ଲକ୍ଷରୁ



ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଜୀବନ ଅନ୍ଧକାରମୟ ହେବାକୁ ଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଗତବର୍ଷ ମଧ୍ୟ ସମାନ ଢଙ୍ଗରେ ଠିକ୍ ପରୀକ୍ଷାର କିଛି ଦିନ ପୂର୍ବରୁ ପ୍ରଶ୍ନ ପତ୍ର ଲିକ୍ ହୋଇଥିଲା ଯଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ଆତ୍ମବିଶ୍ୱାସ ଭାଙ୍ଗିବାରେ ବସିଛି ବୋଲି ବ୍ୟକ୍ତ କରିବା ସହ କେନ୍ଦ୍ର ସରକାରଙ୍କ ଉପରେ ଟାର୍ଗେଟ କରିବା ସହ ବର୍ଷିଥିଲେ। କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି (ଜୁପୁନା), ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅନମୋଲ ଦାସ ସଂଯୋଜନା କରିଥିଲେ ଏବଂ ବରିଷ୍ଠ ବିଜେଡି ନେତା ବସନ୍ତ ମିଶ୍ର, ଆନନ୍ଦ ବଡ଼ଗାୟାଁ, ସୁରୁବାବୁ ମେହେର, ଏମ୍‌ଡି ସନାଉଲା, ସତ୍ୟେନ୍ଦ୍ର ଦାସ, ଅଶୋକ ସେନାପତି, ସୁବାସ ଜେନା, ରାଜେଶ ମିଶ୍ର, ରୁଦ୍ର ଷଡ଼ଙ୍ଗୀ, ଅଜୀମ ଅଞ୍ଜୁ, ଅଶୋକ ପଟେଲ, ପ୍ରଶାନ୍ତ ଥାପା, ପ୍ରହଲ୍ଲାଦ ଗୁରୁ, ଶୁକେଶ ସିଂ, ଗୋକୁଳ ମେହେର, ରବୀନ୍ଦ୍ର ସିଂ, ସନ୍ତୋଷ ମହାନ୍ତି, ଜୁଲଫିକର ଅଲ୍ଲୀ ଭୁଟ୍ଟୋ, ସୁରେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ନାୟକ, ଆଶୁତୋଷ ସ୍ୱାଇଁ, ପ୍ରତାପ ତପନ, ସୋମପ୍ରକାଶ ବେହେରା, ଦୁଲାଲ ରାୟ, ମଞ୍ଜୁ ଓରାମ, ଅରୁଣ ସାହୁ, ଭାସ୍କର ଦାସ, ସୁରେନ୍ଦ୍ର ବିଶ୍ୱାଳ, ପ୍ଲାବନ ବହିଦାର, ଦେବାଶିଷ ବାଗ, ଚିନ୍ତା ବାଗ, ଏମ୍‌ଡି ସକିର, ଏସ୍‌କେ ମୋନୋ, ଦିଲ୍ଲୀପ ବୋଷ, ଚିତ୍ତରଞ୍ଜନ ନାୟକ, ସୁରଜ ଦୋରା, ଗଣେଶ କରାଲି, ଶିବ ସାହୁ, ସମୀର ମହାପାତ୍ର, ଲୋକନାଥ ଖମାରୀ, ରିଙ୍କୁ ପୁରୋହିତ, ଶେଷଦେବ ମହାକୁଡ଼, କୁନା ପ୍ରଧାନ, ସୁରଜ ଦୋରା, ରାଜା ସିକନ୍ଦର, ଗଣେଶ ନାଗ, ସୁଦାମ ବାଗ, ହଂସରାଜ୍ ବହିଦାର, ସଞ୍ଜୟ ବର୍ମା, ସଞ୍ଜିବ ବେହେରା, ମାୟାଧର ଜେନା, ରବୀନ୍ଦ୍ର ମହାନ୍ତି ଏବଂ ରାଜ୍ୟ ଉପସଭାନେତ୍ରୀ ଉଷା ପ୍ରଧାନ, ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ମେହେର, ରାଜ୍ୟ ସାଧାରଣ ସମ୍ପାଦିକା ସଙ୍ଗୀତା ସ୍ୱାଇଁ, ସସ୍ମିତା ଦୀପ, ଲିଲିମା ମଲ୍ଲିକ, ନନ୍ଦିନୀ ପ୍ରଧାନ, ପଦ୍ମା ମହାନନ୍ଦ, ମୁନି ବେଗମ, ମମତା ମହାନ୍ତି, ପୂଜା ଦେବୀ, ମାମି ଆୟାନ, ଖତିଜା ବେଗମ୍, ହସୀନା ବେଗମ, କୁନ୍ତୀ ସିଂ, ପାରୋ ମୁଣ୍ଡା, ସୁଭାଷିନୀ ଓରାମ, ରେଣୁବାଳା ମରେଇ ପ୍ରମୁଖ ବହୁ କର୍ମକର୍ତ୍ତା ଏବଂ କର୍ମୀ ଉପସ୍ଥିତ ଥିଲେ।

## ବଜ୍ରପାତରେ ମହିଳା ମୃତ

**କୁଚିଣ୍ଡା, ୧୪।୫(ସମିସ):** ଜମନକିରା ଥାନା ଅଧୀନସ୍ଥ କୁଆଗୁଲା ନିକଟସ୍ଥ କେନ୍ଦେଇଖୋଲ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଝଡ଼ ତୋଫାନ ସହ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରାଘାତ ହୋଇଥିଲା। ଏହି ସମୟରେ ଶ୍ରମିକ ଭାବେ କାମ କରିବାକୁ ପାଲଲହଡା ଅଞ୍ଚଳରୁ ଆସିଥିବା ଜିତୁ ନାଏକଙ୍କ ପତ୍ନୀ ସାବିତ୍ରୀ ନାଏକ (୩୫)ଙ୍କୁ ବଜ୍ରାଘାତ ହୋଇଥିଲା। ଫଳରେ ସେ ସେଠାରେ ଟଳିପଡ଼ି ଥିଲେ। ପରିବାର ଲୋକେ ସାଙ୍ଗେ ସାଙ୍ଗେ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆମ୍ବଗଛରୁ ପଡ଼ି ଯୁବକ ମୃତ

**କୁଚିଣ୍ଡା, ୧୪।୫(ସମିସ):** ବାମରା ବ୍ଲକ ଲରିଆପାଲି ପଞ୍ଚାୟତ ଅଧୀନ ସାଗରପାଲିରେ ଆମ୍ବ ଗଛରୁ ଖସିପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବୁଧବାର ସାଗରପାଲି ଗ୍ରାମର ପ୍ରଫୁଲ୍ଲ ଭୋଇ (୫୨) ତାଙ୍କ ଘର ନିକଟରେ ଥିବା ଏକ ଗଛକୁ ଆମ୍ବ ତୋଳିବା ପାଇଁ ଚଢ଼ିଥିଲେ। ହେଲେ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳକୁ ଖସି ପଡ଼ିଥିବାବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆଜି ଗୋବିନ୍ଦପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କ୍ରସରରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୪।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଂଶାଜାଲ ପଞ୍ଚାୟତ ଅଧୀନ ହେଲେଇ ଗ୍ରାମରେ ଥିବା ଏକ କ୍ରସର୍‌ରେ ଗୁରୁବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ପଶ୍ଚିମବଙ୍ଗ ରାଜ୍ୟର ନଦିଆ ଜିଲ୍ଲାର ଧୂପୁଲିଆ ଅଞ୍ଚଳର ବାସିନ୍ଦା ସନ୍ଦୀପ ସରକାର।

ସୂଚନା ଯୋଗ୍ୟ ଯେ ହେଲେଇ ଗ୍ରାମସ୍ଥିତ କ୍ରସରରେ ବଡ଼ ବଡ଼ ପଥରକୁ କାଟି ଚିପ୍ ପ୍ରସ୍ତୁତ କରାଯାଇଥାଏ। ଏଥିରେ କାର୍ଯ୍ୟରତ ଥିବା ଉକ୍ତ ଯୁବକ ଜଣଙ୍କ ଉଚ୍ଚସ୍ଥାନରେ ରହି କାର୍ଯ୍ୟ କରୁଥିବା ସମୟରେ ଏକ ପଥର ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସନ୍ଦୀପ ତଳେ ପଡ଼ି ଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ଆହତ ଥିବାରୁ ତାଙ୍କୁ ଡାକ୍ତର ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## କଫ୍‌ସିରପ ଜବତ, ୩ ଗିରଫ

**ସମ୍ବଲପୁର, ୧୪।୫(ସମିସ):** ହୀରାକୁଦ ଥାନା ପୁଲିସ ବେଆଇନ କଫ୍‌ସିରପ କାରବାର ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହୀରାକୁଦ ଥାନା ଲରପଙ୍କର ଆଶିଷ ବେହେରା(୨୩), ରିତେଶ ସାହା(୨୦) ଓ ସିଲିପଥରର ଦୁଷ୍ମନ୍ତ ବାଗ ଓରଫ୍ ଦୀପକ(୨୯)। ହୀରାକୁଦ ଲରପଙ୍କ ଅଞ୍ଚଳରେ ଏହି କାରବାର ଚାଲିଥିବା ପୁଲିସ ଖବର ପାଇ ଚଢ଼ଉ କରିଥିଲା। ଚଢ଼ଉବେଳେ ୨୦ ବୋତଲ କଫ୍‌ସିରପ, ୧୦ଟି ଖାଲି ବୋତଲ, ୨୦ ଲିଟର ଦେଶୀମଦ, ଏକ ସ୍କୁଟି, ଗୋଟାଏ ମୋବାଇଲ ସହ ଅନ୍ୟାନ ନିଶା ସାମଗ୍ରୀ ପୁଲିସ ଜବତ କରିଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଅନ୍ଧାରିପାଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ସମ୍ବଲପୁର, ୧୪।୫(ସମିସ):** ଅନ୍ଧାରିପାଟ ଆଥ୍‌ଲେଟିକ ଆସୋସିଏସନ୍ ପକ୍ଷରୁ ଅନ୍ଧାରିପାଟ ଖେଳ ପଡ଼ିଆରେ ଗୁରୁବାର ପ୍ରଥମ ସଂସ୍କରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅଜାଦ ୱାରିୟର୍ସ ଓ ୫-କିଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟ ଲାଭ କରିଥିଲା ୫ କିଙ୍ଗ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ହିଣ୍ଡାଲକୋର ବିଶ୍ୱ ସିନ୍ଧେ, ହୀରାକୁଦ ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ହିଣ୍ଡାଲକୋର ଓ ଭାମସାର ବୁର୍ଲାର ଅଧିକାରୀ, ଦେବାଶିଷ ମିଶ୍ର, ବିଜେପିର ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ, ରଜନୀକାନ୍ତ ଭୋଇ, ଅନୁପ ମିଶ୍ର ଉପସ୍ଥିତ ଥିଲେ। ସୁଧୀର ତରିଆ ଓ ଜମେଶ ମହାପାତ୍ର ଖେଳ ପରିଚାଳନା କରିଥିଲେ। ଉମାଶଙ୍କର ଗୌଡ଼, ଜଗନ୍ନାଥ ଓରମା, ଖଗେଶ୍ୱର ନାୟକ, ମନୋହରନ ଚୌହାନ, ମାନସ ପାତ୍ର, ପ୍ରିୟାଂଶୁ ଗୌଡ଼, ସଞ୍ଜୟ, ସୋନୁ, ବବୁଲୁ, ରାହୁଲ ଟପ୍ପ, ମନିସ, ସୁନିତ ଖେସ, ଆକାଶ, ଟିକଲୋ, ଦୀନେଶ, କୀର୍ତ୍ତି, ଅପ୍ପୁ, ପିଣ୍ଟୁ, ବିବେକ ଏବଂ କ୍ରୀଡ଼ା ସଂଘର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଜନଗଣନାରେ ଓବିସିଙ୍କୁ ସାମିଲ ପାଇଁ ଦାବି

**ସମ୍ବଲପୁର, ୧୪।୫ (ସମିସ) :** ଚଳିତ ଜନଗଣନାର ପ୍ରଶ୍ନାବଳୀ ୧୨ ନମ୍ବର ପ୍ରଶ୍ନ (ଯାହା ଓଡ଼ିଶା ରାଜ୍ୟରେ ୧୩ ନମ୍ବର ପ୍ରଶ୍ନ) ରେ ପଛୁଆ ବର୍ଗ (ଓବିସି)ଙ୍କ ଗଣନାର କୌଣସି ଉଲ୍ଲେଖ ନାହିଁ। ଏହାହେଲେ ଓବିସିଙ୍କୁ କୌଣସି ସାମାଜିକ ନ୍ୟାୟ ମିଳିବ ନାହିଁ। ଭାରତର ସର୍ବବୃହତ ପଛୁଆ ବର୍ଗ (ଓବିସି)ଙ୍କ ଜାତି ଜନଗଣନା ନ ହେବାରୁ ତାଙ୍କର ବିକାଶ ପାଇଁ ସମୁଚିତ ପଦକ୍ଷେପ ଏଯାବତ୍ ନିଆଯାଇ ପାରିନାହିଁ। ରାଜ୍ୟରେ ଓବିସି ମାନେ ଶିକ୍ଷା, ଚାକିରି ଏପରି କି ପଞ୍ଚାୟତିରାଜରେ ବି ସମାନୁପାତିକ ତ ଦୂରର କଥା ୨୭% ପ୍ରତିନିଧିତ୍ୱ ପାଇନାହାନ୍ତି। ଏହା ସ୍ପଷ୍ଟ ଯେ, ଓବିସିଙ୍କ ଜାତି ଜନଗଣନା ତଥ୍ୟ ବିନା, ପଛୁଆ ବର୍ଗଙ୍କ ବିକାଶ ଅସମ୍ଭବ ଓ କେନ୍ଦ୍ର ସରକାର ଗତ ୩୦ ଏପ୍ରିଲ ୨୦୨୫ କେବିନେଟ ବୈଠକରେ ଜାତି ଜନଗଣନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଏବଂ ୨୦୨୬-୨୭ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲେ ହେଁ ଦେଶର ମୋଟ ଜନସଂଖ୍ୟାର ୫୨% ପଛୁଆ ବର୍ଗ (ଓବିସି)ଙ୍କ ଗଣନା କରା ନ ଯିବା ପରିତାପର ବିଷୟ। ଏହି ମର୍ମରେ ଆଜି ଜିଲ୍ଲା ଓବିସି ମଞ୍ଚ ଯୁଯୋମୁରା ବ୍ଲକ ଶାଖା ପକ୍ଷରୁ ଜନଗଣନା ପ୍ରଶ୍ନାବଳୀରେ ଓବିସି ଯୋଡ଼ିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉଦ୍ଦେଶ୍ୟରେ ଯୁଯୋମୁରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯୁଯୋମୁରା ବ୍ଲକର ବରିଷ୍ଠ ଓବିସି କର୍ମୀ ଟେକମଣି ପ୍ରଧାନ ଦାବିପତ୍ର ପାଠ କରିଥିବାବେଳେ ତହସିଲଦାର ପ୍ରଭାସ ବୁଢ଼ାୟକ ଦାବିପତ୍ର ଗ୍ରହଣ କରିଥିଲେ। ରାଜ୍ୟ ଓବିସି ମଞ୍ଚ ସଭାପତି ଶଙ୍କର କୁମାର ପାତ୍ର, ଜିଲ୍ଲା ଓବିସି ମଞ୍ଚର ଆବାହକ ସରୋଜ ସାହୁ, କୃପାସିନ୍ଧୁ ଖମାରି, ଲକ୍ଷ୍ମୀଧର ଦେହୁରୀ, ରଞ୍ଜନ ପ୍ରଧାନ, ଭବାନୀଶଙ୍କର ପ୍ରଧାନ, ଶଶୀ ପ୍ରଧାନ, ବିରେନ୍ଦ୍ର କେଶରୀ ପଶାୟତ, ନରେଶ ପ୍ରଧାନ, ଟଙ୍କଧର ପ୍ରଧାନ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ବୈରାଗୀ ଦେହୁରୀ, କ୍ଷୀରୋଦ ଚନ୍ଦ୍ର ସାହୁ, ଘନଶ୍ୟାମ ସାହୁ, ଦୟାସାଗର ପ୍ରଧାନ, ବିରେନ୍ଦ୍ର ବାରିକ, ଦିଲୀପ ରାଉତ, ପ୍ରହଲ୍ଲାଦ ପ୍ରଧାନ, ରାଜିନ୍ଦ୍ର ସାହୁ, ରାଜକୁମାର ସାହୁ, ପ୍ରଦୀପ ପରିଡ଼ା ପ୍ରମୁଖ ଯୁଯୋମୁରା ବ୍ଲକର ଶତାଧିକ ଓବିସି କର୍ମୀ ଉପସ୍ଥିତ ଥିଲେ।



# ପୋଷ୍ଟଅଫିସରେ ନଗଦ ରାଶି ନେଉ ନ ଥିବା ଅଭିଯୋଗ

**ସମ୍ବଲପୁର, ୧୪।୫ (ସମିସ) :** ବିଭିନ୍ନ ଡାକ ଘରେ ନଗଦ ଟଙ୍କା ନ ନେଇ ଉପଭୋକ୍ତା ମାନଙ୍କୁ ବାଧ୍ୟତାମୂଳକ ଭାବେ ଅନ୍‌ଲାଇନ ବା ଡିଜିଟାଲ ପେମେଣ୍ଟ କରିବାକୁ କୁହାଯାଉଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଯେଉଁମାନେ ଡିଜିଟାଲ ପେମେଣ୍ଟ ଜାଣିନାହାନ୍ତି କିମ୍ବା କୌଣସି କାରଣବଶତଃ କରିବାକୁ ଚାହୁଁନାହାନ୍ତି ସେମାନେ ଡାକଘର ସମ୍ପୃକ୍ତ କାର୍ଯ୍ୟ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରାଳୟ, ଡାକ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି। ଅଧିବକ୍ତା ସିଦ୍ଧାର୍ଥ ଶଙ୍କର ମିଶ୍ର ଓଡ଼ିଶାର ବିଭିନ୍ନ ଡାକଘର, ବିଶେଷକରି ସମ୍ବଲପୁର ଜିଲ୍ଲାରେ, ନାଗରିକମାନଙ୍କୁ ବାଧ୍ୟତାମୂଳକ ଭାବେ ଅନ୍‌ଲାଇନ କିମ୍ବା ଡିଜିଟାଲ ପେମେଣ୍ଟ କରିବାକୁ ଚାପ ପକାଯାଉଥିବା ଅଭିଯୋଗ କରିଛନ୍ତି। ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରାଳୟ ଅଧୀନସ୍ଥ ଡାକ ବିଭାଗକୁ ପ୍ରେରିତ ଏକ ଲିଖିତ ଅଭିଯୋଗରେ ସେ ଉଲ୍ଲେଖ କରିଛନ୍ତି ଯେ, ଅନେକ ସ୍ଥାନରେ ଡାକଘର କର୍ମଚାରୀମାନେ ଗ୍ରାହକଙ୍କୁ କହୁଛନ୍ତି ଯେ ନଗଦ ଟଙ୍କା ଗ୍ରହଣ କଲେ ସେମାନଙ୍କୁ ଉପର ଅଧିକାରୀଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡୁଛି। ଏହାଫଳରେ ସାଧାରଣ ଲୋକ ଇଚ୍ଛା ବିପରୀତ ଭାବେ ଡିଜିଟାଲ ପେମେଣ୍ଟ କରିବାକୁ ପରୋକ୍ଷ ଭାବେ ବାଧ୍ୟ ହେଉଛନ୍ତି। ଅଭିଯୋଗରେ କୁହାଯାଇଛି ଯେ, ଭାରତୀୟ ମୁଦ୍ରା ଆଇନ ଅନୁସାରେ ନଗଦ ଟଙ୍କା ଏକ ବୈଧ ଲିଗାଲ ଟେଣ୍ଡର ଏବଂ କେବଳ ପ୍ରଶାସନିକ ସୁବିଧା ପାଇଁ ସରକାରୀ ସଂସ୍ଥାଗୁଡିକ ଏହାକୁ ଅନୁତ୍ସାହିତ କରିପାରିବେ ନାହିଁ। ସେହିପରି ବାଧ୍ୟତାମୂଳକ ଅନ୍‌ଲାଇନ ପେମେଣ୍ଟ ଦ୍ୱାରା ସାଇବର ଠକେଇ, ଫିସିଙ୍ଗ, ଡିଜିଟାଲ ଚୋରି ଓ ଗୋପନୀୟତା ହାନିର ଆଶଙ୍କା ମଧ୍ୟ ବଢୁଥିବା କଥା ପତ୍ରରେ ଉଲ୍ଲେଖ କରାଯାଇଛି।

# ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ସମ୍ବର୍ଦ୍ଧନା ସଭା




**ସମ୍ବଲପୁର, ୧୪।୫(ସମିସ):** ସିବିଏସିଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀମାନେ ଚମତ୍କାରୀ ସଫଳତା ହାସଲ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବୁଧବାର ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନେ ନିଜନିଜ ଅଭିଭାବକଙ୍କ ସହ ବିଦ୍ୟାଳୟ ପରିସରକୁ ଆସିଥିଲେ। ସ୍କୁଲ ପରିସରରେ ସେମାନଙ୍କୁ ଫୁଲମାଳ ପିନ୍ଧାଇ ସ୍ୱାଗତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସଫଳତାର ଅନୁଭୂତି ଓ ଅଭିଜ୍ଞତା ବାଣ୍ଟିଥିଲେ। ପ୍ରକାଶ ଥାଉ କି, ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ, ବାଣିଜ୍ୟ ଓ ହ୍ୟୁମାନିଟିଜ୍ (କଳା) ବିଭାଗରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ୯୦ ଶତକଡାରୁ ଅଧିକ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସମସ୍ତ ସଫଳ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

**ସମ୍ବଲପୁର, ୧୪।୫ (ସମିସ) :** ସମ୍ବଲପୁର ଜିଲ୍ଲା ପଡ଼ିଆବାହାଲ ଅଞ୍ଚଳରେ ଆଜି ହାତୀ ଆକ୍ରମଣରେ ଜଣେ ୬୧ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ବାହାମ ପଞ୍ଚାୟତର ନାଏବ ସରପଞ୍ଚ ଶୋଭାରାମ ସୁନାଙ୍କ ବାପା ଏକାଦଶିଆ ସୁନା। ସୂଚନା ଅନୁଯାୟୀ, ଏକାଦଶିଆ ପଧାନପାଲି ମୌଜା ଅଧୀନ ପାତ୍‌ରେନ୍‌ଟୁଟା (ପୁଖୁରାମୁଣ୍ଡା)କୁ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ଦୁଇଟି ହାତୀ ଥିବା ଦେଖି ସେ ଆତ୍ମରକ୍ଷା କରିବାକୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବାବେଳେ ଦନ୍ତାଟି ଆକ୍ରମଣ କରି ମାରି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପଡ଼ିଆବାହାଲ ଫରେଷ୍ଟ ରେଞ୍ଜର ସୁନୀଲ ଖିଲାରୀ ଓ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମସାରକୁ ପଠାଇଥିବା ଜଣାପଡ଼ିଛି।

# ୨ ହଜାର ବର୍ଷର ପୁରୁଣା ସଭ୍ୟତା ପ୍ରମାଣ, ଖନନ ଆରମ୍ଭ

**ରେଢ଼ାଖୋଲ, ୧୪।୫(ସମିସ):** ସମ୍ବଲପୁର ଜିଲ୍ଲାର ଭୀମମଣ୍ଡଳୀ ସଭ୍ୟତା ପ୍ରମାଣ ପରେ ଏବେ ରେଢ଼ାଖୋଲ ସହର ସ୍ଥିତ ପୁରୁଣାଗଡ଼ ଗ୍ରାମଠାରେ ପୁଣି ମିଳିଛି ମାଟି ତଳେ ଲୁଚି ରହିଥିବା ୨ ହଜାର ବର୍ଷ ପୁରୁଣା ସଭ୍ୟତା ର ପ୍ରମାଣ। ଯାହାକୁ ନେଇ ସମ୍ବଲପୁର ଜିଲ୍ଲା ଗଙ୍ଗାଧରମେହେର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଇତିହାସ ବିଭାଗ ମୁଖ୍ୟ ଡ଼ ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଏଠାରେ ପୂର୍ବରୁ ଅନେକ ପୁରୁଣା ସାମଗ୍ରୀ ମିଳିଛି ଯାହା ଦୁଇ ହଜାର ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ସେ ସମୟରେ ବ୍ୟବହାର କରୁଥିବା ପୁରୁଣା ମାଟି ପାତ୍ର, ଲୌହର ମଳ, ଚୁଡ଼ି ଭଳି ଅନେକ ସାମଗ୍ରୀ ମିଳିଛି। ଯାହା ଫଳରେ ଭାରତ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ପକ୍ଷରୁ ଅନୁମତି ମିଳିବା ପରେ ଖନନ ଆରମ୍ଭ ହୋଇଛି। ଆଜି ଖନନ କାର୍ଯ୍ୟ ଶୁଭାରମ୍ଭ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଉପ କୁଳପତି ବ୍ୟମକେଶ ତ୍ରିପାଠୀ ଯୋଗ ଦେଇଥିଲେ। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଭୀମ ମଣ୍ଡଳୀ କମିଟି ସଭାପତି ରମେଶ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ସରପଞ୍ଚ ରାଜା ପାଲ, ପ୍ରେମଶିଳା ସ୍ୱାଇଁ ପ୍ରମୁଖ ସମେତ ଅନ୍ୟ ଅତିଥି ମାନେ ଉପସ୍ଥିତ ରହିଥିଲେ।

# ଗାଁ ମଝିରେ ଇଟା ଭାଟି, ଲୋକେ ଅଣନିଃଶ୍ୱାସୀ

**ସମ୍ବଲପୁର, ୧୪।୫(ସମିସ)**

ଗାଁ ମଝିରେ ଫ୍ଲାଏ ଆଶ୍ ଇଟାଭାଟି। ପ୍ରଦୂଷଣରେ ଅଣାୟତ ହେଉଛନ୍ତି ଗ୍ରାମବାସୀ। ସ୍କୁଲରୁ ମାତ୍ରା କିଛି ଦୂରରେ ରହିଛି ଏହି ଇଟାଭାଟି। ଅଧିକ ମେସିନ ଚାଲିଲେ କମ୍ପନ ସୃଷ୍ଟି ହେଉଛି। ଯାହାଫଳରେ ସ୍କୁଲର କାନ୍ଥ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ପୂର୍ବରୁ ଗାଁଲୋକ ଇଟାଭାଟିକୁ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ହେଲେ କର୍ତ୍ତୃପକ୍ଷ ଏହାକୁ କର୍ଣ୍ଣପାତ କଲେ ନାହିଁ। ଯାହଫଳରେ ଆଜି ରେଙ୍ଗାଲି ବ୍ଲକ କିନାଲୋଇ ପଞ୍ଚାୟତ ଲାଙ୍ଗବାହାଲର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ସହ ଜିଲ୍ଲା ଶିକ୍ଷାଧିକାରୀ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମ ମଝିରେ ଏହି ଇଟାଭାଟି ପ୍ରାୟ ୫-୭ ବର୍ଷ ପୂର୍ବରୁ ରହିଛି।




ଏବେ କେତେ ବର୍ଷ ହେଉଛି ଏହି ଭାଟିରେ କୌଣସି ଏକ ନୂତନ ମେସିନ ଲଗାଯାଇଛି। ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଅଧିକ କମ୍ପନ ସୃଷ୍ଟି ହେଉଛି। ପାଉଁଶରୁ ଇଟା ତିଆରି ହେଉଥବାରୁ ପ୍ରଦୂଷଣ ମଧ୍ୟ ବଢୁଛି। ପାଉଁଶ ପବନରେ ଉଡ଼ି ଆସି ସ୍ଥାନୀୟ କୂଅ, ବାଡ଼ି ବଗିଚା ଓ ଘର ସମ୍ମୁଖରେ ପଡୁଛି। ଏପରିକି ବାହାରେ କପଡ଼ା ରଖିଲେ ପାଉଁଶର ଏକ ଚାଦର ଘୋରି ହେଉଛି। ସକାଳୁ ରାତିରେ ଚାଲୁଥିବା ଏହି ମେସିନର ଶବ୍ଦ ଓ କମ୍ପନ ଯୋଗୁଁ ପିଲାମାନେ ପାଠ ଠିକ୍ ଭାବେ ପଢ଼ି ପାରୁନାହାନ୍ତି। ସେପଟେ ସ୍କୁଲର କିଛି ଦୂରରେ ଏହି ଭାଟି ଥିବାରୁ ଅଧିକ ଅସୁବିଧା ହେଉଛି। ଜିଲ୍ଲାପାଳ ଏ ସମ୍ପର୍କରେ ରେଙ୍ଗାଲି ତହସିଲଦାରଙ୍କୁ ଜଣାଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ପ୍ରତିକ୍ରିୟା ଦେଇଥିଲେ। ଦାବିପତ୍ର ଦେବାବେଳେ ଗ୍ରାମର ମିତ୍ର ଭାନୁ ପଟେଲ, ମହେଶ ମୁଣ୍ଡା, ବାବଲୁ ମରେଇ, ରଘୁ ଭୋଇ, ବାବୁରାମ ମୁଣ୍ଡା, ଜଗଦିଶ କଉଡ଼ିଙ୍କ ସମେତ ପ୍ରାୟ ୨୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଶବ୍ଦ ଯୋଗୁଁ ସ୍କୁଲ କାନ୍ଥରେ ଫାଟ ସୃଷ୍ଟି**

**ଲାଙ୍ଗବାହାଲ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ**

# ଉତ୍ସର୍ଗ ପକ୍ଷରୁ ଦହିପାଣି ବଣ୍ଟନ



**ସମ୍ବଲପୁର, ୧୪।୫(ସମିସ):** କଟକ ରାଜାବଗିଚା ସ୍ଥିତ ଉତ୍ସର୍ଗ ସାମାଜିକ ସେବା ଅନୁଷ୍ଠାନ ପକ୍ଷରୁ ଝାଞ୍ଜିରି ମଙ୍ଗଳାଗଡ଼ାଠାରେ ସମ୍ପାଦିକା ଶକୁନ୍ତଳା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପଥିକମାନଙ୍କୁ ଦହିପାଣି ବଣ୍ଟନ କରାଯାଇଛି। ସଭାପତି ରାଜଲକ୍ଷ୍ମୀ ପାତ୍ର, ସଂଯୁକ୍ତ ପାତ୍ର, ରେଣୁବାଳା ଭୂୟାଁ, ମମତା ସାହୁ, ମଞ୍ଜୁଲତା ଜେନା, ଅନୁପମା ଦାସ ଓ ସ୍ଥାନୀୟ ଛୋଟପିଲାମାନେ ସମୃଦ୍ଧି, ସନ୍ତ୍ରାନ୍ତ ଓ ସାଇକ୍ରିଷ୍ଣା ଦହିପାଣି ବଣ୍ଟନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଚାଲୁ ରହିବ ବୋଲି ସମ୍ପାଦିକା କହିଛନ୍ତି।

# ଏସ୍‌ଡିପିଓଙ୍କ ନିଲମ୍ବନ 'ପୁଲିସ' ଇମେଜ୍ ଡ୍ୟାମେଜ୍‌ର ମ୍ୟାନେଜମେଣ୍ଟ ନୁହଁ ତ?



- ସନ୍ତୋଷଙ୍କୁ ନିଲମ୍ବନ ବଦଳରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି
- ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ପୁଲିସକୁ ଦାୟୀ କରିଛନ୍ତି ଲୋକେ
- ଜିଲ୍ଲା ବାହାରେ ରହି ବଟି ଆଦାୟ କରୁଛନ୍ତି ପୁଲିସ ଅଧିକାରୀ !

ବ୍ରହ୍ମପୁର,୧୪।୫(ସମିସ)

କାର୍ଯ୍ୟରେ ଅବହେଳା ତଥା ଜନସମ୍ପର୍କ ଅତୁଟ ରଖିବାରେ ବିଫଳ ଯୋଗୁଁ ଆସିକା ଏସଡ଼ିପିଓ ସନ୍ତୋଷ ଜେନାଙ୍କୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବିତ କରାଯାଇଥିବା ଜଣାପଡିଛି। ତେବେ ପ୍ରକୃତରେ ଏହା ପଛର ରହସ୍ୟକୁ ନେଇ ବର୍ତ୍ତମାନ ଚାଲିଛି ସବୁଠି ଚର୍ଚ୍ଚା। ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟରେ ଘଟି ଚାଲିଥିବା ବିଭିନ୍ନ ଘଟଣା ଏବଂ ଯାହାକୁ ନେଇ ପୁଲିସ ବିଭାଗର ଛବି ନଷ୍ଟ ଓ କଳୁଷିତ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ପ୍ରସଙ୍ଗକୁ ଦୂରେଇବା ଓ ପୁଲିସ ବିଭାଗ ପ୍ରତି ଲୋକଙ୍କ ଆକ୍ରୋଶକୁ ପରିଚାଳନା କରିବାକୁ ଯାଇ ସରକାରଙ୍କ ପକ୍ଷରୁ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆଲୋଚନା ହେଉଛି। ଯେଉଁଥିରେ ଜଣେ ସାଧାରଣ ବର୍ଗର ବରିଷ୍ଠ ପୁଲିସ ଅଧିକାରୀ ବଳି ପଡିଛନ୍ତି। ତେବେ ଉଦ୍ଦେଶ୍ୟ ଯାହା ହେଉନା କାହିଁକି ଆସିକା ଏସଡିପିଓ ସନ୍ତୋଷ ଜେନାଙ୍କୁ ନିଲମ୍ବନ ଯଥେଷ୍ଟ ନୁହେଁ ବରଂ ତାଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯିବା ଉଚିତ ବୋଲି ନିଜ ନାମ ଗୋପନ ରଖି ଅନେକ ବ୍ୟବସାୟୀ ଏପରିକି କିଛି ପୁଲିସ ଅଧିକାରୀ ମଧ୍ୟ ମତ ପ୍ରକାଶ କରିଛନ୍ତି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେବାପରେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ସନ୍ତୋଷଙ୍କ ବିରୁଦ୍ଧରେ ଏଭଳି କାର୍ଯ୍ୟାନୁଷ୍ଠାନ କେବଳ ପ୍ରସଙ୍ଗକୁ ଦୂରେଇବା ଓ ପୁଲିସ ବିଭାଗରେ ଲାଗିଥିବା କଳାଦାଗକୁ ଲିଭାଇବା ପାଇଁ ଏହା କେବଳ 'ଇମେଜର ଡେମେଜ ମ୍ୟାନେଜମେଣ୍ଟ' ବୋଲି ଆଲୋଚନା ହେଉଛି। ବାଲିଅନ୍ତା ଘଟଣାରେ ପୁଲିସ ଉପସ୍ଥିତି ଭିଡ ନେଇଥିଲା ଜୀବନ।

ଗଞ୍ଜାମରେ ନ୍ୟାୟ ପାଇଁ ଧାରଣରେ ଥିବା ଗର୍ଭବତୀ ମହିଳାଙ୍କୁ ନିର୍ମମ ହତ୍ୟା। ଗୋପାଳପୁରରେ ବିଲଡର ସୁଧୀର ପାତ୍ରଙ୍କୁ ଅପହରଣ ପରେ ପିଟିପିଟି ହତ୍ୟା, ପୋଲସରାରେ ଅପହରଣ ପରେ ହତ୍ୟା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ଘଟି ଚାଲିଥିବା ବର୍ବରକାଣ୍ଡ ଯୋଗୁଁ ରାଜ୍ୟ ପୁଲିସ ସମେତ ରାଜ୍ୟର ଡବଲ ଇଂଜିନ ସରକାରକୁ ବଦନାମ ହେବାକୁ ପଡିଛି। ଏଭଳି ସ୍ଥିତିରେ ନିଜର ପ୍ରତିଷ୍ଠା ବଞ୍ଚାଇବାକୁ ଯାଇ ପୁଲିସ ମୁଖ୍ୟାଳୟ ପକ୍ଷରୁ ଇସ୍ୟୁ ବଦଳାଇବାକୁ ଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି।

## ମାଟ୍ରିକ ପରୀକ୍ଷାର ଦୁଇ ଟପର୍‌ଙ୍କୁ ସମ୍ବର୍ଦ୍ଧନା




ବ୍ରହ୍ମପୁର,୧୪।୫(ସମିସ): ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାମନ୍ଦିରର ରାଜ୍ୟସ୍ତରୀୟ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ସୁମିତ୍ କୁମାର ଦାଶ ଓ ଛାତ୍ରୀ ଅଙ୍କିତା ସାହୁଙ୍କୁ ଏମ୍‌ବିଡି ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଉତ୍ସବରେ ଏମ୍‌ବିଡିର ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାର ମାର୍କେଟିଂ ମ୍ୟାନେଜର ନିହାର ରଞ୍ଜନ ପଣ୍ଡା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ବିଦ୍ୟାମନ୍ଦିର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବରିଷ୍ଠ ଆଚାର୍ଯ୍ୟ ସମୀର ବାରିକ ଓ ସଚ୍ଚିଦାନନ୍ଦ ପୁରୋହିତ ପ୍ରମୁଖ ଉପସ୍ଥିତ ରହିଥିଲେ।

### ପୀତବାସ ପଣ୍ଡା ହତ୍ୟା ମାମଲା

# ସୁନୀଲ, ଶୂନ୍ୟ ଓ ପିଣ୍ଟୁଙ୍କ ଡିସଚାର୍ଜ ପିଟିସନର ଶୁଣାଣି

- କୋର୍ଟରେ ପିଣ୍ଟୁ ଓ ରାଜେନ୍ଦ୍ର, ଆଭାସୀରେ ହାଜର ହେଲେ ଅବଶିଷ୍ଟ ୧୩ଅଭିଯୁକ୍ତ
- ଚିକିତ୍ସାଧୀନ ଯୋଗୁଁ ଆଇନଜୀବୀ ମଦନ ଦଳେଇ ଅନୁପସ୍ଥିତ, ୮ରେ ପରବର୍ତ୍ତି ଶୁଣାଣି

ବ୍ରହ୍ମପୁର,୧୩।୫(ସମିସ)

ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ ସମ୍ପର୍କିତ ଶୁଣାଣି ହୋଇଛି। ମାମଲାରେ ଗିରଫ ମୋଟ ୧୬ଜଣ ଅଭିଯୁକ୍ତଙ୍କ ପକ୍ଷରୁ ସେମାନଙ୍କ ଓକିଲ ଦାଖଲ କରିଥିବା ଡିସଚାର୍ଜ ପିଟିସନ ଉପରେ ଶୁଣାଣି ଜାରି ରହିଛି। ଶୁଣାଣିର ଦ୍ୱିତୀୟ ଦିବସରେ ଆଜି ପ୍ରସିକ୍ୟୁସନ ପକ୍ଷରୁ ନିଜର ପକ୍ଷ ରଖାଯିବା ପରେ ଅଭିଯୁକ୍ତଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ମୁଖ୍ୟ ଦୁଇ ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା ଜୟପୁରର ଫାର୍ମହାଉସ ମାଲିକ ସୁନୀଲ ହୋତାଙ୍କ ପାଇଁ ଆଇନଜୀବୀ କପିଳେଶ୍ୱର ପଟ୍ଟନାୟକ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶଙ୍କ ପାଇଁ କୈଳାସ ପଣ୍ଡା ଓ କୃଷ୍ଣ ପଟ୍ଟନାୟକ ଏବଂ ଶୂନ୍ୟ ଦାସଙ୍କ ପାଇଁ ରବୀନ୍ଦ୍ର କୁମାର ଦେଓ ଓ ଚକ୍ରପାଣି ନାହାକ ମକଦ୍ଦମା ପରିଚାଳନା କରିଥିଲେ। ଆଇନଜୀବୀମାନେ ବିଭିନ୍ନ କାରଣ ଦର୍ଶାଇ ସେମାନଙ୍କ ମହକିଲଙ୍କର ହତ୍ୟାକାଣ୍ଡରେ କୌଣସି ସମ୍ପୃକ୍ତି ନାହିଁ ବରଂ ପୁଲିସ ସେମାନଙ୍କୁ ଜାଣିଶୁଣି ଫସାଇଥିବା ଯୁକ୍ତିକରି ଚାର୍ଜଫ୍ରେମରୁ ବାଦ ଦେବାକୁ କୋର୍ଟରେ ନିବେଦନ କରିଥିଲେ। ଆଜି ଶୁଣାଣି ବେଳେ ବ୍ରହ୍ମପୁର ଜେଲରୁ ୧୩ଜଣ ଅଭିଯୁକ୍ତ ଆଭାସୀରେ ଉପସ୍ଥିତ ହୋଇଥିବା ବେଳେ ଫୁଲବାଣୀ ଜେଲରୁ ଅନ୍ୟ ଏକ ମାମଲାରେ ବ୍ରହ୍ମପୁର କୋର୍ଟରେ ଉପସ୍ଥିତ ଥିବା ପୂର୍ବତନ ମେୟର ପିଣ୍ଟୁଦାଶ ଓ ମାମଲାରେ ଗିରଫ ହୋଇ ଜାମୀନରେ ଥିବା ରାଜେନ୍ଦ୍ର କୁମାର ସାହୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଥିଲେ। ତେବେ ସ୍ୱାସ୍ଥ୍ୟଗତ କାରଣରୁ ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ଆଇନଜୀବୀ ମଦନ ଦଳେଇ କୋର୍ଟରେ ହାଜର ହୋଇପାରି ନଥିଲେ।

ମାମଲାର ପରବର୍ତ୍ତି ଶୁଣାଣି ଆଗାମୀ ଜୁନ ୮ ତାରିଖରେ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି। ସେପଟେ ଚିକିତ୍ସାଧିନ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କ ଗୋଡରେ ଅସ୍ତ୍ରୋପଚାର ପାଇଁ ୧୬ତାରିଖ ସୁଦ୍ଧା ଆବଶ୍ୟକ ଯନ୍ତ୍ରପାତି ପହଞ୍ଚିବା ପରେ ଅପରେସନ କରାଯିବ ବୋଲି କୋର୍ଟକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଜଣାଇଥିବା ମଦନଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ମଦନଙ୍କ ଗୋଡରେ ଅସ୍ତ୍ରୋପଚାରକୁ ନେଇ ବିଭିନ୍ନ କାରଣରୁ ବିବାଦ ଲାଗି ରହିଛି।

### 'ସକାଳ'ର ମହାପ୍ରଭାବ | ରେଜିଷ୍ଟ୍ରାରଙ୍କ ଚିଠି ଜାରି

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଡେପୁଟି କଣ୍ଟ୍ରୋଲରଙ୍କ କ୍ଷମତା ହ୍ରାସ

- ନିଜେ ନୁହଁ ବରଂ କଣ୍ଟ୍ରୋଲରଙ୍କ ଜରିଆରେ କୁଳପତିଙ୍କ ଠାରେ ଦାଖଲ ହେବ ଫାଇଲ
- ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଚିଠିରେ କରାଯାଇଛି ସ୍ପଷ୍ଟ ଉଲ୍ଲେଖ
- ବିନା ଅନୁମୋଦିତ ଡେପୁଟି କଣ୍ଟ୍ରୋଲର ପଦବୀକୁ ତୁରନ୍ତ ରଦ୍ଦ ପାଇଁ ବିଭିନ୍ନ ମହଲରେ ଦାବି

ବ୍ରହ୍ମପୁର,୧୩।୫(ସମିସ)

ଦୈନିକ ଓଡିଆ ଖବରକାଗଜ 'ସକାଳ' ଦ୍ୱାରା ପ୍ରକାଶିତ ତଥ୍ୟ ସମ୍ବଳିତ ତଥା ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶନ ପରେ ତାହାର ଗୁରୁତ୍ୱ ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ଚିଠିରୁ ଏନେଇ ସ୍ପଷ୍ଟ ସୂଚନା ମିଳିଛି। ଜାରି ହୋଇଥିବା ଚିଠି ବା ବିଜ୍ଞପ୍ତି ପ୍ରକାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡେପୁଟି କଣ୍ଟ୍ରୋଲରଙ୍କୁ ଦିଆଯାଇଥିବା ଅଖଣ୍ଡ କ୍ଷମତାକୁ ସଙ୍କୁଚିତ କରାଯାଇଛି। ପୂର୍ବ ନିର୍ଦ୍ଦେଶନାମା ପ୍ରକାରେ ଅର୍ଥାତ୍ ଗତ ୨୦୨୨ମସିହାରେ ବେନିୟମ ଭାବେ ପରୀକ୍ଷା ପରିଚାଳନା ବିଭାଗରେ ଜଣେ ଉପ ନିୟନ୍ତ୍ରକ ବା ଡେପୁଟି କଣ୍ଟ୍ରୋଲରଙ୍କୁ ନିଯୁକ୍ତି ଦିଆଯାଇଥିଲା। ସୃଷ୍ଟି ହୋଇଥିବା ଏହି ପଦବୀରେ ବିଶ୍ୱବିଦ୍ୟାଳୟର କେବଳ ଜଣେ କନିଷ୍ଠ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିଲା ତାହା ନୁହେଁ ବରଂ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପରୀକ୍ଷା ନିୟନ୍ତ୍ରକଙ୍କ ଠାରୁ ଅଧିକ ତଥା ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଥିଲା। ଯେ କୌଣସି ବିଶ୍ୱବିଦ୍ୟାଳୟରେ ସରକାରୀ ଭାବେ ପରୀକ୍ଷା ନିୟନ୍ତ୍ରକଙ୍କୁ ସହାୟତା କରିବାକୁ ଜଣେ ସହକାରୀ ପରୀକ୍ଷା ନିୟନ୍ତ୍ରକଙ୍କୁ ନଯୁକ୍ତି ଦିଆଯିବାର ବିଧି ରହିଛି। ତେବେ ଉକ୍ତ ନିତିନିୟମର ଖୋଲାଖୋଲି ଉଲଂଘନ କରି ଗତ ୨୦୨୨ମସିହା ଜୁଲାଇ ୧୮ ତାରିଖରେ ଚିଠି ନମ୍ବର ୫୯୦୭ପ୍ରକାରେ ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶରେ ତତ୍କାଳୀନ କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ବିଶ୍ୱବିଦ୍ୟାଳୟର ଆଇଆରପିଏମ ବିଭାଗରେ କାର୍ଯ୍ୟରତ ତତ୍କାଳୀନ ସହକାରୀ ପ୍ରାଧ୍ୟାପକ ଡଃ ସତ୍ୟବ୍ରତ ପାତ୍ରଙ୍କୁ ୨୦୨୨ମସିହା ଅଗଷ୍ଟ ପହିଲାରୁ ଡେପୁଟି ପରୀକ୍ଷା ନିୟନ୍ତ୍ରକ ଭାବେ




ନିଯୁକ୍ତି ଦିଆଯାଇଥିଲା। ଏଥି ସହିତ ତାଙ୍କୁ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସମସ୍ତ ପିଏଚଡି, ଡିଫିଟ ଓ ଏମଫିଲ ଆଦି ବିଭିନ୍ନ ଉଚ୍ଚତର ପାଠ୍ୟକ୍ରମର ପରୀକ୍ଷା ପରିଚାଳନା ଦାୟିତ୍ୱ ଓ ସମସ୍ତ କାର୍ଯ୍ୟକଳାପ ସହିତ ସମସ୍ତ ଫାଇଲକୁ ସିଧାସଳଖ କୁଳପତିଙ୍କୁ ପ୍ରଦାନ କରିବା ପାଇଁ ଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା।

ଏପରିକି ଆବଶ୍ୟକସ୍ଥଳେ ନିଜେ ଡେପୁଟି କମ୍ପଟ୍ରୋଲର କୌଣସି ଫାଇଲ ସମ୍ପର୍କିତ ନିଷ୍ପତ୍ତି ନିଜେ ନେଇପାରିବେ ବୋଲି ମଧ୍ୟ କୁହାଯାଇଥିଲା। ଯଦ୍ୱାରା ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ପରୀକ୍ଷା ନିୟନ୍ତ୍ରକଙ୍କ କ୍ଷମତାକୁ ଉଦ୍ଦେଶ୍ୟମୂଳକ ଭାବେ ହ୍ରାସ କରାଯାଇଥିଲା। ଏନେଇ ଖବର ପ୍ରକାଶନର ୨୪ଘଣ୍ଟା ନପୂରୁଣୁ ଆକ୍ସନ ମୋଡରେ ଆସିଛନ୍ତି ବିଶ୍ୱବିଦ୍ୟାଳୟର କୁଳସଚିବ। ଅଭିଯୋଗର ଗୁରୁତ୍ୱ ଓ ଯଥାର୍ଥତାକୁ ନେଇ ତର୍ଜମା କରିବା ପରେ ତୁରନ୍ତ ଡେପୁଟି କମ୍ପଟ୍ରୋଲରଙ୍କ କ୍ଷମତାକୁ ସଙ୍କୁଚିତ କରିଛନ୍ତି। ନିଜେ ସିଧାସଳଖ ନୁହେଁ ବରଂ ଫାଇଲ ଗୁଡିକୁ ପରୀକ୍ଷା ନିୟନ୍ତ୍ରକଙ୍କ ଜରିଆରେ କୁଳପତିଙ୍କ ନିକଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉଦ୍ଦେଶ୍ୟମୂଳକ ଭାବେ ସୃଷ୍ଟି କରାଯାଇଥିବା ଡେପୁଟି କମ୍ପଟ୍ରୋଲରଙ୍କ କ୍ଷମତା ହ୍ରାସ ନୁହେଁ ବରଂ ଉକ୍ତ ବେନିୟମ ପଦବୀକୁ ତୁରନ୍ତ ରଦ୍ଦ କରିବା ଦିଗରେ ଉଭୟ ଉଚ୍ଚଶିକ୍ଷା ବିଭାଗ ଓ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଅପରପକ୍ଷେ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପରୀକ୍ଷା ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ୨୦୨୨ମସିହାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ପିଏଚଡି, ଡିଲିଟ, ଡିଫିଟ ଓ ଏମଫିଲ ଡିଗ୍ରୀର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରାଯାଇଛି।

# ଜୁନ୍‌ରେ ଗଞ୍ଜାମ ଜିଲ୍ଲା ନାଟକ ମହୋତ୍ସବ




ବ୍ରହ୍ମପୁର,୧୪।୫(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଗଞ୍ଜାମ ଜିଲ୍ଲା କଳାକାର ସଂଘ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଯାଇଛି। ସଂଘ ସଭାପତି ଶଙ୍କର୍ଷଣ ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨ ଠାରୁ ୪ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ 'ଗଞ୍ଜାମ ଜିଲ୍ଲା ନାଟକ ମହୋତ୍ସବ' ଆୟୋଜିତ କରାଯିବ ବୋଲି ନିଷ୍ପତି ହୋଇଛି। ୧ମ ସନ୍ଧ୍ୟାରେ ହାସ୍ୟ ଅଭିନେତା ପ୍ରଜ୍ଞା ରଞ୍ଜନ ଖଟୁଆଙ୍କ ରଚିତ ଏବଂ ମଧୁ-ପ୍ରୀତି ଯୋଡିଙ୍କ ନିର୍ଦ୍ଦେଶିତ ହାସ୍ୟ ନାଟକ 'ସୋମରସ' ପରିବେଷଣ ହେବାକୁ ଥିବା ବେଳେ ୨ୟ ସନ୍ଧ୍ୟାରେ ଭଞ୍ଜନଗରର ଗୁରୁନାଥ ସାଂସ୍କୃତିକ ପରିଷଦ ତରଫରୁ ଅଧ୍ୟାପକ ଗୋପାଳ ମହାରଣାଙ୍କ ରଚିତ ଏବଂ ବିଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ସେମାନେ ଆସିବେ' ଏବଂ ୩ୟ ସନ୍ଧ୍ୟାରେ ବ୍ରହ୍ମପୁରର ପଲ୍ଲବୀ ନାଟ୍ୟ ସଂସ୍ଥା ତରଫରୁ କୃଷ୍ଣ ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ବଦଳି ଯାଉଥିବା ସମୟ' ମଞ୍ଚସ୍ଥ ହେବ। ଏଥି ସହିତ ପ୍ରତ୍ୟେକ ଦିନ ନାଟକ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ନେଇ ନିଷ୍ପତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଉପଦେଷ୍ଟା ବିଘ୍ନେଶ୍ୱର ସାହୁ, ରବୀନ୍ଦ୍ର କୁମାର ନାୟକ, ଓଡିଶା ନାଟ୍ୟସଂଘର ଉପସଭାପତି ଭବାନୀ ଶଙ୍କର ମିଶ୍ର, ମଦନ ମିଶ୍ର, ନାଟ୍ୟକାର ତ୍ରିପତି ନାୟକ, ମନୋଜ ଦଣ୍ଡପାଟ, ଗୀତିକାର ତାପସ ପାଣିଗ୍ରାହୀ, ଗିରିଜା ଶଙ୍କର ଦାଶ, କୈଳାଶ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏବଂ ସମ୍ପାଦକ ଡ. ମିହିର କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।

## ହେତୁବାଦୀ ରାଜା ସୁରେଶଙ୍କ ଶ୍ରାଦ୍ଧବାର୍ଷିକୀ




ବ୍ରହ୍ମପୁର,୧୪।୫(ସମିସ): ଶକ୍ତି ନଗର ସ୍ଥିତ ସହୀଦ ଭଗତ ସିଂ ପାଠାଗାରରେ ମାନବବାଦୀ ହେତୁବାଦୀ ସଂଗଠନ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ମହାନ ହେତୁବାଦୀ ରାଜା ସୁରେଶଙ୍କ ୫ମ ଶ୍ରାଦ୍ଧବର୍ଷିକୀ ପାଳିତ ହୋଇଯାଇଛି। ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସମ୍ପାଦକ କେ. ନନ୍ଦେଶ୍ୱ ସେନାପତି ସ୍ୱର୍ଗତ ସୁରେଶଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭ୍ୟ ଭାଲଚନ୍ଦ୍ର ଷଡଙ୍ଗୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ହାକିମ ଖାଁ, ଡି. ମୋହନ ରାଓ, ମହର୍ଷି ସିଂ, କେ. ବାସବା ରାଜୁ ଯୋଗଦେଇ ନିଜ ବକ୍ତବ୍ୟ ରଖି ରାଜା ସୁରେଶଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରତାପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ନିଟ୍ ପ୍ରଶ୍ନପତ୍ର ଲିକ୍‌ର ପ୍ରତିବାଦ: ଏଆଇଡିଏସ୍‌ଓର ବିକ୍ଷୋଭ

ବ୍ରହ୍ମପୁର,୧୪।୫(ସମିସ): ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିଟ୍-ୟୁଜି ସହ ବିଭିନ୍ନ କେନ୍ଦ୍ରୀୟ ପରୀକ୍ଷାରେ ଘଟୁଥିବା ପ୍ରଶ୍ନପତ୍ର ଲିକ୍, ଅନିୟମିତତା ଏବଂ ଦୁର୍ନୀତି ଘଟଣାର ପ୍ରତିବାଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜସ୍ଥାନରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ନିଟ୍-ୟୁଜି ପରୀକ୍ଷା ବାତିଲ ଏବଂ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଶର କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥାର ଗଭୀର ସଙ୍କଟକୁ ସ୍ପଷ୍ଟ କରିଛି। ଏନ୍‌ଟିଏ ବାରମ୍ବାର ନିରପେକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷା ପରିଚାଳନାରେ ବିଫଳ ହେଉଥିବାରୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଗଭୀର ଅନିଶ୍ଚିତତା ଓ କ୍ଷୋଭ ସୃଷ୍ଟି ହୋଇଥିବା ଏଆଇଡିଏସ୍‌ଓ ଅଭିଯୋଗ କରିଛି। କେନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥାର ବାରମ୍ବାର ବିଫଳତା କୋଚିଂ ଶିଳ୍ପର ସ୍ୱାର୍ଥକୁ ଆହୁରି ପ୍ରୋତ୍ସାହିତ କରୁଛି। ଫଳରେ ଛାତ୍ରଛାତ୍ରୀଙ୍କ ଉପରେ ମାନସିକ, ଆର୍ଥିକ ଓ ଶୈକ୍ଷିକ ଚାପ ବଢ଼ୁଛି। ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳୁଥିବା ପ୍ରକୃତ ଦୋଷୀମାନଙ୍କୁ କଠୋର ଶାସ୍ତି ଦିଆନଗଲେ ଏଭଳି ଘଟଣାର ପୁନରାବୃତ୍ତି ଘଟି ଚାଲିଥିବ ବୋଲି ସଂଗଠନ ପକ୍ଷରୁ ଦୃଢ଼ ଆଶଙ୍କା ବ୍ୟକ୍ତ କରାଯାଇଛି। ପ୍ରଶ୍ନ ପତ୍ର ଲିକ ଘଟଣାର ବିଚାର ବିଭାଗୀୟ ତଦାରଖରେ ଏକ ସ୍ୱଚ୍ଛ ଏବଂ ସମୟବଦ୍ଧ ତଦନ୍ତ କରିବା, ପଦବୀ ଓ କ୍ଷମତା ନିର୍ବିଶେଷରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ବିଧାନ କରିବା, ତଦନ୍ତର ଫଳାଫଳକୁ ସମ୍ପୂର୍ଣ୍ଣ ଭାବେ ସର୍ବସାଧାରଣରେ ପ୍ରକାଶ କରିବା, ସମସ୍ତ ଜାତୀୟସ୍ତରୀୟ ପରୀକ୍ଷାରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଏଆଇଡିଏସ୍‌ଓ ଦାବି କରିଛି। ବିକ୍ଷୋଭରେ ଏଆଇଡିଏସ୍‌ଓ ରାଜ୍ୟ ସଭାପତି ସୋମନାଥ ବେହେରା, ସଂଗଠନର ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧ୍ୟକ୍ଷ କିସାନ୍ କୁମାର ସାହୁ, ସୁଭସ୍ମିତା ପାଣିଗ୍ରାହୀ ଓ କାମରାଜ ସାହୁ ଉପସ୍ଥିତ ଥିଲେ।




## ଗଣ୍ଡଗୋଳ ମାମଲାରେ ୨କୋର୍ଟଚାଲାଣ

ବ୍ରହ୍ମପୁର,୧୪।୫(ସମିସ): ଗୋପାଳପୁର ପୁଲିସ ଗୋଳାବନ୍ଧ ଗ୍ରାମରେ ହୋଇଥିବା ଗଣ୍ଡଗୋଳ ମାମଲାରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର ବିଜୁ ଦାସ, ରାଜା ଦାସ ବୋଲି ପୁଲିସ କହିଛି।

ସୂଚନା ପ୍ରକାରେ ଗତକାଲି ସନ୍ଧ୍ୟାରେ କମଳାପୁର ଭଲିବଲ କୋର୍ଟକୁ ଦୀପକ ଦାସ ଯାଇ ଭଲିବଲ ଖେଳିବାକୁ କହିଥିଲା। ପରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ବିଜୁ ଦାସ ଓ ରାଜା ମାଡ଼ ମାରିବା ସହ ମୁଣ୍ଡ ଫଟାଇ ଦେଇଥିବା ନେଇ ଦୀପକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୬୫/୨୬ ମାମଲା ରୁଜୁ ଆଜି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

# ରାଜ୍ୟସ୍ତରୀୟ ସିନିଅର ଆଥ୍‌ଲେଟିକ୍ ଚାମ୍ପିଅନସିପ୍ ପାଇଁ ଖେଳାଳି ଚୟନ

ବ୍ରହ୍ମପୁର,୧୪।୫(ସମିସ)

ଆସନ୍ତା ମାସ ୫ରୁ ୭ତାରିଖ ପର୍ଯ୍ୟନ୍ତ କଟକ ଠାରେ ରାଜ୍ୟସ୍ତରୀୟ ସିନିୟର ଆଥଲେଟିକ ଚାମ୍ପିୟନସିପ ଅନୁଷ୍ଠିତ ହେବ। ଏହି ଆଥଲେଟିକ ଚାମ୍ପିୟନସିପରେ ବିଭିନ୍ନ ଜିଲ୍ଲାର ସିନିଅର ଖେଳାଳି ମାନେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାର ସିନିୟର ଦଳ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ମାସ ୧୭ ତାରିଖ ସକାଳ ୭ ଘାଣ୍ଟିକା ସମୟରେ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳି ମାନେ ନିଜ ଆଧାର କାର୍ଡ, ଜନ୍ମ ପ୍ରମାଣ ପତ୍ର ଏବଂ କୀଟ ସମେତ ନିଜ ନାମ ପଞ୍ଜିକରଣ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସହଯୋଗୀ ସମ୍ପାଦକ ପ୍ରମୋଦ ମହାରଣାଙ୍କୁ ଯୋଗାଯୋଗ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

### ରାୟଗଡ଼ା 'ନିଖିଲ' ହତ୍ୟାକାଣ୍ଡ ଘଟଣା

# ସନ୍ଦିଗ୍ଧ ହତ୍ୟାକାରୀଙ୍କ ୪ବନ୍ଧୁଙ୍କୁ ବ୍ରହ୍ମପୁରରୁ ଉଠାଇ ନେଇଛି ରାୟଗଡ଼ା ପୁଲିସ!

ବ୍ରହ୍ମପୁର,୧୪।୫(ସମିସ)

ଚର୍ଚ୍ଚିତ ହିଡିପା ନିଖିଲ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ହତ୍ୟାକାରୀଙ୍କ ୪ଜଣ ବନ୍ଧୁଙ୍କୁ ବ୍ରହ୍ମପୁରରୁ ଉଠାଇନେଇଛି ରାୟଗଡ଼ା ପୁଲିସ। ଏକ କଳା ରଙ୍ଗର ନିର୍ଦ୍ଦିଷ୍ଟ ସ୍କୋର୍ପିଓ ଗାଡ଼ିରେ କିଛି ଯୁବକ ଯାତ୍ରା କରୁଥିବା ନେଇ ରାୟଗଡା ପୁଲିସ ପକ୍ଷରୁ ବ୍ରହ୍ମପୁର ପୁଲିସକୁ ସୂଚନା ଦେଇ ସେମାନଙ୍କୁ ଅଟକାଇବାକୁ କୁହାଯାଇଥିଲା। ସେହିକ୍ରମରେ ମଙ୍ଗଳବାର ରାତିରେ ବୈଦ୍ୟନାଥପୁର ଥାନା ପୁଲିସ ଟାଟାବେଞ୍ଜ ଛକରୁ ସଂଦିଗ୍ଧ କଳା ରଙ୍ଗର ସ୍କର୍ପିଓ ଗାଡ଼ିକୁ ଅଟକାଇଥିଲା। ସେଥିରେ ଥିବା ୩ଜଣଙ୍କ ସମେତ ଡ୍ରାଇଭରକୁ କାବୁ କରିଥିଲା ପୁଲିସ। ଗତ ୯ ତାରିଖ ରାତିରେ ରାୟଗଡ଼ା ଇନ୍ଦ୍ର ନଗରରେ ହିଡିପା ନିଖିଲଙ୍କୁ ଅପହରଣ ପରେ ଗୁଳିକରି ହତ୍ୟା କରାଯାଇଥିଲା। ପରେ ୧୦ତାରିଖରେ ନାଗାବଳୀ ନଦୀ ପଠାରୁ ନିଖିଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ନିଖିଲଙ୍କ ପରିବାର ଲୋକେ ଟାୟାର ଜାଳି ରାସ୍ତାରୋକ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ।

ମଙ୍ଗଳବାର ରାତିରେ ସ୍ଥାନୀୟ ଟାଟାବେଞ୍ଜ ଛକରେ ଥିବା ଏକ ମଦ ଦୋକାନ ସମ୍ମୁଖରେ ଦୁଇ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ଥିବାବେଳେ ନମ୍ବର ବିହୀନ ଏକ କଳା ସ୍କର୍ପିଓରେ ବୁଲୁଥିଲେ। ପୁଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ମାରଣାସ୍ତ୍ର ମିଳିବାରୁ ପୁଲିସ ସମସ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଏହି ହତ୍ୟାକାଣ୍ଡ ମାମଲାରେ ପୁଲିସ ଯେଉଁମାନଙ୍କୁ ଚିହ୍ନଟ କରିଛି ସେମାନଙ୍କ ଯୋଗାଯୋଗରେ ଉପରୋକ୍ତ ଯୁବକମାନେ ରହିଥିବା ପୁଲିସ ଟ୍ରାକିଂ ବେଳେ ଜାଣିବାକୁ ପାଇଥିଲା। ସେହିକ୍ରମରେ ପୁଲିସ ସମ୍ପୃକ୍ତ ଯୁବକଙ୍କ ଉପରେ ନଜର ରଖିଥିଲା। ବର୍ତ୍ତମାନ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନେ କେଉଁଠି ଅଛନ୍ତି ସେନେଇ ଅଟକ ଯୁବକଙ୍କୁ ରାୟଗଡା ପୁଲିସ ପଚରାଉଚରା କରୁଛି। ଜେରା ବେଳେ ସେମାନଙ୍କ ଠାରୁ ରାୟଗଡ଼ା ପୁଲିସକୁ ବହୁ ତଥ୍ୟ ମିଳିଥିବା ସୂଚନା ମିଳିଛି।

### ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଅଭିଯାନ

# ପୁଲିସ ଟାର୍ଗେଟରେ ଅଭ୍ୟାସଗତ ଅପରାଧୀ ଓ ସହଯୋଗୀ

ବଲାଙ୍ଗିର,୧୪।୫(ସମିସ): ବଲାଙ୍ଗିର ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କଡା ଦଫା ଲଗାଇ ଗିରଫ କରାଯାଇଛି। ଏହି ଅପରାଧୀଙ୍କ ମଧ୍ୟରେ ଚୋର, ଡକାୟତ, ନିଶା ବେପାରୀ ଭଳି ଅପରାଧ ଘଟାଇଥିବା ଯୁବକମାନେ ରହିଥିବା ବେଳେ ସେମାନଙ୍କ ବିରୋଧରେ ଏକାଧିକ ମାମଲା ହୋଇଛି। ଏନେଇ ଗୁରୁବାର ବଲାଙ୍ଗିର ଏସ୍‌ପି ଅଭିଳାଷ ଜି. ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟରେ ଅପରାଧ ଉପରମୁହାଁ ହେବା ପରେ ଅପରାଧୀଙ୍କ ବିରୋଧରେ ପୁଲିସ କଡା ଆଭିମୁଖ୍ୟ ପ୍ରଦର୍ଶନ କରିଥିଲା। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଅପରାଧ ଦମନ ଲାଗି ଅଭ୍ୟାଗତ ଅପରାଧୀଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା।

ଏହିକ୍ରମରେ ଗତ ୧୧ ତାରିଖରୁ ବଲାଙ୍ଗିରରେ ଏହି ଅଭିଯାନ ଆରମ୍ଭ ହୋଇଛି। ଗୁରୁବାର ୩ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ପୁଲିସ ଗିରଫ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ସଂପୃକ୍ତ ଅଭିଯୁକ୍ତମାନେ ହେଲେ ଲରମ୍ଭା ଥାନା ଲଛିମାଲ ଗାଁର ନିବେଶ ଦୀପ, ବେଲପଡା ଥାନା ବଜରଙ୍ଗବଳିପଡାର କାର୍ତ୍ତିକ ହଂସ ଓ ଟାଉନ ଥାନା ଅଞ୍ଚଳର ସୌମ୍ୟ ପର୍ଡିଆ। ଏମାନଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ୨୦୨୫ରେ ୭୧ ଜଣଙ୍କୁ ଯୋଜନାବଦ୍ଧ ଅପରାଧିକ ମାମଲାରେ ଗିରଫ କରାଯାଇଥିବା ବେଳେ ୨୦୨୬ରେ ୩୮ ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଏହି ଅଭ୍ୟାସଗତ ଅପରାଧୀଙ୍କ ଭିତରେ ବାଲିମାଫିଆ, ଚୋର, ଡକାୟତ, ଲୁଟେରା, ନିଶା ବେପାରୀ ରହିଥିବା ପୁଲିସ ସୂଚନା ଦେଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହିଭଳି ଅପରାଧୀଙ୍କୁ ଆଶ୍ରୟ ଦେଉଥିବା କିମ୍ବା ସହାୟତା କରୁଥିବା ସହଯୋଗୀଙ୍କୁ ମଧ୍ୟ ଦଫା ଲଗାଇ ଗିରଫ କରାଯିବ ବୋଲି ଏସ୍‌ପି ଚେତବାନୀ ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ପାଟଣାଗଡ଼ ପୁଲିସର ଅନୁକମ୍ପା

- ଦୁର୍ବୃତ୍ତଙ୍କ ମାଡ଼ରେ ଯୁବକ ଗୁରୁତର
- ଖୋଲାମେଲା ବୁଲୁଛନ୍ତି ଅଭିଯୁକ୍ତ
- ଜୀବନ ଭୟରେ ପରିବାର ଲୋକ
- ମାମଲା ରୁଜୁ କରି ପୁଲିସ ଚୁପ୍

ପାଟଣାଗଡ଼,୧୪।୫(ସମିସ): ପାଟଣାଗଡ଼ ଥାନା ଜଣେ ମହିଳାଙ୍କୁ ନ୍ୟାୟ ଦେଉନି। ଗତ ୫ ତାରିଖ ଦିନ ଉଲବା ଗ୍ରାମର କାନ୍ତା ଭରାସାଗରଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ପାଟଣାଗଡ଼ ଥାନାରେ କାନ୍ତା ଲିଖିତ ଅଭିଯୋଗ କରିଛନ୍ତି। ସୋମନାଥ ନିକଟସ୍ଥ କିରାନା ଦୋକାନକୁ ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଭଜ ମେହେର, ପରମେ ମେହେର, ବେଣୁ ମେହେର, ଶଙ୍କର ମେହେର ଓ ଚତୃ ମେହେର ସୋମନାଥଙ୍କୁ ଲୁହା ରଡ୍‌ରେ ଅତର୍କିତ ଆକ୍ରମଣ କରି ତାଙ୍କ ଅଣ୍ଟା ଓ ଗୋଡ଼ ଭାଙ୍ଗି ଦେଇଛନ୍ତି। ଏଥିସହ ତାଙ୍କୁ ମଧ୍ୟ ଅଶ୍ଳୀଳ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି; କିନ୍ତୁ ସଙ୍ଗେ ସଙ୍ଗେ ଥାନାରେ ମାମଲା ରୁଜୁ ହେଲାନି। ଘଟଣାର ୭ ଦିନ ପରେ କାନ୍ତା ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଏହାପରେ ମାମଲା ରୁଜୁ ହେଲା। ତଥାପି ତାଙ୍କୁ ନ୍ୟାୟ ମିଳିପାରିନି। ତାଙ୍କ ସ୍ୱାମୀଙ୍କୁ ଲହୁଲୁହାଣ କରି ମାଡ଼ ମାରିଥିବା ୫ଜଣ ଅଭିଯୁକ୍ତ ଖୋଲାମେଲା ବୁଲୁଛନ୍ତି। ଏଣୁ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା କାନ୍ତା ଅଭିଯୋଗ ଆଣିଛନ୍ତି। ମାମଲା ଚାପି ଦେବାକୁ ପ୍ରୟାସ କରାଯାଇଛି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସେ ବାରମ୍ବାର ଥାନାକୁ ଦୌଡ଼ୁଛନ୍ତି। 'କ'ଣ କରିପାରିଲୁ' ବୋଲି ଅଭିଯୁକ୍ତ ଧମକ ଦେଉଛନ୍ତି। ବରଗଡ଼ର ଏକ ନର୍ସିଂହୋମରେ ତାଙ୍କ ସ୍ୱାମୀ ଚିକିତ୍ସିତ ହେଉଛନ୍ତି। କାହା ଚାପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରୁନି ବୋଲି କାନ୍ତା ଅଭିଯୋଗ ଆଣିଛନ୍ତି।

## ମାଧୋ ସିଂଙ୍କ ଉପରେ ଭୁଲ୍ ତଥ୍ୟ ନେଇ କୋସଲ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରତିବାଦ



ବଲାଙ୍ଗିର,୧୪।୫(ସମିସ): ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକରେ କୋସଲାଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ବିଭ୍ରାନ୍ତିକର ଉପସ୍ଥାପନାକୁ ନେଇ କୋସଲ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଘେରିଛି। ଏହାର ସଂଶୋଧନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଚଳିତ ବର୍ଷ ଗଣଶିକ୍ଷା ବିଭାଗ ଦ୍ୱାରା ଦିଆଯାଇଥିବା ସପ୍ତମ ଶ୍ରେଣୀର ସାହିତ୍ୟ ସୁମନ ବହିରେ କବି ବୀରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ରଚିତ ଏକ ପ୍ରବନ୍ଧ ପ୍ରକାଶ ପାଇଛି। ଏଥିରେ କୋସାଲାଞ୍ଚଳର ଗର୍ବ ଓ ଗୌରବ ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂଙ୍କ ଜୀବନୀ ବିଷୟରେ ପ୍ରକାଶ ପାଇଛି। ତେବେ କୋସାଲାଞ୍ଚଳର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ପାଠ୍ୟ ପୁସ୍ତକରେ ପ୍ରକାଶ ପାଇବା ଗର୍ବର ବିଷୟ ବୋଲି କମିଟି କହିଛି; କିନ୍ତୁ ଏହି ପ୍ରବନ୍ଧରେ ତାଙ୍କ ଜୀବନୀ ବିଷୟରେ ବିକୃତ କରି ଭୁଲ୍ ସୂଚନା ପ୍ରଦାନ କରାଯାଇଥିବା କୋସଲ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି; ଯାହାକି ଛାତ୍ରଛାତ୍ରୀଙ୍କ ମନରେ ବିଭ୍ରାନ୍ତ ସୃଷ୍ଟି କରିବାର ସମ୍ଭାବନା ରହିଛି। ତେଣୁ ଏହିଭଳି ଏକ ପ୍ରବନ୍ଧ କିଭଳି ପ୍ରକାଶ ପାଇଲା ତାହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ଦାବି କରିଛି। ଗୁରୁବାର ଅଚ୍ୟୁତ ଖମାରୀଙ୍କ ନେତୃତ୍ୱରେ ଚନ୍ଦ୍ରକାନ୍ତୀ ସେଟ, ଆରତୀ ନାଏକ, ରାଶେଶ୍ୱରୀ ଧରୁଆ, ଜିତୁ ନାଏକ, ଲୋକେଶ ଭୋଇ, ବିକାଶ ସା, ତରଣୀ ବିନ୍ଧାଣି, ସୁରେନ୍ଦ୍ର ନାଗ, ବୀରେନ୍ଦ୍ର ସିଂ, ଲଳିତ ମୋହନ ରାଉତ, ଅଜିତ ସାହୁ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା କମିଟି ସଦସ୍ୟଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ।

## କାଳବୈଶାଖୀ ଉଡାଇ ନେଲା ଆଜବେଷ୍ଟସ୍

ଲୋଇସିଂହା,୧୪।୫(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ବୁଢ଼ୀପଦର ପଞ୍ଚାୟତ ନେଗିପାଲି ଗ୍ରାମର ବିଧବା ବୃଦ୍ଧା ଦୈମତି ମେସୁଆଙ୍କ ଦୁର୍ଦ୍ଦଶା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସରକାରଙ୍କ ବିଭିନ୍ନ ଆବାସ ଯୋଜନା ଥିବା ସତ୍ତ୍ୱେ ସେ ଏପର୍ଯ୍ୟନ୍ତ ପକ୍କା ଘର ପାଇବାରୁ ବଞ୍ଚିତ ରହିଛନ୍ତି। ବୁଧବାର ସନ୍ଧ୍ୟାରେ ଅଞ୍ଚଳରେ ହୋଇଥିବା କାଳବୈଶାଖୀ ଝଡ଼ ତାଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି। ପ୍ରବଳ ପବନ ଓ ବର୍ଷାରେ ସେ ରହୁଥିବା କଚ୍ଚା ଘରର ଆଜବେଷ୍ଟସ ଉଡ଼ିଯାଇଥିବା ବେଳେ ଘରର ପ୍ରମୁଖ ଅଂଶ କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଅଳ୍ପକେ ଦୈମତିଙ୍କ ଜୀବନ ରକ୍ଷା ପାଇଯାଇଛି। ଘର ଛାତ ଉଡ଼ିଯିବା ପରେ ବର୍ଷା ପାଣି ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ସହ ଘରୋଇ ଜିନିଷପତ୍ର ନଷ୍ଟ ହୋଇଛି। ଏବେ ସେ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ଦୈମତି ଦୀର୍ଘଦିନ ଧରି ସରକାରୀ ଆବାସ ପାଇଁ ଆଶା କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ପାଇନାହାନ୍ତି। ଏଭଳି ଦୁର୍ଦ୍ଦଶା ସତ୍ତ୍ୱେ ସେ ଆବାସ ଯୋଜନାରୁ ବଞ୍ଚିତ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



## ଯୋଗାଣ ସହାୟକଙ୍କ ବିରୋଧରେ ଘୁନସର ପଞ୍ଚାୟତବାସୀ ବିଡିଓଙ୍କ ଦ୍ୱାରସ୍ଥ

ସଇଁତଲା,୧୪।୫(ସମିସ): ସଇଁତଲା ବ୍ଲକ୍ ଅନ୍ତଗତ ଘୁନସର ପଞ୍ଚାୟତର ଜନସାଧାରଣ ରାସନ କାଡର୍‌ରେ ପରିବାରର ସଦସ୍ୟଙ୍କ ନାମ ଯୋଡ଼ିବା ପାଇଁ ଗୁରୁବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହାସହ ପଞ୍ଚାୟତ ଯୋଗାଣ ସହାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଜଣାଇଛନ୍ତି। ପଞ୍ଚାୟତବାସୀଙ୍କ ଦାବି ଅନୁସାରେ ଗତ ଏକ ବର୍ଷରୁ ଅଧିକ ହେଲା ସେମାନେ ନିଜ ରାସନ କାଡର୍‌ରେ ପରିବାରର ସଦସ୍ୟଙ୍କ ନାମ ଯୋଡ଼ିବାକୁ ଯୋଗାଣ ସହାୟକଙ୍କୁ କହିଆସୁଛନ୍ତି; କିନ୍ତୁ ଯୋଗାଣ ସହାୟକ ସେମାନଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ସେମାନଙ୍କ ପରିବାରର ସଦସ୍ୟଙ୍କ ନାମ ରାସନ କାଡର୍‌ରେ ସଂଯୋଗ କରୁନାହାନ୍ତି। ଏହା ଫଳରେ ରାସନକାଡର୍‌ଧାରୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ଯୋଗାଣ ସହାୟକ ରାସନ କାର୍ଡରେ ନାମ ସଂଯୋଗ କରିବାକୁ ଟଙ୍କା ଦାବି କରୁଥିବା ଏମାନେ ଅଭିଯୋଗ କରିଛନ୍ତି। ଯୋଗାଣ ସହାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଇଁତଲା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କ ନିକଟରେ ଏମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ତେବେ ଏ ବିଷୟରେ ଶ୍ରୀ ମିର୍ଦ୍ଧାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରିବା ସହ ରାସନ କାଡର୍‌ରେ ପରିବାର ସଦସ୍ୟଙ୍କ ନାମ ଯୋଡ଼ିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରବି ଚନ୍ଦ୍ର ନାଏକ, ଗାୟତ୍ରୀ ରଣା, ରାଜଶ୍ରୀ ରଣା, କୁମୁଦିନୀ ରଣା, ସନ୍ତୋଷିନୀ ରଣା, ଆହ୍ଲାଦିନୀ ରଣା, ଗୀତାଙ୍ଗଳୀ ନାଏକ, ସୁକାନ୍ତୀ ରଣା ପ୍ରମୁଖ ଉପସ୍ଥିତ ଥିଲେ।




## ୭ ଦିନ ହେଲା ନିଖୋଜ ଯୁବକଙ୍କ ପତ୍ତା ମିଳୁନି

କଣ୍ଟାବାଞ୍ଜି,୧୪।୫(ସମିସେ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ରାମୁଡ଼ର ପୃଥ୍ୱୀରାଜ ବରିହା (୧୯) ୭ ଦିନ ହେଲା ନିଖୋଜ ଅଛନ୍ତି। ପରିବାର ଲୋକେ ବଲାଙ୍ଗିର ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ରାମୁଡ଼ର ପ୍ରହଲ୍ଲାଦ ବରିହା ଓ ବିଳାସ ବରିହା ନିଜର ଦୁଇ ପୁଅଙ୍କ ସହ ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ରାସନ କାର୍ଡରେ ଚାଉଳ ଉଠାଇବା ପାଇଁ ସେମାନେ ପୃଥ୍ୱୀରାଜକୁ ଗାଁକୁ ପଠାଇଥିଲେ। ଗତ ୬ ତାରିଖରେ ପୃଥ୍ୱୀରାଜ ବେଲପଡ଼ା ଥାନା ସଲଣ୍ଡିସ୍ଥିତ ନିଜ ପିଉସୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେଠାରୁ ସେ ହଠାତ୍ ନିଖୋଜ ହୋଇଯାଇଛନ୍ତି। ପୃଥ୍ୱୀରାଜ ନିଖୋଜ ହେବାର ୨ ଦିନ ପରେ ରାମୁଡ଼ ଗାଁ ନିକଟସ୍ଥ ଏକ ବିଲରୁ ତାଙ୍କ ବ୍ୟାଗ୍ ମିଳିଥିଲା। ଏହା ପରେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରୁଛନ୍ତି। ପୂର୍ବରୁ ଏନେଇ ବେଲପଡ଼ା ଓ ତୁରେକେଲା ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବରଯାତ୍ରୀ ଆସି ଜୀବନ ଗଲା

କଣ୍ଟାବାଞ୍ଜି,୧୪।୫(ସମିସ): କାଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗାଁରେ ଘଟଣ ଘଟିଛି। ବରଯାତ୍ରୀ ଆସିଥିବା ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। କୂଅରୁ ତାଙ୍କ ମୃତଦେହ ମିଳିଛି। ମୃତକ ହେଲେ ବେଲପଡା ଥାନା ବାଲିଖମାର ଗାଁର ସୁଶୀଲ ଶବର। ଗାଁର ଜଣେ ସଂପର୍କୀୟ ଭାଇଙ୍କ ବିବାହ ଥିବାରୁ ସେ ବୁଧବାର ଡୁମେରଚୁଆଁକୁ ବରଯାତ୍ରୀ ଆସିଥିଲେ; କିନ୍ତୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଗୁରୁବାର ଖୋଜାଖୋଜି କରିବାକୁ ଡୁମେରଚୁଆ ଗାଁକୁ ଆସିଥିଲେ। ଗାଁର ଏକ କୂଅରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦୃଶ୍ୟ କଣ୍ଟାବାଞ୍ଜି ପୁଲିସକୁ ଖବର ଦେଇଥିଲେ। କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ କର୍ଣ୍ଣ କର୍ମଚାରୀଙ୍କ ସହ ପହଞ୍ଚି ଅଗ୍ନିଶମ ବାହିନୀ ସହଯୋଗରେ କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ତାହା ନିଖୋଜ ସୁଶୀଲଙ୍କ ଶବ ଥିଲା। ପରିବାର ଲୋକେ ଚିହ୍ନଟ କରିବା ପରେ ମୃତଦେହ ଜବତ କରି ପୁଲିସ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା। ବୁଧବାର ରାତିରେ ଘଡ଼ଘଡ଼ି ସହ ବର୍ଷା ହେଉଥିଲା। ବରଯାତ୍ରୀ ଆସିବା ସମୟରେ ଗାଁ ରେ ବିଦ୍ୟୁତ୍ ନ ଥିଲା। ହୁଏତ ଅନ୍ଧାରରେ ସେ ଜାଣିନ ପାରି ସେ କୂଅରେ ପଡିଯାଇଥିବା ଗାଁ ଲୋକେ ଅନୁମାନ କରୁଛନ୍ତି।

## ଗୁରୁ ଭଗବାନ ସାହୁଙ୍କୁ ବାଦ୍ ଦେଇ ପଶ୍ଚିମ ଓଡ଼ିଶାର ଭାଷା, କଳା, ସଂସ୍କୃତି ଉପରେ ଆଲୋଚନା ଅସମ୍ପୂର୍ଣ୍ଣ




ବଲାଙ୍ଗିର, ୧୪।୫(ସମିସ): ଗୁରୁ ଭଗବାନ ସାହୁଙ୍କୁ ବାଦ୍ ଦେଇ ପଶ୍ଚିମ ଓଡ଼ିଶାର ଭାଷା, କଳା, ସଂସ୍କୃତି ଉପରେ ଆଲୋଚନା ଅସମ୍ପୂର୍ଣ୍ଣ। ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ କୁଟାସିଂହାରେ ପଶ୍ଚିମ ଓଡ଼ିଶା ଭାଷା, କଳା, ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର ଏବଂ କବିତା ଆସରରେ ଏହି ମତ ପ୍ରକାଶ ପାଇଛି। ଶବ୍ଦ ନୃତ୍ୟର ଆଦି ଗୁରୁ ଭଜମନ ଦାସ କଳା ପରିଷଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ବିପ୍ର ଚରଣ ସାହୁ, ସାହିତ୍ୟିକ ଉମାକାନ୍ତ ହୋତା, ସୁବାସ ଚନ୍ଦ୍ର ପାତ୍ର, ସାଲେଭଟାର ସାମ୍ବାଦିକ ସନ୍ତୋଷ ବିଶି, ଆଗଲପୁର ବ୍ଲକ୍ ବିଜେପି ମଣ୍ଡଳ ସଭାପତି ନିରଞ୍ଜନ ଦେହେରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନା କରିଥିଲେ। ଏହାସହ ଅତିଥିଗଣ ଶବ୍ଦ ନୃତ୍ୟର ପ୍ରଚାର ଏବଂ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଖୁବ୍ ଶୀଘ୍ର କୁଟାସିଂହାରେ ଶବ୍ଦ ନୃତ୍ୟର ଆଦି ଗୁରୁ ଭଜମନ ଦାସଙ୍କ ସ୍ମୃତି ସ୍ତମ୍ଭ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ସମସ୍ତେ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ତଥା ସରପଞ୍ଚ ଡିଗ୍ରୀ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ସୁରେଶ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧିକାରୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ।

## ଗୁଜରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବଲାଙ୍ଗିର, ୧୪।୫(ସମିସ): ବଲାଙ୍ଗିର ଜିଲ୍ଲାର ଜଣେ ବ୍ୟକ୍ତିଙ୍କ ଗୁଜରାଟରେ ମୃତ୍ୟୁ ଘଟିଛି। ମୃତକ ହେଲେ ତୁଷୁରା ଥାନା ଡୁଙ୍ଗୁରିପାଲିର ବୀରେନ୍ଦ୍ର ଛତ୍ରିଆ। ଗୁଜରାଟ ଲିଜୁରାସ୍ଥିତ ଏକ ମାର୍ବଲ କାରଖାନାରେ ସେ କାମ କରୁଥିଲେ। ହଠାତ୍ ମେସିନର ବିଦ୍ୟୁତ୍ ସ୍ପର୍ଶରେ ଆସି ଜଳିଯାଇଥିବା ଅଭିଯୋଗ ହୋଇଥିଲା। କାରଖାନା କର୍ତ୍ତୃପକ୍ଷ ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସେଠାକାର ପୁଲିସ ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ଗାଁକୁ ଶବ ପଠାଯାଇଛି।

## ସେଞ୍ଚୁରିଆନ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ




ବଲାଙ୍ଗିର,୧୪।୫(ସମିସ): ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଓ ପାଠ୍ୟପୁସ୍ତକ ବାହାରେ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ସେଞ୍ଚୁରିଆନ ବିଦ୍ୟାଳୟ (ଜେଆଇଟିଏମ ପରିସର) ପକ୍ଷରୁ ଆୟୋଜିତ ୯ ଦିନିଆ ଗ୍ରୀଷ୍ମ ଶିବିର ୨୦୨୬-୨୭ ଉଦ୍‌ଯାପିତ ହୋଇଛି। ଗତ ମେ ୬ ତାରିଖରେ ଆରମ୍ଭ ହୋଇଥିବା ଏହି ଶିବିର ସେଞ୍ଚୁରିଅନ ବିଦ୍ୟାଳୟ, ବୃସୁମ କନସେପ୍ଟ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ ଓ ହେଲୋ କିଡ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ସୃଜନଶୀଳ ଓ କୌଶଳମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିବିରରେ ପିଲାମାନଙ୍କୁ ଶାରୀରିକ ବ୍ୟାୟାମ, ନୃତ୍ୟ, ହସ୍ତକଳା ଓ ବିଭିନ୍ନ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଶେଷକରି ଅତ୍ୟାଧୁନିକ ରୋବଟିକ୍ସ, ବିଜ୍ଞାନ କୁହୁକ, ତୀରନ୍ଦାଜି ଓ ସୁଟିଂ, ବାଲୁକା କଳା, ସନ୍ଧାନମୂଳକ ଖେଳ, ଅଗ୍ନି ବିନା ରନ୍ଧା, କାଞ୍ଚରେ ଲଗାଇବା ସୌନ୍ଦର୍ଯ୍ୟ କରଣ ଉପକରଣ ତିଆରି, ରଙ୍ଗୀନ କାଗଜରେ ମୁଖା ତିଆରି ପରି ଅଭିନବ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଆକର୍ଷଣ କରିଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ପୁନେ ଏନଏସଡି ତାଲିମପ୍ରାପ୍ତ ଯାମିନୀ ସାହୁଙ୍କ ନିର୍ଦ୍ଦେଶନାରେ ଥିଏଟର ୱାର୍କସପ ଆୟୋଜିତ ହୋଇଥିଲା। ଉତ୍ସବରେ ଡ. ଅନଙ୍ଗ ଉଦୟ ନାୟକ, ଉପାଧକ୍ଷା ଡ. ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, ସେଞ୍ଚୁରିଅନ ବିଦ୍ୟାଳୟର ଅଧକ୍ଷ ତମାଳ ଚକ୍ରବର୍ତ୍ତୀ, ଉପାଧକ୍ଷା ଡ. ପୁଣ୍ୟତୋୟା ବିଶ୍ୱାଳ, ବୃସମ କନସେପ୍ଟ ସ୍କୁଲର ଅଧକ୍ଷା ସୁନନ୍ଦିନୀ ଗୁରୁ, ଦିଲ୍ଲୀ ପବ୍ଲିକ ସ୍କୁଲର ଅଧକ୍ଷା ସଞ୍ଜନା ବାଲି ଓ ହେଲୋ କିଡ୍ସର ଅଧକ୍ଷା ସୋନିକା ତ୍ରିପାଠୀ ସହଯୋଗ କରିଥିଲେ। ଉଦଯାପନୀ ସମାରୋହରେ ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ପଥର ବିସ୍ଫୋରଣ ଯୋଗୁଁ ଗ୍ରାମବାସୀ ଭୟଭୀତ

# ତାତିଲେଣି ଉଚ୍ଛବପାଲି, ଉପରବାହାଲ ଗ୍ରାମବାସୀ

- ଚାଷଜମିକୁ ଯିବାକୁ ଡରୁଛନ୍ତି ଚାଷୀ
- ଅଭିଯୋଗ ସତ୍ତ୍ୱେ ଚୁପ୍ ପ୍ରଶାସନ




ବଲାଙ୍ଗିର,୧୪।୫(ସମିସ)

ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତର ଉଚ୍ଛବପାଲିରେ ପଥର ବିସ୍ଫୋରଣ ଯୋଗୁଁ ଲୋକେ ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ କିଛି ବର୍ଷ ପୂର୍ବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ତତ୍‌କାଳୀନ ଉପଜିଲ୍ଲାପାଳଙ୍କୁ ମଧ୍ୟ ଏ ସମ୍ବନ୍ଧରେ ଅଭିଯୋଗ କରାଯାଇଥିଲା। କିଛି ମାସ କାମ ବନ୍ଦ ହୋଇଥିଲା; କିନ୍ତୁ ପୁଣି ୩/୪ ବର୍ଷ ହେବ ଏ ଅଞ୍ଚଳରେ ପଥର ବିସ୍ଫୋରଣ କରାଯାଉଛି। ଏଥିଯୋଗୁଁ ସ୍ଥାନୀୟ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିରେ ମଧ୍ୟ ପଥର ପଡୁଥିବାରୁ .ଷ ନଷ୍ଟ ହେଉଛି। ଏଣୁ ଜମିକୁ ଯିବାକୁ .ଷୀ ଡରୁଛନ୍ତି। ଏହାକୁ ନେଇ ଉପରବାହାଲ ପଞ୍ଚାୟତର ଉଚ୍ଛବପାଲି ଓ ଉପରବାହାଲରୁ .ଷୀ ଓ ଗ୍ରାମବାସୀ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ପାଖରେ ପୁଣି ଅଭିଯୋଗ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ .ଷ ଜମି ନଷ୍ଟ ହେବା ସହ ସେଠାକାର ରାସ୍ତା, ଘର ଭୟଙ୍କର ବିସ୍ଫୋରଣ ପ୍ରଭାବରେ ଫାଟି ଯାଉଛି। ଛୋଟ ଛୁଆ ସ୍କୁଲ ଯିବା ପାଇଁ ଡରୁଛନ୍ତି। ତେଣୁ ଏହା ଶିଘ୍ର ସମାଧାନ ପାଇଁ ସେମାନେ ଗୁହାରି କରିଛନ୍ତି। ଏହାର ପ୍ରତିକ୍ରିୟାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ ଏଭଳି ଅସୁବିଧା ସମାଧାନ ଦିଗରେ ପ୍ରଶାସନ ସମ୍ବେଦନଶଳ ହେବା କଥା।

ଅଭିଯୋଗ ପାଇଲା ପରେ ମଧ୍ୟ ପ୍ରଶାସନ ସମାଧାନ ଦିଗରେ ତତ୍ପରତା ନ ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର ଏହ ଅବସରରେ କହିଛନ୍ତି। ରାଜସ୍ୱ ଆଦାୟ ପାଇଁ କୌଣସି ମତେ ମଧ୍ୟ ଚାଷୀ ଓ ଲୋକଙ୍କ ଜୀବନକୁ ନେଇ ପ୍ରଶାସନ ଖେଳିବା ଉଚିତ ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉଚ୍ଛବପାଲିର ସୁରେଶ ବେହେରା, କିରନ ବେହେରା, ସରୋଜ ପାତ୍ର, ଆନନ୍ଦ ପାତ୍ର, ଅରୁଣ ପାତ୍ର, ଉପରବାହାଲ ର ବାସୁଦେବ ପ୍ରଧାନ, ରାମଦାଶ ଭୋଇ, ରବୀନ୍ଦ୍ର ବିଶ୍ୱାଳ, ବିରଞ୍ଚି ପ୍ରଧାନ, ଚକାମନ ବିଶ୍ୱାଳ, ଫକୀର ବିଶ୍ୱାଳ ଏବଂ ମାଗୁରବେଡା ସରପଞ୍ଚ ସଂଜୟ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

୧୪/୫/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୯୨,୦୬୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





▶ ରାଜ୍ୟରେ ହୁଗୁଳା ଆଇନଶୃଙ୍ଖଳା

# ଏସ୍‌ପି ଅଫିସ ଆଗରେ ଗର୍ଜିଲା ବିଜେଡି




- ଅଟକାଇବା ବେଳେ ପୁଲିସ-ବିଜେଡି କର୍ମୀ ଠେଲାପେଲା
- ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ, ବିଜେପି ନେତୃତ୍ୱଙ୍କ କୁଶପୁତ୍ତଳିକା ଦାହ

ପୁରୀ,୧୪।୫(ସମିସ): ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରଠାରୁ ବିଗିଡ଼ିବାରେ ଲାଗିଛି ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା। ପୁଲିସକୁ ଡର ନାହିଁ କି ଆଇନକୁ ବି ଭୟ ନାହିଁ। ଉପରମୁହାଁ ଅପରାଧୀ। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଛି ଛାତିଥରା ଚିତ୍ର। ହଣାକଟା, ଗୁଳିମାଡ଼, ଦୁଷ୍କର୍ମ, ଗଣଦୁଷ୍କର୍ମ, ବର୍ବରତା, ନିର୍ମମ ହତ୍ୟା ଭଳି ଖବର ଶିରୋନାମା ପାଲଟୁଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ମହିଳାଙ୍କ ସୁରକ୍ଷା ଏବେ ଚିନ୍ତାଜନକ। ନିକଟରେ ରାଜ୍ୟରେ ଏମିତି କିଛି ଲୋମଟାଙ୍କୁରା ଅପରାଧ ଘଟିଛି ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ଗଣମାଧ୍ୟମରେ ବି ଚର୍ଚ୍ଚା ହେଉଛି। ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା, କଣାସରେ ଯୁବକଙ୍କୁ ମାଛକଟା ପନିକିରେ ହାଣି ଗାଡ଼ି ମଡ଼ାଇବା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହତ୍ୟା, ନୟାଗଡ଼ରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ନିର୍ମମ ହତ୍ୟା, ଆଉ ଜଣେ ଯୁବକଙ୍କୁ ହତ୍ୟା କରି ପୋଡ଼ିଦେବା ଘଟଣା ଆଇନ ଶୃଙ୍ଖଳାର ଚରମ ଅଧୋଗତିକୁ ପଦାରେ ପକାଇଛି। ଏବେ ଅଶାନ୍ତି ନିଆଁରେ ଜଳୁଛି ଶାନ୍ତିପ୍ରିୟ ଓଡ଼ିଶା। ମହିଳାଙ୍କ ଉପରେ ଯୌନ ନିର୍ଯାତନା ବଢ଼ିଚାଲିଛି। ରାଜ୍ୟ ଏବଂ ଜିଲ୍ଲାରେ ବିଫଳ ଆଇନ ଶୃଙ୍ଖଳା ବିରୋଧରେ ଗୁରୁବାର ପୁରୀ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୁଭାଷ ବୋଷ ଛକରେ ଶହଶହ ଦଳୀୟ କର୍ମୀ ଓ ନେତୃବୃନ୍ଦ ପଦଯାତ୍ରାରେ ଏସ୍‌ପି ଅଫିସ ଅଭିମୁଖେ ବାହାରିଥିଲେ। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ମୋହନ ସରକାର ବିରୋଧରେ ସ୍ଲୋଗାନ ଦେଇ ରାସ୍ତା କମ୍ପାଇ ଦେଇଥିଲେ। ଏସ୍‌ପି ଅଫିସ୍‌ର ପ୍ରାୟ ୧୦୦ ମିଟର ପୂର୍ବରୁ ପୁଲିସ ବ୍ୟାରିକେଡ୍ ପକାଇ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ବିଜେଡି ନେତା ଓ କର୍ମୀ ମାନି ନ ଥିଲେ। ପୁଲିସ ବ୍ୟାରିକେଡ୍ ଭାଙ୍ଗି ସେମାନେ ଆଗକୁ ମାଡ଼ି ଚାଲିଥିଲେ। ଏହି ସମୟରେ ପୁଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ କିଛି ସମୟ ଠେଲାପେଲା ହୋଇଥିଲା। ପରେ ବିଜେଡି କର୍ମୀ ଏସ୍‌ପି ଅଫିସ ସମ୍ମୁଖରେ ପହଞ୍ଚି ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପି ନେତୃତ୍ୱଙ୍କ ଫଟୋଚିତ୍ର ଥିବା କୁଶପୁତ୍ତଳିକା ଦାହ କରିଥିଲେ। ପରେ ବିଜେଡିର ଏକ ପ୍ରତିନିଧି ଦଳ ଏସ୍‌ପି ପ୍ରତୀକ୍ ସିଂଙ୍କୁ ସାକ୍ଷାତ୍ କରି ରାଜ୍ୟରେ ଧରାଶାୟୀ ହୋଇଥିବା ଆଇନ ଶୃଙ୍ଖଳା ବିଷୟରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ବିଜେଡି ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଉଥିବାବେଳେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି। ମହିଳା ନିର୍ଯାତନା, ଚୋରି, ଲୁଟ୍ ଓ ହତ୍ୟା ଭଳି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣ ଜନତା ଭୟଭୀତ ଅବସ୍ଥାରେ ଅଛନ୍ତି। ନିକଟରେ ରାଜ୍ୟ ଏବଂ ପୁରୀ ଜିଲ୍ଲାରେ ଘଟିଥିବା କିଛି ଅପରାଧର ଦୃଷ୍ଟାନ୍ତ ଦେଇଥିଲେ ପ୍ରତିନିଧି। କଣାସରେ ମୃତ୍ୟୁଞ୍ଜୟ ଭାରିମଲ୍ଲଙ୍କୁ ପନିକିରେ ହାଣି ତାଙ୍କ ଉପରେ ବୁଲେଟ୍ ଚଢ଼ାଇବା, ବଳଙ୍ଗା ନାବାଳିକା ପୋଡ଼ି, ବ୍ରହ୍ମଗିରି ମା' ବାଲିହରଚଣ୍ଡୀ ମନ୍ଦିର ନିକଟରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଜଣେ ୬ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ, ଭିନ୍ନକ୍ଷମ ମହିଳାଙ୍କୁ ପଡ଼ୋଶୀଙ୍କ ଦୁଷ୍କର୍ମ, ଡେଲାଙ୍ଗରେ ନାବାଳକଙ୍କୁ ଯୌନ ନିର୍ଯାତନା ପରେ ହତ୍ୟା କରି ପାଇଖାନା ଟାଙ୍କିରେ ପକାଇବା, ଶ୍ରୀମନ୍ଦିର ଭିତରେ ମହିଳା ଭକ୍ତଙ୍କ ସହ ଦୁର୍ବ୍ୟବହାର ସମେତ ପୁରୀ ବାହାରେ ବାଲିଅନ୍ତାରେ ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନଙ୍କୁ ନିର୍ଦ୍ଦୟ ଭାବେ ପିଟିପିଟି ହତ୍ୟା, ଗଞ୍ଜାମ ହିଞ୍ଜିଳି ଥାନା ଅଞ୍ଚଳରେ ଜଣେ ଗର୍ଭବତୀ ମହିଳାଙ୍କୁ ତିନି ବର୍ଷର ଝିଅ ସାମ୍ନାରେ ଦିନ ଦ୍ୱିପହରେ ହତ୍ୟା, ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ, ସେହିପରି ରାଜ୍ୟରେ ବାଲି ମାଫିଆଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି। କଟକ ଜିଲ୍ଲାରେ ବାଲି ମାଫିଆ ଜଣେ ପୁଲିସ କର୍ମଚାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା, ଯାଜପୁର ବ୍ୟାସନଗର ଅତିରିକ୍ତ ତହସିଲ୍‌ଦାର ଓ କେନ୍ଦୁଝର ଆନନ୍ଦପୁର ତହସିଲ୍ କର୍ମଚାରୀଙ୍କୁ ମଧ୍ୟ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ, ନୟାଗଡ଼ ଜିଲ୍ଲାରେ ଜଣଙ୍କ ହାତ କାଟି ହତ୍ୟା କରାଯିବା ଏବଂ ଜଣେ ଯୁବକଙ୍କୁ ହତ୍ୟା କରି ପୋଡ଼ିଦେବା ବିଫଳ ଆଇନ ଶୃଙ୍ଖଳାର ଗୋଟିଏ ଗୋଟିଏ ଉଦାହରଣ ବୋଲି ଦର୍ଶାଇଥିଲେ।

ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏବଂ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟରେ ଆଇନ ଶୃଙ୍ଖଳାର ଚରମ ଅଧୋଗତି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ନିମାପଡ଼ାର ଯୁବ ନେତା ସୁବ୍ରତ ଛାଟୋଇ, ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ ପଣ୍ଡା ଏବଂ ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର ପ୍ରମୁଖ ସାମିଲ୍ ଥିଲେ।

● ବାଲି ଚୋରା ଚାଲାଣ କରୁଥିବା ଟିପ୍ପର ଜବତ

## ଡ୍ରାଇଭର ଓ ମାଲିକ ଗିରଫ

ପୁରୀ,୧୪।୫(ସମିସ): ସମୁଦ୍ରକୂଳ ଥାନା ପୁଲିସ ବେଆଇନ ବାଲି ଚୋରା ଚାଲାଣ କରୁଥିବା ଏକ ଟିପ୍ପର ଗାଡ଼ି ଜବତ କରିବା ସହ ଡ୍ରାଇଭର ଓ ମାଲିକଙ୍କୁ ଗିରଫ କରିଛି। ସେମାନେ ହେଲେ ଚାଳକ କଟକ ନିଆଳି ଥାନା ପୋଖରୀ ଗାଁର ଟୁଟୁ ଦାସ ଓ ନିଆଳି ଥାନା ପହଙ୍ଗାର ମାଲିକ ଦୀପ୍ତରଞ୍ଜନ ନାୟକ। ଅଭିଯୋଗ ଅନୁସାରେ, ବୁଧବାର ରାତି ପ୍ରାୟ ୧୨ଟା ୧୫ରେ ସମୁଦ୍ରକୂଳ ଥାନା ପୁଲିସ ନାକା ଡ୍ୟୁଟି କରୁଥିଲେ। ରାତି ପ୍ରାୟ ୩ଟାରେ ପାଟ୍ରୋଲିଂ ବେଳେ ସିଟି ରୋଡ୍ ପଟୁ ଭିଆଇପି ରୋଡ୍ ଆଡ଼କୁ ଏକ ଟିପ୍ପର ଗାଡ଼ି ଆସୁଥିଲା। ସେହି ଗାଡ଼ିକୁ ଅଟକାଇବାକୁ ପୁଲିସ କର୍ମଚାରୀ ସଙ୍କେତ ଦେଇଥିଲେ। ଟିପ୍ପର ଡ୍ରାଇଭର ସୁଭାଷ ବୋଷ ଛକ ନିକଟରେ ଗାଡ଼ି ଅଟକାଇଲା। ଯାଞ୍ଚ ବେଳେ ଚାଳକ ଟୁଟୁ କହିଥିଲେ ଯେ, ମାଲିକ ଦୀପ୍ତିରଞ୍ଜନଙ୍କ ନିର୍ଦ୍ଦେଶରେ ସେ କଟକ ଜିଲ୍ଲା ପହଙ୍ଗା ଅଞ୍ଚଳରୁ ବାଲି ଆଣି ସାଧାରଣ ଲୋକଙ୍କୁ ବେଆଇନ ଭାବେ ବିକ୍ରି କରୁଥିଲେ। ତେଣୁ ପୁଲିସ ଉଭୟଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଘଟଣାସ୍ଥଳରୁ ବାଲି ବୋଝେଇ ଟିପ୍ପର ଗାଡ଼ି ଜବତ କରିଛି। ଏହି ଘଟଣାରେ ବେଆଇନ ବାଲି ଚୋରା ଚାଲାଣ ବିରୋଧରେ ପୁଲିସ ଆଗକୁ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିବ ବୋଲି କହିଛି।

● କାର୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର

## ଗାଡ଼ି ଭଙ୍ଗାରୁଜା କଲେ ଲୋକେ

ପୁରୀ,୧୪।୫(ସମିସ): ନବକଳେବର ରୋଡ୍‌ରେ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ଘଟିଥିବା ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ କାର୍‌ଟିକୁ ଭଙ୍ଗାରୁଜା କରିବା ସହ ଚାଳକଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁସାରେ, ପଶ୍ଚିମବଙ୍ଗ ନମ୍ବର ଥିବା ଏକ କାର୍ ଅଠରନଳା ପଟୁ ଦ୍ରୁତଗତିରେ ମାଟିଆପଡ଼ା ଛକ ଆଡ଼କୁ ଯାଉଥିଲା। ବିପରୀତ ଦିଗରୁ ଆସୁଥିବା ସ୍କୁଟି ଚାଳକଙ୍କୁ ଗରୁଡ଼ ମୂର୍ତ୍ତି ପାଖରେ କାର୍‌ଟି ଧକ୍କା ଦେଇଥିଲା। ଧକ୍କା ଏତେ ଜୋର୍‌ରେ ହେଲା ଯେ ସ୍କୁଟି ଚାଳକ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ଭଙ୍ଗାରୁଜା କରିବା ସହ ଗାଡ଼ି ଓ ଚାଳକଙ୍କୁ କୁମ୍ଭାରପଡ଼ା ଥାନା ଜିମା ଦେଇଥିଲେ। ପୁଲିସ କାର୍‌ଟିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ଓ ଚାଳକ ମଦ୍ୟପାନ କରିଥିଲେ କି ନାହିଁ, ତାହା ଯାଞ୍ଚ କରାଯାଉଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ନବକଳେବର ରୋଡ୍ ମୂଷା ନଦୀ ପାର୍ଶ୍ୱକୁ ସର୍ବଦା ବିଭିନ୍ନ ଗାଡ଼ି ପାର୍କିଂ କରାଯାଉଛି। ଫଳରେ ମୁଖ୍ୟ ରାସ୍ତା ସଂକୁଚିତ ହୋଇ ଏଭଳି ଦୁର୍ଘଟଣା ଘଟୁଛି। ସ୍ଥାନୀୟ ଲୋକେ ଦାବି କରିଛନ୍ତି ଯେ ପୁଲିସ ପ୍ରଶାସନ ଏହି ଅଞ୍ଚଳରେ ବେଆଇନ ପାର୍କିଂ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉ। ନଚେତ୍ ଆଗକୁ ଆହୁରି ବଡ଼ ଦୁର୍ଘଟଣା ଘଟିପାରେ।



● ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ

## ୨ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ କରାଯାଉ

ପୁରୀ,୧୪।୫(ସମିସ): ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାର ୨ ପ୍ରତିଶତ ମହଙ୍ଗା ଭତ୍ତା ଗତ ଏପ୍ରିଲ ମାସରୁ ଘୋଷଣା କରିଥିଲେ ମଧ୍ୟ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଏହା ଘୋଷଣା କରି ନିର୍ଦ୍ଦେଶନାମା ଜାରି କରି ନ ଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ଗୁଜରାଟ ସରକାର କମ୍ୟୁଟେସନ ପେନ୍‌ସନକୁ ୧୫ ବର୍ଷ ପରିବର୍ତ୍ତେ ୧୩ ବର୍ଷ ନିର୍ଦ୍ଦେଶନାମା ଜାରି କରି ୨୦୨୨ ସେପ୍ଟେମ୍ବର ୨୪ରୁ କାର୍ଯ୍ୟକାରୀ କରିଛନ୍ତି। ତଦନୁଯାୟୀ, ଆମ ରାଜ୍ୟ ସରକାର ପେନ୍‌ସନଭୋଗୀମାନଙ୍କ ଦାବିକୁ ବିଚାର କରି ନିର୍ଦ୍ଦେଶନାମା ଜାରି କରିବା ସହିତ ୨ ପ୍ରତିଶତ ମହଙ୍ଗା ଭତ୍ତା ଚଳିତ ମାସ ପେନ୍‌ସନ୍ ଦରମାରେ ପ୍ରଦାନ କରିବାକୁ ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଛନ୍ତି। ଆଲୋଚନାରେ ପ୍ୟାରୀମୋହନ ପଟ୍ଟନାୟକ, ରମେଶ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ସାହୁ, ସୁରେନ୍ଦ୍ର ଦାସ, ଆଶାଲତା ପ୍ରଧାନ, ଅଞ୍ଜଳି ରଥ, ବିଜୟ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ରାଜ୍ୟପାଳଙ୍କୁ ପୁରୀ ଲୋକ ଭବନ ଜମି ପଟ୍ଟା ପ୍ରଦାନ




ପୁରୀ,୧୪।୫(ସମିସ): ଭୁବନେଶ୍ୱର ଲୋକଭବନ ପରିସରରେ ଗୁରୁବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ପୁରୀ ଲୋକ ଭବନର ପଟ୍ଟା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ପୁରୀର ଲୋକଭବନର ଅଧିକାର ରେକର୍ଡ (ଆର୍‌ଓଆର୍) ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି। ଯାହା ମୌଜା ଗାନ୍ଧୀଘାଟ, ୟୁନିଟ୍-୨୫, ଖାତା ନଂ ୯୦/୧ ମାପ ୦.୫୪୬ ଏକର ଏବଂ ଖାତା ନଂ ୯୨, ପ୍ଲଟ୍ ନଂ ୨୧୫ ମାପ ଆକାର ୧୦.୬୯ ଏକର ଅଟେ। ଅତିରିକ୍ତ ଜିଲ୍ଲାପାଳଙ୍କ ସହ ପୁରୀ ସଦର ଅତିରିକ୍ତ ତହସିଲ୍‌ଦାର ହିମାଂଶୁ ଭୂଷଣ ପଲାଇ ଉପସ୍ଥିତ ଥିଲେ।

## ବିପର୍ଯ୍ୟସ୍ତ ନଳା ଦେଖିଲେ କମିଶନର



ପୁରୀ,୧୪।୫(ସମିସ): ଆଗକୁ ରଥଯାତ୍ରା। ତା' ପୂର୍ବରୁ ସହରର ସବୁ ନଳା ଯେପରି ସଫେଇ କରାଯିବ ତା' ଉପରେ ଗୁରୁତ୍ୱ ଦେଉଛି ପୁରୀ ମହାନଗର ନିଗମ। ତେବେ ଯେଉଁ ଜାଗାରେ ନଳା ସଫେଇ ରହିଯାଉଛି ବା ହୋଇନାହିଁ ସେ ନେଇ ବ୍ୟକ୍ତିଗତ ଭାବେ ଜଣାଇବାକୁ ରଥଯାତ୍ରା ସମନ୍ୱୟ ବୈଠକରେ କହିଥିଲେ କମିଶନର ସ୍ନେହା ଅରଗୁଳା। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳେ କମିଶନର ଗୁଣ୍ଡିଚା ବିହାରରେ ପହଞ୍ଚିଥିଲେ। ଦୀର୍ଘ ୧୨ ବର୍ଷ ଧରି ସଫା ନ ହୋଇ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଛ'ଫୁଟ ଗଭୀର ନଳା, ସ୍ଲାବ ନ ଥିବା କାରଣରୁ ହେଉଥିବା ମଶାଙ୍କ ଉପଦ୍ରବକୁ ଦେଖିଥିଲେ। ତାଙ୍କର ଏହି ଅଚାନକ ପରିଦର୍ଶନ ସମୟରେ ସାହି ମୁଖିଆ ଭଗବାନ ଦାଶ, ଅଶୋକ ମହାପାତ୍ର, ବଦ୍ରି ମିଶ୍ର, ଡ. ଜଗନ୍ନାଥ ମହାପାତ୍ର, ଅଶୋକ ରଥ, ଜଟାଧାରୀ ନନ୍ଦ, ଡ. ବିମଳ ପ୍ରସାଦ ମହାନ୍ତି, କୃତ୍ତିବାସ ଦାଶ, ସନ୍ତୋଷ ଦାଶ, ସୁରେନ୍ଦ୍ର ସାମନ୍ତରାୟ, ଆର୍.ଗୋବିନ୍ଦ ଦାସ, ଯଶୋବନ୍ତ ପ୍ରସାଦ ସିଂହସାମନ୍ତ, ପ୍ରଫୁଲ୍ଲ ମିଶ୍ର, ରାଜକିଶୋର ମିଶ୍ର, ଅସୀମ ଅଧିକାରୀ, ଦୁର୍ଗାମାଧବ କର, ଅକ୍ଷୟ ମିଶ୍ର, ରାମଚନ୍ଦ୍ର ରଥ, ସଞ୍ଜୟ କୁମାର ପଣ୍ଡା, ସୁବାସ ଦାସ, ଯୋଗେନ୍ଦ୍ର ସିଂହ ସାମନ୍ତ, ସରସ୍ୱତୀ ମହାନ୍ତି, ଜ୍ୟୋତ୍ସ୍ନାରାଣୀ ସିହ୍ନା ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ସମସ୍ୟା କମିଶନରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଅବସରରେ କମିଶନର ଶିଶୁପାର୍କ ଭିତରେ ବିନା ଲାଇସେନ୍ସ ଓ ବିଦ୍ୟୁତ୍ ସଂଯୋଗରେ ଚାଲିଥିବା ଏକ କଲ୍ୟାଣ ମଣ୍ଡପ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଅଞ୍ଚଳବାସୀଙ୍କ କଥା ରକ୍ଷା କରି ପରିଦର୍ଶନରେ ଆସିଥିବାରୁ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ଡ. ବଦ୍ରି ମିଶ୍ରଙ୍କ ସମେତ ଗୁଣ୍ଡିଚା ବିହାର ସାହି କମିଟି ପକ୍ଷରୁ ଶାଲ୍ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଗୁଣ୍ଡିଚା ବିହାର ନଳା ସଫେଇ ଓ ସ୍ଲାବ୍ ପକାଇବା କାମ ତୁରନ୍ତ ଆରମ୍ଭ କରାଯିବ ବୋଲି କମିଶନର କହିଥିଲେ।

■ ଟ୍ୟୁସନ ଦରମା ଦେବାରେ ବିଳମ୍ବ

## କୋଚିଂ ସେଣ୍ଟରରେ ଛାତ୍ରଙ୍କୁ ଅମାନୁଷିକ ମାଡ଼

ପୁରୀ,୧୪।୫(ସମିସ): ପୂର୍ବର ଛାତ୍ର-ଶିକ୍ଷକ ସମ୍ପର୍କ ଏବେ ଆଉ ନାହିଁ। ଶିକ୍ଷାଦାନ ଧୀରେ ଧୀରେ ବ୍ୟବସାୟରେ ପରିଣତ ହେବାରେ ଲାଗିଛି। ପାଠ ପଢ଼ାଇବେ ଆଉ ଟଙ୍କା ନେବେ, ଏହି ମାନସିକତା କିଛି ଶିକ୍ଷକଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଯଦି ଟ୍ୟୁସନ ଦରମା ବିଳମ୍ବ ହେଉଛି ସେମାନେ ହିତାହିତ ଜ୍ଞାନ ଭୁଲି ଯାଉଛନ୍ତି। ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ପୁରୀ ସହରରେ। ଲୋକନାଥ ରୋଡ୍‌ରେ ଥିବା ଏକ କୋଚିଂ ସେଣ୍ଟରେ ପାଠ ପଢ଼ାଉଥିବା ଜଣେ ଶିକ୍ଷକ ଜଣେ ଛାତ୍ରଙ୍କୁ ଅମାନୁଷିକ ଭାବେ ବାଡ଼େଇଛନ୍ତି। ମାଡ଼ ଏତେ ଜୋର୍‌ରେ ଥିଲା ଯେ ଛାତ୍ରଟିର ଜଂଘ ଓ ହାତରେ ନୋଳା ଫାଟି ଯାଇଛି। ଦୁଃଖର କଥା ହେଉଛି ପିଲାଟିର ଫିଡ୍‌ସ ରୋଗ ରହିଛି। ଛାତ୍ରଟିର ମା' ଯେତେବେଳେ ମାଡ଼ ମାରିଥିବା ଶିକ୍ଷକଙ୍କୁ ପଚାରିଥିଲେ, ସେ କହିଥିଲେ, 'ମୁଁ ଏମିତି ଆଗରୁ ଥରେ ପିଲାକୁ ବାଡ଼େଇ ଥାନାକୁ ଯାଇଥିଲି। ଦ୍ୱିତୀୟଥର ଏଭଳି ଭୁଲ୍ ହୋଇଛି, ଆଉ ଭୁଲ୍ ହେବନି। କିନ୍ତୁ ଯେଉଁ ଶିକ୍ଷକଙ୍କର ଧୈର୍ଯ୍ୟ ନାହିଁ ଏବଂ ନିଜ ଉପରେ ଆୟତ୍ତ ନାହିଁ, ସେ ପିଲାଙ୍କୁ କେମିତି ପାଠ ପଢ଼ାଇବେ ବୋଲି ବୁଦ୍ଧିଜୀବୀ ଓ ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।



ପୂର୍ବରୁ ବିଦ୍ୟାଳୟକୁ ମଣିଷ ତିଆରି କାରଖାନା କୁହାଯାଉଥିଲା। ଯେଉଁଠି ଶିକ୍ଷକମାନେ ପିଲାଙ୍କୁ ଗଢୁଥିଲେ। ହେଲେ ଏବେ ଏହି ପରିଭାଷା ବଦଳି ଯାଇଛି। କୋଚିଂ ସେଣ୍ଟର ଖୋଲି ଏବଂ ଟ୍ୟୁସନ କରି ଟଙ୍କା ରୋଜଗାର କରିବା ମୋହରେ ପଡ଼ିଛନ୍ତି କିଛି ଶିକ୍ଷକ। ଆଉ ଦୁର୍ଭାଗ୍ୟର କଥା ହେଉଛି, ଟ୍ୟୁସନ ଫି' ବିଳମ୍ବ ହେବାରୁ ଜଣେ ଶିକ୍ଷକ ଛାତ୍ରଙ୍କୁ ନିର୍ଦ୍ଧୁମ ମାଡ଼ ମାରିବାକୁ ମଧ୍ୟ ପଛାଉ ନାହାନ୍ତି। ଅନ୍ୟପକ୍ଷରେ ବୁଦ୍ଧିଜୀବୀମାନେ କହିଛନ୍ତି, ଶିକ୍ଷକମାନେ ମଧ୍ୟ ଚିନ୍ତା କରିବା ଦରକାର ଯେ ସବୁ ଅଭିଭାବକ ଆର୍ଥିକ ଦୃଷ୍ଟିରୁ ସକ୍ଷମ ନ ଥା'ନ୍ତି। ହଁ, ସେମାନଙ୍କ ପିଲା କିପରି ଭଲ ପାଠପଢ଼ି ଭଲ ମଣିଷଟିଏ ହେବ, ସେହି ଆଶାରେ ଟ୍ୟୁସନ ବା କୋଚିଂ ସେଣ୍ଟର ପଠାଇଥା'ନ୍ତି। ସେମାନଙ୍କ କ୍ଷେତ୍ରରେ ମାସିକ ଫି' ଦେବାରେ ଆଗପଛ ହୋଇପାରେ। ଏହାକୁ ଶିକ୍ଷକ ଏବଂ କୋଚିଂ ସେଣ୍ଟର ଚଳାଉଥିବା ବ୍ୟକ୍ତି ଚିନ୍ତା କରିବା ଦରକାର। କିନ୍ତୁ ଏବେ ସେମିତି ଭାବନା ରଖୁନାହାନ୍ତି। ଶିକ୍ଷା କ'ଣ ସତରେ ବ୍ୟବସାୟ ହୋଇଗଲା? ଏହି ଘଟଣା ପୁଣିଥରେ ପ୍ରଶ୍ନ ଉଠାଇଛି। ଯେଉଁ ଶିକ୍ଷକଙ୍କୁ ସମାଜ ଗୁରୁମାନେ, ସେମାନେ ଯଦି ପିଲାଙ୍କ ପ୍ରତି ଏଭଳି ହିଂସାତ୍ମକ ଆଚରଣ କରିବେ ତେବେ ଛାତ୍ରମାନେ କ'ଣ ଶିଖିବେ? ତେଣୁ ପ୍ରଶାସନ ଏଭଳି ଘଟଣା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉ। କୋଚିଂ ସେଣ୍ଟରଗୁଡ଼ିକର ନିୟମିତ ଯାଞ୍ଚ କରି ଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

ପୁରୀରେ ପେଟ୍ରୋଲ, ଡିଜେଲ ମିଳୁନି

## ସହର ଓ ଉପକଣ୍ଠର ସବୁ ପେଟ୍ରୋଲ ପମ୍ପ ବନ୍ଦ






ପୁରୀ,୧୪।୫(ସମିସ): ପୁରୀରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ତୀବ୍ର ହୋଇଛି। ସହର ଭିତରେ ଥିବା ୩ଟି ଏବଂ ଉପକଣ୍ଠରେ ଥିବା ସବୁ ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ବନ୍ଦ ହୋଇଯାଇଛି। ଫଳରେ ଗୁରୁବାର ଅପରାହ୍ନ ପରଠାରୁ ତେଲ ପକାଇବା ପାଇଁ ଗାଡି ଚାଳକମାନେ ଏ ଟାଙ୍କିରୁ ସେ ଟାଙ୍କିକୁ ଦଉଡିଛନ୍ତି। କିନ୍ତୁ ସବୁ ପେଟ୍ରୋଲ ପମ୍ପ ସାମ୍ନାରେ କେବଳ ଲମ୍ବା ରଶି ବନ୍ଧାଯାଇ ବନ୍ଦ ହୋଇଥିବା ଦେଖି ନିରାଶରେ ଫେରୁଛନ୍ତି। ତେବେ ଏହି ସଂକଟ ଭିତରେ ଗୁରୁବାର ପୂର୍ବାହ୍ନରେ ପେଣ୍ଠକଟାସ୍ଥିତ ପେଟ୍ରୋଲ ପମ୍ପରେ ଦେଖିବାକୁ ମିଳିଥିଲା ଏକ ଅଭାବନୀୟ ଦୃଶ୍ୟ। ତେଲ ପାଇଁ ଶହ ଶହ ଲୋକ ଜାରକିନ୍ ଧରି ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ।

ପୁରୀ ସହର ଭିତରେ ୩ଟି ଗୁଣ୍ଡିଚା ମନ୍ଦିର ନିକଟ, ମେଡିକାଲ ଛକ ଏବଂ ପେଣ୍ଠକଟାରେ ପେଟ୍ରୋଲ ପମ୍ପ ରହିଛି। ଗୁଣ୍ଡିଚା ମନ୍ଦିର ନିକଟ ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ଦୁଇ ଦିନ ହେବ ମାତ୍ର ଅଳ୍ପ କିଛି ଘଣ୍ଟା ଖୋଲି ବନ୍ଦ ରହିଥିଲା। ସେହିପରି ମେଡିକାଲ ଛକ ପେଟ୍ରୋଲ ପମ୍ପରେ ଗୁରୁବାର ସକାଳୁ ପ୍ରବଳ ଗହଳି ହୋଇଥିଲା। ଗାଡି ଚାଳକ ଘଣ୍ଟା ଘଣ୍ଟା ଧରି ଲାଇନ୍ ଲଗାଇ ତେଲ ପକାଇଥିଲେ। ତେବେ ଅପରାହ୍ନ ୨ଟା ପରଠାରୁ ଏହା ବନ୍ଦ ରହିଥିଲା। ଏହାପରେ କିଛି ସମୟ ଖୋଲିବା ପରେ ପୁନଶ୍ଚ ସନ୍ଧ୍ୟା ପରଠାରୁ ବନ୍ଦ ହୋଇଯାଇଛି। ତେବେ ପେଣ୍ଠକଟା ପେଟ୍ରୋଲ ପମ୍ପ ଗୁରୁବାର ସକାଳୁ ଖୋଲିଥିଲା। ଆଗକୁ ପେଟ୍ରୋଲ ଏବଂ ଡିଜେଲ ମିଳିବନି ବୋଲି ଲୋକଙ୍କ ଭିତରେ ହେଉଥିବା ଚର୍ଚ୍ଚାକୁ ନେଇ ଗାଡି ଚାଳକ ସେଠାରେ ଭିଡ଼ ଜମାଇଥିଲେ। ଯେ ହେତୁ ପେଣ୍ଠକଟା ଅଞ୍ଚଳରେ ହଜାର ହଜାର ମତ୍ସ୍ୟଜୀବୀ ରହୁଛନ୍ତି ତେଣୁ ମେଶିନ ଡଙ୍ଗାରେ ସେମାନେ ମାଛ ମାରିବାକୁ ସମୁଦ୍ରକୁ ଯାଇଥାନ୍ତି। ତେଣୁ ଡିଜେଲ ସଂଗ୍ରହ କରିବାକୁ ପେଟ୍ରୋଲ ପମ୍ପ ଆଗରେ ଗହଳି ଲଗାଇଥିଲେ। ଏବେ ପ୍ରବଳ ଖରା ହେଉଥିଲା। ଲୋକେ ଧାଡି କରି ଜାର୍‌କିନ୍ ରଖି ନିକଟସ୍ଥ ଛାଇ ଜାଗାରେ ଛିଡା ହେଉଥିଲେ। ଯାହାର ପାଳି ପଡୁଥିବା ସେମାନେ ଯାଇ ତେଲ ସଂଗ୍ରହ କରୁଥିଲେ। କିନ୍ତୁ ଅପରାହ୍ନ ସୁଦ୍ଧା ସେହି ପମ୍ପ ବି ବନ୍ଦ କରିଦିଆଗଲା। ସହରବାସୀ ଏବେ ତେଲ ପାଇଁ ସଙ୍କଟରେ ପଡ଼ିଛନ୍ତି। ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହୋଇ ବି ଅନେକ ଲୋକ ତେଲ ପାଇ ପାରୁନାହାନ୍ତି। ଏହା କେବଳ ସହର ଭିତର କଥା ନୁହେଁ ସହର ଉପଣ୍ଠରେ ଥିବା ଏକାଧିକ ପେଟ୍ରୋଲ ପମ୍ପରେ ମଧ୍ୟରେ ସମାନ ଚିତ୍ର। ପୁରୀ-କୋଣାର୍କ ରାସ୍ତା ହେଉ କିମ୍ବା ପୁରୀ-ଭୁବନେଶ୍ୱର ରାସ୍ତାରେ ହେଉ ସବୁ ପେଟ୍ରୋଲ ପମ୍ପ ବନ୍ଦ ରହିଛି।

### ପେଣ୍ଠକଟାରେ ଜାର୍‌କିନ ଲାଇନ୍

ମେଡିକାଲ ଛକ ଅଞ୍ଚଳର ବାଇକ୍ ଚାଳକ ସୁଧାଂଶୁ ମହାନ୍ତି କହିଛନ୍ତି, ଗାଡ଼ିରେ ତେଲ ନ ଥିଲେ କାମକୁ ଯିବା କିପରି? ଏ ଟାଙ୍କିରୁ ସେ ଟାଙ୍କି ଘୂରି ବୁଲୁଛି, କେଉଁଠି ବି ତେଲ ମିଳୁନି। ଆଜି ଖୁଣ୍ଟିଆ ଟାଙ୍କିରେ ଲାଇନରେ ଛିଡ଼ା ହୋଇଥିଲି, ହେଲେ ମୋ ପାଖକୁ ଆସିବା ବେଳକୁ ବନ୍ଦ ହୋଇଗଲା। ଅଟୋ ଚାଳକମାନେ ମଧ୍ୟ ସମସ୍ୟାରେ ପଡ଼ିଛନ୍ତି। ଏବେ ତେଲ ନ ମିଳିଲେ ଗାଡ଼ି ଚଲାଇବା କେମିତି? ଘର ଚଳିବ କେମିତି ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଦୋକାନୀ ଓ ଛୋଟ ବ୍ୟବସାୟୀମାନେ କହୁଛନ୍ତି, ମାଲ ପରିବହନ ଓ ଡେଲିଭରି ପାଇଁ ଡିଜେଲ ଦରକାର। ତେଲ ନ ମିଳିଲେ ବ୍ୟବସାୟ ବନ୍ଦ ହୋଇଯିବ। ଅନ୍ୟପକ୍ଷରେ ପୁରୀ ଏକ ପର୍ଯ୍ୟଟନ ସହର। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଓ ଭକ୍ତ ଏଠାକୁ ଆସନ୍ତି। ତେଲ ସଙ୍କଟ ଯୋଗୁଁ ସ୍ଥାନୀୟ ଲୋକଙ୍କ ସହ ବାହାରୁ ଆସୁଥିବା ଲୋକେ ମଧ୍ୟ ଅସୁବିଧାରେ ପଡ଼ିଛନ୍ତି। ଅଟୋ, ଟ୍ୟାକ୍ସି, ମାଲ ପରିବହନ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ସହରବାସୀ ଦାବି କରିଛନ୍ତି, ତୁରନ୍ତ ତେଲ ଯୋଗାଣ ସ୍ୱାଭାବିକ କରି ସଙ୍କଟର ସମାଧାନ କରାଯାଉ। ନଚେତ୍ ଆଗକୁ ରଥଯାତ୍ରା ଭଳି ବଡ଼ ପର୍ବ ଥିବାରୁ ସ୍ଥିତି ଆହୁରି ଜଟିଳ ହୋଇପାରେ।

# ପେଟ୍ରୋଲ ଓ ଡିଜେଲ ପାଇଁ ହାହାକାର

## ● ଆରଡ଼ି ଛକରୁ ଆରଡ଼ି ପର୍ଯ୍ୟନ୍ତ ଲମ୍ବା ଧାଡ଼ି



ଅସୁରାଳି,୧୪।୫(ସମିସ): ଅନ୍ତର୍ଜାତୀୟସ୍ତରରେ ଇରାନ ଓ ଆମେରିକା ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଏବେ ସ୍ଥାନୀୟ ବଜାରରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଦେଖିବାକୁ ମିଳିଛି। ବିଶେଷ କରି ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆରଡ଼ି ଛକଠାରୁ ଆରଡ଼ି ପର୍ଯ୍ୟନ୍ତ ଅଞ୍ଚଳରେ ତୈଳ ସଙ୍କଟ ଏବେ ଉଗ୍ର ରୂପ ଧାରଣ କରିଛି। ଏହି ରାସ୍ତା ମଧ୍ୟରେ ପ୍ରାୟ ୭ଟି ପେଟ୍ରୋଲ ପମ୍ପ ରହିଥିଲେ ହେଁ, ବର୍ତ୍ତମାନ କେବଳ ବାହାରବିଲସ୍ଥିତ ପେଟ୍ରୋଲ ପମ୍ପକୁ ଛାଡ଼ି ଅନ୍ୟ କୌଣସି ପମ୍ପରେ ତୈଳ ଉପଲବ୍ଧ ନାହିଁ। ଫଳରେ ଗାଡ଼ି ଚାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ତୈଳ ଅଭାବ ଯୋଗୁଁ ଯେଉଁ ପମ୍ପରେ ପେଟ୍ରୋଲ ମିଳୁଛି, ସେଠାରେ ଶହଶହ ବାଇକ୍ ଓ ସ୍କୁଟିର ଧାଡ଼ି ଦେଖିବାକୁ ମିଳୁଛି। ଘଣ୍ଟା ଘଣ୍ଟା ଧରି ଲୋକମାନେ ଖରାରେ ଛିଡ଼ା ହୋଇ ରହୁଛନ୍ତି। କେବଳ ପେଟ୍ରୋଲ ନୁହେଁ, ଡିଜେଲର ମଧ୍ୟ ପ୍ରବଳ ଅଭାବ ଦେଖାଦେଇଥିବାରୁ ଭାରୀ ଯାନବାହନଗୁଡ଼ିକ ଅଧା ରାସ୍ତାରେ ଅଟକି ରହିଛି। ଦୁଇ ଚକିଆ ଗାଡ଼ିକୁ ସର୍ବାଧିକ ୨୦୦ ଟଙ୍କା ଓ ଚାରି ଚକିଆ ଗାଡ଼ି ପାଇଁ ସର୍ବାଧିକ ୫୦୦ ଟଙ୍କାରେ ପେଟ୍ରୋଲ ଦିଆଯାଉଛି ଓ ଏହି ଅବସ୍ଥାର ସୁଯୋଗ ନେଇ କିଛିକିଛି କଳାବଜାରୀ ମାତିଛନ୍ତି। ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ହେବା ଯୋଗୁଁ ଏହାର ପ୍ରଭାବ ସାଧାରଣ ଜନଜୀବନ ଉପରେ ପଡ଼ିଛି। ବାଇକ୍ ବା ଗାଡ଼ିରେ ତୈଳ ନ ଥିବା ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସମୟ ଅନୁସାରେ ସ୍କୁଲ କିମ୍ବା କଲେଜରେ ପହଞ୍ଚିପାରୁ ନାହାନ୍ତି। ରୋଗୀଙ୍କୁ ନେବାଆଣିବା କରିବା ପାଇଁ ଆମ୍ବୁଲାନ୍ସ କିମ୍ବା ଘରୋଇ ଗାଡ଼ିଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯାହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ବିପତି ସୃଷ୍ଟି କରିଛି। ଏହି ବିଶ୍ୱସ୍ତରୀୟ ରାଜନୈତିକ ସଙ୍କଟ କିଭଳି ଭାବେ ଜଣେ ସାଧାରଣ ବ୍ୟକ୍ତିର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି, ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି।

ଭଦ୍ରକ/ ବାରିକପୁର: ପ୍ରାୟ ଦୁଇ ତିନି ଦିନ ହେବ ସବୁଠି ପେଟ୍ରୋଲ ଓ ଡିଜେଲ ଅଭାବ ଦେଖାଦେଇଛି। ଯାହାକୁ ନେଇ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକ ସୀମିତ ତେଲ ଦେଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବ୍ଲକ୍‌ର ମଞ୍ଜୁରୀ ରୋଡ୍, କହରାପୋଖରୀ, ଛତାବର ଓ ରାଢୋ ଛକଠାରେ ପେଟ୍ରୋଲ ପମ୍ପ ରହିଥିବାବେଳେ ଏହା ଉପରେ ହଜାର ହଜାର ଲୋକ ନିର୍ଭର କରିଥା'ନ୍ତି। ତନ୍ମଧ୍ୟରୁ ରାଢୋ ଛକସ୍ଥିତ ଟାଙ୍କିରେ ଦୁଇ ଦିନ ହେବ ତେଲ ମିଳୁନାହିଁ। ଗ୍ରାମାଞ୍ଚଳରେ ଏକମାତ୍ର ଟାଙ୍କି ହୋଇଥିବାବେଳେ ଏହା ଉପରେ ନିର୍ଭର କରୁଥିବା ରହଣିଆ, ମାଳଦା, ନପଙ୍ଗ, ସରସଦା, ଷୋଳମପୁର, ରାମଚନ୍ଦ୍ରପୁର ପ୍ରମୁଖ ପଞ୍ଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ରାସ୍ତାରେ ଯାତାୟାତ କରୁଥିବା ଶହଶହ ଯାନବାହନ ତେଲ ନ ପାଇ ନିରାଶ ହୋଇ ଗାଡ଼ି ଗଡ଼େଇ ଗଡ଼େଇ ଫେରୁଥିବା ଦେଖାଯାଇଛି। ଆଗକୁ ତେଲ ଦର ବୃଦ୍ଧି ପାଇବ ବୋଲି କୁହାଯାଇଛି। ତେଣୁ ପେଟ୍ରୋଲ ପମ୍ପ ମାଲିକମାନେ ତେଲ ଗଚ୍ଛିତ ରଖିବା ସହିତ ସୀମିତ ଭାବେ ଏହାକୁ ବିକ୍ରି କରୁଥିବା ସୂଚନା ମଧ୍ୟ ମିଳିଛି। ଏପରିକି କମ୍ପାନୀରୁ ତେଲ ଆସୁନଥିବା ମଧ୍ୟ ଟାଙ୍କି ପରିଚାଳକମାନେ କହୁଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଯୋଜନାବଦ୍ଧ ଭାବେ ମୁନାଫାଖୋର ବେପାରି ଫାଇଦା ହାସଲ କରବେ ଏଥିରେ ସନ୍ଦେହ ନାହିଁ। ତେଣୁ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ପେଟ୍ରୋଲ ପମ୍ପଗୁଡ଼ିକୁ ଯାଞ୍ଚ କରିବା ଜରୁରୀ ହୋଇଛି।



ବନ୍ତ/ଆଗରପଡ଼ା: ଆଗରପଡ଼ାରେ ୩ଟି ପେଟ୍ରୋଲ ପମ୍ପରେ ତେଲ ପାଇବା ପାଇଁ ବର୍ତ୍ତମାନ ଅସମ୍ଭାଳ ଭିଡ଼ ହେଉଥିବାର ଦେଖିବାକୁ ମିଳିଛି। ବାଇକ ଚାଳକମାନଙ୍କୁ ଗୋଟିଏ ଲିଟରରୁ ଅଧିକ ପେଟ୍ରୋଲ ମିଳୁନାହିଁ। ଚାରିଚକିଆ ଯାନକୁ ୨/୩ ଲିଟର ଡିଜେଲ ମିଳୁଛି। ତେଲ ପାଇବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ତେଲ ସଂକଟ ଦେଶରେ ଦେଖା ହେବାର ସମ୍ଭାବନା ଅଛି ବୋଲି ପ୍ରଚାର ହେବା ପରେ ପମ୍ପ ମାଲିକମାନେ ଜାଣିଶୁଣି ଅଧିକ ତେଲ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ଏନେଇ ପ୍ରବଳ ଜନ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗାଡ଼ି ମାଲିକମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



**ଧାମନଗର ଏସିଡିସି ବୈଠକ**

## ବର୍ଷା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭଦ୍ରକ, ୧୪।୫ (ସମିସ): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାମନଗର ନିର୍ବାଚନମଣ୍ଡଳୀ ବିକାଶ କମିଟି (ଏସିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ



କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଠକରେ ଯୋଗଦେଇ ବିଗତ ବର୍ଷ ଓ ଚଳିତ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, ଖାଉଟି ଯୋଗାଣ, ମତ୍ସ୍ୟ, ଉଦ୍ୟାନ, ଗମନାଗମନ, ମିଶନ ଶକ୍ତି, ପ୍ରାଣୀ ସମ୍ପଦ, ଉଠା ଜଳସେଚନ, ପୂର୍ତ୍ତ, ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜଳ ନିଷ୍କାସନ ବିଭାଗର ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସଠିକ୍ ଭାବେ ଚାଲୁଛି କି ନାହିଁ, ସେନେଇ ଖୁବ୍ ତଥ୍ୟାତ୍ମକ ଆଲୋଚନା ହୋଇଥିଲା। ଆଗାମୀ ବର୍ଷା ଋତୁ ପୂର୍ବରୁ ସମସ୍ତ ଅପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଧାନ ଚାଷ, ତୈଳବୀଜ ଫସଲ, ଝୋଟ, ମାଛ ଚାଷ, ଛତୁ ଚାଷ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ôଥକ ସ୍ୱାବଲମ୍ବନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀମାନେ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀର ବିକ୍ରୟ ବୃଦ୍ଧି କରି ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲ୍ ନେଇ ଉତ୍ତେଜନା**

## ବିଜେଡିର ବିକ୍ଷୋଭ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭଦ୍ରକ,୧୪।୫(ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲ୍‌କୁ ନେଇ ଭଦ୍ରକ ଜିଲ୍ଲା ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଭଦ୍ରକ ଟାଉନ ହଲ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇ କୁଶପୁତ୍ତଳିକା ଦାହ କରାଯାଇଛି। ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେବା ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରାଯାଇଥିଲା। ସେହିପରି ଏନ୍‌ଟିଏର ପରୀକ୍ଷା ପରିଚାଳନା ନୀତିକୁ ଶତାଧିକ ଛାତ୍ର-ଯୁବ ଉପସ୍ଥିତ ରହି କଡ଼ା ବିରୋଧ କରି କେନ୍ଦ୍ର ସରକାର ଓ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ। ଜିଲ୍ଲା ଯୁବ ବିଜୁ ଛାତ୍ର ଜନତା ଦଳ ସଭାପତି ରାକେଶ ପଣ୍ଡା ଓ ଜିଲ୍ଲା ଛାତ୍ର ବିଜୁ ଜନତା ଦଳ ସଭାପତି



ଭାସ୍କର ମହାଳିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଉପ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ରାଜ୍ୟ ଛାତ୍ର ବିଜୁ ଜନତା ଦଳ ଉପସଭାପତି ସୌମ୍ୟରଞ୍ଜନ ମହାପାତ୍ର, ଯୁବ ବିଜେଡି ନେତା ଆଶିଷ ମହାନ୍ତି, ଶକ୍ତିପ୍ରସାଦ ମଲ୍ଲିକ, ନାସିରୁଦ୍ଦିନ ଖାଁ, କାଉନ୍‌ସିଲର ସାହିଦ୍ ଖାଁ, ସେକ୍ ସାଜନ, ସତ୍ୟସାଧନ ବେଜ, ରଞ୍ଜନ ସାହୁ, ମିଳନ ମହାନ୍ତି, ସରପଞ୍ଚ ଏମ୍‌ଡି ଫରହତ ଆଲାମ, ଅମ୍ବିକାବଲ୍ଲଭ ମହାପାତ୍ର, ସ୍ୱାଧୀନ ନାୟକ ପ୍ରମୁଖ ଶତାଧିକ ବିଜୁ ଛାତ୍ର ଓ ଯୁବକର୍ମୀ ଉପସ୍ଥିତ ଥିଲେ।

## ଭୂମିହୀନ ଦର୍ଶାଇ ସରକାରୀ ଜମି ହଡ଼ପ ପ୍ରସଙ୍ଗ; ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ବନ୍ତ/ଆଗରପଡ଼ା,୧୩।୫(ସମିସ): ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜାଗା ଥିବାବେଳେ ସେ ନିଜକୁ ଭୂମିହୀନ ଦର୍ଶାଇ ସରକାରୀ ଜମିକୁ ବେନିୟମ ଭାବେ ହଡ଼ପ କରିଥିବା ନେଇ ସୂଚନା ଅଧିକାର କର୍ମୀ ବିକାଶ ଧଳ ୨୦୨୫ ମାର୍ଚ୍ଚ ୨୪ ତାରିଖରେ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ଆଣିଥିଲେ। ଗତ ୧୨ ତାରିଖରେ ଅଭିଯୋଗକୁ ଭିତ୍ତି କରି ଅଭିଯୋଗ ଉପରେ ପ୍ରଦାନ କରାଯାଇଥିବା ବିଭିନ୍ନ ଦସ୍ତାବିଜ୍‌କୁ ବିଚାରକୁ ନେଇ ପ୍ରାଥମିକ ଦୃଷ୍ଟିରୁ ଅଭିଯୋଗଟି ଗୁରୁତ୍ୱର ବୋଲି ହୃଦ୍‌ବୋଧ କରିବା ସହ ଏହାର ତଦନ୍ତ ଆବଶ୍ୟକ ଥିବାରୁ ଅଭିଯୋଗ ଉପରେ ତଦନ୍ତ କରି ଆସନ୍ତା ୨୫ ତାରିଖ ସୁଦ୍ଧା ଏହାର ସତ୍ୟତା ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ବିଭାଗ)ଙ୍କୁ ଜିଲ୍ଲାପାଳ, ଭଦ୍ରକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ୨୦୨୧ ଏପ୍ରିଲ ୩ରେ ତତ୍କାଳୀନ ବନ୍ତ ତହସିଲ୍‌ଦାର ଇନ୍ଦିରା ସାହୁଙ୍କ ନିକଟରେ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ଜନୈକ ବ୍ୟକ୍ତି ୨୦୦୮ରୁ ବନ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନ ଆପ୍ତିରା ୟୁଜିଏମ୍‌ଇ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ୨୦୦୫ରେ ଚାକିରି କରି ନ ଥିବାବେଳେ ସେ ନିଜକୁ ଭୂମିହୀନ ଦର୍ଶାଇ ସରକାରଙ୍କ ତରଫରୁ ୪ ଡେସିମିଲ ଜାଗା ଚତୁରତାର ସହିତ ନିଜ ନାମରେ ହାତେଇଛନ୍ତି। କିନ୍ତୁ ତାଙ୍କ ପୂର୍ବପୁରୁଷଙ୍କ ନାମରେ ୯.୫ ଡେସିମିଲ ଘରବାରି ଓ ୭୭ ଡେସିମିଲ ଚାଷ ଜମି ଥିବା ସ୍ଥଳେ ଶ୍ରୀ ଦାଶ କିପରି ଭୂମିହୀନ ହୋଇ ସରକାରୀ ଜମିକୁ ହାତେଇଲେ ସେ ନେଇ ସୂଚନା ଅଧିକାର କର୍ମୀ ବିକାଶ ଧଳ ଅଭିଯୋଗ ଆଣିଥିଲେ। ଅଭିଯୋଗ ପାଇବା ପରେ ତହସିଲ୍‌ଦାର ଉକ୍ତ ଅଭିଯୋଗ ଉପରେ ତଦନ୍ତ କରି ରାଜସ୍ୱ ନିରୀକ୍ଷକ ଆଗରପଡ଼ାଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟକୁ ତହସିଲ୍‌ଦାର ଯେଉଁ ଢଙ୍ଗରେ ଉପସ୍ଥାପନା କଲେ ତାହା ଆଇନସମ୍ମତ ହୋଇ ନ ଥିବାରୁ ଶ୍ରୀ ଧଳ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ନିକଟରେ ତହସିଲ୍‌ଦାର ଓ ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ୨୦୨୧ ନଭେମ୍ବର ୮ରେ ଅଭିଯୋଗ କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୯୩୧/ ରାଜସ୍ୱ ୨୧.୧୨.୨୧ରେ ଉପଜିଲ୍ଲାପାଳ, ଭଦ୍ରକଙ୍କୁ ଅଭିଯୋଗର ତଦନ୍ତ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ରିପୋର୍ଟ ଅଭିଯୋଗକାରୀଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ଏହାର ତଦନ୍ତ ଦାୟିତ୍ୱ ଯାହା ନାମରେ ତଦନ୍ତକୁ ନେଇ ଅଭିଯୋଗ ହୋଇଛି ତାଙ୍କୁ ପ୍ରଦାନ କରିଥିଲେ। ଯାହାକି ଆଇନ ସଙ୍ଗତ ନ ଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କୁ ଉଚିତ୍ ନ୍ୟାୟ ମିଳିପାରି ନ ଥିଲା। ତେଣୁ ତତ୍କାଳୀନ ତହସିଲ୍‌ଦାରଙ୍କ ତଦନ୍ତ ଉପରେ ପ୍ରଶ୍ନ ଉଠାଇ ସୂଚନା ଅଧିକାର କର୍ମୀ ଶ୍ରୀ ଧଳ ଏହାର ପୁନଃ ବିଚାର କରିବା ସହିତ ଉପଜିଲ୍ଲାପାଳ(ଭଦ୍ରକ), ତହସିଲ୍‌ଦାର(ବନ୍ତ), ରାଜସ୍ୱ ନିରୀକ୍ଷକ(ଆଗରପଡ଼ା) ଏବଂ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଉଚିତ୍ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ।

## ଛଟେଇ ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ଭଦ୍ରକ,୧୪।୫(ସମିସ): ଭଦ୍ରକ ସାତଭଉଣୀସ୍ଥିତ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ(ଦକ୍ଷିଣ ବିଦ୍ୟୁତ୍) ସମ୍ମୁଖରେ ଟିପିଏନ୍‌ଓଡିଏଲ୍ ୱାର୍କର୍ସ ଏମ୍ପ୍ଲୋୟିଜ୍ ୟୁନାଇଟେଡ୍ ଫୋରମ୍, ସହବନ୍ଧିତ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ତରଫରୁ ମ୍ୟାନେଜମେଣ୍ଟ ଦ୍ୱାରା କରାଯାଉଥିବା ବିଭିନ୍ନ ଛଟେଇର ପ୍ରତିବାଦ କରି ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ପୂର୍ବରୁ ଲିଖିତ ଭାବେ ଜଣାଇଥିଲେ ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏହା ପ୍ରତି କୌଣସି ଦୃଷ୍ଟି ନ ଦେବା ସହ ଆଜି ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ସମସ୍ତ ବର୍ଗର ଶ୍ରମିକମାନେ ନିଜ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ ଚାକିରି ଛଟେଇ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସହ ଆଗାମୀ ଦିନରେ ଯଦି ମ୍ୟାନେଜମେଣ୍ଟ ଶ୍ରମିକମାନଙ୍କ ହିତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରେ, ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇ ଦୃଢ଼ ପ୍ରତିବାଦ କରିବ ବୋଲି ଚେତାବନୀ ଦିଆଯାଇଥିଲା। ସଭାରେ ଛଟେଇ ହୋଇଥିବା ଜଣେ କର୍ମଚାରୀ ମାନସିକ ଭାବେ ଭାଙ୍ଗିପଡ଼ି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଭା ସ୍ଥଳରୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ମେଡିକାଲକୁ ପଠାଯାଇଥିଲା। ଏପରି ପରିସ୍ଥିତି ପୁନରାବୃତି ହେଲେ ସେଥିପାଇଁ ମ୍ୟାନେଜମେଣ୍ଟ ଓ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ସତର୍କ କରାଯାଇଥିଲା। ସଭାକୁ ଶ୍ରମିକ ନେତା ପ୍ରଶାନ୍ତ ଜେନା ଅଧ୍ୟକ୍ଷତା କରିଥିବାବେଳେ



ରାଜକିଶୋର ଖଟୁଆ, ଭାଗିରଥି ସାହୁ, କୁମାରେଶ ସାମଲ, ରାଜେଶ ନାୟକ, ପଙ୍କଜ ପଣ୍ଡା, ସୁରେଶ ଜେନା, ପାର୍ଥସାରଥୀ ସାହୁ, ପାର୍ଥସାରଥୀ ଭୂୟାଁ, ଅଶୋକ ସାହୁ, ରୂପକ ନାୟକ, ନିରଞ୍ଜନ ମହାପାତ୍ର, ଅକ୍ଷୟ ଗିରି, ସତ୍ୟବ୍ରତ ପଣ୍ଡା, ମାନସ ବେହେରା, ନରେନ୍ଦ୍ର ପାଲ ଓ ଜିତେନ୍ଦ୍ର ଜେନାଙ୍କ ସହ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ। ସଂଘର ଉପଦେଷ୍ଟା ପ୍ରତାପ ଖିଲାର, ସମ୍ପାଦକ ବସନ୍ତ ମହାନ୍ତି, ସଭାପତି ଦୀପକ ବାରିକ୍, ପ୍ରତିନିଧି ସମ୍ପାଦକ ପ୍ରଭାକର ପ୍ରଧାନ ଓ ସଂଗଠନିକ ସମ୍ପାଦକ ଜଗବନ୍ଧୁ ସାମନ୍ତଙ୍କ ଦୃଢ଼ ନେତୃତ୍ୱରେ ସଂଘ ପକ୍ଷରୁ ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଘୋଷଣା କରାଯାଇଥିଲା। ଶେଷରେ ନିର୍ବାହୀ ଯନ୍ତ୍ରୀ ମନସ୍ୱିନୀ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ମୁକୁନ୍ଦଦେବ ସେତୁ ତଳୁ ବାଲି ଚୋରା ଚାଲାଣ; ପ୍ରଶାସନ ଚୁପ୍

ଦୋବଲ,୧୪।୫(ସମିସ): ଧାମନଗର ତହସିଲ୍ ଅଧୀନ ସୋହଡ଼ା ପଞ୍ଚାୟତର ଷେଣ୍ଢପୁରସ୍ଥିତ ବୈତରଣୀ ନଦୀର ମୁକୁନ୍ଦଦେବ ସେତୁ ତଳୁ ଦିନରାତି ବେଆଇନ ବାଲି ଉଠାଣ ଓ ଚୋରା ଚାଲାଣ ଚାଲିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଧାମନଗରର ଷେଣ୍ଢପୁର ଓ ଯାଜପୁର ଜିଲ୍ଲାର କଟିକଟା ଅଞ୍ଚଳର କିଛି ଯୁବକ ମିଶି ପ୍ରତିଦିନ ବୈତରଣୀ ନଦୀର ଉଭୟ ପାର୍ଶ୍ୱରୁ ବହୁ ପରିମାଣରେ ବାଲି ଉଠାଉଛନ୍ତି।

ଅଭିଯୋଗ ଅନୁସାରେ, ପ୍ରତିଦିନ ୪୦ରୁ ଅଧିକ ଟ୍ରାକ୍ଟର ଓ ଟ୍ରକ୍ ଲଗାଇ ବାଲି ଚୋରା ଚାଲାଣ କରାଯାଉଛି। ପ୍ରତ୍ୟେକ ଟ୍ରିପ୍‌କୁ ୩ ହଜାରରୁ ଅଧିକ ଟଙ୍କାରେ ଲୋକଙ୍କୁ ବିକ୍ରି କରୁଛନ୍ତି।



ଏହାଦ୍ୱାରା ନଦୀ ମଧ୍ୟଭାଗ ଓ ସେତୁ ନିକଟରୁ ଅନିୟନ୍ତ୍ରିତ ଭାବେ ବାଲି ଉଠାଯାଉଥିବାରୁ ମୁକୁନ୍ଦଦେବ ସେତୁର ଭିତିଭୂମି ଦୁର୍ବଳ ହେବା ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ଦିନରେ ଏହା ସେତୁ ସୁରକ୍ଷା ପାଇଁ ବଡ଼ ବିପଦ ହେବ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ, ସେତୁ, ବନ୍ଧ ଓ ରାସ୍ତା ନିକଟରୁ ବାଲି ଉଠାଣ ଉପରେ କଠୋର ନିଷେଧ ରହିଛି। ଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ଓ ଚୋରା ଚାଲାଣକୁ ଓଡ଼ିଶା ମାଇନର ମିନେରାଲ କନ୍‌ସେସନ ନିୟମାବଳୀ ଅନୁଯାୟୀ ଦଣ୍ଡନୀୟ ଅପରାଧ ରହିଛି। ଏପରି ଘଟଣାରେ ଯାନବାହନ ଜବତ, ଜରିମାନା ସହ ଜେଲ୍‌ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ବାଲି ମାଫିଆ କୌଣସି ନିୟମକୁ ଖାତିର୍ ନ କରି ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି। ବେଆଇନ ବାଲି ଉଠାଣ ଯୋଗୁଁ ନଦୀର ପ୍ରାକୃତିକ ପ୍ରବାହ ବାଧାପ୍ରାପ୍ତ ହେବା ସହ ପରିବେଶ ସନ୍ତୁଳନ ନଷ୍ଟ ହେଉଛି। ନଦୀ ତଟ ଧସିବା, ବନ୍ୟା ପାଣି ବାହାରି ଚାଷ ଜମି କ୍ଷତିଗ୍ରସ୍ତ ହେବା ଓ ସେତୁ ଭଳି ସରକାରୀ ସଂରଚନା ଦୁର୍ବଳ ହେବାର ଆଶଙ୍କା ବଢୁଛି। ଏହି ଘଟଣାର ତଦନ୍ତ କରି ବେଆଇନ ବାଲି ଚୋରା ଚାଲାଣରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କୁହନ୍ତି, ଚୋରି ଘଟଣା ଖବର ମିଳିବା କ୍ଷଣକେ ଚଢ଼ଉ କରାଯାଇ ଜରିମାନା ଆଦାୟ ହେଉଛି। ଏହି ସ୍ଥାନରେ ଶୀଘ୍ର ଚଢ଼ଉ କରାଯିବ ବୋଲି କହିଛନ୍ତି।

**ଚତୁର୍ଥ ଦିନରେ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ**

ଭଦ୍ରକ,୧୪।୫(ସମିସ): ୧୫ ଦିବସୀୟ କାର୍ଯ୍ୟକ୍ରମର ୪ର୍ଥ ଦିବସରେ ପୋଷଣ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମୀଣ ଯୋଜନା ଓ ଯୌତୁକ ପ୍ରଥା, ଖାଉଟି ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷୟ ବିଶାରଦଭାବେ ବରିଷ୍ଠ ଅଧିବକ୍ତା ତଥା ଭଦ୍ରକ ଖାଉଟି ଅଦାଲତ ସଭାପତି ଶିବପ୍ରସାଦ ମହାନ୍ତି ଓ ଜିଲ୍ଲା ପୋଷଣ ସଂଯୋଜକ ଏସ୍.କେ. ସିରାଜ୍‌ଅକ୍ତର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍; ସମସ୍ୟା ଦୂର ହେଉନି

ଧାମନଗର,୧୩।୫(ସମିସ): ଧାମନଗର ଏନ୍‌ଏସି ଘୋଷଣା ହେଲାପରେ ବିଭିନ୍ନ କାର୍ଯ୍ୟାଳୟ, ଉନ୍ନତିକରଣ କାର୍ଯ୍ୟ, ସହରାଞ୍ଚଳ ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନସମାଗମ ବଢ଼ି ବଢ଼ି ଚାଲିଛି। ତା' ସାଙ୍ଗକୁ ଟ୍ରାଫିକ୍ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି। ଧାମନଗର ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନମାନ ଖୋଲୁଛି। ଦୋକାନୀ ଓ ଉଠା ଦୋକାନୀମାନେ ରାସ୍ତାର ଉଭୟ ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବାବେଳେ ଯାତାୟାତରେ ଘୋର୍ ବାଧା ସୃଷ୍ଟି କରୁଛନ୍ତି। ଯାହାଫଳରେ ସାନ ବଜାରଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାଟି ବହୁ ସମୟରେ ଗହଳି ହୋଇ ଯାତାୟାତରେ ଘୋର୍ ବାଧା ସୃଷ୍ଟି ହେବା ସହ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ସପ୍ତାହର ଦୁଇଦିନ ରବିବାର ଓ ବୁଧବାର ସାପ୍ତାହିକ ହାଟ

**ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦାବି**

ହେତୁ ଅଧିକ ଗହଳି ହେଉଛି। ସେଥି ମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ ଟିକେ କମ୍ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ସର୍ବାଧିକ ଗହଳି ହୋଇ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହୁଛି। ଏହି ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଏପରିକି ଖୋଦ୍ ପୁଲିସ ଗାଡ଼ି ମଧ୍ୟ ବହୁ ସମୟ ଧରି ଫସି ରହୁଛି। ଏଥିପାଇଁ ପୁଲିସକୁ



ନାକେଦମ୍ ହେବାକୁ ପଡୁଛି।

ସାନ ବଜାରଠାରୁ ମେଡିକାଲ ବଜାର ଯାଏ ୫ଟି ବ୍ୟାଙ୍କ ରହୁଥିବାରୁ କାର୍ଯ୍ୟ ଦିବସରେ ବହୁ ଜନସମାଗମ ହେଉଛି। କେତେକ ସମୟରେ ଟ୍ରାଫିକ୍ ସମସ୍ୟାକୁ ନେଇ ବିଗତ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ତଥା ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଓ ଦୂରୀକରଣ ନିମନ୍ତେ ଧାମନଗର ବିଜ୍ଞପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସ୍ୱାଗତ ତୋରଣ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ପୂର୍ବକ ଦୁଇଥାକିଆ ରାସ୍ତା କରାଯାଉ ବୋଲି ସାଧାରଣରେ ଦାବି କରିଛନ୍ତି। ଏଥି ସହିତ ବଡ଼ ଓ ସାନ ବଜାର ଛକରେ ଗୋଲେଇ ନିର୍ମାଣ କରାଯାଉ ଏବଂ ଜୟନଗରଠାରୁ ମେଡିକାଲ ବଜାର ଯାଏ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯାଉ। ଏଥି ସହିତ ସହରୀ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ପୂର୍ବକ ଘର ଓ ଦୋକାନ ଘର ନିର୍ମାଣ କରୁଥିବା ଲୋକଙ୍କୁ ଡ୍ରେନ୍ ନିର୍ମାଣ ପାଇଁ ବାଧ୍ୟତାମୂଳକ କରାଯାଉ। ତାହେଲେ ଯାଇ ରାସ୍ତା ଜାମ ଓ ଟ୍ରାଫିକ୍ ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।